

ମୋହସିନ୍‌ଙ୍କ ୫ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-299 ◆MONDAY ◆27 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୯୯ ◆ସୋମବାର ◆୨୭ ଏପ୍ରିଲ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

## ଭୋଜି ସମାବେଶରେ ୭ ରାଉଣ୍ଡ ଗୁଳି

# ଅଳ୍ପକେ ବର୍ତ୍ତିଗଲେ ଟ୍ରମ୍ପ

■ ୱାସିଂଟନ୍, ୨୬।୪ (ଏଜେନ୍ସି): ୱାସିଂଟନ୍‌ର ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଡିନରରେ ଏକ ବଡ଼ ଧରଣର ସୁରକ୍ଷା ଉଲ୍ଲଂଘନ ଘଟିଛି। ଆମେରିକା ସମୟ ଅନୁସାରେ ଶନିବାର ରାତିରେ ୱାସିଂଟନ୍ ହଲଟନ୍ ହୋଟେଲ ବାହାରେ ଜଣେ ସଶସ୍ତ୍ର ବ୍ୟକ୍ତି ଗୁଳି ଚଳାଇ ଆତଙ୍କ ସୃଷ୍ଟି କରିଥିବା ଜଣାପଡ଼ିଛି। ଗୁଳିକାଣ୍ଡ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ସେଠାରୁ ସୁରକ୍ଷିତ ଭାବେ ବାହାର କରି ନିଆଯାଇଥିଲା।

### ଆକ୍ରମଣକାରୀ ଗିରଫ

ସ୍ଥାନୀୟ ସମୟ ରାତି ପ୍ରାୟ ୮:୩୪ରେ ରାଷ୍ଟ୍ରପତି ଟ୍ରମ୍ପ ହ୍ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଆସୋସିଏସନର ସଭାପତି ୱେଜିଆ ଜିଆଙ୍ଗ ଏବଂ ମେଣ୍ଟାଲିଷ୍ଟ ଓଜ୍ ପର୍ଲମ୍ୟାନଙ୍କ ସହ କଥାବାର୍ତ୍ତା କରୁଥିଲେ। ସେହି ସମୟରେ ହୋଟେଲ ବାହାରେ ଗୁଳି ଶବ୍ଦ ଶୁଣାଯାଇଥିଲା। ଗୁଳି ଶବ୍ଦ ହେବା ମାତ୍ରେ ସିକ୍ରେଟ୍ ସର୍ଭିସ ଏବଂ ଅନ୍ୟାନ୍ୟ ସୁରକ୍ଷା କର୍ମୀମାନେ ଟ୍ରମ୍ପ, ତାଙ୍କ ପତ୍ନୀ ମେଲାନିଆ ଟ୍ରମ୍ପ, ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ତାଙ୍କ ପତ୍ନୀ ଉଷା ଭାନ୍ସଙ୍କୁ ସୁରକ୍ଷା ପ୍ରଦାନ କରି ବଲରୁମ୍ ବାହାରକୁ ନେଇଯାଇଥିଲେ। ଏହି ଗୁଳିକାଣ୍ଡ ପରେ ହୋଟେଲରେ ତୁରନ୍ତ ଲକଡାଉନ୍ ଜାରି କରାଯାଇଥିଲା। ଡିନରରେ ଉପସ୍ଥିତ ଥିବା ରାଜନେତା, ସାମ୍ବାଦିକ ଏବଂ ଅନ୍ୟାନ୍ୟ ଅତିଥିମାନେ ଭୟଭୀତ ହୋଇ ଟେବୁଲ ତଳେ ଲୁଚି ଯାଇଥିଲେ। ଜଣେ ସି-ସ୍ପାନ୍ ସାମ୍ବାଦିକଙ୍କ ଅନୁଯାୟୀ, ସେଠାରେ କ୍ରମାଗତ ୪ଟି ଗୁଳି ଶବ୍ଦ ଶୁଣିବାକୁ ମିଳିଥିଲା। ପୁଲିସ ଆକ୍ରମଣକାରୀଙ୍କୁ କାଲିଫର୍ଣ୍ଣିଆର ୩୧ ବର୍ଷୀୟ କୋଲ୍ ଟୋମାସ୍ ଆଲେନ ଭାବେ ଚିହ୍ନଟ କରିଛି ଏବଂ ତାଙ୍କୁ ଗିରଫ ▶ପୃଷ୍ଠା-୭



### ଆକ୍ରମଣକାରୀଙ୍କୁ 'ଲୋନ୍ ୱଲ୍ଫ' କହିଲେ ଟ୍ରମ୍ପ

ୱାସିଂଟନ୍ ହିଲଟନ୍ ହୋଟେଲରେ ଆୟୋଜିତ ହାଇ-ପ୍ରୋଫାଇଲ୍ ୱାଇଟ୍ ହାଉସ୍ କରେସପଣ୍ଡେଣ୍ଟ୍ସ ଆସୋସିଏସନ୍ ଡିନରରେ ଶନିବାର ରାତିରେ ସୁରକ୍ଷା ବିଭ୍ରାଟ ଘଟିଛି। ଜଣେ ସଶସ୍ତ୍ର ବ୍ୟକ୍ତି ସୁରକ୍ଷା ଯାଞ୍ଚ କେନ୍ଦ୍ରରେ ଗୁଳି ଚଳାଇବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଟ୍ରମ୍ପ ଏବଂ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା। ଟ୍ରମ୍ପଙ୍କ ସୂଚନା ଅନୁଯାୟୀ, ▶ପୃଷ୍ଠା-୭

# ଘାତକ ହେଉଛି ଉଷ୍ମ ରାତି

## ଅତ୍ୟଧିକ ବିପଦ ଜୋନ୍‌ରେ ଓଡ଼ିଶାର ୯ ଜିଲ୍ଲା

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୬।୪ (ସମିସ): ପ୍ରଚଣ୍ଡ ଖରାରେ ଜଳୁଛି ସାରା ଦେଶ। ତାତି ଓ ଗୁଳୁଗୁଳି ଯୋଗୁଁ ଦିନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ମନେ ହେଉଛି। ମାତ୍ର ତାତି ଓ ଗୁଳୁଗୁଳି କେବଳ ବିଳମ୍ବିତ ସକାଳ, ମଧ୍ୟାହ୍ନ ଓ ଆଦ୍ୟ ଅପରାହ୍ନରେ ସୀମିତ ନାହିଁ। ସୂର୍ଯ୍ୟାସ୍ତ ପରେ ମଧ ଏଥିରୁ ତ୍ରାହି ମିଳୁନାହିଁ। ମଧ୍ୟରାତ୍ରି ପର୍ଯ୍ୟନ୍ତ ଘରର ଛାତ ଓ କାନ୍ଥରୁ ନିଆଁ ବାହାରିବା ପରି ଲାଗୁଛି। ପଙ୍ଖା ଢ଼ାଳୁଛି ଗରମ ପବନ, କୁଲର ଓ ଏସି ବି ବିଶେଷ ପ୍ରଭାବ ପକାଇ ପାରୁନାହିଁ। ବୈଜ୍ଞାନିକମାନେ ରାତିରେ ଏପରି ଅବସ୍ଥାକୁ 'ଗ୍ରୀଷ୍ମ ରାତି' ବୋଲି ଅଭିହିତ କରିଛନ୍ତି। ଏପରି ଗରମ ଓ ରାତିଗୁଡ଼ିକ ସମ୍ପ୍ରତି ଲୋକମାନଙ୍କ ହୃତ୍‌ପିଣ୍ଡ, ବୃକକ୍ ଓ ନିଦ୍ରାକୁ ପ୍ରଭାବିତ କରୁଛି। ଦେଶର ୭୩୪ ଜିଲ୍ଲା ମଧ୍ୟରୁ ୪୦୭ ଜିଲ୍ଲା ଏହିପରି ଉଚ୍ଚ ବା ଅତ୍ୟଧିକ ଗରମ ବିପଦ ଅଞ୍ଚଳରେ ରହିଛି। ଦେଶର ୭୬ % ଜନସଂଖ୍ୟା ଅର୍ଥାତ୍ ୧୦୦ କୋଟି ଲୋକ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଓଡ଼ିଶାର ୯ଟି ଜିଲ୍ଲା ରହିଛି। ଖୋର୍ଦ୍ଧା ଜିଲ୍ଲା ସବୁଠୁ ବିପଦାଞ୍ଚଳର ମାନ୍ୟତା ପାଇଛି। ଉଷ୍ମ ରାତି ଖୋର୍ଦ୍ଧା ଜିଲ୍ଲାରେ ଅତ୍ୟନ୍ତ ଗମ୍ଭୀର ସ୍ଥିତିରେ ରହିଛି। ଏହାବ୍ୟତୀତ ଅନ୍ୟ ଆଠଟି ଜିଲ୍ଲାରେ ସ୍ଥିତି ଗମ୍ଭୀର ଥିବା କୁହାଯାଉଛି। ରାତିର ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ଠାରୁ ୪.୫ ରୁ ୬.୪ ଡିଗ୍ରୀ ସେଲସିୟସ୍ ଅଧିକ ହେଲେ ତାହାକୁ 'ଉଷ୍ମ ରାତି' ବର୍ଗୀକୃତ କରାଯାଇଥାଏ। ଏହି ପାର୍ଥକ୍ୟ ଅଧିକ ହେଲେ ତାହାକୁ 'ଗମ୍ଭୀର" ବା 'ଅତି ଗମ୍ଭୀର' ବର୍ଗରେ ସାମିଲ କରାଯାଇଥାଏ। ଦିନ ସମୟରେ ଖରା

### ଦେଶର ୨୬୬ ଜିଲ୍ଲାର ଜନସାଧାରଣଙ୍କ ଉପରେ ବିପଦ

### ୧୦୫ କୋଟି ଭାରତୀୟଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ

### ପ୍ରତିବର୍ଷ ୬ ପ୍ରତିଶତ ବୃଦ୍ଧି ପାଉଛି ନୀରବ ହୃଦ୍‌ଘାତ ଆଶଙ୍କା



ତାତି ୪୦ ଡ଼ିଗ୍ରୀ ଅତିକ୍ରମ କଲେ ତାହାକୁ ଗ୍ରୀଷ୍ମ ଲହର ବୋଲି କୁହାଯାଉଥିଲା। ଖରାଦିନେ ଖରାବେଳେ ଘରୁ ନ ବାହାରିବା, ଛାଇରେ ରହିବା, ପର୍ଯ୍ୟାପ୍ତ ପାଣି ପିଇବା, ଘରୁ ବାହାରିବା ବେଳେ ଛତା ଧରି ବାହାରିବା ପାଇଁ ପରାମର୍ଶ ଦିଆଯାଉଥିଲା। ମାତ୍ର ଉଷ୍ମ ରାତିରେ ବାହାର ଅପେକ୍ଷା ଘର ହିଁ ବେଶୀ ବିପଦ ଡ଼ାକିଥାଏ। ସାରା ଦିନ କଂକ୍ରିଟ୍ କାନ୍ଥ ଓ ସିମେଣ୍ଟ ଛାତ ସାରା ଦିନ ସୂର୍ଯ୍ୟକିରଣ ଶୋଷଣ କରେ। ସୂର୍ଯ୍ୟାସ୍ତ ପରେ ସେହି ଗରମ ଧୀରେଧୀରେ ବାହାରକୁ ବାହାରିଥାଏ। ରାତି ଅଧରେ ବି ଘରର କାନ୍ଥ ଗରମ ଲାଗେ, ପଙ୍ଖାରୁ ବି ଗରମ ପବନ ବର୍ଷେ। ୨୦୨୫ ରେ ପ୍ରକାଶିତ ଏକ ସାଇନ୍ସ ଡାଇରେକ୍ଟ ରିପୋର୍ଟ ଅନୁସାରେ ୧୯୮୦ ରୁ ୨୦୨୦ ମଧ୍ୟରେ ଭାରତରେ ଗରମ ରାତି ସଂଖ୍ୟା ପ୍ରତି ଦଶନ୍ଧିରେ ୮ ଦିନ ବୃଦ୍ଧି ▶ପୃଷ୍ଠା-୭

## ସର୍ବକାଳୀନ ରେକର୍ଡ ଭାଙ୍ଗିଲା ବିଦ୍ୟୁତ୍ ଚାହିଦା

■ ନୂଆଦିଲ୍ଲୀ, ୨୬।୪ (ଏଜେନ୍ସି): ପ୍ରବଳ ତାତି ଓ ଗରମ ଲୋକଙ୍କ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରିଛି। ଏହି ସମୟରେ ଏୟାର କଣ୍ଡିସନର, କୁଲର, ପଙ୍ଖା ଆଦିର ବର୍ଦ୍ଧିତ ବ୍ୟବହାର ଯୋଗୁଁ ସାରା ଦେଶରେ ବିଦ୍ୟୁତ ଚାହିଦା ସବୁ ରେକଡର୍ ଭାଙ୍ଗିଛି। ଶୁକ୍ରବାର ସାରା ଦେଶରେ ୨୫୨.୦୭ ଗିଗାୱାଟ ବିଦ୍ୟୁତ୍ ବ୍ୟବହାର ହୋଇଛି। ଶକ୍ତି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ୨୦୨୪ ମଇ ମାସରେ ଗୋଟିଏ ଦିନରେ୨୫୦ ଗିଗାୱାଟ୍ ବିଦ୍ୟୁତ୍ ବ୍ୟବହାର ରେକର୍ଡ ହୋଇଥିଲା। ୨୦୨୬ ଏପ୍ରିଲ ୨୪ ତାରିଖରେ ଏହି ରେକର୍ଡ ଭାଙ୍ଗିଛି। ସେହିପରି ୨୩ ଏପ୍ରିଲରେ ୨୪୦.୧୨ ଗିଗାୱାଟ୍ ଓ ୨୨ ଏପ୍ରିଲରେ ୨୩୯.୭୦ ଗିଗାୱାଟ୍ ବିଦ୍ୟୁତ୍ ବ୍ୟବହାର ରେକର୍ଡ ହୋଇଛି। ଗତ ବର୍ଷ ଗ୍ରୀଷ୍ମ ଋତୁରେ ସର୍ବାଧିକ ବିଦ୍ୟୁତ ଚାହିଦା ଜୁନ୍ ୨୦୨୫ ରେ ୨୪୨.୭ ରେକର୍ଡ କରାଯାଇଥିଲା। ସରକାର ଚଳିତ ଗ୍ରୀଷ୍ମ ଋତୁରେ ସର୍ବାଧିକ ବିଦ୍ୟୁତ୍ ଚାହିଦା ୨୭୦ ଗିଗାୱାଟ୍ ପହଞ୍ଚିବ ବୋଲି ଆକଳନ କରିଛନ୍ତି।

### ଗୋଟିଏ ଦିନରେ ୨୫୨.୦୭ ଗିଗାୱାଟ ବିଜୁଳି ବ୍ୟବହାର

# ପୁଣି କାୟା ମେଲାଉଛି ମ୍ୟାଲେରିଆ

## ୨୦୨୭ ସୁଦ୍ଧା ମ୍ୟାଲେରିଆମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା

■ ଭୁବନେଶ୍ୱର, ୨୬।୪ (ସମିସ): ଓଡ଼ିଶାରୁ ୨୦୨୭ ମସିହା ସୁଦ୍ଧା ମ୍ୟାଲେରିଆକୁ ସଂପୂର୍ଣ୍ଣ ଭାବେ ମୂଳୋତ୍ପାଟନ ପାଇଁ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିବାବେଳେ ଧାର୍ଯ୍ୟ ସମୟ ସୁଦ୍ଧା ମ୍ୟାଲେରିଆମୁକ୍ତ ଓଡ଼ିଶା ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ରାଜ୍ୟରେ ଗତ ୩ବର୍ଷ ହେଲା ମ୍ୟାଲେରିଆ ତା'ର କାୟା ମେଲାଇ ଚାଲିଥିବା ବେଳେ ଚଳିତ ବର୍ଷ ରୋଗୀଙ୍କ ସଂଖ୍ୟା ୬୦ ହଜାର ପାର୍ କରିଛି। ବ୍ୟାପକ ସଚେତନତା ସହ ଔଷଧ ଏବଂ ମଶାରି ବଣ୍ଟନ ସତ୍ତ୍ୱେ ମ୍ୟାଲେରିଆ ପ୍ରଭାବ ବିସ୍ତାର କରିବା ଏବେ ସାଧାରଣରେ ଚିନ୍ତାର କାରଣ ପାଲିଟିଛି।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ୨୦୧୬ରେ ୪ ଲକ୍ଷ ୪୪ହଜାର ୮୪୨ଜଣ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇଥିଲେ। ୨୦୧୭ରେ ଏହା କମି ୩ ଲକ୍ଷ ୪୭ ହଜାର ୮୬୦ ପଜିଟିଭ ହୋଇଥିଲା। ବିଶେଷ ଭାବେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ସୁନ୍ଦରଗଡ଼, ରାୟଗଡ଼ା, ନୂଆପଡ଼ା, ବୌଦ୍ଧ, ବଲାଙ୍ଗିର ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ଅଧିକ ମ୍ୟାଲେରିଆ ରୋଗୀ ବାହାରିଥିଲେ। ସେହିପରି ୨୦୧୬-୧୭ରେ ତତ୍କାଳୀନ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇ 'ଦମନ' ଅଭିଯାନ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆକୁ ପ୍ରତିହତ କରିବାରେ ବଡ଼ ଭୂମିକା ନେଇଥିଲା। ଫଳସ୍ୱରୂପ, ୨୦୧୮ରେ ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇ ମୋଟ ୬୬ ହଜାର ୩୧୧ଜଣ ରୋଗୀ ଚିହ୍ନଟ ହୋଇଥିଲେ। ସେହିପରି ପରବର୍ତ୍ତୀ ବର୍ଷଗୁଡ଼ିକରେ ମଧ୍ୟ ▶ପୃଷ୍ଠା-୭



### ପୂର୍ବ ସରକାର ଅମଳରେ କ୍ରମାଗତ ହ୍ରାସ ପାଉଥିଲା ରୋଗୀ ସଂଖ୍ୟା

### ବରଦାନ ସାଜିଥିଲା 'ଦମନ'

# ତାତିରେ ସିଝୁଛି ସାରା ଓଡ଼ିଶା

## ଆଜି ଜାଳିବ, ୨୮ରୁ କାଳବୈଶାଖୀ

■ ଭୁବନେଶ୍ୱର, ୨୬।୪ (ସମିସ): ରାଜ୍ୟରେ ପ୍ରବଳ ତାତି ସାଙ୍ଗକୁ ଗୁଳୁଗୁଳି ସ୍ଥିତି ଜାରି ରହିଛି। ଆଭ୍ୟନ୍ତରୀଣ ଓଡ଼ିଶା ବିଶେଷ କରି ପଶ୍ଚିମାଞ୍ଚଳରେ ଥିବା ଅନେକ ଜିଲ୍ଲାରେ ତାତି ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ପାଇ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହୋଇଛି। ଏହାସହିତ ଉପକୂଳରେ ତାତି ସାଙ୍ଗକୁ ଗୁଳୁଗିଳି ଯୋଗୁଁ ଲୋକେ ତାତିରୁ ମୁକ୍ତିକୁ ଚାହିଁ ରହିଛନ୍ତି। ତେବେ ଏଭଳି ସ୍ଥିତି ଆହୁରି ପ୍ରାୟ ୨ ଦିନ ଲାଗି ରହିବା ସହ ୨୭ ତାରିଖରେ ତାତି ପିକ୍‌ରେ ପହଞ୍ଚି ୨୮ ଅପରାହ୍ଣ ପରେ ପାଗରେ ପରିବର୍ତ୍ତନ ଆସିବାର ସମ୍ଭାବନା ରହିଛି। ଏମିତି କି ୨୯ ତାରିଖରୁ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ କାଳବୈଶାଖୀ ସ୍ଥିତିର ଆଶଙ୍କା ରହିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ରାଜ୍ୟର ୧୮ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ▶ପୃଷ୍ଠା-୭

### ୫ଦିନ ବଜ୍ରପାତ, ବର୍ଷା

### ପବନ ବେଗ ୭୦ ଛୁଇଁବ

## ଅଂଶୁଘାତ ନେଲା ୩ ଜୀବନ!

■ ବାରିପଦା/ବଣାଇଁ/ଲହୁଣୀପଡ଼ା, ୨୬।୪(ସମିସ): ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାର ପୃଥକ୍ ପୃଥକ୍ ସ୍ଥାନରେ ଅଂଶୁଘାତ ଆଜି ୩ଜଣଙ୍କ ଜୀବନ ନେଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ମଧ୍ୟରେ ୨ଜଣ ଶିକ୍ଷକ ଅଛନ୍ତି। ସେମାନେ ଜନଗଣନା କାର୍ଯ୍ୟ କରୁଥିବା ବେଳେ ଅଂଶୁଘାତରେ ସେମାନଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲା ବେତନଟୀ ▶ପୃଷ୍ଠା-୭

■ ଜନଗଣନା ବେଳେ ଟଳି ପଡ଼ିଲେ ୨ ଶିକ୍ଷକ
■ ଲହୁଣୀପଡ଼ାରେ ବୃଦ୍ଧ ମୃତ

# ନାଗିନ୍ ଗୀତ ପାଇଁ ବଳି ପଡ଼ିଲା ବର ଭାଇ

## ଛୁରା ଭୁସିଦେଲା ଡିଜେ ଅପରେଟର୍



■ ପୋଲସରା, ୨୬।୪ (ସମିସ): ସାମାନ୍ୟ ନାଗିନ୍ ଗୀତ ପାଇଁ ବଳି ପଡ଼ିଗଲା ଜୀବନ। ବିବାହ ଶୋଭାଯାତ୍ରାରେ ସମସ୍ତେ ନାଚଗୀତରେ ମସଗୁଲ୍ ଥିବା ବେଳେ ଡିଜେ ଅପରେଟର୍ ଓ ତା'ର କିଛି ସହଯୋଗୀ ବର ସାନଭାଇକୁ ଅତି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅଧୀନ ବାଲିଘାଇ ଗ୍ରାମରେ ଏହି ନାରକୀୟ କାଣ୍ଡ ଘଟିଛି। ମୃତକ ହେଲେ, ଆକାଶ ଜେନା (୨୪)। ଅଭିଯୁକ୍ତମାନେ ଏକ ଧାରୁଆ ଅସ୍ତ୍ର ଆକାଶଙ୍କ ପେଟରେ ଭୁସି ଦେଇଥିଲେ। ଆକ୍ରମଣ ଏତେ ସାଂଘାତିକ ଓ ଭୟଙ୍କର ଥିଲା ଯେ ଆକାଶଙ୍କ ଅନ୍ତଃବୁଜୁଳା ବାହାରକୁ ବାହାରି ଆସିଥିଲା। ଅପରପକ୍ଷେ, ବ୍ୟବଚ୍ଛେଦ ପରେ ଆଜି ମୃତଦେହ ଗାଁରେ ପହଞ୍ଚିବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ସହ କଠୋର୍ ଦଣ୍ଡ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି।

ଶନିବାର ରାତିରେ ବାଲିଘାଇରେ ସନ୍ତୋଷ ଜେନାଙ୍କ ବଡ଼ ପୁଅ ରିଙ୍କୁ ଜେନାଙ୍କ ବାହାଘର ଶୋଭାଯାତ୍ରା ଚାଲିଥିଲା। ନାଗିନ୍ ଗୀତ ବଜାଇବାକୁ ବରର ସାନଭାଇ ଆକାଶ ଓ ତା'ର କିଛି ସାଙ୍ଗ ଡିଜେ ଅପରେଟର୍ ଗୌରହରି ବିଷୋୟୀଙ୍କୁ କହିଥିଲେ। ଗୌରହରିଙ୍କ ଘର ମଧ ବାଲିଘାଇ ଗ୍ରାମର। କିନ୍ତୁ, ଗୌରହରି ଏଥିରେ ରାଜି ନ ହୋଇ ଅନ୍ୟ ଏକ ଗୀତ ବଜାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଗୌରହରି ଉତ୍‌କ୍ଷିପ୍ତ ହୋଇ ▶ପୃଷ୍ଠା-୭



## ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କୃତ

ବଡ଼ଚଣା, ୨୬।୪(ସମିସ): ବଡ଼ଚଣା ବ୍ଲକର କେତେକ କାର୍ଯ୍ୟକର୍ତ୍ତାଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କାର କରାଯାଇଛି। ଏନେଇ ବ୍ଲକ ସଭାପତି ତାପସଚନ୍ଦ୍ର ରାୟ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଅରଖପୁର ପଞ୍ଚାୟତ ସରପଞ୍ଚ ପୁଷ୍ପଲତା ସିଂ ଓ ତାଙ୍କ ସ୍ୱାମୀ ଗୌତମ ସିଂ ସମିତିସଭ୍ୟା ରଶ୍ମିତା ଦାସ ଓ ତାଙ୍କ ସ୍ୱାମୀ ମଳୟ କୁମାର ସିଂଙ୍କୁ ବିଜୁ ଜନତା ଦଳରୁ ନିଲମ୍ବିତ କରାଯାଇଛି। ଉକ୍ତ ପଞ୍ଚାୟତର ଅର୍ଥନୈତିକ ହେରଫେର ଓ ଅନୈତିକ କାର୍ଯ୍ୟକଳାପ ତଥା ଦଳ ବିରୋଧୀ କାର୍ଯ୍ୟ ପ୍ରମୁଖ କାରଣ ଦର୍ଶାଯାଇଛି।

## ପଞ୍ଚାୟତରେ ଗୁରୁତ୍ୱ ହରାଉଛନ୍ତି ଦଳଡ଼ିଆଁ ନେତା

କୁଆଁଗୋଲା, ୨୬।୪(ସମିସ): ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ। ଯାଜପୁର ଜିଲ୍ଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ଥିବା ପଞ୍ଚାୟତଗୁଡ଼ିକରେ ସରକାର ବଦଳିଥିବାକୁ ଲକ୍ଷ୍ୟ କରି କିଛି ନେତା ଦଳଡ଼ିଆଁ କରିଥିଲେ। ଯେଉଁମାନେ ଆଜି ଅଲୋଡ଼ା ହୋଇ ପଡ଼ିଥିବା ଜଣାପଡୁଛି। ନିଜ ଦଳରେ ଥିବା ବେଳେ ସେମାନଙ୍କୁ ଯେଉଁ ସୁବିଧା, ଗୁରୁତ୍ୱ ମିଳୁଥିଲା ତାହା ଆଉ ନାହିଁ। ନୂତନ ଦଳରେ ଏହି ନେତାମାନେ ଅଲୋଡ଼ା ହୋଇ ପଡ଼ିଥିବା ବେଳେ ସେମାନଙ୍କ ରାଜନୈତିକ ଭବିଷ୍ୟତ ସଙ୍କଟ ଘେରକୁ ଚାଲି ଆସିଛି। ରାଜ୍ୟରେ ବିଜେପି ଶାସନ ଗାଦିରେ ଥିବା ବେଳେ ସେମାନଙ୍କୁ ସହଜ ମନେ କରିପାରୁ ନାହାଁନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଓ ପରେ କିଛି ହେଭିୱେଟ ନେତା ଦଳ ଛାଡି ଅନ୍ୟ ଦଳରେ ମିଶିଥିଲେ। ଏହି ମିଶ୍ରଣକୁ ଅଧିକ ପ୍ରଚାରଭିମୁଖୀ କରିବାକୁ କିଏ ରାଜଧାନୀ ପାର୍ଟି କାର୍ଯ୍ୟାଳୟରେ ତ କିଏ ଜିଲ୍ଲା କାର୍ଯ୍ୟାଳୟରେ ଅବା କିଏ ସଭାମଞ୍ଚରେ ତ ଆଉ କେହି ନିର୍ବାଚନ ପ୍ରଚାର ମଞ୍ଚରେ ଯୋଗ ଦେଇଥିଲେ। ସେତେବେଳେ ଏହି ଦଳଡ଼ିଆଁ ନେତାଙ୍କ ଗୁରୁତ୍ୱ ବଢିଥିଲା; କିନ୍ତୁ ବର୍ତ୍ତମାନ ସେହି ଦଳଡ଼ିଆଁ ନେତାଙ୍କୁ କମ୍ ଦେଖିବାକୁ ମିଳୁଥିବା ବେଳେ ସେହି ନେତା ସବୁ ଅଲୋଡ଼ା ହୋଇ ପଡ଼ିଥିବା ଯାହା ଅନୁମାନ କରାଯାଉଛି। ଗୁରୁତ୍ୱ ମିଳୁନଥିବା କାରଣରୁ ଅଧିକାଂଶ ଦଳଡ଼ିଆଁ ନେତା ମନମାରି ବସିଛନ୍ତି। ପଞ୍ଚାୟତରେ କିଛି ନେତା ପଦ ପଦ ଓ ଦାୟିତ୍ୱ ପାଇଁ ଦଳ ପରିବର୍ତ୍ତନ କରିଥିଲେ। ନିର୍ବାଚନ ସ୍ୱାର୍ଥକୁ ଲକ୍ଷ୍ୟ କରି ଦଳରେ ସେମାନଙ୍କୁ ସାମିଲ କରାଯାଇଥିଲା ମାତ୍ର ଶତ ପ୍ରତିଶତ ସହମତ ଏମାନଙ୍କ ସହ ନଥିଲା। ଯାହାଦ୍ୱାରା ଦଳଡ଼ିଆଁ ନେତାମାନଙ୍କ ଗୁରୁତ୍ୱ କମିଯାଉଥିବା ଜଣାପଡ଼ିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହି ଦଳଡ଼ିଆଁ ନେତାମାନଙ୍କ ପ୍ରଭାବକୁ ନେଇ ସଂଶୟ ରହିଛି।

## ଠାକୁରପାଟଣାରେ ଜଳିଗଲା ୬ ବଖରା



ପାଣିକୋଇଲି, ୨୬।୪(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତର ଠାକୁରପାଟଣା ଗ୍ରାମରେ ଆଜି ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ଜଳିଯିବା ସହ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର ନିର୍ଦ୍ଦିଷ୍ଟ କାରଣ ଜଣା ପଡ଼ି ନଥିବା ବେଳେ ସର୍ଟସର୍କିଟ ବା ଚୁଲି ନିଆଁରୁ ନିଆଁ ଲାଗିଥିବା ନେଇ ଆଲୋଚନା ହେଉଛି। ପ୍ରକାଶ ଯେ ଠାକୁରପାଟଣା ଗ୍ରାମର ନରେନ୍ଦ୍ର ମାଝିଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ପ୍ରବଳ ରୌଦ୍ରତାପ ଯୋଗୁଁ ନିଆଁ ଲିଭାଇବା ସମ୍ଭବ ହୋଇ ନଥିଲା। ଖବରପାଇ ଯାଜପୁରରୋଡ, ଦାନଗଦି ଓ ରସୁଲପୁର ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ୬ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଛି। ନିଆଁରେ ସବୁ କିଛି ପୋଡ଼ି ଛାରଖାର ହୋଇଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

ବ୍ରହ୍ମବରଦା, ୨୬।୪(ସମିସ): ବରୁଆଁ-କୃଷ୍ଣଦାସପୁର ମୁଖ୍ୟରାସ୍ତାର ବ୍ରହ୍ମବରଦା କଲେଜ ରୋଡ ବାଲିଆ ଘାଇ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ଧର୍ମଶାଳା ଥାନା ଅନ୍ତର୍ଗତ ବଡନଅନାଙ୍ଗରା ନାଳକୂଳ ଗ୍ରାମର ନିର୍ମଳ ମଲ୍ଲିକ (୨୭)। ନିର୍ମଳ ନିଜ ଗ୍ରାମ ନାଳକୂଳରୁ ବ୍ରହ୍ମବରଦାକୁ ନିଜ ବାଇକ ଯୋଗେ ଯାଉଥିବା ସମୟରେ ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଆପାଚି ବାଇକ ଧକ୍କା ଦେଇଥିଲା। ଫଳରେ ନିର୍ମଳଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ହେଲେ ସେଠାରେ ନିର୍ମଳଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଆପାଚି ଚାଳକ ଧର୍ମଶାଳା ଥାନା ବଜ୍ରଗିରି ଅଞ୍ଚଳର ବୋଲି କୁହାଯାଉଛି।

# ଜେନାପୁର ଥାନା, ରେଳଷ୍ଟେସନ ରାସ୍ତା ଶୋଚନୀୟ

କବାଟବନ୍ଧ,୨୬।୪ (ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଗ୍ରାମ୍ୟ ଉନ୍ନୟନ ରାସ୍ତାଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ଅବସ୍ଥା ଏମିତି ଖରାପ ହୋଇଛି ଯେ ସାଇକଲ, ମୋଟର ସାଇକଲ ଯିବା ଆସିବାରେ ବହୁ ଅସୁବିଧା ହେଉଥିବା ବେଳେ ପାଦରେ ଚାଲିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି। ଜାରକା-କବାଟବନ୍ଧ ନଦୀବନ୍ଧ ରାସ୍ତାରୁ ଜେନାପୁର ଥାନା ଏବଂ ରେଳ ଷ୍ଟେସନକୁ ସଂଯୋଗ କରୁଥିବା ଏହି ରାସ୍ତା ଦୀର୍ଘ ଦିନ ଧରି ଶୋଚନୀୟ ଅବସ୍ଥାରେ ରହିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। ଯାହାକୁ ନେଇ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। ଆବଶ୍ୟକତା ଦୃଷ୍ଟିରୁ ଏହି ରାସ୍ତା ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣଙ୍କ ନିତିଦିନିଆ ଜୀବନରେଖା ଅଟେ। ଦୈନିକ ହଜାର ହଜାର ସଂଖ୍ୟାରେ ଲୋକମାନେ ବିଭିନ୍ନ କାମ ପାଇଁ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ଜେନାପୁର ରେଳ ଷ୍ଟେସନ ଏବଂ ଥାନା ପାଇଁ ଏଣ୍ଡଳବା, ରେଖିଦେଇପୁର, ତାଳଜଙ୍ଗ, ରାଇଛନ୍ଦା, କବାଟବନ୍ଧ, ମର୍ଜିତାପୁର, ମଧୁସୂଦନ ପୁର, ବୃନ୍ଦାଦେଇପୁର ପଞ୍ଚାୟତ ସମେତ ଅନ୍ୟାନ୍ୟ ଲୋକମାନେ ବିଭିନ୍ନ କାମ ପାଇଁ ଆସିଥାନ୍ତି। ଦୈନିକ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଜେନାପୁର ରେଳ ଷ୍ଟେସନକୁ ଶହ ଶହ ସଂଖ୍ୟାରେ ଯାତ୍ରୀ ଏବଂ ବ୍ୟବସାୟୀମାନେ ଯିବାଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହାସହିତ ଜେନାପୁର ରାଜସ୍ୱ କାର୍ଯ୍ୟାଳୟକୁ ଯିବାଆସିବା ପାଇଁ ମଧ ଏହି ରାସ୍ତା ଲୋକଙ୍କ ପାଇଁ ଜରୁରୀ ଅଟେ। ବିଭିନ୍ନ ଘରୋଇ ସ୍କୁଲ ସହିତ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ମଧ୍ୟ ଏହି ଅଞ୍ଚଳରେ ରହିଛି। ତେଣୁ ଲୋକମାନଙ୍କ ଯିବା ଆସିବା ପାଇଁ ଏହି ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।



**ହେଉନି ରକ୍ଷଣାବେକ୍ଷଣ, ଯାତାୟାତ ବାଧାପ୍ରାପ୍ତ: ବଢୁଛି ଅସନ୍ତୋଷ**

ପିଚୁ ଉଠିଯିବା ପରେ ଉକ୍ତ ରାସ୍ତାରେ ବଡ଼ ବଡ଼ ମେଟାଲ ଏବଂ ଚିପ୍ସରେ ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ଅବସ୍ଥାରେ ରହିଛି। ବିଭାଗୀୟ ଅଧିକାରୀ ଏହାର ରକ୍ଷଣାବେକ୍ଷଣ ଏବଂ ମରାମତି କାର୍ଯ୍ୟ କରି ନ ଥିବାରୁ ଏହା ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଉକ୍ତ ରାସ୍ତାରେ ଅନେକ ସମୟରେ ଦୁର୍ଘଟଣା ଘଟି ଯାତ୍ରୀମାନେ ଆହତ ହେଉଛନ୍ତି। ରାତି ସମୟରେ ଯାତାୟାତ କଥା ନ କହିବା ଭଲ; ବିଶେଷ କରି ଟ୍ରେନ ଯାତ୍ରା କରି ରାତିରେ ଏହି ରାସ୍ତା ଦେଇ ଫେରୁଥିବା ଲୋକମାନେ ବହୁ ଭୟଭୀତ ହୋଇ ଯିବାଆସିବା କରୁଛନ୍ତି। ରାସ୍ତା ଉପରେ ଗୋଡ଼ି ଆବରଣ ରହି ଥିବାରୁ ଚକା ଖସିଯାଇ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତା ନିର୍ମାଣ ସମୟରେ ଠିକାଦାରଙ୍କ ଅବହେଳା ଏବଂ ନିମ୍ନମାନର ସାମଗ୍ରୀ ଯୋଗୁଁ ନିର୍ମାଣର ମାତ୍ର ଅଳ୍ପ ବର୍ଷ ମଧ୍ୟରେ ଏହି ରାସ୍ତା ଶୋଚନୀୟ ହୋଇଛି। ଅନ୍ୟପକ୍ଷରେ ନିମ୍ନମାନର କାମ ଯୋଗୁଁ ଗତ ବର୍ଷା ଋତୁରେ ପ୍ରବଳ ବର୍ଷା ପାଇଁ ଏହାର ଅବସ୍ଥା ଆହୁରି ଶୋଚନୀୟ ହୋଇ ପଡିଥିବା ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଏହି ରାସ୍ତାର ମରାମତି କରିବା ପାଇଁ ଦାବି ହୋଇଛି।

● କୁମ୍ଭୀରାଗାଡ଼ିଆରେ 'ରବୀନ୍ଦ୍ର ସ୍ମୃତି ପରିଷଦ' ଗଠିତ

## ସ୍ମରଣିକା 'ଅସ୍ତମିତ ରବି' ଉନ୍ମୋଚନ ନିଷ୍ପତ୍ତି

ଯଖପୁରା, ୨୬।୪(ସମିସ): କଳିଙ୍ଗନଗରସ୍ଥିତ କୁମ୍ଭୀରାଗାଡ଼ିଆ ଫାର୍ମ ହାଉସ୍‌ରେ ରବିବାର ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ଶିକ୍ଷାବିତ୍ ରବୀନ୍ଦ୍ର କୁମାର ସାହୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ମହନୀୟ କାର୍ଯ୍ୟଧାରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଏହି ବୈଠକରେ 'ରବୀନ୍ଦ୍ର ସ୍ମୃତି ପରିଷଦ' ନାମକ ଏକ ସଂଗଠନ ଗଠନ କରାଯାଇଛି। ଶିକ୍ଷାବିତ୍ ହୃଷୀକେଶ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ସାହୁଙ୍କ ସମାଜସେବା ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ସର୍ବସମ୍ମତିକ୍ରମେ ପରିଷଦର ଏକ ପରିଚାଳନା କମିଟିରେ ହୃଷୀକେଶ ପୃଷ୍ଟିଙ୍କୁ ସଭାପତି, ସଞ୍ଜୟ କୁମାର ପଟ୍ଟଙ୍କୁ ଉପସଭାପତି, ନୀଳଧ୍ୱଜ ସାହୁଙ୍କୁ ସମ୍ପାଦକ ଏବଂ ହୃଷୀକେଶ ଦାସଙ୍କୁ କୋଷାଧକ୍ଷ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ଅବସରରେ ସ୍ୱର୍ଗତ ରବୀନ୍ଦ୍ର କୁମାର ସାହୁଙ୍କ ଜୀବନୀ ଓ କୃତିକୁ ନେଇ 'ଅସ୍ତମିତ ରବି' ନାମକ ଏକ ସ୍ମରଣିକା ପତ୍ରିକା ପ୍ରକାଶ କରିବାକୁ ସ୍ଥିର କରାଯାଇଛି। ଏଥିପାଇଁ ଏକ ସମ୍ପାଦନାମଣ୍ଡଳୀ ଗଠନ କରାଯାଇଛି, ଯେଉଁଥିରେ ମୁଖ୍ୟ ସମ୍ପାଦକ ଭାବେ ଯୋଗେନ୍ଦ୍ର ସାହୁ ଏବଂ ସହସମ୍ପାଦକ ଭାବେ ବଳରାମ ଆଇଚ, ନୀଳଧ୍ୱଜ ସାହୁ, ନକୁଳଚନ୍ଦ୍ର ତରାଇ, କୁଳମଣି ଦାସ, ଲକ୍ଷ୍ମୀଧର ବାରିକ ଏବଂ ହୃଷୀକେଶ ଦାସ ପ୍ରମୁଖ ରହିଛନ୍ତି। ଏହି ସ୍ମରଣିକାରେ ସ୍ୱର୍ଗତ ସାହୁଙ୍କ କୃତିତ୍ୱ, ଶିକ୍ଷାବିତ୍ ଭାବେ ତାଙ୍କର ଅବଦାନ, ସାହିତ୍ୟିକ ରୁଚି ଏବଂ ସମାଜସେବା ସମ୍ପର୍କିତ ବିଭିନ୍ନ ପ୍ରବନ୍ଧ ଓ ସ୍ମୃତି କଥା ସ୍ଥାନ ପାଇବ। ପରିଷଦର ଉପଦେଷ୍ଟାମଣ୍ଡଳୀରେ ବିଶ୍ୱମ୍ବର ବିଶ୍ୱାଳ, ଧନଞ୍ଜୟ ନାୟକ, କୈଳାସଚନ୍ଦ୍ର ଆଇଚ, ଦେବେନ୍ଦ୍ର କୁମାର ସାହୁ, ଧନେଶ୍ୱର ଦାସ, ଗୌରାଙ୍ଗ ଚରଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ଖିଲାର ଏବଂ ରବିନାରାୟଣ ଖିଲାରଙ୍କୁ ସାମିଲ କରାଯାଇଛି।



## ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ପାଣିକୋଇଲି, ୨୬।୪(ସମିସ): ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ମଣିପୁର ଗ୍ରାମରେ ମହାବୀରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ କଳସବୁଡା, ଭୂମିପୂଜା, ଗୋପୂଜା ଆଦି କରାଯିବା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ରଂଜନ ଦାଶ (କାଳିଆ) ଓ ଇନ୍ଦ୍ରମଣି ପତି ଯୋଗଦେଇଥିବା ବେଳେ କର୍ତ୍ତା ଭାବେ ପର୍ଶୁରାମ ନାୟକ ଓ ରଶ୍ମିତା ନାୟକ ଯୋଗଦେଇଥିଲେ। ସହକର୍ତ୍ତା ଭାବେ ପ୍ରଫୁଲ୍ଲ ବେହେରା, ବିକ୍ରମ ସାହୁ, ସଂଗ୍ରାମ ପ୍ରତାପ ଜେନା, ରାମଚନ୍ଦ୍ର ନାୟକ, ଭଗବାନ ନାୟକ, ଦୀପ୍ତିରଂଜନ ସାହୁ, ରାକେଶ ଜେନା ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞ ପରେ ପୂର୍ଣ୍ଣାହୂତିରେ ଗ୍ରାମର ସମସ୍ତ ଗ୍ରାମବାସୀ ଯୋଗଦେଇଥିଲେ। ପରେ ସମୂହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗ୍ରାମର ସମସ୍ତ ଯୁବବର୍ଗ ସହଯୋଗ କରିଥିଲେ।



## ଜେପିଏଲ୍ ନାଇଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଯାଜପୁର, ୨୬।୪(ସମିସ): ଯାଜପୁର ବ୍ଲକ ପଡ଼ିଆରେ ରକ ଫ୍ୟାମିଲି ପକ୍ଷରୁ ଯାଜପୁର ପ୍ରିମିୟର ଲିଗ ନାଇଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଚିତ୍ତରଞ୍ଜନ ବେହୁରିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ନବୀନ ପଟ୍ଟନାୟକ କ୍ରୀଡ଼ାକୁ ସବୁବେଳେ ପ୍ରୋତ୍ସାହନ ଯୋଗାଇ ଆସୁଥିଲେ, ସେଥିପାଇଁ ଆଜି ରାଜ୍ୟରେ ଅନେକ କ୍ରୀଡ଼ା।ବିତ ସୃଷ୍ଟି ହୋଇପାରିଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଣବ ନିଜେ ବ୍ୟାଟିଂ କରିବା ସହ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା, ଅଶୋକ ଦାସ ଫାଉଣ୍ଡେସନର ଅଧ୍ୟକ୍ଷ ଭବପ୍ରସାଦ ଦାସ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳ, ଜିଲ୍ଲା ବିଜେଡି ଉପସଭାପତି ଗଣେଶ ମହାକୁଡ ପ୍ରମୁଖ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ଦୁଇ ଦିନ ଧରି ଚାଲିବାକୁ ଥିବା ବେଳେ ଏଥିରେ ଯାଜପୁର, ଭଦ୍ରକ, କେନ୍ଦ୍ରପଡା ସମେତ ବିଭିନ୍ନ ଜିଲ୍ଲାର ୧୬ଟି ଦଳକୁ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ୫୦ ହଜାର, ରନର୍ସଅପ ଦଳ ପାଇଁ ୩୦ ହଜାର ଟଙ୍କା ଆର୍ଥିକ ରାଶି ସହ ଟ୍ରଫି ରଖାଯାଇଛି। ୫ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟକୁ ଉପଭୋଗ କରିବାକୁ ଆଖପାଖରୁ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ବଗିରିଆ ପାକ୍ସରେ ବେଆଇନ ଦାୟିତ୍ୱ ହସ୍ତାନ୍ତର ମସୁଧା

ପାଣିକୋଇଲି, ୨୬।୪ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ପଞ୍ଚାୟତସ୍ଥିତ ବଗିରିଆ ପ୍ରାଥମିକ କୃଷି ସମବାୟ ସମିତିଃ(ପାକ୍ସ)ର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ସୁଦର୍ଶନ ମଲ୍ଲିକ କାର୍ଯ୍ୟରତ ଅଛନ୍ତି। ଚଳିତ ଏପ୍ରିଲ ମାସ ୩୦ ତାରିଖରେ ସେ ଅବସର ଗ୍ରହଣ କରିବେ। ଅବସରର ଯଥେଷ୍ଟ ପୂର୍ବରୁ ଚକ୍ରାନ୍ତକତା କରି ପାକ୍ସର ପରିଚାଳନା କମିଟିକୁ ପ୍ରଭାବିତ କରିବା ସହ ତାଙ୍କ ପୁତ୍ର ଦେବାଶିଷ ମଲ୍ଲିକଙ୍କୁ ସହକାରୀ ସମ୍ପାଦକ ଭାବେ ଦାୟିତ୍ୱ ହସ୍ତାନ୍ତର କରିବାର ମସୁଧା ଚଳାଇଥିବା ପାକ୍ସର ଶତାଧିକ ସଭ୍ୟଙ୍କ ଦ୍ୱାରା ଅଭିଯୋଗ କରାଯାଇଛି। ପୂର୍ବରୁ ଶ୍ରୀ ମଲିକ ତାଙ୍କ ସମ୍ପାଦକ କାର୍ଯ୍ୟକାଳ ମଧ୍ୟରେ କରିଥିବା ବିଭିନ୍ନ ବେଆଇନ କାର୍ଯ୍ୟ ଏବଂ ଆର୍ଥିକ ହେରଫେରକୁ ଚପାଇବା ସହ ନିଜକୁ ସୁରକ୍ଷିତ ରଖିବା ପାଇଁ ଏହି ମସୁଧା ଚଳାଇଥିବାର ଅଭିଯୋଗରେ ଦର୍ଶାଯାଇଛି। ଯେହେତୁ ସେ ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସିଛନ୍ତି ଅର୍ଥ ପ୍ରଲୋଭନରେ ସମସ୍ତ କାର୍ଯ୍ୟକୁ ସୁରୁଖୁରୁରେ କରିପାରିବେ ବୋଲି ସର୍ବସମ୍ମୁଖରେ ପ୍ରକାଶ କରୁଥିବାର ଅଭିଯୋଗ ହୋଇଛି। ଅଭିଯୋଗକୁ ବିଚାରକୁ ନେଇ ବଗିରିଆ ପାକ୍ସର ନିର୍ବାହୀ ଅଧିକାରୀଙ୍କୁ ଆଗୁଆ ଛୁଟିରେ ରହିବା ପାଇଁ ନିର୍ଦ୍ଦେଶ ଦେବା ସହ ଦାୟିତ୍ୱ ହସ୍ତାନ୍ତର ନକରିବାକୁ ସମବାୟ ସମିତିର ଉପନିବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

**ସମବାୟ ସମିତି ଉପନିବନ୍ଧକଙ୍କୁ ସଭ୍ୟଙ୍କ ଅଭିଯୋଗ**

ଅଭିଯୋଗର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଯାଜପୁର ଜିଲ୍ଲାପାଳ ଓ କୋରେଇ ବିଧାୟକଙ୍କ ନିକଟରେ ଆବେଦନ କରାଯାଇଛି। ପାକ୍ସର ସଦସ୍ୟ ସଂଜୟ କୁମାର ସାହୁ, ବସନ୍ତ କୁମାର ପତ୍ରୀ, ନକୁଳ ସେଠୀ, ବସନ୍ତ ପଣ୍ଡା, ସୁଧାଂଶୁ ମହାପାତ୍ର, ତପନ ରାଉତ, ଅଭିରାମ ପତ୍ରୀ, ପ୍ରଣୟ ମହାପାତ୍ର ସୁବଳ ସେନାପତି, ଅମୂଲ୍ୟ କୁମାର ସାହୁ, ମନୋରଂଜନ ପଣ୍ଡା, ଦେବବ୍ରତ ଦାଶ କଳାକାର ବେହୁରା, ଲକ୍ଷ୍ମୀଧର ବିଶ୍ୱାଳ, ସୁରେନ୍ଦ୍ର ସ୍ୱାଇଁ, ବିଷ୍ଣୁଚରଣ ଦାସଙ୍କ ସମେତ ଶତାଧିକ ସଦସ୍ୟ ଅଭିଯୋଗ କରିଛନ୍ତି।

## ସ୍ତ୍ରୀକୁ ପୋଡ଼ି ମାରିବା ଘଟଣାରେ ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ

ଦାନଗଦି, ୨୬।୪(ସମିସ): କଳିଙ୍ଗନଗର ଥାନା ପିଙ୍ଗଲ ଗ୍ରାମରେ ଗତ ୧୭ ତାରିଖ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ପୁଲିସ। ଅଭିଯୁକ୍ତ ସ୍ୱାମୀ ଯାଜପୁର ଜିଲ୍ଲା ଜଳିଙ୍ଗନଗର ଥାନା ବଡ଼ପିଙ୍ଗଲ ଗ୍ରାମର ଧର୍ମରାଜ ଦାସ ଓରଫ (କୁଲୁ)କୁ କୋର୍ଟର୍ ଚାଲାଣ କରାଯାଇଛି। ଏନେଇ କେସ ନମ୍ବର ୧୦୫/୨୦୨୬ରେ ଦଫା ୮୦/୧୦୩/୩୫୧/(୩), ୩(୫) ବିଏନ ଏସ ସେକ୍ସନ ୪ଡ଼ିପି ଆକ୍ଟରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ସୁକିନ୍ଦା ଥାନା ଅନ୍ତର୍ଗତ ସିଙ୍ଗାଡ଼ିଆ ଗ୍ରାମର ପବନା ଦାସଙ୍କ ସାନଝିଅ ସିଲି ଦାସଙ୍କୁ (୨୫) ଧର୍ମରାଜ ଗତ ଫେବୃୟାରୀ ୨୦ ତାରଖରେ ବିବାହ କରିଥିଲା। ଦାବି ଅନୁଯାୟୀ ଯୌତୁକ ନ ଦେଇ ଶାଶୂଘର ଲୋକେ ସିଲିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ସିଲି ବ୍ୟବହାର କରୁଥିବା ଗହଣା ସବୁକୁ ଧର୍ମରାଜ ବ୍ୟାଙ୍କରେ ବନ୍ଧା ପକାଇ ୩ ଲକ୍ଷ ୫୦ ହଜାର ଟଙ୍କା ଋଣ ଆଣିଥିଲେ ଯାହାକି ସିଲି ଏହାକୁ ବିରୋଧ କରୁଥିଲେ। ଗତ ୧୭ ତାରିଖ ରାତିରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ଧର୍ମରାଜଙ୍କ ସମେତ ଅନ୍ୟ ପରିବାର ଲୋକେ ମିଶି ତାକୁ ନିଆଁ ଲଗାଇ ହତ୍ୟା କରିଥିବା ସିଲିର ବାପା ଥାନାରେ ଅଭିଯୋଗ କରିଥିଲେ। ଘଟଣା ପରଠାରୁ ଧର୍ମରାଜ ଫେରାର ଥିବା ବେଳେ ଶନିବାର ଖବର ପାଇ ପୁଲିସ ତାକୁ ଗିରଫ କରିଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୨ତମ ବାର୍ଷିକ ସମାବର୍ତ୍ତନ



ଧର୍ମଶାଳା, ୨୬।୪(ସମିସ)

ଧର୍ମଶାଳା ବ୍ଲକ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୫୨ତମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡ଼କ୍ଟର ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ଼କ୍ଟର ଗୌରହରି ଦାସ, ମୁଖ୍ୟବକ୍ତା ଭାବେ ଡ଼କ୍ଟର ସତ୍ୟପ୍ରିୟ ମହାଳିକ ଏବଂ ଡ଼କ୍ଟର ଗୁରୁଚରଣ ବେହେରା, ପ୍ରଫେସର ପ୍ରସନ୍ନ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଣିଷ ଠାକୁର ପୂଜାକୁ ଗୁରୁତ୍ୱ ଦେଉଛି ହେଲେ ମଣିଷକୁ ଭଲ ପାଉନାହିଁ। ଅନ୍ୟ ମୁହଁରେ ହସ ଫୁଟାଇବା ସାହିତ୍ୟର ଧର୍ମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ଼କ୍ଟର ଗୌରହରି ଦାସଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜର ମର୍ଯ୍ୟାଦାଜନକ "ଗୋକର୍ଣ୍ଣିକା ପୁରସ୍କାର ଓ ଅର୍ଥରାଶି, ପ୍ରଫେସର ଗୁରୁଚରଣ ବେହେରାଙ୍କୁ ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର, ପ୍ରଫେସର ପ୍ରସନ୍ନ କୁମାର ମିଶ୍ରଙ୍କୁ ନାଟ୍ୟକାର ବଂଶୀଧର ଶତପଥୀ ସ୍ମୃତି ପୁରସ୍କାର, ଗୋକର୍ଣ୍ଣିକା ବିଷୁବ କଥା ସମ୍ମାନ ଡକ୍ଟର ସତ୍ୟପ୍ରିୟ ମହାଳିକ, ଗୋକର୍ଣ୍ଣିକା ସମାଜସେବୀ ସମ୍ମାନ ସମାଜସେବୀ ମିନତୀ ସାହୁ, ଗୋକର୍ଣ୍ଣିକା ପ୍ରବନ୍ଧ ସମ୍ମାନ ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଗୋକର୍ଣ୍ଣିକା ବିଷୁବ ପ୍ରବନ୍ଧ ସମ୍ମାନ ସଂଘମିତ୍ରା ଭଞ୍ଜ, ଗୋକର୍ଣ୍ଣିକା ପ୍ରବନ୍ଧ ସମ୍ମାନ ଡ଼କ୍ଟର ଜ୍ଞାନୀଦେବାଶିଷ ମିଶ୍ର, ଡ଼କ୍ଟର ଦେବୀପ୍ରସାଦ ଶତପଥୀ, ଗୋକର୍ଣ୍ଣିକା ବିଷୁବ କବିତା ସମ୍ମାନ କବି କମଳ କୁମାର ମହାନ୍ତି, କବି ନୃସିଂହ ତରାଇ, କବି ବୃନ୍ଦାବନ ଦାସ, ଗୋକର୍ଣ୍ଣିକା ବିଷୁବ ଗଳ୍ପ ସମ୍ମାନ ଡ଼ ଜୟନ୍ତୀ ସାହୁ, ପତ୍ରିକା ସମ୍ପାଦନା ସମ୍ମାନ ଭୁବନ ମୋହନ ମହାନ୍ତି, ଟୀକାୟତ ସପ୍ତାଜୀର୍ସ ଟ୍ରଷ୍ଟ କୁନି ପ୍ରତିଭା ସମ୍ମାନ ବାଦଲ ନାୟକ, ଶ୍ରୀଭାଷ ସମଦର୍ଶୀ, ସୁଶ୍ରୀ ପ୍ରତିସ୍ୱନୀ ପ୍ରିୟଦର୍ଶିନୀଙ୍କୁ ପ୍ରଦାନ କରାଯାଇଛି। ଡ଼କ୍ଟର ରମାକାନ୍ତ ଜେନାଙ୍କ ପ୍ରବନ୍ଧ ପୁସ୍ତକ "ବିବିଧ ବିମର୍ଶ', ଡ଼କ୍ଟର ରଶ୍ମିରାଣୀ ଦାସଙ୍କ ଗବେଷଣା ପୁସ୍ତକ "ନାରାୟଣ ସାହୁଙ୍କ ନାଟକ ଉତର ଆଧୁନିକତା' ଓ କବି ନୃସିଂହ ତରାଇଙ୍କ କବିତା ପୁସ୍ତକ ପ୍ରଶ୍ନକାଳ ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ଡ଼କ୍ଟର ମହେଶ୍ୱର ପାଢ଼ୀ ଅତିଥି ଆମନ୍ତ୍ରଣ କରିଥିବା ବେଳେ ପଣ୍ଡିତ ବ୍ରଜକିଶୋର ଦାଶ ଶ୍ଳୋକାବୃତ୍ତି କରିଥିଲେ। ଏହି ଅବସରରେ ସ୍ୱାଗତ ସଂଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଡ଼କ୍ଟର ରୁଦ୍ରନାରାୟଣ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦିକା ଡ଼କ୍ଟର ଇନ୍ଦୁପ୍ରଭା ସାମଲ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଶୀତଳ ଷଷ୍ଠୀ ପାଇଁ ଚନ୍ଦନେଶ୍ୱର ମନ୍ଦିରରେ ପ୍ରସ୍ତୁତି

କୁଆଖିଆ, ୨୬।୪(ସମିସ): ରସୁଲପୁର ବ୍ଲକ ରାହାମ୍ବା ପଞ୍ଚାୟତ ଅନ୍ତର୍ଗତ ଡିହ କୁରାଂଶ ଗ୍ରାମର ପ୍ରଭୁ ଶ୍ରୀ ଚନ୍ଦନେଶ୍ୱରଙ୍କ ପୀଠରେ ମନ୍ଦିର ପରିଚାଳନା କମିଟିର ଏକ ବୈଠକ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୨୦୨୬ ବର୍ଷ ନିମନ୍ତେ ଶୀତଳଷଷ୍ଠୀ ପର୍ବ ମହାସମାରୋହରେ ଅନୁଷ୍ଠିତ ହେବାପାଇଁ ଗତ ୧୧/୦୪/୨୦୨୬ରେ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନିକଟସ୍ଥ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି କମିଟି ତରଫରୁ ସମସ୍ତ ବନ୍ଦୋବସ୍ତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଶିବ ବିବାହ ଉତ୍ସବରେ ବରପିତା ସ୍ଥିର ହୋଇସାରିଛି। କନ୍ୟାପିତା ପାଇଁ ଇଚ୍ଛୁକ ଭକ୍ତ ଆସନ୍ତା ୦୯/୦୫/୨୦୨୬ ମଧ୍ୟରେ କମିଟିର ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ନିକଟରେ ଆବେଦନ କରିବା ପାଇଁ ପରିଚାଳନା କମିଟି ତରଫରୁ ଜଣାଇ ଦିଆଯାଉଛି। ଏହି କାର୍ଯ୍ୟରେ ସମସ୍ତଙ୍କ ସାହାଯ୍ୟ ସହଯୋଗ କାମନା କରାଯାଇଛି। ବୈଠକରେ କର୍ମକର୍ତ୍ତା ରବୀନ୍ଦ୍ର କୁମାର ମିଶ୍ର, ଦୈତାରୀ ଜେନା, ଅଜୟ ମଲ୍ଲିକ, ଲକ୍ଷ୍ମୀଧର ରାଉତ, କାର୍ତ୍ତିକଚନ୍ଦ୍ର ସାହୁ, ଆନନ୍ଦ ମଲ୍ଲିକ, ଅକ୍ଷୟ ରାଉତ, ଆନନ୍ଦ ସାହୁ, ପୁରୁଷୋତ୍ତମ ପଣ୍ଡାଙ୍କ ସମେତ ବହୁ ପୂଜକମଣ୍ଡଳୀ ଏବଂ ସଭ୍ୟବୃନ୍ଦ ଉପସ୍ଥିତ ଥିଲେ।

## ରାଜନଗର ବିଦ୍ୟୁତ୍ ବିଭାଗର ମନମୁଖି କାର୍ଯ୍ୟ

# ବିନା ସୂଚନାରେ ୪ ଘଣ୍ଟା ବିଦ୍ୟୁତ୍ କାଟ

ରାଜନଗର, ୨୬।୪(ସମିସ)

ରାଜନଗର ବିଦ୍ୟୁତ୍ ବିଭାଗର ମନମାନି ଚରମସୀମାରେ ପହଞ୍ଚିଛି। ଲୋକେ ଖରା ଗରମରେ ହନ୍ତସନ୍ତ ହେଉଥିବାବେଳେ ଘନଘନ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲାଣି। ଖରା ବଢ଼ିବା ପରେ ଲୋକେ ପଦାକୁ ବାହାରି ପାରୁ ନ ଥିବାବେଳେ ବିଦ୍ୟୁତ ବିଭାଗ ଏହି ସମୟରେ ତାର ବଦଳା କାମ ଆରମ୍ଭ କରିଛି। ଦୁଇଦିନ ହେଲା ବିନା ସୂଚନାରେ ଥରକେ ୪ ଘଣ୍ଟାରୁ ଅଧିକ ସମୟ ବିଦ୍ୟୁତ କାଟ କରୁଛି। କୌଣସି ପୂର୍ବ ସୂଚନା ନ ଦେଇ ଲଗାତର ବିଦ୍ୟୁତ କାଟକୁ ନେଇ ରାଜନଗରରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜନଗର ବ୍ଲକରେ ବିଦ୍ୟୁତ କାଟ ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଲାଣି। ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ ମନଇଛା କରାଯାଉଛି। ପ୍ରତିଦିନ ୨୦ରୁ ୩୦ ଥରରେ ପ୍ରାୟ ୫ ଘଣ୍ଟାରୁ ଅଧିକ ବିଦ୍ୟୁତ କାଟ ମନମାନିରେ ଦେହସୁହା ହୋଇଗଲାଣି। ମାତ୍ର ଦୁଇଦିନ ହେଲା ରାଜନଗର ବ୍ଲକ ହେଡ କ୍ୱାଟରରେ ମନଇଛା ବିଦ୍ୟୁତ କାଟକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ରାଜନଗର ହେଡକ୍ୱାଟରରେ ତାର ବଦଳାଯିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ମାତ୍ର ବିଦ୍ୟୁତ ବିଭାଗ ତାର ବଦଳାଉ ନ ଥିଲା। ଖରା ବଢିବା ପରେ ଲୋକେ ପଦାକୁ ବାହାରିପାରୁନାହାନ୍ତି। ସରକାର ଖରରେ ପଦାକୁ ନ ବାହାରିବା ପାଇଁ ପରାମର୍ଶ ଦେଉଛନ୍ତି। ଖରା ପାଇଁ ବିଦ୍ୟାଳୟକୁ ଛୁଟି କରିଦିଆଯାଇଛି। ଠିକ ସେତିକି ବେଳେ ରାଜନଗର ବ୍ଲକରେ ତାର ବଦଳା କାମ କରାଯାଉଛି। କୌଣସି ପୂର୍ବ ସୂଚନା ନ ଦେଇ ସକାଳ ୭ଟାରୁ ୧୧ଟା ଯାଏଁ ବିଦ୍ୟୁତ କାଟ କରାଯାଉଛି। ଦୁଇଦିନ ହେଲା ଥରକେ ୪ ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ କାଟ କରାଯାଉଛି। ବ୍ୟବସ୍ଥା ଅନୁଯାୟୀ ଘଣ୍ଟାଏରୁ ଅଧିକ ସମୟ ବିଦ୍ୟୁତ କାଟ କରାଗଲେ ପୂର୍ବରୁ ସୂଚନା ଦେବା କଥା। ମାତ୍ର ରାଜନଗର ବିଦ୍ୟୁତ ବିଭାଗ ଦୁଇଦିନ ଧରି ଥରକରେ ୪ ଘଣ୍ଟାରୁ ଅଧିକ ସମୟ ଧରି ବିଦ୍ୟୁତ କାଟ କରୁଥିଲେ ମଧ୍ୟ କୌଣସି ସୂଚନା ଦେଉନାହାନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ବରାଳଙ୍କୁ ପଚାରିବାରୁ କାମ ଦରକାର ଥିଲା। କେବୁଲ ବଦଳଉଛୁ। ଶୀଘ୍ର କାମ ସାରିଦେବୁ ବୋଲି କହିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ସତ୍ୟପ୍ରସାଦ ସାହୁଙ୍କୁ ପଚାରିବାରୁ ବାରମ୍ବାର ଫ୍ୟୁଜ ଯାଉଥିଲା। ସେଥିପାଇଁ ତାର ପଡୁଛି। ଗତକାଲି ଖୁଣ୍ଟ ପଡିବା ପାଇଁ ବିଦ୍ୟୁତ କଟାଯିବା କଥା ମୁଁ ଜାଣିନି। ବିନା ସୂଚନାରେ ଲାଇନ କଟାଯିବା ନେଇ ଜେଇଙ୍କୁ କାରଣ ମଗାଯିବ ବୋଲି କହିଛନ୍ତି।

**ଶୀତଦିନେ ଶୋଇଥିଲେ, ଖରା ବଢ଼ିବା ପରେ ବଦଳାଯାଉଛି ତାର**

## ପେଟା ନଦୀ ଗାଧୁଆତୁଠରେ ତାରଜାଲ ଲଗାଇବା ଦାବି

ରାଜକନିକା,୨୬।୪(ସମିସ): ନଦୀରେ କୁମ୍ଭୀର ଉପଦ୍ରବ, ସ୍ନାନ ଶୌଚ ପାଇଁ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ରାଜକନିକା ବ୍ଲକର ସୀମାନ୍ତ ଗାଁ କନପୁର ଲୋକେ ବିପଦଜନକ ଭାବେ ନଦୀରେ କାରବାର କରିବାକୁ ବାଧ। କୁମ୍ଭୀର ଉପଦ୍ରବ ପାଇଁ ବନ ବିଭାଗ ପକ୍ଷରୁ ଗାଧୁଆତୁଠରେ ତାରଜାଲି ଲଗାଯାଉଥିବାବେଳେ କନପୁର ଗାଁ ପାଖ ପେଟା ନଦୀରେ ଏହା କରାଯାଇନାହିଁ। ରାଜକନିକା ବ୍ଲକ ବାରହାଦୋମଣ୍ଡା ପଞ୍ଚାୟତ ଅଧୀନ କନପୁର ଗାଁ ପାଖଦେଇ ପ୍ରବାହିତ ପେଟା ନଦୀରେ ଏହି ଗ୍ରାମର ୪ ଶହରୁ ଊର୍ଦ୍ଧ୍ୱ ପରିବାର ଏହି ନଦୀ ଉପରେ ଭରସା କରୁଛନ୍ତି। ସକାଳୁ ସନ୍ଧ୍ୟା ଯାଏ ସବୁବେଳେ ଲୋକଙ୍କ ଭିଡ଼ ରହୁଥିବା ଏହି ନଦୀ ଘାଟରେ ଗାଧୋଇବା ବେଳେ କୁମ୍ଭୀର ଭୟ ଲାଗି ରହୁଛି। ଏହି ନଦୀଘାଟରେ ତୁରନ୍ତ ତାର ଜାଲି ଲଗାଇବାକୁ ଏହି ଗାଁର ବିବେକାନନ୍ଦ ମହାପାତ୍ର, ଚିତ୍ରସେନ ବାରିକ, କୁନ ମହାପାତ୍ର, ବୈଲୋଚନ ନାୟକ, ଦିବ୍ୟଲୋଚନ ନାୟକ, ଶତ୍ରୁଘ୍ନ ବାରିକ, କେତକୀ ନାୟକ ପ୍ରମୁଖ ଦାବି କରିଛନ୍ତି।



## ଶନିଶ୍ଚର ଦେବଙ୍କ ଦ୍ୱାଦଶ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୨୬।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଦାମୋଦରପାଟଣାଠାରେ ଥିବା ଶନି ମନ୍ଦିରରେ ଜଳାଭିଷେକ ହୋଇଛି। ଗ୍ରହରାଜ ଶନିଦେବଙ୍କ ନିକଟରେ ଆଜି ସକାଳୁ ମାନସିକ ରଖି ହଜାର ହଜାର ସଂଖ୍ୟାରେ ଭକ୍ତ ବ୍ରାହ୍ମଣୀ ନଦୀରୁ ଜଳ ଆଣି ଢାଳିଥିଲେ। ବାଳକୃଷ୍ଣ ରାଉଳ ଓ ଲକ୍ଷ୍ମୀପ୍ରିୟା ରାଉଳଙ୍କ ପୌରୋହିତ୍ୟରେ ସକାଳୁ ଅଧିବାସ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗ୍ରହରାଜ ଶନିଶ୍ଚରଙ୍କ ଷୋଡଶ ଉପଚାର ପୂଜା ହେବା ସହିତ ଭକ୍ତଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ଆନନ୍ଦ ବଜାର ଖୋଲି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବାଳକୃଷ୍ଣ ରାଉଳ ଓ ଲକ୍ଷ୍ମୀପ୍ରିୟା ରାଉଳଙ୍କ ପୌରୋହିତ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ବରିଷ୍ଠ ନାଗରିକ ସମନ୍ୱୟ ସମିତି ଅଳପୁଆ ପକ୍ଷରୁ ସଭାପତି ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଂଯୋଜନାରେ ଭକ୍ତଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ୧୫ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ପ୍ରତିନିଧି ପ୍ରକାଶ ଦାସ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେହେରା, ସୁବାସ ସାହୁ, ସୁକାନ୍ତ ରାଉତ, ପୂର୍ବତନ ସରପଞ୍ଚ ରମେଶ ଦାସ, ପୂର୍ବତନ ସମିତି ସଭ୍ୟ ଅକ୍ଷୟ ରାଉତ, ଚନ୍ଦନ ସାହୁ, କିଶୋର ରାଉତ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ରବୀନ୍ଦ୍ର ନାୟକ, କୈବଲ୍ୟ ପରିଡା, ପ୍ରଭାତ ରାଉଳ, ସର୍ବେଶ୍ୱର ସାହୁ, ମଧୁସୂଦନ ବେହେରା, ଗ୍ରାମବାସୀ ପରିଚାଳନା କରିଥିଲେ।



## ଭିତରକନିକାରେ ନବରଙ୍ଗୀ ଚଢ଼େଇ ଗଣନା

ରାଜନଗର,୨୬।୪(ସମିସ): ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ମ୍ୟାନଗ୍ରୁଭ ପିଟା ବା ନବରଙ୍ଗୀ ଚଢେଇଙ୍କ ଗଣନା ଶେଷ ହୋଇଛି। ଆଜି ଗୋଟିଏ ଦିନରେ ୩୫ଟି ଟିମରେ ୭୦ ଜଣ ବନ କର୍ମଚାରୀ ୫ଟି ରେଞ୍ଜରେ ଏହି ବିରଳ ପକ୍ଷୀଙ୍କ ଗଣନା କରିଛନ୍ତି। ସକାଳ ୬ଟାରୁ ୯ଟା ଓ ଅପରାହ୍ନ ୪ ଟାରୁ ୬ଟା ଯାଏଁ ଏହି ଗଣନା କରାଯାଇଛି। କନିକା ରେଞ୍ଜରେ ସର୍ବାଧିକ ମ୍ୟାନଗ୍ରୁଭପିଟା ଚଢେଇଙ୍କୁ ଦେଖିବାକୁ ମିଳିଥାଏ। ସେଥିପାଇଁ କନିକା ରେଞ୍ଜରେ ୧୩ଟି ଟିମ ଗଣନା ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଗତବର୍ଷ ଭିତରକନିକାରେ ୨୧୮ ଟି ମ୍ୟାନଗ୍ରୁଭପିଟା ଚଢେଇଙ୍କୁ ଗଣନା ବେଳେ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ କେବଳ ଭିତରକନିକା ଫରେଷ୍ଟ ବ୍ଲକ ଅଞ୍ଚଳରେ ସର୍ବାଧିକ ୩୨ଟି ମ୍ୟାନଗ୍ରୁଭପିଟା ଚଢେଇଙ୍କୁ ଚିହ୍ନଟ କରାଯାଇଥିଲା। ନବରଙ୍ଗୀ ଚଢେଇ ଦକ୍ଷିଣପୂର୍ବ ଓ ଦକ୍ଷିଣ ଏସିଆରେ ଅଧିକ ସଂଖ୍ୟାରେ ଦେଖାଯା'ନ୍ତି।



## ଦିବ୍ୟାଙ୍ଗ ଛାତ୍ରଙ୍କ ମୃତ୍ୟୁ

ପଞ୍ଚୁପାଣ୍ଡବ,୨୬।୪(ସମିସ): ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୀରନୀଳକଣ୍ଠପୁର ଗ୍ରାମର ମନୋରଞ୍ଜନ ସାହୁଙ୍କ ବଡ଼ପୁଅ ନିହାରରଞ୍ଜନ ସାହୁ (୧୬)ଙ୍କ ମୃତ୍ୟୁ ହୋଇଛି। ନିହାର ଜନ୍ମରୁ ଶହେ ଭାଗ ଭିନ୍ନକ୍ଷମ ଛାତ୍ର ଥିବାବେଳେ ତାଙ୍କ ହାତ ଗୋଡ କିଛି କାମ କରୁ ନ ଥିବା ଅବସ୍ଥାରେ ବିଛଣାରେ ପଡ଼ି ରହିଥିଲେ। ପ୍ରଶାସନ ପକ୍ଷରୁ ୩୫୦୦ ଭତ୍ତା ଟଙ୍କା ପାଉଥିଲେ। କିଛିଦିନ ତଳେ ତାଙ୍କୁ ଜ୍ୱର ହୋଇଥିଲା। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଡାକ୍ତଖାନାରେ ଭର୍ତ୍ତି କରାଯାଇଥିଲା ଓ ପରେ କଟକ ବଡ଼ ମେଡ଼ିକାଲ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବାପା ମନୋରଞ୍ଜନ ଜଣେ ଦିନମଜୁରିଆ ଭାବେ କାମ କରନ୍ତି। ତାଙ୍କୁ ସରକାରୀ ସାହାଯ୍ୟ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ସତ୍ୟସାଇ ସେବା ସଂଗଠନ ପକ୍ଷରୁ ରକ୍ତଦାନ ଶିବିର



ଡେରାବିଶ, ୨୬।୪ (ସମିସ): ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରଠାରେ ଶ୍ରୀସତ୍ୟସାଇ ସେବା ସଂଗଠନ କେନ୍ଦ୍ରାପଡ଼ା ଜିଲ୍ଲା ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଫଂଚୁପାଣ୍ଡବ ଭଜନ ମଣ୍ଡଳୀର ପୂର୍ବତନ ଆବାହକ କୁଳମଣି ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ସଂଗଠନର କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଉମେଶ ନାୟକ, ରାଜ୍ୟସ୍ତରୀୟ କର୍ମକର୍ତ୍ତା ଶିବପ୍ରସାଦ ମହାନ୍ତି, ହର୍ଷ ବିହାରୀ ଦାଶ, ସଫଳା ଦାଶ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ କଟକ ରେଡ୍‌କ୍ରସ ପକ୍ଷରୁ ଆସିଥିବା ଡାକ୍ତରୀ ଟିମ୍ ୧୬ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ପରେ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ଭଜନ ସତସଙ୍ଗ କାର୍ଯ୍ୟକ୍ରମରେ ଠାକୁରପାଟଣା ସମିତି, ଲକ୍ଷ୍ମୀନାରାୟଣପୁର ଭଜନ ମଣ୍ଡଳୀ ଓ ଜହଙ୍ଗର ଭଜନ ମଣ୍ଡଳୀର ଭାଇଭଉଣୀ ଭଜନ ପରିବେଶଣ କରିଥିଲେ। ଅତିଥିମାନେ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଦିବ୍ୟବାଣୀ ଉପସ୍ଥାପନା କରିବା କରିବା ସହିତ ସ୍ୱର୍ଗତ ମିଶ୍ରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବାଲିପାଟଣାରେ ଅଗ୍ନିକାଣ୍ଡ

ପଟ୍ଟାମୁଣ୍ଡାଇ,୨୫।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଲିପାଟଣା ପଞ୍ଚାୟତ ବାଲିପାଟଣା ଗ୍ରାମର ପ୍ରଭାକର ଜେନାଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ଛାଳ ଛପର ଘର ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଅନୁମାନ କରାଯାଉଛି। ଅଗ୍ନିବିପନ୍ନ ପରିବାରକୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ବିଭିନ୍ନ ଶନି ମନ୍ଦିରରେ ମହାଯଜ୍ଞ ଓ ଜଳାଭିଷେକ

କେନ୍ଦ୍ରାପଡ଼ା,୨୬।୪(ସମିସ): ମହିପାଳସ୍ଥ ବାୟାବଜାରର ନ୍ୟାୟ ଦେବତା ପୂଜା କମିଟି ଦ୍ୱାରା ଆୟୋଜିତ ଚତୁର୍ଦ୍ଦଶତମ ଜନ୍ମ ବାର୍ଷିକ ଉପଲକ୍ଷେ ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି। ସେହିପରି ଗଣାମାହାଲସ୍ଥ ବାଲାବାବା ମନ୍ଦିର ପ୍ରାଙ୍ଗଣରେ ଶନିଶ୍ଚରାୟ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ଆନୁକୂଲ୍ୟରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଶୁଭାଧିବାସ କରାଯାଇ ଆଜ୍ଞାମାଳ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଥିଲା। ଶନିବାର ଦିନ ପ୍ରାତଃ ୬ଟା ୩୦ ମିନିଟ୍‌ରେ ଘଟ ନିମର୍ଜନ କରାଯିବା ପରେ ଭକ୍ତମାନେ ଏକ ଶୋଭାଯାତ୍ରାରେ ନୂଆ ବସ୍‌ଷ୍ଟାଣ୍ଡ ଶନିଘାଟରୁ ପାଣି ଆଣି ଘଟସ୍ଥାପନ କରିଥିଲେ। ପ୍ରାତଃ ୮ଟା ୩୦ ମିନିଟ୍‌ରେ ଅଗ୍ନି ସ୍ଥାପନ କରାଯାଇ ଯଜ୍ଞାରମ୍ଭ କରାଯିବା ସହିତ ରାତ୍ର ୧୦ଟା ୩୦ମିନିଟ୍‌ରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇଥିଲା । ସେହିପରି ତିନିମୁହାଣି ଶନି ମନ୍ଦିର, ନୂଆ ବସଷ୍ଟାଣ୍ଡ ଶନି ମନ୍ଦିର, କୋର୍ଟ ଛକ ଶନିମନ୍ଦିର, ଗରାପୁର କାଳୀମନ୍ଦିରସ୍ଥ ଶନି ମନ୍ଦିରରେ କେନ୍ଦ୍ରାପଡ଼ା ସହର ଓ ସହର ଆଖପାଖ ଅଞ୍ଚଳରୁ ବହୁ ମାନସିକଧାରୀ ଓ ଶ୍ରଦ୍ଧାଳୁ ଆସି ଶନିଙ୍କ ନିକଟରେ ଜଳାଭିଷେକ କରିବା ପରେ ଯଜ୍ଞରେ ସାମିଲ ହୋଇଥିଲେ।

## ରାଜନଗରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ପରିଷଦ ସଭ୍ୟଙ୍କ ଚିଠି

ରାଜନଗର,୨୬।୪(ସମିସ): ରାଜନଗରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇଛନ୍ତି ରାଜନଗର ୩୦ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ରାଉତ। ରାଜନଗର ବିକାଶ ପାଇଁ କରାଯାଇଥିବା ଦାବିପତ୍ରରେ ରାଜନଗରରେ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଦୋଳ ମେଳଣ କରାଯାଏ। ସ୍ଥାୟୀ ମେଳଣ ପଡିଆ ଉନ୍ନତିକରଣ ପାଇଁ ୩୦ରୁ ୪୦ ଲକ୍ଷ ଟଙ୍କା ଆବଶ୍ୟକ। ସଦର ମହକୁମା ହଂସୁଆ ନଦୀ କୂଳରେ ରହିଛି। ରାଜନଗର ସୌନ୍ଦର୍ଯ୍ୟକରଣ କରିବା ସହିତ ନଦୀ ଗ୍ରାସରୁ ରକ୍ଷା ପାଇବା ପାଇଁ ଶାସନଠାରୁ ନାଞ୍ଜୁଡ଼ାମୁଣ୍ଡ ପର୍ଯ୍ୟନ୍ତ ହଂସୁଆ ନଦୀ କୂଳେ କୂଳେ ପଥର ପ୍ୟାକିଂ ଓ ତାର ଜାଲି ଲଗାଯାଇ ଲାଇଟ୍ ସିମେଣ୍ଟ ବେଞ୍ଚ ପକାଯାଉ। ରାଜନଗର ବ୍ଲକ ହେଡକ୍ୱାଟର ହୋଇଥିଲେ ମଧ୍ୟ ରାଜନଗରରେ ଅଡିଟୋରିୟମ୍ ନାହିଁ କି କଲ୍ୟାଣ ମଣ୍ଡପ ନାହିଁ। ଅଡିଟୋରିୟମ ଓ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଉ। ରାଜନଗର ସଦର ମହକୁମାରେ ସରକାରୀ ଜାଗା ନ ଥିବାରୁ କୋର୍ଟ, ଆଦର୍ଶ ବିଦ୍ୟାଳୟ, ଦମକଳ କେନ୍ଦ୍ର ସଦର ମହକମାଠାରୁ ୫ କିଲୋମିଟର ଦୂରରେ ନିର୍ମାଣ କରାଯାଇଛି। ସେ ସବୁ ସ୍ଥାନକୁ ସଦର ମହକୁମା ସହିତ ସଂଯୋଗୀକରଣ କରିବା ପାଇଁ ରାଜନଗରଠାରୁ ପେଣ୍ଠ ବେଳାଭୂମି, ରାଜନଗରଠାରୁ କେରଡ଼ାଗଡ଼ର ନାମାଚାର୍ଯ୍ୟ ବାୟାବାବାଙ୍କ ଜନ୍ମପୀଠ ଓ ପୁରାଣ ପ୍ରସିଦ୍ଧ ଜଗନ୍ନାଥ ମନ୍ଦିରଠାରୁ ଜରିମୂଳ ମା'ମାଟିଆ ମଙ୍ଗଳାଙ୍କ ପୀଠ ଯାଏ, ରାଜନଗରଠାରୁ ମଦନପୁର ପର୍ଯ୍ୟନ୍ତ ରାସ୍ତାକୁ ଚଉଡ଼ା କରି ଉଭୟ ପାର୍ଶ୍ୱରେ ଲାଇଟ୍ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ମେଧାବୀ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାକୁ ହେଲେ ସେମାନେ ବହି କିଣି ପଢ଼ି ପରୀକ୍ଷା ଦେବା ସମ୍ଭବ ହୋଇପାରୁନି। ତେଣୁ ରାଜନଗରରେ ରିଡିରୁମ୍ ସହିତ ପାଠାଗାର ନିର୍ମାଣ କରାଯାଉ। ରାଜନଗରର ୮୦ ଭାଗ ଲୋକେ କୃଷି ଉପରେ ନିର୍ଭରଶୀଳ। ତେଣୁ କୃଷି ଓ କୃଷକର ବିକାଶ ପାଇଁ ରାଜନଗରରେ ଶୀତଳଭଣ୍ଡାର ନିର୍ମାଣ କରାଯାଉ। ପ୍ରସିଦ୍ଧ ଦଧିବାବନଜୀଉଙ୍କ ମନ୍ଦିର ରହିଛି। ତା'ର ବିକାଶ କରାଯାଉ। ରାଜନଗରକୁ ଏନଏସସି ଘୋଷଣା କରିବା ସହିତ ସଦର ମହକୁମାରେ ଡାକବଙ୍ଗଳା ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି।

## ଘରୁ ଠାକୁର କଂସା ବାସନ ଚୋରି ଘଟଣାରେ ୩ ଗିରଫ

ମହାକାଳପଡ଼ା,୨୬।୪(ସମିସ): ଘରେ କେହି ନ ଥିବା ସୁଯୋଗରେ ୩ ଯୁବକ ସିଡିଘର ସ୍କାଏ ଲାଇଟ୍ ଭାଙ୍ଗି ଘରୁ ଠାକୁରଙ୍କ ପିତ୍ତଳ କଂସା ବାସନ ଚୋରି କରିଥିଲେ। ଏହି ଘଟଣାରେ ଅଭିଯୋଗ ପରେ ମହାକାଳପଡ଼ା ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଉଡବାଡପୁର ଗ୍ରାମର ପ୍ରତାପ ମଲ୍ଲଙ୍କ ଘରୁ ଗତକାଲି ଦୁର୍ବୃତ୍ତମାନେ ଚୋରି କରିଥିବା ନେଇ ତାଙ୍କ ପୁଅ ବିକାଶ ମଲ୍ଲ ମହାକାଳପଡ଼ା ଥାନାରେ ଅଭିଯୋଗ କରିଥିଲେ। ବିକାଶ ପାରାଦୀପ ରେଳ ଷ୍ଟେସନରେ ଜଣେ ଲୋକୋ ପାଇଲଟ୍ ଭାବେ କାର୍ଯ୍ୟ କରୁଛନ୍ତି। ପରିବାର ସହ ସେ ପାରାଦୀପରେ ରହୁଛନ୍ତି। ତାଙ୍କ ଘର ବନ୍ଦ ରହିଥିବା ସୁଯୋଗ ନେଇ ଗତକାଲି ଅପରାହ୍ନ ୧ଟାରୁ ୨ଟା ମଧ୍ୟରେ ତାଙ୍କ ଘର ସ୍କାଏଲାଇଟ୍ ଭାଙ୍ଗି ଦୁର୍ବୃତ୍ତ ଠାକୁରଙ୍କ ମୂର୍ତ୍ତି ସମେତ ପିତ୍ତଳ ବାସନ ଓ ଗୋଟିଏ ଟେବୁଲ ଫ୍ୟାନ୍ ଚୋରି କରିନେଇଥିବା ବିକାଶ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏତଲା ଆଧାରରେ ମହାକାଳପଡ଼ା ପୁଲିସ ତଦନ୍ତ କରି ରବିବାର ସେହି ଗ୍ରାମର ସ୍ୱାଧୀନ ସେଠୀ, ଜଗନ ସେଠୀ ଓ ଗୋପାଳପୁର ଗ୍ରାମର ନଙ୍ଗୁଳି ପ୍ରଧାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଥାନା ଅଧିକାରୀ ମାନସ ମଲ୍ଲିକଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତ ଚୋରି ସାମଗ୍ରୀକୁ କେନାଲ ବ୍ରିଜ୍‌ଠାରେ ଥିବା ମାର୍ଶାଘାଇ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ଅରକ୍ଷିତ ଦାସ(୫୮) ନାମକ ଜଣେ କବାଡିଆ ଦୋକାନୀଙ୍କୁ ବିକ୍ରୟ କରି ତାଙ୍କଠାରୁ ୫,୫୦୦ ଟଙ୍କା ଆଣିଥିଲେ। ସେ ଟଙ୍କାକୁ ନିଜ ନିଜ ମଧ୍ୟରେ ବାଣ୍ଟି ନେଇଥିଲେ। ଚୋରି ହୋଇଥିବା ପିତ୍ତଳ ବାସନକୁ ସମ୍ପୃକ୍ତ ଦୋକାନୀଙ୍କଠାରୁ ଜବତ କରି ସାକ୍ଷୀଙ୍କ ଉପସ୍ଥିତିରେ ବିକାଶ ମଲ୍ଲଙ୍କୁ ହସ୍ତାନ୍ତର କରାଯାଇଛି।



## ଅଣ୍ଡରା ବନ୍ଦେ ମାତରମ ହାଇସ୍କୁଲରେ ଗୁରୁପୂଜନ



ପଟ୍ଟାମୁଣ୍ଡାଇ,୨୬।୪(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଣ୍ଡରା ବନ୍ଦେ ମାତରମ ହାଇସ୍କୁଲ ୨୦୦୧ ମ୍ୟାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଗୁରୁପୂଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ଚିତ୍ତରଞ୍ଜନ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଦାଶ, ନିମାଇଁ ମଲ୍ଲିକ, ବିଭୂତିଭୂଷଣ ମଲ୍ଲିକ, ସୁରେଶ ମିଶ୍ର, ଗୋବିନ୍ଦ ନାୟକ ତ୍ରୈଲୋକ୍ୟ ସ୍ୱାଇଁ, ପ୍ୟାରୀମୋହନ ଦାଶ, ଦଶରଥ ମଲ୍ଲିକ, ପତିତପାବନ ଦାସ, ନଟବର ମଲ୍ଲିକ, ପ୍ରସନ୍ନ ମହାନ୍ତି, ଚନ୍ଦନ ମହାନ୍ତି, କ୍ଷୀରୋଦା ମଲ୍ଲିକ, ମନୋରମା ମଲ୍ଲିକ, ବୈଜୟନ୍ତୀ ମଲ୍ଲିକ ଓ ବୁଦ୍ଧିମାନ ମଲ୍ଲିକ ପ୍ରମୁଖ ସହକାରୀ ଶିକ୍ଷକ ଯୋଗଦେଇ ସମଗ୍ର ଧୋୟାଞ୍ଚଳର ଏହି ଗାରିମାମୟ ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ପାଇଁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ରଛାତ୍ରୀ ଗୁରୁଙ୍କ ପାଦ ଧୋଇ ଫୁଲଚନ୍ଦନ ଲଗାଇ, ଉତ୍ତରୀୟ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ୫୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଚନ୍ଦ୍ରାବତୀ ଧଳଙ୍କ ଶ୍ରାଦ୍ଧବାର୍ଷିକୀ

ପଟ୍ଟାମୁଣ୍ଡାଇ,୨୬।୪(ସମିସ): ଅମୃତମଣୋହି ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଧର୍ମପ୍ରାଣା ଓ ପରୋପକାରୀ ମହିଳା ଚନ୍ଦ୍ରାବତୀ ଧଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ କୁଳମଣି ମଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ବିଧାୟକ କିଶୋର ତରାଇ, ପୂର୍ବତନ ସରପଞ୍ଚ କୁଳମଣି ମଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ଧ୍ରୁବ ଅନ୍ନପୂର୍ଣ୍ଣା ସେବା ଓ କଳା ପରିଷଦ ସଭାପତି ନଳିନୀକାନ୍ତ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଭଜନ ସମାରୋହରେ ପରିଷଦ ସଂଯୋଜକ କଣ୍ଠଶିଳ୍ପୀ ମାନଗୋବିନ୍ଦ ସ୍ୱାଇଁ, କଳାକାର ଭୋଳାନାଥ ମଲ୍ଲିକ, କୁଳମଣି ମଲିକ, ଅଲେଖ ଜେନା, ପ୍ରସନ୍ନ ମିଶ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ନ ଥିବା କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କ ବାର୍ତ୍ତା ପାଠ କରାଯାଇଥିଲା। ନେଉଳ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ରବୀନ୍ଦ୍ର ଧଳ, ରଶ୍ମୀକାନ୍ତ ଧଳ, ଅନ୍ନପୂର୍ଣ୍ଣା ଧଳ, ମହେଶ୍ୱର ଧଳ, ରମାକାନ୍ତ ଧଳ ପ୍ରମୁଖ ପରିଚାଳନା କରିଥିଲେ।



## ମା' କେନ୍ଦୁଖାଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ, ୨୬।୪(ସମିସ): ଜମଧର ପଞ୍ଚାୟତ ଅନ୍ତର୍ଗତ ଦୁହୁରିଆସ୍ଥ ମା' କେନ୍ଦୁଖାଇଙ୍କ ପୀଠରେ ମା'ଙ୍କ ୨୫ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ମା' କେନ୍ଦୁଖାଇ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ପକ୍ଷରୁ ଆୟୋଜିତ ଏହି ଯଜ୍ଞ ଆସନ୍ତା ମେ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଜି ଯଜ୍ଞର ଅଙ୍କୁରାରୋପଣ ହୋଇଥିବାବେଳେ ସୋମବର କଳସାଧିବାସ ଓ ଅଗ୍ନିସ୍ଥାପନ କରାଯାଇ ଯଜ୍ଞ କାର୍ଯ୍ୟର ଶୁଭାରମ୍ଭ ହେବ। ପ୍ରତ୍ୟେହ ସନ୍ଧ୍ୟାରେ ଯଜ୍ଞମଣ୍ଡପ ନିକଟରେ ଘୋଡ଼ାନାଚ, ପାଲା, ଗୀତିନାଟ୍ୟ ଓ ଆକାଶବାଣୀ କଣ୍ଠଶିଳ୍ପୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୁକ୍ରବାର ପୂର୍ଣ୍ଣାହୁତି ପରେ ଚରୁଅନ୍ନ ବଣ୍ଟନ କରାଯିବ।



## ମା' କନ୍ତେଇଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ

ଡେରାବିଶ,୨୬।୪(ସମିସ): ଡେରାବିଶ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ବାଙ୍କିମୁଣ୍ଡେଇସ୍ଥ ମା' କନ୍ତେଇଙ୍କ ପୀଠରେ ଅଞ୍ଚଳର ସର୍ବପୁରାତନ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜିତ ହୋଇଯାଇଛି। ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଯଜ୍ଞର ଆଜି ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ଏହି ଯଜ୍ଞ କାର୍ଯ୍ୟ ପରିଚାଳନରେ ଚାନ୍ଦୋଳ ଓ ପଲେଇ ପଞ୍ଚାୟତର ସମସ୍ତ ଗ୍ରାମର ଲୋକେ ସହାୟତା କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ଯଜ୍ଞମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ସହିଦ ବାସୁ-ବିଶୁନିଙ୍କ ୧୦୪ତମ ଆତ୍ମୋତ୍ସର୍ଗ ଦିବସ

# ପୀଠର ବିକାଶ ସହ ଜାତୀୟ ସ୍ମାରକୀ ଘୋଷଣା ଦାବି

ରାଜକନିକା,୨୬।୪(ସମିସ)



ଅତ୍ୟାଚାରୀ ରାଜଶାସନରେ ଅତିଷ୍ଠ କନିକାର ପ୍ରଜାକୁଳକୁ ମୁକ୍ତିର ମନ୍ତ୍ର ଦେଇ କ୍ରାନ୍ତିର ଆହ୍ୱାନ ତୋଳି ପ୍ରଜାମେଳିର ନେତୃତ୍ୱ ନେଇ ବ୍ରିଟିଶ ପୁଲିସ ଗୁଳିରେ ପ୍ରାଣବଳୀ ଦେଇଥିବା ସହିଦ ବାସୁ-ବିଶୁନିଙ୍କ ୧୦୪ତମ ଆତ୍ମୋତ୍ସର୍ଗ ଦିବସରେ କନିକାବାସୀଙ୍କ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କନିକା ସହିଦ ସ୍ମୃତି ସଂସଦ ସହିଦ ସରୋବର ତଟରେ କନିକା ପ୍ରଜା ଆନ୍ଦୋଳନର ଅତୀତର ପୃଷ୍ଠାକୁ ରୋମନ୍ଥନ କରିଛି। କନିକାର ଦୁଇ ଯୋଗଜନ୍ମା ସନ୍ତାନଙ୍କ ଆତ୍ମ ବଳିଦାନ ସମ୍ପର୍କରେ ଉତ୍ତରପିଢିକୁ ପ୍ରେରଣା ଦେଇ ନିଜ ବିପ୍ଳବୀ ମାନସିକତାକୁ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ଏହି ପୀଠକୁ ଏକ ପର୍ଯ୍ୟଟନ ସ୍ଥଳ ଭାବେ ଜାତୀୟ ମାନ୍ୟତା ଦାବି କରାଯାଇଛି। ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ ମୁଖ୍ୟଅତିଥି, ବିଡିଓ କୈଳାସ ମହାଳିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିପ୍ଳବୀ କନିକାର ବୀରତ୍ୱ, ଅସ୍ମିତାକୁ ଆଜି ଯାଏ ଉଜ୍ଜୀବିତ କରି ଆସିଥିବା ସଂସଦର ପ୍ରଶଂସା କରି ଏହି ପୀଠର ବିକାଶ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କନିକାର ମହାନ ଯୋଦ୍ଧାଙ୍କ ବଳିଦାନକୁ ମନେ ପକାଇ ବେବର୍ତ୍ତା ସହିଦ ସରୋବର ତଟରେ ଥିବା ସ୍ମୃତି ସ୍ତମ୍ଭରେ ତିଳତର୍ପଣ, ରାମଧୁନ କରାଯିବା ପରେ ପ୍ରଭାତଫେରୀ କରାଯାଇଥିଲା। କନିକା ସହିଦ ସ୍ମୃତି ସଂସଦ ପକ୍ଷରୁ ସଭାପତି ଦାମୋଦର ଧଳଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରାଜକନିକା ବ୍ଲକ ଅଧକ୍ଷା ମିନତୀ ରାଉତ ମୁଖ୍ୟଅତିଥି, ବିଡିଓ କୈଳାସ ମହାଳିକ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଅମିତା ସାହୁ, ଏବିଡିଓ ଅଜୟ ବେହେରା, ବ୍ଲକ କଂଗ୍ରେସ ସଭାପତି ପଙ୍କଜ ଦାସ, ପୂର୍ବତନ ସମ୍ପାଦକ କାଳୀପ୍ରସାଦ ନାୟକ, ସମାଜସେବୀ ପବିତ୍ର ରାଉତ, ନଳିନୀକାନ୍ତ ପୃଷ୍ଟି, ଆଇନଜୀବୀ କିରଣ ରାଉତ, ସଦସ୍ୟ ଗୁରୁଚରଣ ଭୂୟାଁ, ସୁରେଶ ମିଶ୍ର, ନଟବର ବିଶ୍ୱାଳ, ନବକିଶୋର ସୂତାର, ହରେକୃଷ୍ଣ ନାୟକ, ବିଦ୍ୟୁତପ୍ରଭା ବେହେରା, ଗୁରୁଚରଣ ବେହେରା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିବପ୍ରସାଦ ମଲ୍ଲିକ ଓ ଶୁଭ୍ରଜିତ ବିଶ୍ୱାଳଙ୍କ ନେତୃତ୍ୱରେ ନେତାଜୀ ବ୍ଲକ ତରାସର ସଦସ୍ୟ ବିଶାଳ ସାଇକଲ ଶୋଭାଯାତ୍ରାରେ ବିଭିନ୍ନ ଗାଁ ପରାକ୍ରମା କରି ସହିଦ ପୀଠରେ ପହଞ୍ଚିଥିଲେ। ସେହିପରି ମହାବୀର କ୍ଲବ ଝାଡ଼ମାଳର ସଦସ୍ୟ ବିଧାନ ଦାସଙ୍କ ନେତୃତ୍ୱରେ ରାଜକନିକା ସଦରରୁ ଏକ ଶୋଭାଯାତ୍ରା ଆସି ସହିଦ ପୀଠରେ ପୁଷ୍ପମାଲ୍ୟ ଦେଇ ସଲାମ କରିଥିଲେ। ରମାକାନ୍ତ ବେହେରା, ରଜତ ଦାଶ, ମଦନମୋହନ ସେଠୀ, ସ୍ୱରାଜ ଦାସ, ହରମୋହନ ରାୟ, ମହେଶ୍ୱର ସାହୁ, ବିବେକାନନ୍ଦ ବେହେରା, ବିଜୟ ବେହେରା ଓ ପ୍ରହଲ୍ଲାଦ ସାହୁ, ପ୍ୟାରୀମୋହନ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

୨୬/୪/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୫୬,୭୨୫/- ସୁନା:୦୯.୦୫୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





**ବିଦ୍ୟୁତ୍ ବିତରଣ ସେବା ବିପର୍ଯ୍ୟସ୍ତ**

# କୋର୍ଟକୁ ଯିବ ଅଟଳ ବିଚାର ମଞ୍ଚ

ପୁରୀ,୨୬।୪(ସମିସ)




ରାଜ୍ୟ ସରକାରଙ୍କ କିଛି ଭ୍ରଷ୍ଟାଚାରୀ କର୍ତ୍ତୃପକ୍ଷ ଅସଦ୍ ଉଦ୍ଦେଶ୍ୟ ରଖି ଟାଟା ବିଦ୍ୟୁତ୍ କମ୍ପାନୀ ସହିତ କରିଥିବା ପ୍ରବଞ୍ଚନାପୂର୍ଣ୍ଣ ଅସାମ୍ବିଧାନିକ ଚୁକ୍ତି ଦ୍ୱାରା ଓଡ଼ିଶାରେ ବିଦ୍ୟୁତ୍ ବିତରଣ ସେବା ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିସାରିଲାଣି। ସରକାର ନିରବଦ୍ରଷ୍ଟା ତଥା ସ୍ଥାଣୁ ପାଲଟି ଯାଇଛନ୍ତି। ଅପରପକ୍ଷେ ବିଦ୍ୟୁତ୍ ଉପଭୋକ୍ତା ତଥା ଜନସାଧାରଣଙ୍କ ପ୍ରଭୁତ କ୍ଷତି ଘଟୁଛି ବୋଲି କହିଛନ୍ତି ଅଟଳ ବିଚାର ମଞ୍ଚର ସଭାପତି ବିନୟ ନୃସିଂହ ମହାପାତ୍ର। ରବିବାର ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ମଞ୍ଚ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ଓଡ଼ିଶାରେ ବିଦ୍ୟୁତ୍ ବିତରଣ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନିର୍ଦ୍ଦିଷ୍ଟ ପ୍ରକଳ୍ପ ନିମିତ୍ତ ସରକାରୀ ଏବଂ ବେସରକାରୀ ସ୍ତରରେ କର୍ତ୍ତୃପକ୍ଷମାନଙ୍କ ଇଚ୍ଛାକୃତ ଏବଂ ପ୍ରବଞ୍ଚନାପୂର୍ଣ୍ଣ ନିଷ୍ପତ୍ତି ଦ୍ୱାରା ଉଦ୍ଦେଶ୍ୟମୂଳକ ସଂସ୍ଥା (ଏସ୍‌ପିଭି) ଟିପିସିଓଡିଏଲ୍‌ର ବେଆଇନ କାର୍ଯ୍ୟ କରିଆସୁଛନ୍ତି। ଏହି ବ୍ୟବସ୍ଥାରେ ରାଜ୍ୟ ସରକାରଙ୍କ ତରଫରୁ ଗ୍ରୀଡ୍‌କୋକୁ ୪୯ ପ୍ରତିଶତ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ଟାଟା ପାୱାର ବିଦ୍ୟୁତ୍ କମ୍ପାନୀକୁ ୫୧ ପ୍ରତିଶତ ଅଂଶଧନ ଦିଆଯାଇଛି। ଅଟଳ ବିହାରୀ ମଞ୍ଚ ପକ୍ଷରୁ ଓଡ଼ିଶା ବିଦ୍ୟୁତ୍ ସଂସ୍କାର ଆଇନ ୧୯୯୫ ଅନ୍ତର୍ଗତ ବୈଧାନିକ ବ୍ୟବସ୍ଥାର ପ୍ରକୃତ ଉଦ୍ଦେଶ୍ୟ ଓ ମୂଳ ଲକ୍ଷ୍ୟ ହାସଲ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ରାଜ୍ୟ ଶକ୍ତି ମନ୍ତ୍ରୀଙ୍କୁ ପିଟିସନ ଦିଆଯାଇଥିଲା। କିନ୍ତୁ ଏହା ମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ମଞ୍ଚ ଶେଷରେ ବାଧ୍ୟ ହୋଇ କୋର୍ଟଙ୍କ ଆଶ୍ରୟ ନେବ ବୋଲି ସଭାପତି ଶ୍ରୀ ମହାପାତ୍ର କହିଛନ୍ତି। ୨୦୨୦ ଜୁନ୍ ୧ ତାରିଖରେ ଓଡ଼ିଶା ସରକାର ଓ ଟିପିସିଓଡିଏଲ୍ ମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ, ବିତରଣ ଓ ସଞ୍ଚାରଣ ପାଇଁ ହୋଇଥିବା ଚୁକ୍ତିନାମା ବାତିଲ୍ ପାଇଁ ଅଟଳ ବିହାରୀ ମଞ୍ଚ ଦାବି କରିଛି।

ବିଦ୍ୟୁତ୍ ଅଧିନିୟମ ୨୦୦୩ର ଧାରା ୧୭୩ ଓ ୧୭୪ ଅନୁଯାୟୀ ରାଜ୍ୟ ସରକାର ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ୫୧ ପ୍ରତିଶତ ଅଂଶଧନ ନିଜ ପାଖରେ ରଖିଲେ ହିଁ ଜନସାଧାରଣ ପ୍ରକୃତ ସେବା ପାଇପାରିବେ। ପୂର୍ବ ଚୁକ୍ତିଗୁଡ଼ିକ ତୁରନ୍ତ ରଦ୍ଦ କରା ନ ଗଲେ ଏବଂ ବିଦ୍ୟୁତ୍ ଅଧିନିୟମ ୨୦୦୩ ଅନୁଯାୟୀ ଲାଇସେନ୍ସ ପ୍ରତ୍ୟାହାର ନ ହେଲେ ଉପଭୋକ୍ତାଙ୍କ ସ୍ୱାର୍ଥ ବାଧାପ୍ରାପ୍ତ ହେବ ଏବଂ ସରକାରଙ୍କ ବିରୁଦ୍ଧରେ ଜନ ଅସନ୍ତୋଷ ବଢ଼ିବ ବୋଲି ମଞ୍ଚ କହିଛି।

## କୁନି ହାତରେ ଆଙ୍କିଲେ ମହାପ୍ରଭୁଙ୍କ ଚିତ୍ର

● ଭାଗ ନେଲେ ୪୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ



ପୁରୀ,୨୬।୪(ସମିସ): ଶ୍ରୀଜଗନ୍ନାଥ ଭକ୍ତ ସମାଜ ପୁରୀ ତରଫରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐତିହ୍ୟ, ପରମ୍ପରା, ନୀତିକାନ୍ତି ଓ ପର୍ବପର୍ବାଣି ସମ୍ବନ୍ଧରେ ଶିଶୁମାନଙ୍କୁ ଅବଗତ କରାଇବା ପାଇଁ ଦାମୋଦର ରୋଡ୍‌ସ୍ଥିତ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଅନୁଷ୍ଠାନର ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପୁରୀର ପ୍ରାୟ ପ୍ରତ୍ୟେକ ବିଦ୍ୟାଳୟରୁ ଅର୍ଥାତ୍ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୁନି କୁନି ହାତରେ ପିଲାମାନେ ମହାପ୍ରଭୁଙ୍କ ଚିତ୍ର ଅଙ୍କନ କରିଥିବାବେଳେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀମନ୍ଦିର ବିଷୟ ପ୍ରବନ୍ଧ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ ଓ ଯୋଗ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଅନୁଷ୍ଠାନର ମାର୍ଗଦର୍ଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉତ୍କଳ ବିଦ୍ୱତ୍ ପରିଷଦର ସଭାପତି ଡ. ମନୋଜ କୁମାର ରଥ, ସମାଜସେବୀ ଚକ୍ରଧର ମହାପାତ୍ର, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଫାଦର ବାପ୍ଟିଷ୍ଟ ଡିସୋଜା, ଫାଦର ବୁଲୁ ବୀରେନ୍ଦ୍ର କୁଜୁର, ବିଜୟ କୁମାର ବ୍ରହ୍ମା, କୃଷ୍ଣପ୍ରିୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ସାହିତ୍ୟିକ ଶିବ ସୁନ୍ଦର ମିଶ୍ର, ଶିକ୍ଷାବିତ୍ ରେଣୁକା ମିଶ୍ର, ବିଜୟ କୁମାର ପଣ୍ଡା, ସଂଘମିତ୍ରା ଦାଶ, ଶିବପ୍ରସାଦ ମହାରଣା, ଧନଞ୍ଜୟ ଦାସ, ଯୋଗଗୁରୁ ରମାବଲ୍ଲଭ ମହାପାତ୍ର, ଡ. ଆଲୋକ କୁମାର ସ୍ୱାଇଁ ଏବଂ ବିଥିକା ମହାନ୍ତି ଯୋଗଦେଇଥିଲେ। ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ, ଡ. ପ୍ରଦୀପ ଆଚାର୍ଯ୍ୟ, ସଂଯୁକ୍ତା ମହାପାତ୍ର, ଡ. ସ୍ନେହଲତା ମହାପାତ୍ର, ରଶ୍ମି ରଞ୍ଜନ ଶତପଥୀ, ଓମ୍ ପ୍ରଧାନ, ରଶ୍ମିତା ସାହୁ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ସମ୍ପାଦକ ଡ. ଶଶିକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

● ପ୍ରସ୍ତାବିତ ପୁରୀ ବିମାନବନ୍ଦର

## ହାଇଟ୍ କ୍ଲିୟରାନ୍ସ ପ୍ରସଙ୍ଗରେ ପ୍ରସ୍ତାବ ଆହ୍ୱାନ

ପୁରୀ,୨୬।୪(ସମିସ): ପୁରୀରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ନିମନ୍ତେ ସରକାରୀ ତତ୍ପରତା ପ୍ରକାଶ ପାଇଛି। ହାଇଟ୍ କ୍ଲିୟରାନ୍ସ କ୍ଷେତ୍ରରେ ଅନୁଧ୍ୟାନ କରିବା ନିମନ୍ତେ ପ୍ରସ୍ତାବ ଆହ୍ୱାନ କରିଛନ୍ତି ସରକାର। ଓଡ଼ିଆ ସ୍ପେସ୍ ଆପ୍ଲିକେସନ ସେଣ୍ଟର (ଓଆର୍‌ଏସ୍‌ଏସି) ସହ ଅନୁବନ୍ଧିତ ଡିଜିପିଏସ୍ ଇଟିଏସ୍ ସର୍ଭେ କରୁଥିବା ସଂସ୍ଥାକୁ ଏହି ପ୍ରକ୍ରିୟାରେ ଭାଗ ନେବାକୁ ଆହ୍ୱାନ କରାଯାଇଛି। ପୁରୀ, ଭୁବନେଶ୍ୱର ଓ କଟକରେ ଅଫିସ୍ ଥିବା ସଂସ୍ଥା ହାଇଟ୍ କ୍ଲିୟରାନ୍ସ ପ୍ରସଙ୍ଗରେ ପ୍ରସ୍ତାବ ଦେଇପାରିବେ ବୋଲି ଜଣାପଡ଼ିଛି। ଆସନ୍ତା ମେ' ୮ ତାରିଖ ସୁଦ୍ଧା ପ୍ରସ୍ତାବ ଉପରେ ଚୂଡ଼ାନ୍ତ ପଦକ୍ଷେପ ନିଆଯିବ। ରାଜ୍ୟ ବିମାନ ଚଳାଚଳ, ବାଣିଜ୍ୟ ଓ ପରିବହନ ବିଭାଗ ନିର୍ଦ୍ଦେଶକ ଏହି ପ୍ରସ୍ତାବ ଆହ୍ୱାନ କରିଛନ୍ତି। ଏଥିରେ ଭାଗନେଉଥିବା ବିଡରମାନେ ଚଳିତ ମାସ ୧୯ ତାରିଖ ପରଠାରୁ ଫିଲ୍ଡ ଭିଜିଟ୍ କରିବାକୁ ମଧ୍ୟ ଆହ୍ୱାନ ଦିଆଯାଇଛି। ପୁରୀ ସହର ନିକଟ ଶିପସରୁବାଲି ମୌଜାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଜଙ୍ଗଲ ଜମି ବ୍ୟବହାର ନିମନ୍ତେ ନୀତିଗତ (ଷ୍ଟେଜ୍-୧) ମଞ୍ଜୁରୀ ପ୍ରଦାନ କରାଯାଇଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଚଳିତ ମାସ ୧ ତାରିଖରେ ଏନେଇ କେନ୍ଦ୍ର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ରାଜ୍ୟ ବିଭାଗୀୟ ପ୍ରମୁଖ ସଚିବଙ୍କୁ ଚିଠି ଲେଖି ସୂଚିତ କରିଥିଲା। ଏନେଇ ସ୍ପଷ୍ଟ କରିବା ପରେ ପରବର୍ତ୍ତୀ ଷ୍ଟେଜ୍-୨ ବା ଚୂଡ଼ାନ୍ତ ପ୍ରକ୍ରିୟା ନିମନ୍ତେ ଅନୁମତି ମିଳିତ ଓ କାମ ଆଗେଇ ପାରିବ। ବିମାନବନ୍ଦର ପ୍ରତିଷ୍ଠା ହେବା ଦ୍ୱାରା ପୁରୀ ଅଞ୍ଚଳରେ ଧାର୍ମିକ, ପର୍ଯ୍ୟଟନ ଓ ଆଞ୍ଚଳିକ ବିକାଶ ହେବ ବୋଲି ପ୍ରଶାସନ ଆଶା ରଖିଛି।

## ମେ' ୪ରେ ଜିଲ୍ଲାସ୍ତରୀୟ ସନ୍ତରଣ ଟାଇମ୍ ଟ୍ରାଏଲ୍

ପୁରୀ,୨୬।୪(ସମିସ): ଆସନ୍ତା ମେ' ୪ ତାରିଖରେ ପୁରୀ ଜିଲ୍ଲାସ୍ତରୀୟ ମହିଳା ଏବଂ ପୁରୁଷ ବର୍ଗର ସନ୍ତରଣ ଟାଇମ୍ ଟ୍ରାଏଲ୍ ଅନୁଷ୍ଠିତ ହେବ। ଏହି ଟାଇମ୍ ଟ୍ରାଏଲ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ସ୍ଥିତ ସନ୍ତରଣାଗାରଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆକ୍ୱାଟିକ୍ ସଂଘ ପକ୍ଷରୁ ସୂଚନା ମିଳିଛି। ୧୪ ବର୍ଷରୁ ଊର୍ଦ୍ଧ୍ୱ ଇଚ୍ଛୁକ ପ୍ରତିଯୋଗୀମାନେ ଆସନ୍ତା ୩୦ ତାରିଖ ମଧ୍ୟରେ ନିଜର ସର୍ବଭାରତୀୟ ସନ୍ତରଣ ପରିଚୟପତ୍ର କିମ୍ବା ଜନ୍ମ ପ୍ରମାଣପତ୍ର ସହ ଆଧାର କାର୍ଡ ଦେଇ ସନ୍ତରଣାଗାରଠାରେ ସ୍ୱତନ୍ତ୍ର ଫର୍ମ ପୂରଣ କରି ଭାଗ ନେଇପାରିବେ। ଏଥି ନିମିତ୍ତ ଭାରତୀୟ ସନ୍ତରଣ ମହାସଂଘ ତରଫରୁ ସନ୍ତରଣବିତ୍ ପରିଚୟ ପତ୍ର ହାସଲ କରିବା ବାଧ୍ୟତାମୂଳକ ଭାବେ ଲାଗୁ କରାଯାଇଛି। ଏହି ସନ୍ତରଣ ଟାଇମ୍ ଟ୍ରାଏଲ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରୁଥିବା ସନ୍ତରଣବିତ୍‌ମାନଙ୍କୁ ଆସନ୍ତା ମେ' ୧୬ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟସ୍ତରୀୟ ମହିଳା ଏବଂ ପୁରୁଷ ବର୍ଗର ସନ୍ତରଣ ପ୍ରତିଯୋଗିତା ଲାଗି ମନୋନୟନ କରାଯିବାକୁ ବ୍ୟବସ୍ଥା ରହିଛି ବୋଲି ପ୍ରତିଯୋଗିତା ଆୟୋଜକ ସମ୍ପାଦକ ଅରୁଣ ରଥ ଅନୁଷ୍ଠାନ ପକ୍ଷରୁ ସୂଚନା ଦେଇଛନ୍ତି।

● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

## ପ୍ରତିବାଦ ପଦଯାତ୍ରାକୁ ୨୬ ଦିନ



ପୁରୀ,୨୬।୪(ସମିସ): ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। କିନ୍ତୁ ଶୁଣୁନାହାନ୍ତି ସରକାର କି ଜିଲ୍ଲା ପ୍ରଶାସନ। ହେଲେ ପୁରୀବାସୀ ସେମାନଙ୍କ ଲକ୍ଷ୍ୟ ହାସଲ ଜିଦ୍‌ରେ ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଏଥିପାଇଁ ଗଠିତ ମଞ୍ଚ ପକ୍ଷରୁ ଏପ୍ରିଲ ପହିଲାରୁ ଆରମ୍ଭ କରାଯାଇଥିବା ପଦଯାତ୍ରା ରବିବାର ୨୬ ଦିନରେ ପହଞ୍ଚିଛି। ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ପଦଯାତ୍ରୀମାନେ ବଡ଼ଦାଣ୍ଡରେ ସ୍ଲୋଗାନ ଦେଇ ନିଜ ହକ୍ ଦାବି କରିଥିଲେ। ଆବାହକ ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ସର୍ବଶ୍ରୀ ଚକ୍ରଧର ମହାପାତ୍ର, ହରିଶଙ୍କର ମିଶ୍ର, ବିଜୟ ମିଶ୍ର, ସୁକାନ୍ତ ପଣ୍ଡା, ବିଶ୍ୱନାଥ ବେହେରା, ସୂର୍ଯ୍ୟ ରଥ, ସବିତା ବିଶ୍ୱାଳ, ବନିତା ଦୀକ୍ଷିତ୍, ମମତା ଦାସ, ବିଶ୍ୱନାଥ ମିଶ୍ର, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ସନ୍ତୋଷ ସେନାପତି, ବାସୁଦେବ ଲେଙ୍କା, ପବିତ୍ର ଭଞ୍ଜ, ମନୋଜ ସାମଲ, ସନ୍ତୋଷ ସେନାପତି, ଯାଦବାନନ୍ଦ ରାୟ, ପ୍ରଣତୀ ରାୟ, ପବିତ୍ର ମହାରଣା, ଜୟନ୍ତ ସାହୁ, ମନୋରଞ୍ଜନ ରଣସିଂହ ଓ ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

'ଭାବ ଭକ୍ତିରେ ଶ୍ରୀଜଗନ୍ନାଥ' ଅନୁଭୂତି ଆସର

## ଶ୍ରୀଜଗନ୍ନାଥ ହିଁ ବିଶ୍ୱର ଶ୍ରେଷ୍ଠ ନ୍ୟାୟପାଳିକା

ପୁରୀ,୨୬।୪(ସମିସ)

ଭକ୍ତି ସାହିତ୍ୟ ସଂସଦ ପକ୍ଷରୁ ଭାବଭକ୍ତିର କଥା ଓ ଗାଥାକୁ ଆଧାର କରି ଶ୍ରୀଜଗନ୍ନାଥଙ୍କ ଏକ ଅନୁଭବ ଆଉ ଅନୁଭୂତିକୁ ନେଇ ମନୋଜ୍ଞ ଆସର ଯୁଥି ହଷ୍ଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ମହିମା ଓ ଅନୁଭବ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ମଣ୍ଡଳ ବିକ୍ରିକର ଯୁଗ୍ମ କମିଶନର ଡ. ପଦ୍ମଲୋଚନ ରାଉତ ଓ ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ, ବରିଷ୍ଠ ସେବାୟତ ଶରତ ଚନ୍ଦ୍ର ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ଗୋଛିକାର ପ୍ରମୁଖ ଯୋଗଦେଇ ଶ୍ରୀଜଗନ୍ନାଥ ହିଁ ପରମ ସତ୍ୟ ଓ ପରମ ଭାଗବତ ବୋଲି ମତବ୍ୟକ୍ତ କରିବା ସହ ଶ୍ରୀଜଗନ୍ନାଥ ଚେତନାରେ ବିବିଧ ଦେବଦେବୀ ଯଥା ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀନୃସିଂହ, ଶ୍ରୀଗଣେଶ ଓ ମହାବୀର ଉପାସନା କରାଯାଏ। ଶ୍ରୀଜଗନ୍ନାଥ ହିଁ ବିଶ୍ୱର ଶ୍ରେଷ୍ଠ ନ୍ୟାୟପାଳିକା। ତାଙ୍କ ପାଖରେ କାୟ, ମନ, ବାକ୍ୟରେ ସମର୍ପିତ ହେବା ଜୀବର ପରମ ଧର୍ମ। ସେ ଭକ୍ତି ଦ୍ୱାରା ତାଙ୍କର ସମର୍ପିତ ଭକ୍ତମାନଙ୍କୁ ବିଭିନ୍ନ ଅନୁଭବ ଦ୍ୱାରା ତାଙ୍କର ଉପସ୍ଥିତି ସୂଚେଇ ଦିଅନ୍ତି। ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ରାୟ ରାମାନନ୍ଦ, କବୀର, ନାନକ, ତୁଳସୀ ଦାସ, ଶ୍ରୀଚୈତନ୍ୟ ପ୍ରମୁଖ ତାଙ୍କ ସତ୍ତାକୁ ଉପଲବ୍ଧି କରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଭାପତି ତଥା ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା ଡ. କଲ୍ୟାଣୀ ଶତପଥୀ କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ। ଏଥିରେ ନିର୍ମଳା ଫତେସିଂ, ପଣ୍ଡିତ ବାଣୀଭୂଷଣ ଶାସ୍ତ୍ରୀ, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ମହେନ୍ଦ୍ର କୁମାର ଦାଶ, କଳ୍ପନା ମିଶ୍ର, ଆରତୀ ସେନ୍, ସର୍ବାଣୀ ଦାସଙ୍କ ସମେତ ବହୁ କବି, ସାହିତ୍ୟିକ, ସଂଗଠକ, ଗବେଷକ ଯୋଗଦେଇ ଅନୁଭବ ଆଉ ଅନୁଭୂତି ପ୍ରକାଶ କରିଥିଲେ। ଅନୁଭୂତି ପ୍ରକାଶ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ଡ. ବିଶ୍ୱରଞ୍ଜନ ପତି, ହୃଷୀକେଶ ଶତପଥୀ, କ୍ରିଷ୍ଣା ମହାପାତ୍ର, ମନୋରମା ସାହାଣୀ, ଜ୍ୟୋତ୍ସ୍ନା ପ୍ରଧାନ, ଆଲୋକ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଡ. ପ୍ରମୋଦ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରାଣୀ ପାଳକଙ୍କ ପାଇଁ ସଚେତନତା ଶିବିର

## ରୋଗକୁ ଆରମ୍ଭରୁ ଚିକିତ୍ସା ଲାଗି ପରାମର୍ଶ

ପୁରୀ,୨୬।୪(ସମିସ): ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ପର୍କ' ତରଫରୁ ପୁରୀ ଜିଲ୍ଲା ବ୍ରହ୍ମଗିରିସ୍ଥିତ ଗିରଳ ଅଞ୍ଚଳରେ ପ୍ରାଣୀ ପାଳକମାନଙ୍କ ପାଇଁ ଏକ ସଚେତନତା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିବସର ମୂଳ ଉଦ୍ଦେଶ୍ୟ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସେମାନଙ୍କ ପ୍ରତି ମାନବୀୟ ଦୃଷ୍ଟିଭଙ୍ଗୀ ବୃଦ୍ଧି କରିବା ରହିଥିବାବେଳେ ସମ୍ପର୍କ ପକ୍ଷରୁ ଏହି ଦିନଟିକୁ ସାର୍ଥକ କରିବା ପାଇଁ ଗ୍ରାମାଞ୍ଚଳର ପ୍ରାଣୀ ପାଳକମାନଙ୍କ ମଧ୍ୟରେ ସଚେତନତା ପ୍ରସାର କରାଯାଇଛି।

ଏହି ଅବସରରେ ସଂଗଠନର ସଦସ୍ୟମାନେ ଗ୍ରାମର ବିଭିନ୍ନ ପ୍ରାଣୀ ପାଳକଙ୍କ ଘରକୁ ଯାଇ ଗାଈ, ମହିଷି, ଛେଳି, ମେଣ୍ଢା ଓ ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ, ପୌଷ୍ଟିକ ଖାଦ୍ୟ, ପରିଷ୍କାର ପରିବେଶ ଏବଂ ସମୟୋପଯୋଗୀ ଚିକିତ୍ସାର ଆବଶ୍ୟକତା ବିଷୟରେ ଜଣାଇଥିଲେ। ପ୍ରାଣୀମାନଙ୍କ ରୋଗକୁ ଅବହେଳା ନ କରି ଆରମ୍ଭରୁ ଚିକିତ୍ସା କରାଇବା ଦ୍ୱାରା ବଡ଼ କ୍ଷତିକୁ ରୋକାଯାଇପାରିବ ବୋଲି ସେମାନେ ପ୍ରାଣୀ ପାଳକମାନଙ୍କୁ ପରାମର୍ଶ ଦେଇଥିଲେ। ବିଶେଷତଃ ଗ୍ରାମାଞ୍ଚଳରେ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀରେ ଉପଲବ୍ଧ ନିମ୍ବ, ତୁଳସୀ, ହଳଦୀ, ରସୁଣ, ଗୁଆଁ ଗଛ ପତ୍ର ଓ ଅନ୍ୟାନ୍ୟ ଔଷଧୀୟ ଗଛପତ୍ର ମାଧ୍ୟମରେ ପ୍ରାଣୀମାନଙ୍କ ପ୍ରାଥମିକ ଯତ୍ନ କିପରି ନିଆଯାଇପାରିବ ସେ ନେଇ ପ୍ରାୟୋଗିକ ଭାବରେ ସଚେତନ କରାଯାଇଥିଲା। ସ୍ଥାନୀୟ ସମ୍ପଦକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ପ୍ରାଣୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷା କରିବାର ଉପାୟ ସମ୍ପର୍କରେ ଗ୍ରାମବାସୀମାନେ ଆଗ୍ରହର ସହିତ ଅବଗତ ହୋଇଥିଲେ। ପ୍ରାଣୀ ଚିକିତ୍ସକ ଡା. କମଲେଶ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ସେ ପ୍ରାଣୀମାନଙ୍କ ମଧ୍ୟରେ ସାଧାରଣତଃ ଦେଖାଯାଉଥିବା ରୋଗ, ସେଗୁଡ଼ିକର ଲକ୍ଷଣ ଏବଂ ସମୟରେ ଚିକିତ୍ସାର ଗୁରୁତ୍ୱ ବିଷୟରେ ଗ୍ରାମବାସୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ପ୍ରାଣୀମାନଙ୍କ ସୁସ୍ଥତା ସିଧାସଳଖ ଭାବେ ପରିବାରର ଆର୍ଥିକ ସ୍ଥିତି ସହ ଜଡ଼ିତ ଥିବାରୁ ପ୍ରାଣୀ ଚିକିତ୍ସାକୁ ଅବହେଳା କରିବା ଉଚିତ୍ ନୁହେଁ ବୋଲି ସେ କହିଥିଲେ। 'ସମ୍ପର୍କ'ର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କହିଥିଲେ ଯେ, ପ୍ରାଣୀ ସୁରକ୍ଷା, ଗ୍ରାମୀଣ ସଚେତନତା, ଯୁବ ସଶକ୍ତୀକରଣ ଓ ସାମାଜିକ ବିକାଶ କ୍ଷେତ୍ରରେ ସଂଗଠନ ଆଗାମୀ ଦିନରେ ମଧ୍ୟ ଏଭଳି ସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିବ। ଏହି ସଚେତନତା ଶିବିରରେ ତପନ ଲେଙ୍କା, ଶୁଭ ପ୍ରସାଦ ଶର୍ମା ଏବଂ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ।




## ନିଜ ଜମିକୁ ଗଲେ ହେଉଛି ଆକ୍ରମଣ !

ପୁରୀ,୨୬।୪(ସମିସ): ନିଜ ବଗାୟତ (ଜମି)କୁ ଗଲେ ପଡ଼ୋଶୀ ଆକ୍ରମଣ କରୁଛନ୍ତି। ଖରାପ ଭାଷାରେ ଗାଳିମନ୍ଦ କରିବା ସହ ଗୋଡ଼ହାତ ଭାଙ୍ଗିଦେବେ ବୋଲି ଧମକ ଦେଉଛନ୍ତି। ଏ ନେଇ ଏକାଧିକଥର ଚନ୍ଦନପୁର ଥାନାରେ ଅଭିଯୋଗ କଲେଣି ପୁରୀ ଗୁଣ୍ଡିଚା ବିହାରରେ ରହୁଥିବା ତନ୍ମୟ କୁମାର ଦାଶ। ହେଲେ ପୁଲିସ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସେ ଅଧିକ ସାହସ ପାଇଛନ୍ତି। ଫଳରେ ତାଙ୍କ ସ୍ତ୍ରୀ ତନ୍ମୟଙ୍କୁ ଧକ୍କା ମାରିଥିବା ଅଭିଯୋଗ ହୋଇଛି। ଚନ୍ଦନପୁର ଥାନାରେ ଗତ ୧୧ ତାରିଖରେ ତନ୍ମୟ ଦେଇଥିବା ଅଭିଯୋଗ ଅନୁଯାୟୀ, ସେ ଗତ ୧୦ ତାରିଖରେ ତାଙ୍କ ଗ୍ରାମ ବିଜୟ ରାମଚନ୍ଦ୍ରପୁରସ୍ଥିତ ତାଙ୍କ ବଗାୟତକୁ ପଣସ ଆଣିବାକୁ ଯାଇଥିଲେ। ହେଲେ ନିକଟସ୍ଥ ପଡ଼ୋଶୀ ତାଙ୍କୁ ବଗାୟତଙ୍କୁ ପ୍ରବେଶ କରିବାକୁ ବାରଣ କରିଥିଲେ। କେସ୍ କମ୍ପ୍ରମାଇଜ୍ ସରୁ, ନଚେତ୍ ବଗାୟତକୁ ପଶିଲେ ଗୋଡ଼ ଭାଙ୍ଗି ଦେବେ ବୋଲି କହିଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀ ଆସି ତନ୍ମୟଙ୍କୁ ଧକ୍କା ଦେଇଥିଲେ। ଏପରିକି ଏକ ମହିଳା କେସ୍ କରିବେ ବୋଲି ଧମକ ଦେଇଥିଲେ। ଅପରାହ୍ଣ ୪ଟାରେ ଗାଁ ଦାଣ୍ଡରେ ଏହି ଘଟଣା ଘଟିଥିଲାବେଳେ ଅନ୍ୟମାନେ ମଧ୍ୟ ଦେଖିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କ ଘରର ସିସିଟିଭି ଫୁଟେଜକୁ ଅନୁସନ୍ଧାନ କରାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସକୁ ଅନୁରୋଧ କରିଛନ୍ତି ତନ୍ମୟ। ଏ ସମ୍ପର୍କରେ ଚନ୍ଦନପୁର ଆଇଆଇସି କହିଛନ୍ତି, ଉଭୟ ପରିବାର ମଧ୍ୟରେ ଜମିଜମାକୁ ନେଇ ବିବାଦ ରହିଛି। ତଥାପି ଅଭିଯୋଗ ଆଧାରରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

**ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସକୁ ଗୁହାରି**

■ ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

## ବୁଦ୍ଧିଷ୍ଟ ତାଏକ୍ୱୋଣ୍ଡୋ ଏକାଡେମୀ ଚାମ୍ପିଅନ

ପୁରୀ,୨୬।୪(ସମିସ): ମୋଚିସାହିସ୍ଥିତ କଲ୍ୟାଣ ମଣ୍ଡପରେ ଚାଲିଥିବା ଦୁଇଦିନିଆ ୧୯ତମ କିରୋଗୀ ଓ ୧୧ତମ ପୁମ୍‌ସୀ ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ତାଏକ୍ୱୋଣ୍ଡୋ ଆସୋସିଏସନ ଅଫ୍ ପୁରୀ ଓ ଦି ସ୍କୁଲ ଅଫ୍ ତାଏକ୍ୱୋଣ୍ଡୋର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୪୮ ଜଣ ବାଳକ ଓ ୧୦୫ ଜଣ ବାଳିକା ସମୁଦାୟ ୨୫୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୧୦ଟି ଟ୍ରେନିଂରୁ ୨୫୩ଜଣ ବାଳକ ଓ ବାଳିକା ପୁମ୍‌ସୀ ଓ କିରୋଗୀ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଶେଷ ଦିବସରେ କିରୋଗୀ ଓ ପୁମ୍‌ସୀ ଉଭୟ ଇଭେଣ୍ଟରେ ବୁଦ୍ଧିଷ୍ଟ ତାଏକ୍ୱୋଣ୍ଡୋ ଏକାଡେମୀ ବିଜେତା ଟ୍ରଫି ହାସଲ କରିଥିବାବେଳେ କିରୋଗୀ ଇଭେଣ୍ଟରେ ଶ୍ରୀକ୍ଷେତ୍ର ତାଏକ୍ୱୋଣ୍ଡୋ ସ୍କୁଲ ପ୍ରଥମ ଉପବିଜେତା ଓ ଦି ସ୍କୁଲ ଅଫ୍ ତାଏକ୍ୱୋଣ୍ଡୋ ଦ୍ୱିତୀୟ ଏବଂ ପୁମ୍‌ସୀ ଇଭେଣ୍ଟରେ ପ୍ରଥମ ଉପବିଜେତା ପିପିଲି ତାଏକ୍ୱୋଣ୍ଡୋ ଏକାଡେମୀ ଓ ଦ୍ୱିତୀୟ ଉପବିଜେତା ଭାବେ ହାନା ତାଏକ୍ୱୋଣ୍ଡୋ ଏକାଡେମୀ ଟ୍ରଫି ହାସିଲ୍ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସଂଘର ସଭାପତି ବ୍ୟୋମକେଶ ଅଭିଳାଷ ପ୍ରସାଦ, ଜିଲ୍ଲା ସଭାପତି ଅଜୟ କୁମାର ସାହୁ ରେଫରୀମାନଙ୍କୁ ମାନପତ୍ର ପ୍ରଦାନ କରିବା ସହ ବିଜେତା ଖେଳାଳିମାନଙ୍କୁ ପଦକ ବିତରଣ କରିଥିଲେ। ସର୍ବଶେଷରେ ଅନ୍ତର୍ଜାତୀୟ ତାଏକ୍ୱୋଣ୍ଡୋ ମାଷ୍ଟର ମନମୋହନ ଭଞ୍ଜ ସମସ୍ତଙ୍କ ସହଯୋଗ ଓ ପ୍ରତିଯୋଗିତା ସଫଳ ପାଇଁ ଧନ୍ୟବାଦ ଦେଇଥିଲେ।




ଶ୍ରୀପାଦ ରାମଦାସ ବାବାଜୀଙ୍କ ୧୫୦ ବର୍ଷ ଜନ୍ମ ପୂର୍ତ୍ତି ଉତ୍ସବ

## 'ଶ୍ରୀପାଦଙ୍କ ସଂକୀର୍ତ୍ତନରେ ଥିଲା ଈଶ୍ୱରୀୟ ଅନୁଭୂତି'

ପୁରୀ,୨୬।୪(ସମିସ): ଶ୍ରୀପାଦ ରାମଦାସ ବାବାଜୀ ମହାରାଜ ଥିଲେ ଆଧ୍ୟାତ୍ମିକ ଚେତନାର ଏକ ମହାନ ଉତ୍ସ, ଯାହାଙ୍କର ଜୀବନାଦର୍ଶ ଯୁବ ସମାଜକୁ ପ୍ରଭାବିତ କରିଥିଲା। କଠୋର ସାଧନା ଓ ନିଷ୍ଠା ଥିଲା ତାଙ୍କ ଜୀବନର ବ୍ରତ। ତାଙ୍କର ଏହି ମହାନ୍ ଆଦର୍ଶ ଦ୍ୱାରା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଦେଶବନ୍ଧୁ ଚିତ୍ତରଞ୍ଜନ ପ୍ରଭାବିତ ହୋଇଥିଲେ। ଅତି ମେଧାବୀ ଛାତ୍ର ଥିବା ଶ୍ରୀପାଦ ରାମଦାସ ପିଲାବେଳୁ ଭାରତର ଅଦ୍ୱିତୀୟ ମହାପୁରୁଷ ଶ୍ରୀ ଶ୍ରୀ ଜଗଦବନ୍ଧୁ ସୁନ୍ଦରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ। ପରିଶେଷରେ ବୈଷ୍ଣବ ଚୂଡ଼ାମଣି ଶ୍ରୀଶ୍ରୀ ରାଧା ରମଣ ଦେବଙ୍କଠାରୁ ଦୀକ୍ଷାପ୍ରାପ୍ତ ହୋଇ ଜଗତରେ ଶ୍ରୀ ନାମ ପ୍ରଚାରରେ ବ୍ରତୀ ହୋଇଥିଲେ। ଶ୍ରୀକ୍ଷେତ୍ର ସହିତ ତାଙ୍କ ସମ୍ପର୍କ ଥିଲା ଅତି ନିବିଡ଼। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପରେ ଶ୍ରୀଜଗନ୍ନାଥଙ୍କ ଅନେକ ବୈଷ୍ଣବୀୟ ଲୀଳାରେ ଭାଗ ନେଇଥିଲେ ଶ୍ରୀଶ୍ରୀ ରାଧାରମଣ ଦେବ। ତାଙ୍କ ପରେ ଶ୍ରୀଗୁଣ୍ଡିଚା ଓ ଅନ୍ୟାନ୍ୟ ସଂକୀର୍ତ୍ତନ ସେବାକୁ ପୁନଃ ପ୍ରଚଳନ କରି ଶ୍ରୀପାଦ ବାବାଜୀ ମହାରାଜ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରରେ ବ୍ରତୀ ହୋଇଥିଲେ। ତାଙ୍କ ସଂକୀର୍ତ୍ତନରେ ଥିଲା ଈଶ୍ୱରୀୟ ଅନୁଭୂତି। ଭାବ ସମାଧିରେ ସିଏ ଯାହା ଦେଖୁଥିଲେ, ତାହାକୁ କୀର୍ତ୍ତନ ମାଧ୍ୟମରେ ସିଏ ପରିପ୍ରକାଶ କରିବାରେ ଥିଲେ ସିଦ୍ଧହସ୍ତ। ତାଙ୍କ ରଚିତ ଶ୍ରୀଗୁରୁ କୃପାର ଦାନ ଆଧ୍ୟାତ୍ମିକ ସାହିତ୍ୟର ଏକ ଅମୂଲ୍ୟ ସମ୍ପଦ। ଶ୍ରୀକ୍ଷେତ୍ରର ଅନେକ ଐତିହାସିକସ୍ଥଳୀ ଠାକୁର ହରିଦାସ ସମାଧି, ସିଦ୍ଧ ବକୁଳ, ଟୋଟା ଗୋପୀନାଥ ତଥା ଝାଞ୍ଜପିଟା ମଠର ପୁନରୁଦ୍ଧାର କରି ଆମ ସଂସ୍କୃତିକୁ କରିଥିଲେ ଋଦ୍ଧିମନ୍ତ। ସେଥିପାଇଁ ସିଏ ଓଡ଼ିଆ ଜାତି ପାଖରେ ଚିରନମସ୍ୟ। ଏହିପରି ମତ ରଖିଥିଲେ ବିଶିଷ୍ଟ ବକ୍ତାଗଣ।

ଶ୍ରୀରାଧାରମଣ ଫାଉଣ୍ଡେସନ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ମିଳିତ ଆନୁକୂଲ୍ୟରେ ଶ୍ରୀପାଦ ରାମଦାସ ବାବାଜୀ ମହାରାଜଙ୍କ ୧୫୦ ବର୍ଷ ଜନ୍ମପୂର୍ତ୍ତି ସ୍ଥାନୀୟ ସଦାଶିବ ପରିସରସ୍ଥିତ ଜୟଦେବ ଭବନରେ ପାଳିତ ହୋଇଯାଇଛି। ଉତ୍ସବ ଅବସରରେ ଏକ ଜାତୀୟ ସମ୍ମାନ୍ନ ବିଶ୍ୱଗୁରୁ ଭାରତ ଓ ସାଧୁସନ୍ଥ ପରମ୍ପରା ଆୟୋଜିତ ହୋଇଥିଲା। ଫାଉଣ୍ଡେସନର ପ୍ରତିଷ୍ଠାତା ସମ୍ପାଦକ ଗୁରୁଚରଣ ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମାନ୍ନରେ ସଭାପତିତ୍ୱ କରିଥିଲେ ଡା. ଜଗନ୍ନାଥ ଆଚାର୍ଯ୍ୟ। ଉତ୍ସବକୁ ଶ୍ରୀ ରାମକୃଷ୍ଣ ମଠ ଓ ମିଶନର ସଭାପତି ସ୍ୱାମୀ ସୋମଦେବାନନ୍ଦଜୀ ମହାରାଜ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଡ. ଗୌରପ୍ରିୟା ଦାଶ, ପୂର୍ବତନ କୁଳପତି ଡ. ହରିହର ହୋତା, ଓକାକ୍‌ର ବରିଷ୍ଠ ବୈଜ୍ଞାନିକ ଡ. ପ୍ରଦୀପ୍ତ ମିଶ୍ର, ନିର୍ମଳ କୃତି ବିକାଶ ଟ୍ରଷ୍ଟର ଚେୟାରମ୍ୟାନ୍ ଇଂ. ଦିଲ୍ଲୀପ କୁମାର ପଟ୍ଟନାୟକ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଉତ୍ସବରେ ବିଶେଷ ସ୍ମରଣିକା 'ଆଶ୍ରିତ' ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ସତ୍ରରେ ଏକ ସନ୍ଥ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମାରୋହରେ ଗୁରୁ ପ୍ରଦ୍ୟୁମ୍ନ କିଶୋର ଦେବ, ସ୍ୱାମୀ ରୁଦ୍ରସ୍ୱରୂପାନନ୍ଦ ଗିରି, ଚିଦାନନ୍ଦ ୱାର୍ଲ୍ଡ ପିସ୍ ଫାଉଣ୍ଡେସନର ଅଧ୍ୟକ୍ଷ ସ୍ୱାମୀ ବ୍ରହ୍ମନିଷ୍ଠାନନ୍ଦ ସରସ୍ୱତୀ, ମହନ୍ତ ଅଦ୍ୱୈତ ଚରଣ ଦାସ, ମହନ୍ତ କୃଷ୍ଣ ଚରଣ ଦାସ, ମହନ୍ତ ଶ୍ରୀନିବାସ ଦାସ ଓ ଅନେକ ସାଧୁସନ୍ଥ ଯୋଗଦେଇ ଆଧ୍ୟାତ୍ମିକ ତଥ୍ୟ ଉପସ୍ଥାପନ କରିଥିଲେ। ବରିଷ୍ଠ ସ୍ତମ୍ଭକାର ହରିଶଙ୍କର ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ସୁଶାନ୍ତ କୁମାର ଶତପଥୀ ଓ ଡ. ରୁଦ୍ର ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗରିବ ଛାତ୍ରଛାତ୍ରୀଙ୍କୁ ପଠନ ସାମଗ୍ରୀ ବିତରଣ କରାଯାଇଥିଲା। ନବପ୍ରତିଭା ନୃତ୍ୟାନୁଷ୍ଠାନ ଦ୍ୱାରା ସୁନ୍ଦର ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା।

**କଠୋର ସାଧନା ଓ ନିଷ୍ଠା ଥିଲା ତାଙ୍କ ଜୀବନର ବ୍ରତ**

## ଏଚ୍‌ପିଭି ଟିକା ନେବାକୁ ଅମଙ୍ଗ କିଶୋରୀ

# ଭଞ୍ଜନଗର ଉପଖଣ୍ଡରେ ମାତ୍ର ୨୫ପ୍ରତିଶତ ଟିକାକରଣ

ଭଞ୍ଜନଗର,୨୬ ।୪(ସମିସ)

ବିପଜ୍ଜନକ ଜରାୟୁ ଗ୍ରୀବା କର୍କଟ (ସର୍ଭାଇକାଲ୍ କ୍ୟାନ୍‌ସର) ଭାରତ ପାଇଁ ଆହ୍ୱାନ ସାଜିଛି। ଏଭଳି ମାରାତ୍ମକ ରୋଗ ସଂକ୍ରମଣରେ ଦେଶର ସ୍ଥାନ ଦ୍ୱିତୀୟ। ଏହାକୁ ରୋକିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିଷ୍ପତି କ୍ରମେ ରାଜ୍ୟବ୍ୟାପୀ ହ୍ୟୁମାନ ପାପିଲୋମା ଭାଇରସ୍ (ଏଚ୍ ପିଭି) ଟିକାକରଣ ଚାଲିଛି। ୧୪ରୁ ୧୫ବର୍ଷର କିଶୋରୀ ବାଳିକାଙ୍କ ପାଇଁ ସରକାରୀ ଡାକ୍ତରଖାନାରେ ଟିକାକରଣ ବ୍ୟବସ୍ଥା ହୋଇଛି। ଯାହା ସମ୍ପୂର୍ଣ୍ଣ ନିଃଶୁଳ୍କ। ହେଲେ ଜନବହୁଳ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଉପଖଣ୍ଡରେ ବ୍ୟାପକ ସଚେତନତା ସତ୍ତ୍ୱେ ଟିକାକରଣ ଅତ୍ୟନ୍ତ ନୈରାଶ୍ୟଜନକ। ଉପଖଣ୍ଡର ୮,୪୨୩ କିଶୋରୀ ବାଳିକାଙ୍କ ମଧ୍ୟରୁ ୨,୦୫୪ ଜଣ ଟିକା ନେଇଛନ୍ତି। ଯାହା ମାତ୍ର ୨୫ପ୍ରତିଶତ। ସାମାଜିକ ଗଣମାଧ୍ୟମରେ ଟିକାକରଣର ପାଶ୍ୱର୍ ପ୍ରତିକ୍ରିୟା ନେଇ ଅପପ୍ରଚାର ଯୋଗୁ କିଶୋରୀ ବାଳିକା ମାନେ ଶଙ୍କାରେ ରହୁଛନ୍ତି। ତେଣୁ ଟିକାକରଣ ଧିମେଇ ଯାଇଛି। ଏଭଳି ସ୍ଥିତିରେ ଲକ୍ଷ୍ୟ ପୂରଣ ସ୍ୱାସ୍ଥ୍ୟ ବିଭାଗ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ସ୍ୱାସ୍ଥ୍ୟ ବିଭାଗର କହିବା କଥା, ଜରାୟୁର ନିମ୍ନ ଭାଗକୁ ସର୍ଭିକ୍ସ କୁହାଯାଏ। ପାଖାପାଖି ୯୯.୭ଧ ଜରାୟୁ ଗ୍ରୀବା କର୍କଟ ରୋଗୀ ଏଚ୍ ପିଭି ଭୂତାଣୁ କାରଣରୁ ସଂକ୍ରମିତ ହୋଇଥାଆନ୍ତି। ଏଚ୍ ପିଭି ଭୂତାଣୁ ସଂକ୍ରମଣରୁ ସୁରକ୍ଷା ଦେଇଥିବା ଏହି ଟିକା ୦.୫ ମିଲି ବାମ ହାତର ଉପରି ଭାଗ ମାଂସପେଶୀ ପଶୀରେ ଦିଆଯାଏ। ବର୍ତ୍ତମାନ ଗୋଟିଏ ଡୋଜ୍ ସୁରକ୍ଷା ପାଇଁ ଯଥେଷ୍ଟ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେବଳ ୧୪ରୁ ୧୫ ବର୍ଷ ବୟସର ସୁସ୍ଥ କିଶୋରୀଙ୍କୁ ଟିକାକରଣ ନିର୍ଦ୍ଦେଶ ରହିଛି। ଗତ ମାର୍ଚ୍ଚରୁ ଭଞ୍ଜନଗର ଉପଖଣ୍ଡରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ତିନି ମାସିଆ ଅଭିଯାନର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଏହି ଟିକା ପ୍ରଦାନ ଦାନ କରାଯାଇଛି। ୧୯ ତାରିଖ ସୁଦ୍ଧା ଉପଖଣ୍ଡ ଅଧିନ ଭଞ୍ଜନଗରର ୧,୨୧୦ କିଶୋରୀଙ୍କ ମଧ୍ୟରୁ ୨୩୩ ଜଣ, ସୋରଡ଼ାର ୧,୨୯୭ କିଶୋରୀଙ୍କ ମଧ୍ୟରୁ ୨୫୩ ଜଣ, ବୁଗୁଡାର ୯୯୯ କିଶୋରୀଙ୍କ ମଧ୍ୟରୁ ୨୦୧ ଜଣ, ଧରାକୋଟର ୮୨୦ କିଶୋରୀଙ୍କ ମଧ୍ୟରୁ ୧୭୧ଜଣ, ଆସିକାର ୧,୨୪୮ କିଶୋରୀଙ୍କ ମଧ୍ୟରୁ ୨୭୬ ଜଣ, ଜଗନ୍ନାଥପ୍ରସାଦର ୯୨୨ କିଶୋରୀଙ୍କ ମଧ୍ୟରୁ ୨୧୧ ଜଣ, ବେଲଗୁଣ୍ଠାର ୯୫୫ କିଶୋରୀଙ୍କ ମଧ୍ୟରୁ ୫୩୭ ଜଣ ଓ ଶେରଗଡର ୯୭୨ କିଶୋରୀଙ୍କ ମଧ୍ୟରୁ ୧୭୨ ଜଣ ଟିକା ନେଇ ସାରିଲେଣି। ଛୁଟିଦିନ ବ୍ୟତୀତ ଅନ୍ୟ ଦିନ ମାନଙ୍କରେ ଟିକାକରଣ ଚାଲିଛି। ଜୁନରୁ ନିୟମିତ ଟିକାକରଣ କାର୍ଯ୍ୟକ୍ରମରେ ଏହାକୁ ସାମିଲ୍ ରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଏହି ଟିକାର ପାଶ୍ୱର୍ ପ୍ରତିକ୍ରିୟା ନେଇ ଅପପ୍ରଚାର ଚାଲିଛି। ଏହି ଟିକା ନେଲେ ଗର୍ଭଧାରଣ କ୍ଷମତା ହରାଇବାର ଆଶଙ୍କା ଥିବା ଏଥିରେ ଦର୍ଶାଯାଉଛି। ଟିକା ନେବା ପରେ ଗୁରୁତର ସମସ୍ୟା ପ୍ରାୟତଃ ହୁଏ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ କହୁଛି। ତଥାପି ଏହାକୁ ମଧ୍ୟ ଅତିରଞ୍ଜିତ କରାଯାଉଛି। ଫଳରେ କିଶୋରୀ ବାଳିକା ମାନେ ଟିକା ନେବାକୁ ଅମଙ୍ଗ ହେଉଛନ୍ତି। ଅଭିଭାବକଙ୍କୁ ବୁଝାଇବା ବି କଷ୍ଟକର ହେଉଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ତଥାପି ଲୋକଙ୍କ ମନରୁ ଭ୍ରାନ୍ତ ଧାରଣ ହଟୁ ନାହିଁ। ଫଳରେ ସ୍ୱାସ୍ଥ୍ୟ ବିଭାଗର ଏହି ଟିକାକରଣ ଅଭିଯାନର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଚପିଭି ଟିକାକରଣ ସମ୍ପୂର୍ଣ୍ଣ ନିରାପଦ। ଏହି ଟିକା ନେଲେ ଗର୍ଭଧାରଣ କ୍ଷମତା ହରାଇବାର ଆଶଙ୍କା ଥିବା ଅପ୍ରଚାର କରାଯାଉଛି। ଏପରି ଅପପ୍ରଚାରରେ କେହି ଭ୍ରମିତ ନ ହୋଇ ସର୍ଭାଇକାଲ୍ କ୍ୟାନ୍‌ସରୁ ମୁକ୍ତି ପାଇବାକୁ ୧୪-୧୫ ବୟସର କିଶୋରୀ ବଳିକା ଟିକାକରଣ କରିବାକୁ ନିର୍ବିଘ୍ନରେ ଆଗେଇ ଆସନ୍ତୁ ବୋଲି ଭଞ୍ଜନଗର ଉପଖଣ୍ଡ ଚିକିତ୍ସାକାରୀ (ଏସଡିଏମ୍‌ଓ) ଡା.ସିତାଂଶୁ ଶେଖର ଶତପଥି କହିଛନ୍ତି।

• ସତୀଗୁଡ଼ା ଇରିଗେସନ ପରିସରରେ ନିଆଁ

## ଅଳ୍ପକେ ବର୍ତ୍ତିଲା ଗୋଦାମ ଗୃହ



ମାଲକାନଗିରି, ୨୬ ।୪(ସମିସ): ଅଳ୍ପକେ ବର୍ତ୍ତିଲା ମାଲକାନଗିରି ସତିଗୁଡା ଇରିଗେଶନର ଗୋଦାମଗୃହ। ସୂଚନା ମୁତାବକ କୌଣସି କାରଣରୁ ମାଲକାନଗିରି ଜିଲ୍ଲା ସଦରରେ ଥିବା ପୁରୁଣା ମେଡିକାଲ ଛକ ନିକଟ ସତିଗୁଡା ଇରିଗେଶନ କାର୍ଯ୍ୟଳୟର ଗୋଦାମଗୃହ ସମ୍ମୁଖରେ ନିଆଁ ଲାଗିଯାଇଥିଲା। ଏହି ନିଆଁ ଲାଗିବା ଫଳରେ ସେଠାରେ ଥିବା ଏକ ବିରାଟ କାୟ ଗଛ ଜଳି ଯାଇଥିବା ବେଳେ ଏହି ନିଆଁ ଦେଖି ତୁରନ୍ତ ଦମକଳ ବିଭାଗକୁ ବିଭାଗୀୟ କର୍ମଚାରୀ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ସୌଭାଗ୍ୟବଶତଃ କାର୍ଯ୍ୟାଳୟ କିମ୍ବା ଅନ୍ୟ କୌଣସି ଘର ଓ ବ୍ୟକ୍ତି ବିଶେଷଙ୍କ ଏଥିରେ କୌଣସି କ୍ଷତି ହୋଇ ନଥିବା ଜଣାପଡିଛି। ଏହି ନିଆଁ କିପରି ଲାଗିଲା, ତାହା ଯଦିଓ ସ୍ପଷ୍ଟ ହୋଇନି, କିନ୍ତୁ ନିଆଁକୁ ଦମକଳ ବାହିନୀ ସଠିକ୍ ସମୟରେ ଆୟତ୍ତ କରିଥିବାରୁ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତି ଯାଇଛି ବିଭାଗୀୟ ଅଫିସ ବୋଲି କୁହାଯାଇଛି।

## ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ କଳସ ଯାତ୍ରା



ଚକାପାଦ,୨୬।୪(ସମିସ): ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ଅଣ୍ଡୁଗୁଡା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା ହୋଇଛି। ରବିବାର ସକାଳେ ଅଣ୍ଡୁଗୁଡା ଠାରୁ ମହିଳା ଓ ପୁରଷ ପଟୁଆରରେ ବାଜାଦଳ ଏବଂ ସଂକୀର୍ତ୍ତନ ମଣ୍ଡଳୀ ସହ ଖୁଡୁତେନ୍ତୁଳି ପୋଖରୀରୁ ଜଳ କଳସ ଧରି ବାବା ବରଡ଼ା ବାଲୁଙ୍କେଶ୍ୱର ମନ୍ଦିରରେ ପରିକ୍ରମା କରି ଗ୍ରାମକୁ ଆସି ନାମଯଜ୍ଞ କୁଞ୍ଜରେ କଳସ ପ୍ରତିଷ୍ଠା କରିଥିଲେ। ସୋମବାର ସକାଳେ ନାମଯଜ୍ଞ ହୋଇ ମଙ୍ଗଳବାର ନାମ ସମାପ୍ତ ହେବା କର୍ଯ୍ୟକ୍ରମ ରହିଛି। କଳସ ଯାତ୍ରାରେ ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।

■ ପାଖେଇ ଆସିଲାଣି ପଞ୍ଚାୟତ ନିର୍ବାଚନ

## ଗଞ୍ଜାମ ବ୍ଲକରେ ସମିତିସଭ୍ୟ ବୈଠକ ହେଉନି

ହୁମ୍ମା,୨୬ ।୪(ସମିସ): ପଞ୍ଚାୟତ ସମିତି ବୈଠକ କହିଲେ ଯେଉଁଥିରେ ସରପଞ୍ଚ, ସମିତି ସଭ୍ୟ, ବିଡିଓ ଏବଂ ସ୍ଥାନୀୟ କିଛି ଲୋକ ପ୍ରତିନିଧି ପ୍ରମୁଖ ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥାନ୍ତି। ଏହି ବୈଠକଗୁଡ଼ିକରେ ସରକାରଙ୍କ ବିଭିନ୍ନ ଯୋଜନା, ସ୍ୱାସ୍ଥ୍ୟସେବା, ରାସ୍ତାଘାଟ ଏବଂ ଜଳସେଚନ ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଚର୍ଚ୍ଚା କରାଯାଏ । ବ୍ଲକର ବିଭିନ୍ନ ବିଭାଗ (ଶିକ୍ଷା, ସ୍ୱାସ୍ଥ୍ୟ, କୃଷି) ର କାର୍ଯ୍ୟକ୍ରମ ଏବଂ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଏ। ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଞ୍ଚ, ସମିତି ସଭ୍ୟ, ସାଂସଦ ଓ ବିଧାୟକଙ୍କ ପ୍ରତିନିଧି ଏବଂ ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରନ୍ତି। ସ୍ଥାନୀୟ ସମସ୍ୟା ଯେପରିକି ଡାକ୍ତର ଅଭାବ, ପାନୀୟ ଜଳ, ଏବଂ କୃଷି ସହାୟତା ଆଦି ସମିତି ସଭ୍ୟଙ୍କ ଦ୍ୱାରା ଉଠାଯାଏ। କେତେକ ସ୍ଥାନରେ କାର୍ଯ୍ୟରେ ଅନିୟମିତତାକୁ ନେଇ ବୈଠକରେ ହୋହାଲ୍ଲା ମଧ୍ୟ ହୋଇଥାଏ। ଏହି ସମିତି ବୈଠକ ପ୍ରତ୍ୟେକ ମାସରେ ହୋଇଥାଏ। କିନ୍ତୁ ବହୁ ମାସ ହେବ ପଞ୍ଚାୟତ ସମତି କାର୍ଯ୍ୟାଳୟ ପକ୍ଷରୁ ଗୋଟିଏ ବି ସମିତି ବୈଠକ ହୋଇନଥିବା ଅଭିଯୋଗ ହୋଇଛି। ସରକାରଙ୍କ ବିଭିନ୍ନ ଯୋଜନା ସମିତି ବୈଠକରେ ନିଷ୍ପତ୍ତି ହେବା ପରେ ଗ୍ରାମ ସଭା ଓ ପଲ୍ଲୀ ସଭା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚିଥାଏ। ଏବେ ସାଧାରଣ ଜନତା ପ୍ରଶ୍ନ କଲେଣି ଗଂଜାମ ବ୍ଲକ କାର୍ଯ୍ୟାଳୟରେ ସମିତି ବୈଠକ କେବେ ହେବ। ପଞ୍ଚାୟତ ନିର୍ବାଚନ ନିକଟ ହେବାକୁ ଥିବା ବେଳେ ସମତି ସଭ୍ୟ ମାନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଗଂଜାମ ବ୍ଲକର ପ୍ରଶାସନିକ ଅଧିକାରୀ ହିଁ ସମିତି ବୈଠକରେ ବାଧକ ସାଜିଥିବା ନେଇ ଏବେ ଲୋକେ ଆଲୋଚନା ହେଉଛି। ବୈଠକ ନିୟମିତ ନହେବା ଫଳରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ସମିତିସଭ୍ୟ ଓ ସରପଞ୍ଚଙ୍କୁ ବାଦ୍ ଦେଇ କାର୍ଯ୍ୟକାରୀ କରାଯାଉଛି। ସିଧାସଳଖ ବ୍ଲକ ପ୍ରଶାସନର ନିର୍ବାହୀ ଯନ୍ତ୍ରୀ ଏହି ଦାୟିତ୍ୱ ବୁଝିବା ଫଳରେ ଏହି ଯୋଜନା ମାଧ୍ୟମରେ ଚାଲୁଥିବ ସମସ୍ତ କାର୍ଯ୍ୟ ନିମ୍ନମାନର ଚାଲୁଥିବା ଅଭିଯୋଗ ହୋଇଛି। ଏନେଇ କିଛି ସମିତିସଭ୍ୟ ପ୍ରଶାସନିକ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

• ଗ୍ୟାସ୍ ବୁକିଂ ପାଇଁ ବାଧକ ସାଜୁଛି ବିଏସ୍‌ଏନ୍‌ଏଲ ନେଟୱର୍କ

## ସରକାରୀ ବ୍ୟବସ୍ଥାରେ ଗ୍ରାହକ ହୀନସ୍ତା

ଲକ୍ଷ୍ମୀପୁର,୨୬।୪(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ୧୦ଦିନ ହେଲାଣି ବିଏସଏନଏଲ ନେଟୱାର୍କର ଆତାପତା ନାହିଁ। ସେଥିପାଇଁ ଲକ୍ଷ୍ମୀପୁର ଗ୍ୟାସ୍ ଏଜେନ୍ସି କାର୍ଯ୍ୟାଳୟରେ ମଧ ଅନେକ ସମସ୍ୟା ଦେଖାଦେଉଛି। ଏହା ବ୍ୟତୀତ ଗ୍ୟାସ୍ ବୁକିଙ୍ଗ ପାଇଁ କଲ କଲା ପରେ ଓଟିପି ଆସିବା ଜରୁରୀ। ନେଟୱାର୍କ ନ ଥିବା ଯୋଗୁଁ ଏହା ସମସ୍ୟା ଦେଖା ଦେଉଛି। ଗ୍ୟାସ ଓ ବିଏସଏନଏଲ ଗ୍ରାହକଙ୍କ ହିନସ୍ତା କହିଲେ ନ ସରେ। ବିଭାଗୀୟ ଅଧିକାରୀ ମାସିକ ଦରମା ପାଇ ମାଲାମାଲ, ଲୋକଙ୍କ କଥା କିଏ ପଚାରେ। ଏବେ ଗ୍ରାହକ ତାତିଲେଣି। ଗ୍ୟାସ ସଙ୍କଟ ଥିବା ବେଳେ ମୋବାଇଲ୍ ନେଟୱର୍କକୁ ନେଇ ସମସ୍ୟ ଦ୍ୱିଗୁଣିତ ହେବା ସହ ଗ୍ରାହକ ମହଲରେ ଅଶାନ୍ତି ଦେଖା ଦେଇଛି। ଆଗାମୀ ଦିନରେ ବିଏସଏନଏଲ କାର୍ଯ୍ୟାଳୟ ସମୁଖରେ ଧାରଣ ଦେବାକୁ ଗ୍ରାହକ ମାନେ ଚେତାବନୀ ଦେଇଛନ୍ତି। ୧୦ ଦିନ ହେଲାଣି ନେଟୱାର୍କ ବଜାରରେ ନାହିଁ । ଲୋକେ ହଇରାଣ ହେଉଥିବା ବେଳେ ବିଭାଗୀୟ ଅଧିକାରୀ ଚୁପ୍ ରହିଛନ୍ତି। ଏହାର ପ୍ରତିକାର ହେଉ ନଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

• ଦାଦନ ଖଟୁଥିଲେ ତିନି ଭାଇ

## ଅରୁଣାଚଳ ପ୍ରଦେଶରୁ ଉଦ୍ଧାର କଲା ପୁଲିସ

• ଘରକୁ ଫେରିପାରୁ ନ ଥିବାରୁ ଥାନାରେ ହୋଇଥିଲା ଏତଲା



ଗୁଣୁପୁର,୨୬।୪(ସମିସ): ରାୟଗଡ଼ା ଜିଲ୍ଲା ପୁଟାସିଂ ପୁଲିସ୍ ପାଖରେ କୁଲୁସି" ପଞ୍ଚାୟତର ଖାଡାସି ଗ୍ରାମର ଜାମ୍ରୋ ଗମାଙ୍ଗ ତାଙ୍କର ତିନୋଟି ପିଲା ଦାଦନ ଖଟିବା ପାଇଁ ଯିବାପରେ ଦୀର୍ଘଦିନ ହେବ ଫେରୁନଥିବା ନେଇ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଭିତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହିମାଚଳ ପ୍ରଦେଶରୁ ଦୁଇ ପିଲାଙ୍କୁ ଉଦ୍ଧାର କରିଛି ପୁଟାସିଂ ପୁଲିସ୍। ସୂଚନା ଅନୁଯାୟୀ, ଅରୁଣାଟଳ ପ୍ରଦେଶକୁ ପରିବାରର ସମସ୍ତ ସଦସ୍ୟ ଦାଦନ ଖଟିବାକୁ ଯାଇଥିଲେ। ୨୦୧୮ ମସିହାରେ ବାପା ମା ନିଜ ଗ୍ରାମ ଖାଡାସିକୁ ଫେରିଆସିଥିଲେ। କିନ୍ତୁ ତାଙ୍କ ସହ ଥିବା ତିନି ପିଲା ଆସି ନଥିଲେ। ସେମାନେ ଦୀର୍ଘ ମାସ ଘରକୁ ନ ଫେରି ହିମାଚଳ ପ୍ରଦେଶର ଏକ ବ୍ୟବସାୟୀଙ୍କ ଦୋକାନରେ କାମ କରୁଥିଲେ। ଦୀର୍ଘଦିନ ଦାଦନ ଖଟୁଥିବା ନିଜର ତିନି ପିଲାଙ୍କ ସହ ଯୋଗାଯୋଗ ନହେବାରୁ ବାଧ ହୋଇ ପୁଟାସିଂ ଥାନାରେ ଜାମ୍ରୋ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରି ଅରୁଣାଚଳ ପ୍ରଦେଶକୁ ଯାଇ ସେଠାରେ ଦାଦନ ଖଟୁଥିବା ୨ଜଣ ପିଲାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ଶ୍ରମିକ ମଧ୍ୟରେ ଜଣେ ୧୪ ବର୍ଷର ନାବାଳକ ରହିଥିବା ବେଳେ ଅନ୍ୟଜଣେ ୨୫ ବର୍ଷୀୟ ସୁନିଲ ଗମାଙ୍ଗ ରହିଛନ୍ତି। ଆଉ ଜଣେ ୩୫ ବର୍ଷ ବୟସ୍କ ଲାମିତି ଗମାଙ୍ଗୋ ଆଉ କିଛି ଦିନପରେ ଫେରିବେ ବୋଲି ପୁଲିସ ପକ୍ଷରୁ ସୁଚନା ମିଳିଛି। ପୁଲିସ ଦଳ ମଧ୍ୟରେ ଏସ୍‌ଆଇ ଅଶୋକ ନାୟକ ଓ ସୁଦାମ ସାହୁ ଦୁଇ ଜଣଙ୍କୁ ଧରି ଶନିବାର ରାତିରେ ଫେରିବା ପରେ ଥାନା ଅଧିକାରୀ ବିଦ୍ୟୁଲତା ନାୟକଙ୍କ ନେତୃତ୍ୱରେ ଦୁଇ ପୁଅକୁ ଜାମ୍ରୋ ଗମାଙ୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ



ମାଲକାନଗି,୨୬ ।୪(ସମିସ): ମାଲକାନଗିରି ଜିଲ୍ଲା ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ସଂଘର ସଭାପତିଙ୍କ ଅଧ୍ୟକ୍ଷତାରେ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ ଜୟନ୍ତି ପାଳିତ ହୋଇ ଯାଇଛି। ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ କାଳୁ ଚରଣ ମହାରଣା, ସଂଘର ଉପସଭାପତି ସୁରେନ୍ଦ୍ର କୁମାର ମହାରଣା, ସମ୍ପାଦନ ଅଶୋକ କୁମାର ସାମଲ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଗଜପତିଙ୍କ ଜୀବନୀ ଏବଂ ଓଡ଼ିଶା ରାଜନୀତିରେ ତାଙ୍କ ଅବଦାନ ସଂମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ବେହେରା, ଜଗନ୍ନାଥ ତିଆଡ଼ି, ବି. ଜନାର୍ଦ୍ଦନ ରାଓ., ଏସ୍. ବୀରା ସ୍ୱାମୀ, ନବ କୁମାର ସାହୁ, ଲିଙ୍ଗରାଜ ସେନାପତି, କେ. ଶିବ ଶଙ୍କର ପାତ୍ର, ଜୟଦେବ ରାଉଳ, ବାବାଜୀ ଚରଣ ସ୍ୱାଇଁ ଓ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ସୂଚନା ଫଳକରେ ସହିଦ ଲକ୍ଷ୍ମଣ ନାୟକଙ୍କୁ ନେଇ ବିଭ୍ରାନ୍ତିକର ତଥ୍ୟ

# ଖୋଜିଲେ ମିଳୁନି ଷ୍ଟାଡିୟମ, ସଂଗ୍ରହାଳୟ ଓ ଗ୍ରନ୍ଥାଗାର

ମାଥିଲି,୨୬।୪ (ସମିସ): ନିଜ ଜାତି ନିଜ ଦେଶ ପାଇଁ ଇଂରେଜମାନଙ୍କ ସହିତ ଲଢେଇ କରି ଫାଶୀ ଖୁଣ୍ଟରେ ଝୁଲିଥିଲେ ଲକ୍ଷ୍ମଣ ନାୟକ। ତାଙ୍କ ପାଇଁ ଆଜି ଅବିଭକ୍ତ କୋରାପୁଟ ଜିଲ୍ଲା ଆଜି ଗର୍ବିତ। ସେହି ମହାନ ମହାପୁରୁଷ ଆଦିବାସୀ ମାନଙ୍କ ପାଇଁ ସଦା ସର୍ବଦା ଲଢେଇ କରୁଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଅନେକ ସ୍ଥାନରେ ସେହି ମହାନ ପୁରୁଷଙ୍କ ନାମରେ ମେଡ଼ିକାଲ କଲେଜ ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ନାମିତ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମଧ ସେହି ମହାନପୁରୁଷଙ୍କ ନାମରେ ଗୋଟିଏ ସହିଦ ଲକ୍ଷ୍ମଣ ନାୟକ ଷ୍ଟାଡିଅମ, ସଂଗ୍ରହାଳୟ, ମୂର୍ତ୍ତି ଓ ଗ୍ରନ୍ଥାଗାର ନିର୍ମାଣ ହୋଇଥିଲା । କିନ୍ତୁ ଏବେ ଏହା ନିଖୋଜ ହୋଇଯାଇଛି। ଏହା ଲୋକେ କହୁ ନାହାନ୍ତି, ଯାହା ରାଜ୍ୟ ପର୍ଯ୍ୟଟନ ବିଭାଗର ସୂଚନା ଫଳକ କହୁଛି। ୩୨୬ ନମ୍ବର ଜାତୀୟ ରାଜପଥ ମାଥିଲି ଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ସୂଚନା ଫଳକ ଜ୍ୱଳନ୍ତ ଉଦାହରଣ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଫଳକରେ ଦର୍ଶା ଯାଇଛି ଯେ ମାଥିଲି ଠାରୁ ମାତ୍ର ୯ କିଲୋମିଟର ଦୂରରେ ସହିଦ ଲକ୍ଷ୍ମଣ ନାୟକ ଷ୍ଟାଡିଅମ, ସଂଗ୍ରହାଳୟ, ମୂର୍ତ୍ତି ଓ ଗ୍ରନ୍ଥାଗାର ଅବସ୍ଥିତ। କିନ୍ତୁ ଜିଲ୍ଲା ତଥା ଜିଲ୍ଲା ବାହାରର ପର୍ଯ୍ୟଟନ ମାନେ ଫଳକରେ ସେହି ସ୍ଥାନକୁ ଆଜି ପର୍ଯ୍ୟନ୍ତ ଖୋଜି ପାଉ ନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। ଯଦି ଫଳକରେ ଦର୍ଶା ଯାଇଥିବା ସ୍ଥାନ ନାହିଁ, ତାହେଲେ ପର୍ଯ୍ୟଟନ ବିଭାଗ ଏପରି ବିଭ୍ରାନ୍ତିକର ସୂଚନା ଫଳକ କେଉଁ ଉଦ୍ଦେଶ୍ୟରେ ଲଗାଇଛି ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ତାହା ସହିତ ବିଭାଗ ପକ୍ଷରୁ ସହିଦଙ୍କ ନାମରେ ସୂଚନା ଫଳକ ଲଗାଇ ଅର୍ଥ ହରିଲୁଟ କରାଯାଇନି ତ ବୋଲି ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଅଞ୍ଚଳବାସୀ ମନରେ । ଆମେ ଏହି ଫଳକ ବିଷୟରେ ପ୍ରଥମେ ସହିଦ ଲକ୍ଷ୍ମଣ ନାୟକଙ୍କ ଝିଅର ପୁଅ ବା ନାତି ମୁକୁନ୍ଦ ନାୟକଙ୍କୁ ପଚାରିବାରୁ ଫଳକ ଲଗାଇଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ଦାବି କରିଛନ୍ତି। ମାଥିଲିର ଜଣେ ବରିଷ୍ଠ ନାଗରିକ ଅବଦୁଲ ଗାଫାରଙ୍କୁ ପଚାରିବାରୁ ଫଳକରେ ଦର୍ଶା ଯାଇଥିବା ସ୍ଥାନ ତାଙ୍କ ଅଞ୍ଚଳରେ ନାହିଁ




### ଦୂରଦୂରାନ୍ତରୁ ଆସି ପର୍ଯ୍ୟଟକ ନିରାଶ

ଫଳକରେ ଦର୍ଶା ଯାଇଥିବା ସ୍ଥାନ କୌଣସି ସ୍ଥାନରେ ନାହିଁ । ସେହିପରି ସହିଦ ଲକ୍ଷ୍ମଣ ନାୟକ ସ୍ମୃତି କମିଟିର ପୂର୍ବତନ ସଭାପତି ଏମଡି ଆକବରଙ୍କୁ ପଚାରି ବାରୁ ପ୍ରଥମେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସହିଦଙ୍କ ନାମକୁ ଅପମାନିତ କରାଯାଇଛି। ତାହା ସହିତ ଯଦି ବିଭାଗ ଏପରି ଫଳକ ଲଗାଇଛି, ତାହା ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହିତ ବୋଲି ସେ କହିଥିଲେ। ମାଥିଲି ଠାରୁ ୯ କିଲୋମିଟର ବ୍ୟବଧାନରେ ଏପରି କୌଣସି ସ୍ଥାନ ନାହିଁ। ଏହା ତଦନ୍ତ ସାପେକ୍ଷ। ତଦନ୍ତ କଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି। ବାକି ଜିଲ୍ଲା ପ୍ରଶାସନ ଏହାକୁ ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ଜୋର ଧରିଛି।

# ମରଣଯନ୍ତା ପାଲଟିଛି ପାଦେରୀପଡ଼ା-ଶମ୍ଭୁଖୁସା ରାସ୍ତା



■ ଅର୍ଥ ମଞ୍ଜୁର ପରେ ବି ହୋଇପାରୁନି ନିର୍ମାଣ କାମ
■ ଜେସିବିରେ ଖୋଳି ଦୁଇବର୍ଷ ହେଲା ଛାଡ଼ି ଦେଇଛନ୍ତି ଠିକାଦାର
■ ବିଭାଗୀୟ ଅବହେଳାକୁ ଦାୟୀ କଲେ ଅଞ୍ଚଳବାସୀ



ଫିରିଙ୍ଗିଆ,୨୬।୪(ସମିସ)

ରାଜ୍ୟ ଓ କେନ୍ଦ୍ର ସରକାର ସହରାଞ୍ଚଳକୁ ଗ୍ରାମାଞ୍ଚଳର ସଂଯୋଗୀକରଣ ଓ ଉପାନ୍ତ ଅଞ୍ଚଳରେ ଯାତାୟାତର ସୁବିଧା ପାଇଁ ରାଜକୋଷରୁ କୋଟିକୋଟି ଟଙ୍କା ବ୍ୟୟବରାଦ କରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପକ୍କା ସଡ଼କ ନିର୍ମାଣ କରୁଛନ୍ତି। କିନ୍ତୁ କିଛି ଜାଗାରେ ରାସ୍ତା ନିର୍ମାଣ ଦାୟିତ୍ୱ ନେଇଥିବା କିଛି ଠିକା ସଂସ୍ଥା ଓ କିଛି ବିଭାଗୀୟ ଯନ୍ତ୍ରୀଙ୍କ ଅବହେଳା ପାଇଁ ଅର୍ଥ ମଞ୍ଜୁର ପରେ ମଧ୍ୟ ବର୍ଷବର୍ଷ ଧରି ରାସ୍ତା କାମ ଆରମ୍ଭ ହୋଇନଥିବା ବେଳେ ଆଉ କିଛି ଜାଗାରେ ରାସ୍ତା ନିର୍ମାଣ କାମ ଅଧାରେ ଅଟକି ରହିଛି। ଏଥିଯୋଗୁଁ ରାସ୍ତା ଉପରେ ଯାତାୟାତ ପାଇଁ ନିର୍ଭର କରୁଥିବା ସାଧାରଣ ଲୋକଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଭଳି ଏକ ଅର୍ଦ୍ଧ ନିର୍ମିତ ରାସ୍ତା ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ କୁଇରିମାଣ୍ଡୁ ପଞ୍ଚାୟତରେ ରହିଛି।

କୁଇରିମାଣ୍ଡୁ ପଞ୍ଚାୟତବାସୀଙ୍କ ବହୁବାର ଦାବି ପରେ ପଞ୍ଚାୟତର ପାଦେରୀପଡା ଠାରୁ ଶମ୍ଭୁଖୁସା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏକ ପକ୍କା ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଛି। ଏହାସହ ଏହି କାମ ପାଇଁ ୨ ବର୍ଷ ହେଲା ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ କାମ ଆରମ୍ଭ କରାଯାଇଛି। କାମ ଫୁଲବାଣୀ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରାଯାଉଛି କିନ୍ତୁ ଦୁଇବର୍ଷ ହେଲା ରାସ୍ତା କାମ ୨୦ ଭାଗ ମଧ୍ୟ ନିର୍ମାଣ ହୋଇପାରିନାହିଁ। ସରକାରୀ ନିୟମ ଅନୁସାରେ ରାସ୍ତା କାମ ଆରମ୍ଭରୁ କାମର ବିବରଣୀ ଥିବା ଫଳକ ଲଗାଯିବ କଥା। କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା କାମରେ କୌଣସି ଫଳକ ଲାଗିନାହିଁ। ପାଞ୍ଚ କିଲୋମିଟର ଯୁକ୍ତ ଏହି ରାସ୍ତାରେ ଦୁଇ ଘାଟି ଥିବାବେଳେ କେବଳ ଘାଟି ଜାଗାରେ ଠିକାଦାର ଜଣକ ରାସ୍ତାକୁ ଖୋଳି ଦେଇ ଚୁପ ହୋଇ ବସିରହିଛନ୍ତି। ଏଭଳି କାର୍ଯ୍ୟ ଯୋଗୁଁ ରାସ୍ତା ବର୍ତ୍ତମାନ ମରଣଯନ୍ତାରେ ପରିଣତ ହୋଇଛି। ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ରାସ୍ତା ଖୋଳି ଦିଆଯିବା ପରେ ରାସ୍ତା ଉପରେ ବଡ଼ବଡ଼ ପଥର ସବୁ ରହିଛି। ଏଭଳି ସ୍ଥିତି ଯୋଗୁଁ ରାସ୍ତାରେ କୌଣସି ଗାଡି ଯିବା ଦୂରର କଥା ପାଦରେ ଚାଲି ଯିବା ମଧ୍ୟ କଷ୍ଟସାଧ ହେଉଛି। ଲୋକେ ରାସ୍ତା ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ରାସ୍ତା ଉପରେ ନିର୍ଭର କରି ଯିବାଆସିବା କରିଆସୁଥିବା ଅଞ୍ଚଳର ୧୦ରୁ ୧୫ ଗାଁର ଲୋକେ। ରାସ୍ତା କାମ ଆରମ୍ଭ କରି କେବଳ ରାସ୍ତାକୁ ଜେସିବିରେ ଖୋଳି ଦେଇ ଉଭାନ ହୋଇଯାଇଥିବା ଠିକାଦାର ଓ ରାସ୍ତା କାମ ଦାୟିତ୍ୱରେ ଥିବା ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଅଞ୍ଚଳରଲେ। ଏଥିପାଇଁ ବିଭାଗୀୟ ଅବହେଳାକୁ ଦାୟୀ କରିଛନ୍ତି। ଏହି ରାସ୍ତା କାମ ଦାୟିତ୍ୱରେ ଥିବା ବିଭାଗୀୟ ଏସଡ଼ିଓ ସୁଶୀଳ ମହାନ୍ତିଙ୍କୁ ଏସମ୍ପର୍କରେ ପଚାରିବାରୁ କାମ ଚାଲିଛି କିନ୍ତୁ ସ୍ଲୋ ଚାଲିଛି। କାମକୁ ଶୀଘ୍ର ସରିବା ପାଇଁ ଆମେ ସମ୍ପୃକ୍ତ ଠିକା ସଂସ୍ଥା କୁ ଚିଠି କରିସାରିଛୁ ବୋଲି କହିଛନ୍ତି।

**କୋରେଇରେ ପାଣି ପାଇଁ ହାହାକାର**

# ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲାନି



କୋରେଇ, ୨୬ ।୪(ସମିସ): ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବା ପାଇଁ ପୂର୍ବ ସରକାରଙ୍କ ସମୟରେ ୫ବର୍ଷ ତଳେ କୋରେଇରେ ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ଖରସ୍ରୋତା ଓ ବୈତରଣୀ ନଦୀରୁ ପାଣି ଉଠାଯାଇ ସ୍ଥାନେ ସ୍ଥାନେ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ମାଧ୍ୟମରେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଥିଲା । ସେଥିପାଇଁ ବିଭିନ୍ନ ସ୍ଥାନରେ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ହୋଇଛି । ଗାଁକୁ ପାଣି ପାଇପ ବିଛାଯାଇଛି । ତେବେ, ଏହା ଦୀର୍ଘ ଦିନ ହେଲା ଅସମ୍ପୂର୍ଣ ହୋଇ ପଡିରହିଛି । ଏବେ ସୁଦ୍ଧା ସବୁ ଗାଁକୁ ପାଣି ପାଇପ ସଂଯୋଗ ହୋଇ ପାରିନାହିଁ । ଯେଉଁଠି ବି ହୋଇଛି ରକ୍ଷଣାବେକ୍ଷଣ ଅଭାବ ଓ ଦୀର୍ଘ ଦିନ ଧରି ଏହା ପଡି ରହିବା ଫଳରେ କେଉଁଠି ପାଇପ ନଷ୍ଟ ହୋଇ ଗଲାଣି ତ ଆଉ କେଉଁଠି ଚୋରି ହେଲାଣି । ଓଭରହେଡ୍ ପାଣିଟାଙ୍କି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ । କୋରେଇରେ ଅଧିକାଂଶ ପଞ୍ଚାୟତରେ ଗ୍ରୀଷ୍ମ ଦିନେ ଜଳ ସଙ୍କଟ ଦେଖା ଦେଇଥାଏ । ଏପରିକି କେତେକ ସ୍ଥାନରେ ଟ୍ୟାଙ୍କର ଯୋଗେ ଲୋକଙ୍କୁ ପାଣି ଯୋଗାଇ ଦିଆଯାଇଥାଏ । ରଗଡି ଅଞ୍ଚଳର ତଳଗଡ଼, ଖମିଗାଁ, ପୂର୍ବକୋଟ, ଗଜେନ୍ଦ୍ରପୁର ତଥା କୋରେଇର ଅନ୍ୟାନ୍ୟ ସ୍ଥାନରେ ଚାଲିଥିବା ପାଣିଟାଙ୍କି କାର୍ଯ୍ୟ ସମ୍ପୂର୍ଣ ହୋଇଥଲେ ହେଁ ଆନୁଷଙ୍ଗିକ କାର୍ଯ୍ୟ ଅଧାରେ ରହିଛି । ପଛିକୋଟ ପଞ୍ଚାୟତ ଗୟଳଗଡିଆ ନିକଟରେ ବାସ କରୁଥିବା ପରିବାରର ଝିଅବୋହୂ ଅଧ କିଲୋମିଟର ଦୂରରେ ପରିତ୍ୟକ୍ତ ମେଲା ମୁକୁଳା ଅବସ୍ଥାରେ ଥିବା ଏକ ପୁରାତନ କୂଅର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି । ଆଜିକା ଦିନରେ ବି ଲୋକଙ୍କର ଏହି ଅବସ୍ଥା । ନିକଟରେ ଥିବା ଖମିଗାଁ ଯେଉଁଠି ତିନିଶହ ପରିବାର ବାସ କରିଥିବାବେଳେ ଅର୍ଦ୍ଧାଧିକ ଦଳିତ ବର୍ଗର । ଏଠାରେ ପିଇବା ପାଣି ସମସ୍ୟା ଉତ୍କଟ । ଗ୍ରାମରେ ଯେଉଁ ନଳକୂପ ରହିଛି ଗୋଟିଏ ଦୁଇଟି ଛାଡି ଦେଲା ପରେ ଅନ୍ୟ ନଳକୂଅ ପାଣି ପିଇବା ଉପଯୋଗୀ ନୁହେଁ । ଏଥିପାଇଁ ଲୋକଙ୍କୁ ପିଇବା ପାଣି ସଂଗ୍ରହରେ ହୀନସ୍ତା ହେବାକୁ ପଡୁଛି । ଲୋକଙ୍କୁ ଦୂରତା ପାଇଁ ସାଇକେଲ ଓ ଭାରରେ ପାଣି ବୋହିକି ନେବାକୁ ପଡୁଛି । ମହିଳାଙ୍କୁ ବି ପାଣି ନେବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଦୂଷିତ ପାଣି ପାଇଁ କିଡନୀ ରୋଗରେ ତିନିଚାରି ବର୍ଷରେ ଏଠାରେ ପାଞ୍ଚରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ଏକାଧିକ ଆକ୍ରାନ୍ତ ଅଛନ୍ତି । ଅଭିଯୋଗ ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣି ନମୁନା ପରୀକ୍ଷା ସମୟରେ ଏହା ଦୂଷିତ ଥିବା ଜଣାପଡ଼ିଥିଲା । ପାନୀୟଜଳ ଦୂଷିତ କାରଣରୁ କିଛି ଦିନ ତଳେ କୋରେଇରେ ଝାଡାବାନ୍ତି ବ୍ୟାପକ ରୂପ ଧାରଣ କରିଥିଲା । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବାର ଆବଶ୍ୟକତା ରହିଛି । ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟରେ ଯେଉଁଠି ଠିକାଦାର ଅବହେଳା କରୁଛନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟରେ ବିଳମ୍ବ କାରଣରୁ ଏଠାରେ ଲୋକଙ୍କୁ ମେଗା ପାନୀୟଜଳ ସୁବିଧା କେବେ ମିଳିବ ତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ଲୋକମାନେ ଯେଭଳି ମେଗା ପାନୀୟଜଳର ସୁବିଧା ଖୁବଶୀଘ୍ର ପାଇପାରିବେ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ପକ୍ଷୀର ମନକଥା ବୁଝନ୍ତି ପକ୍ଷୀରାଣୀ ମାମାଲି



ବାରିକପୁର,୨୬।୪(ସମିସ): କରୋନା ମହାମାରୀ ସମୟରେ ଯେତେବେଳେ ସାରା ବିଶ୍ୱର ମଣିଷ ସମାଜ ସ୍ତବ୍ଧ ଓ ନିରବ ହୋଇଯାଇଥିଲା ସେତେବେଳେ ନୀରିହ ପଶୁପକ୍ଷୀଙ୍କ କଥା ପଚାରେ କିଏ । ଠିକ୍ ଏହି ସମୟରେ ପଶୁପକ୍ଷୀଙ୍କ ମନକଥା ବୁଝିବାକୁ ଆଗକୁ ପାଦ ବଢ଼ାଇଥିଲେ ୭/୮ ବର୍ଷର ଛୋଟ ଝିଅଟିଏ । ଉଦୁଉଦିଆ ଖରାବେଳେ ବୁଲା ଗାଈଗୋରୁଙ୍କ ପାଇଁ ରାସ୍ତା ପାର୍ଶ୍ୱରେ ରଖୁଥିଲେ ପାଣି ମାଠିଆ ଓ ପକ୍ଷୀଙ୍କ ପାଇଁ ଗଛ ଡାଳରେ ବାନ୍ଧି ଦେଉଥିଲେ ଖାଦ୍ୟ ପୁଡ଼ିଆ । ସେବେଠାରୁ ଆଜି ଯାଏଁ ଏହା ତାଙ୍କ ପାଇଁ ପାଲଟିଛି ନିଶା । ଆଜି ବି ଡହଡହ ଗ୍ରୀଷ୍ମରେ ପୂର୍ବ ଭଳି ନିଜ ଦାୟିତ୍ୱକୁ ବଜାୟ ରଖିଛନ୍ତି ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ପକ୍ଷୀରାଣୀ ଭାବେ ପରିଚିତ ମାମାଲି ପଣ୍ଡା ।

କରୋନାବେଳେ ପଶୁପକ୍ଷୀଙ୍କ ପାଇଁ ସ୍ୱେଚ୍ଛାକୃତ ସେବା ଆରମ୍ଭ କରି ଚର୍ଚ୍ଚାକୁ ଆସିଥିଲେ ମାମାଲି । ସେହିଦିନଠାରୁ ପ୍ରତ୍ୟେକ ବର୍ଷ ଖରା ୨ମାସ ନିଜ ଗାଁ ସରପଦାଠାରୁ ବୟାବନାପୁର ଯାଏଁ ହାଇଲେଭୁଲ କେନାଲ ରାସ୍ତା ପାର୍ଶ୍ୱରେ ଥିବା ଗଛ ଡାଳରେ ପକ୍ଷୀଙ୍କ ପାଇଁ ପ୍ଲାଷ୍ଟିକ୍ ପାତ୍ର ବାନ୍ଧି ସେଥିରେ ଖାଦ୍ୟ ଓ ପାନୀୟ ଯୋଗାଇ ଦେଉଛନ୍ତି ମାମାଲି । ଅବଶ୍ୟ ଏଥିରେ ତାଙ୍କ ବାପା-ମାଆ ପୂର୍ଣ୍ଣ ସହଯୋଗ କରୁଛନ୍ତି । ପଶୁପକ୍ଷୀଙ୍କୁ ସ୍ୱେଚ୍ଛାକୃତ ସେବା ପ୍ରଦାନ କରୁଥିବା ହେତୁ ବିଗତ ୫/୬ ବର୍ଷ ଭିତରେ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ଅଜସ୍ର ଶ୍ରଦ୍ଧା ଓ ସମ୍ମାନ ମିଳିଛି । ଲୋକମାନଙ୍କର ଏହି ଭଲପାଇବା ଓ ଶ୍ରଦ୍ଧା ସମ୍ମାନ ତାଙ୍କୁ ସେବା ପାଇଁ ପ୍ରେରଣା ଯୋଗାଉଛି ବୋଲି କହିଛନ୍ତି ପକ୍ଷୀ ରାଣୀ ମାମାଲି । ପଶୁପକ୍ଷୀଙ୍କ ପାଇଁ ଉତ୍ସର୍ଗୀକୃତ ମାମାଲିଙ୍କୁ ଯଦି ସରକାରୀସ୍ତରରେ ସହଯୋଗ ମିଳନ୍ତା ତା'ହେଲେ ସେ ଆହୁରି ସେବାନୁବ୍ରତୀ ହୋଇପାରନ୍ତେ ବୋଲି ବୃଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।

## ପ୍ରାଦେଶିକ ମେଧା ପରୀକ୍ଷାରେ ୨ ଛାତ୍ରୀଙ୍କ ସଫଳତା



ସହିଦ ନଗର,୨୬।୪(ସମିସ): ଓଡ଼ିଶା ଶିକ୍ଷା ବିକାଶ ସମିତି ଦ୍ୱାରା ଆୟୋଜିତ ପ୍ରାଦେଶିକ ମେଧା ପରୀକ୍ଷା ୨୦୨୫-୨୬ରେ ୨ ମେଧାବୀ ଛାତ୍ରୀ ଚମତ୍କାର ସଫଳତା ହାସଲ କରି ଅସୁରାଳି ଅଞ୍ଚଳର ଗୌରବ ବଢ଼ାଇଛନ୍ତି । ଅସୁରାଳି ଶ୍ରୀ ବୈରାଗୀ ସରସ୍ୱତୀ ଶିଶୁମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ରୀ ସ୍ନେହା ସାମନ୍ତ ସାରା ଓଡ଼ିଶାରେ ୨ୟ ସ୍ଥାନ ଅଧିକାର କରିଥିବାବେଳେ ୯୧% ପ୍ରତିଶତ ନମ୍ବର ରଖି ରେକର୍ଡ କରିଛନ୍ତି । ସେ ବ୍ୟାଙ୍କ ମ୍ୟାନେଜର ବିଭୁପ୍ରସାଦ ସାମନ୍ତ ଓ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ତ୍ରିପାଠୀଙ୍କ ସୁକନ୍ୟା । ସେହିଭଳି ଉକ୍ତ ବିଦ୍ୟାଳୟର ଅନ୍ୟତମ ମେଧାବୀ ଛାତ୍ରୀ ରୀତିକୃଷ୍ଣା ପଣ୍ଡା ମଧ୍ୟ ସାରା ଓଡ଼ିଶାରେ ୯ମ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି । ସେ କଟସାହି ବଉଳନାଳି ଶାସନର ବାସିନ୍ଦା ଏବଂ ଆଇନଜୀବୀ ସ୍ନେହାଶିଷ ପଣ୍ଡା ଓ ଶାଖା ଡାକ ଅଧିକାରିଣୀ ତିଳୋତ୍ତମା ମିଶ୍ରଙ୍କ କନିଷ୍ଠା କନ୍ୟା । ସେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ କୃତିକୃଷ୍ଣା ପଣ୍ଡାଙ୍କ ଭଉଣୀ ମଧ୍ୟ ଅଟନ୍ତି । ଏହି ସଫଳତା ପାଇଁ ଦୁଇ ଛାତ୍ରୀ ନିଜ ପ୍ରଧାନ ଗୁରୁଜୀ, ମନୋରଞ୍ଜନ ଗୁରୁଜୀଙ୍କ ସହିତ ସମସ୍ତ ଗୁରୁଜୀ ଓ ଗୁରୁମା'ଙ୍କୁ ଶ୍ରେୟ ଦେଇଛନ୍ତି । ତାଙ୍କର ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଅଞ୍ଚଳର ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି ।

## ବାଉଁଶବାଡ଼ି ହନୁମାନ ବିଗ୍ରହ ପ୍ରତିଷ୍ଠାରେ ପ୍ରଣବ ପ୍ରକାଶ ସାମିଲ



କୟାଁଗୋଲା, ୨୬।୪(ସମିସ): ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତର ବାଉଁଶବାଡ଼ି ଗ୍ରାମରେ ସଙ୍କଟ ମୋଚନ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି । ତିନି ଦିନ ବ୍ୟାପି ଏହି ଉତ୍ସବରେ ରବିବାର ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ସାମିଲ ହୋଇ ବଜରଙ୍ଗବଲୀଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ଗ୍ରାମର ମଙ୍ଗଳ କାମନା କରିଥିଲେ । ଏହି ଅବସରରେ କଳସ ଶୋଭାଯାତ୍ରା ଝୁମ୍ପୁରୀ ନିକଟସ୍ଥ ପୁଣ୍ୟ ବୈତରଣୀ ନଦୀରୁ ଶ୍ରଦ୍ଧାଳୁମାନେ ୧୦୮ କଳସ ଯାତ୍ରା କରି ପାଣି ଆଣିଥିଲେ । ଆଜି ଦ୍ୱିତୀୟ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଗ୍ରାମବାସୀ ତଥା କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ । ବାଉଁଶବାଡ଼ି ତାରିଣୀ ଛକରୁ ଗ୍ରାମ ମେଳଣ ପଡ଼ିଆ ଯଜ୍ଞସ୍ଥଳକୁ ବାଇକ ରାଲିରେ ପାଛୋଟି ଆଣି ସମ୍ବର୍ଦ୍ଧନା କରିଥିଲେ । ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ଡାହାଣହତା ସରପଞ୍ଚ ପ୍ରଦ୍ମାବତୀ ବିଶ୍ୱାଳ ସହ ଶତାଧିକ ବିଜେଡ଼ି କର୍ମୀ ଯୋଗ ଦେଇଥିଲେ । ବହୁ ସଂଖ୍ୟାରେ ମହିଳା ପୁରୁଷ ତାଙ୍କୁ ସାକ୍ଷାତ କରିବାକୁ ଆସିଥିଲେ । ବାଉଁଶବାଡ଼ି ଗ୍ରାମର ପୟୋଧର ଦାସ, ଧର୍ମପତ୍ନୀ ସିପ୍ରା ଦାସ, ସଂକଳ୍ପଧାରୀ ପୂଜା କର୍ମରେ ବସିଥିଲେ । ପୂଜକ ଶରତଚନ୍ଦ୍ର ଶତପଥୀ ସହ ପଣ୍ଡିତମାନେ ମନ୍ତ୍ରଧ୍ୱନି ଉଚ୍ଚାରଣ କରିଥିଲେ । ସନ୍ଧ୍ୟାରେ ପ୍ରବଚନ ହେବା ସହ ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରଯାଇଥିଲା । ଗ୍ରାମର ଶଶଧର ଦାସ, ପିୟବ୍ରତ ଦାସ, ଗଣେଶ ବେହେରା, ରଞ୍ଜନ ମହାନ୍ତି, ଶୁଭପ୍ରକାଶ ଦାସ, ସୁବାଶିଷ ଦାସ, ସନ୍ତୋଷ ଦାସ, ଗଣେଶ ବେହେରା ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

## ଓସ୍ତପାଳ ପଞ୍ଚାୟତରେ ବିଜେଡିର କର୍ମୀ ସମାବେଶ



ଦାନଗଦି, ୨୬।୪(ସମିସ): ଦାନଗଦି ବ୍ଲକ୍ ଅନ୍ତର୍ଗତ ଓସ୍ତପାଳ ପଞ୍ଚାୟତରେ ବିଜେଡ଼ି ଦଳ ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ସଂଗଠନକୁ ଆହୁରି ସୁଦୃଢ଼ କରିବା ଓ ମୂଳ ଭିତ୍ତିକୁ ଶକ୍ତିଶାଳୀ କରିବା ପାଇଁ ଆଲୋଚନା କରିଛନ୍ତି । ଏହି ବୈଠକରେ ବ୍ଲକ ଯୁବ ବିଜେଡ଼ି ସଭାପତି ଜୟପ୍ରକାଶ ସାହୁ, ବିଜେଡ଼ି ଜିଲ୍ଲା ଉପସଭାପତି ଲୋକନାଥ ଧୀର, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ବରିଷ୍ଠ ନେତା ପଞ୍ଚାନନ ଜେନା, ବିଦ୍ୟାଧର ନାୟକଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଯୋଗ ଦେଇଥିଲେ ।

## ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

ଭଦ୍ରକ,୨୬।୪(ସମିସ): ରବିବାର ସକାଳୁ ଭଦ୍ରକ ରେଳ ଷ୍ଟେସନ ଡଗରାସାହି ଏଲ୍‌ସି ଗେଟ୍ ନିକଟରେ ଜଣେ ଅଜଣା ଯୁବକଙ୍କ ମୃତଦେହକୁ ଭଦ୍ରକ ରେଳବାଇ ପୁଲିସ ଉଦ୍ଧାର କରିଛି । ମୃତକଙ୍କ ବୟସ ୪୦ରୁ ୪୫ ବର୍ଷ ବୟସ ହେବ ବୋଲି ଅନୁମାନ କରାଯାଉଛି । ସେ ଏକ ଟି-ସାର୍ଟ ଓ ଟ୍ରାକ୍‌ସୁଟ୍ ପରିଧାନ କରିଛନ୍ତି । ସୂଚନାନୁଯାୟୀ, ଟ୍ରେନ୍ ନମ୍ବର-୦୧୯୩୦, ଭିଭିଏଲ୍ ଝାନ୍ସୀ ସମର ଏକ୍ସପ୍ରେସ୍‌ଟି ବାଲେଶ୍ୱର ଅଭିମୁଖେ ଯାଉଥିବାବେଳେ ରବିବାର ସକାଳେ ସମ୍ପୃକ୍ତ ଯୁବକ ଜଣକ ଟ୍ରେନ୍‌ରୁ ଖସି ତଳେ ପଡ଼ିଯାଇଥିଲେ । ଏ ସମ୍ପର୍କରେ ରେଳ ମଦର ଅଭିଯୋଗରେ ଭଦ୍ରକ ରେଳବାଇ ପୁଲିସକୁ ଖବର ମିଳିଥିଲା । ତେବେ ସମ୍ପୃକ୍ତ ଯୁବକ ଜଣକ ଖସି ପଡ଼ିଛନ୍ତି କି ଟ୍ରେନ୍‌ରୁ ଡେଇଁ ପଡ଼ିଛନ୍ତି ଏହା ସ୍ପଷ୍ଟ ହୋଇନି । ଭଦ୍ରକ ରେଳବାଇ ପୁଲିସ ଘଟଣାସ୍ଥଳରୁ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ଘଟଣାରେ ଏକ ଅପମୃତ୍ୟୁ ମାମଲା(ନଂ-୩୨/୨୬) ରୁଜୁ କରିଛି ।

## ବନ୍ତ ଛକରେ କାର୍ ଜାଳିଦେଲେ ଦୁର୍ବୃତ୍ତ



ଭଦ୍ରକ,୨୬।୪(ସମିସ): ଭଦ୍ରକର ବନ୍ତ ଛକରେ କେହି ଦୁର୍ବୃତ୍ତ ରବିବାର ଭୋର୍ ସମୟରେ ଏକ ଅଜଣା କାର୍‌କୁ ନିଆଁ ଲଗାଇ ଜାଳି ଦେଇଛନ୍ତି । କେଉଁ କାରଣରୁ କାର୍‌ରେ ନିଆଁ ଲାଗିଲା, କିଏ ଓ କାହିଁକି ନିଆଁ ଲଗାଇଲା ତାକୁ ନେଇ ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ ଭଦ୍ରକ ଟାଉନ ପୁଲିସ ଏହାର ଖୋଳତାଡ଼ ଆରମ୍ଭ କରିଛି । ଏହି ଘଟଣାରେ କେହି ଗିରଫ ହୋଇ ନ ଥିବାବେଳେ କାର୍‌ଟି କାହାର ବୋଲି କେହି ଦାବିଦାର୍ ମଧ୍ୟ ନାହାନ୍ତି । କୌଣସି ଲୋକ ଏହି ଘଟଣାରେ ଥାନାରେ କିଛି ଅଭିଯୋଗ କରିନାହାନ୍ତି ବୋଲି ଟାଉନ୍ ଥାନା ଆଇଆଇସି ପ୍ରଶଂଶ ମିଶ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଏହି କାର୍‌ରେ ୫ଟି ଗୋରୁ ଚାଲାଣ ହେଉଥିଲା ଓ ଗୋରୁଙ୍କୁ ବାହାରକୁ ବାହାର କରି ସେଥିରେ ନିଆଁ ଲଗାଇ ଦିଆଯାଇଥିବା ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରଚାର ହେଉଛି ।

## ୧୫ ଲିଟର ଆସ୍କାଫର୍ଟି ଜବତ; ଅଭିଯୁକ୍ତ ଗିରଫ



ତିହିଡ଼ି/ଦୋଳସାହି,୨୬।୪(ସମିସ): ତିହିଡ଼ି ଥାନାର ପ୍ରଥମ ମହିଳା ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ଯୋଗଦାନ ପରେ ବେଆଇନ ନିଶା ବେପାର କରୁଥିବା ବେପାରୀଙ୍କ ମଧ୍ୟରେ ଛନକା ପଶିଥିବା ଦେଖିବାକୁ ମିଳୁଛି । ସୂଚନାଯୋଗ୍ୟ, ତିହିଡ଼ି ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବେଆଇନ ବେସରକାରୀ ଦେଶୀ ମଦ ଓ ସରକାରୀ ଦେଶୀ ମଦ (ଆସ୍କାଫର୍ଟି) ବେଆଇନ ଭାବେ ଖୁଲମ୍‌ଖୁଲା ବେପାର ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ତିହିଡ଼ି ଥାନା ଅଧିକାରିଣୀଙ୍କ ନିର୍ଦ୍ଦେଶରେ ତିହିଡ଼ି ପୁଲିସର ଏକ ଟିମ୍ ଦୋଳସାହିଠାରେ ଛକିଥିଲେ । ଦୋଳସାହି ଗ୍ରାମର ବାସୁଦେବ ବେହେରାଙ୍କଠାରୁ ୧୫ ଲିଟର ସରକାରୀ ଦେଶୀ ମଦ ନେଉଥିବାବେଳେ ତାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛନ୍ତି ।

## ବାରୋ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ଘଟଣାରେ ୪ ଗିରଫ



ତିହିଡ଼ି,୨୬।୪(ସମିସ): ତିହିଡ଼ି ବ୍ଲକ୍ ଅଧୀନ ବାରୋ ପଞ୍ଚାୟତ କାର୍ଯ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି ଘଟଣାରେ ତିହିଡ଼ି ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାରୋ ଗ୍ରାମର ବାବୁଲି ଦାସଙ୍କ ପୁଅ ଦୀପୁ ଓରଫ ଜଗନ୍ନାଥ ଦାସ ଓ କମଳାକାନ୍ତ ଦାସଙ୍କ ପୁଅ ପାପୁ ଓରଫ ପ୍ରଶାନ୍ତ ଦାସ, ଆରସା ଗ୍ରାମର ସ୍ୱର୍ଗତ ଲକ୍ଷ୍ମୀଧର ଦାସଙ୍କ ପୁଅ ଲମ୍ବୋଦର ଦାସ ଓ ନନ୍ଦପୁର ଗ୍ରାମର ଜବର ସାହାଙ୍କ ପୁଅ ଗୋରା ସାହାକୁ ଗିରଫ କରାଯାଇଛି । ଦୀପୁ ଓରଫ ଜଗନ୍ନାଥଙ୍କ ନାମରେ ପୂର୍ବରୁ ଆହୁରି ଦୁଇଟି ମାମଲା ଥିବା ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟ, ବାରୋ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ବିଭିନ୍ନ ନଳକୂଅ ଯନ୍ତ୍ରାଂଶ ଓ ଅନ୍ୟ କେତେକ ସାମଗ୍ରୀ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା ।

**ଯୋଜନାକୁ ୬ ବର୍ଷ ପୂରିଲା**

# କାମରେ ଲାଗୁନି ଗୋଷ୍ଠୀ ପରିମଳ କେନ୍ଦ୍ର



ବନ୍ତ/ଆଗରପଡ଼ା,୨୬।୪(ସମିସ): ଆଉ ଏକ ନୂତନ ଆର୍ଥିକ ବର୍ଷ ଆରମ୍ଭ ହେବା ସହିତ ଯୋଜନାକୁ ୬ ବର୍ଷ ପୂରିଯିବା ପରେ ମଧ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟରେ ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ର କାମରେ ନ ଲାଗିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ।

୨୦୨୦-୨୧ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ଗରିବ ରୋଜଗାର ଯୋଜନାରେ ଗୋଷ୍ଠୀ ପରିମଳ କେନ୍ଦ୍ରମାନ ନିର୍ମାଣ କରାଯାଇଥିଲା । ନିର୍ମାଣକୁ ୬ ବର୍ଷ ପୂରିଯାଇଥିଲେ ସୁଦ୍ଧା ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣାଧୀନ କେନ୍ଦ୍ରଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଉକ୍ତ ଯୋଜନାର ସଫଳ ରୂପାୟଣକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଉଦାହରଣ ସ୍ୱରୂପ କାଦବରାଙ୍ଗ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ, ପୁରୁଷଣ୍ଡ ପଞ୍ଚାୟତର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ର ନିକଟରେ, ଆଡ଼ିଆ ପଞ୍ଚାୟତର ଅଡାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ, ଓଡ଼ଙ୍ଗ ପଞ୍ଚାୟତର ସତିସାବିତ୍ରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏହିପରି ବିଭିନ୍ନ ସ୍ଥାନରେ ନିର୍ମିତ ଗୋଷ୍ଠୀ ପରିମଳ କେନ୍ଦ୍ରମାନ ଅନ୍ୟତମ । ଉକ୍ତ କେନ୍ଦ୍ରଗୁଡ଼ିକର ନିର୍ମାଣ ସରିଥିଲେ ସୁଦ୍ଧା ଏହା କେଉଁ କାରଣରୁ ବ୍ୟବହାର କରାଯାଉନାହିଁ । ଉକ୍ତ କେନ୍ଦ୍ରର ଦାୟିତ୍ୱ କିଏ ବହନ କରୁଛନ୍ତି ଏହା ଜାଣିବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କଲେ ଏହାର ସନ୍ତୋଷଜନକ ଉତ୍ତର ମିଳିପାରୁନାହିଁ । ତେଣୁ ନିର୍ମାଣ ସରିବାର ବର୍ଷାଧିକ କାଳ ପରେ ମଧ୍ୟ କେନ୍ଦ୍ରଗୁଡ଼ିକ ବ୍ୟବହାର ନ ହୋଇ ପଡ଼ିରହିଥିବା ଯୋଗୁଁ ଏହା ବ୍ୟବହାର ହେବା ବେଳକୁ ପୁନଃ ମରାମତି ମାଗିବା ପରିସ୍ଥିତି ସୃଷ୍ଟି ହେବାର ସୂଚନା ମିଳୁଛି । ତେଣୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ବନ୍ଦ ହୋଇ ପଡ଼ିଥିବା କେନ୍ଦ୍ରଗୁଡ଼ିକ ପୁନଃ ମରାମତି ମାଗିବା ପୂର୍ବରୁ କିପରି ବ୍ୟବହାର ହୋଇପାରିବ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେଉଛି ।

**ଝୁଣ୍ଟୁଛି ହରିଶ୍ଚନ୍ଦ୍ର ଯୋଜନା**

# ୨ ବର୍ଷ ପରେ ବି ମିଳିନି ମୃତକଙ୍କ ପରିବାରକୁ ସହାୟତା ରାଶି

## ଅନୁଦାନ ଯୋଗାଇ ଦେବାକୁ ସରପଞ୍ଚ ସଙ୍ଘର ଦାବି

ଦଶରଥପୁର,୨୬।୪(ସମିସ): ଜନସାଧାରଣଙ୍କ କଲ୍ୟାଣ ପାଇଁ ସରକାର ବିଭିନ୍ନ ପ୍ରକାରର ଯୋଜନା କରିଛନ୍ତି । ହରିଶ୍ଚନ୍ଦ୍ର ସହାୟତା ଯୋଜନା ହେଉଛି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା । ଯେଉଁ ଯୋଜନାରେ ଗରିବ ଓ ଅସହାୟ ପରିବାର ସଦସ୍ୟଙ୍କୁ ମୃତକଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ତୁରନ୍ତ ସହାୟତା ପ୍ରଦାନ କରାଯାଇଥାଏ । ତେବେ ପାଖାପାଖି ୨ ବର୍ଷ ହେବ ଦଶରଥପୁର ବ୍ଲକରେ ଏହି ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଥିବା ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ଅଭିଯୋଗ ହୋଇଛି । ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାର ଅର୍ଥ ବ୍ଲକର ୩୫ଟି ପଞ୍ଚାୟତରେ ଥିବା ହିତାଧିକାରୀଙ୍କୁ ମିଳୁନାହିଁ । ବିଧି ବ୍ୟବସ୍ଥା ଅନୁଯାୟୀ ପଞ୍ଚାୟତର ସରପଞ୍ଚଙ୍କ ଦ୍ୱାରା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତତକ୍ଷଣାତ ମୃତକଙ୍କ ପରିବାର ଲୋକଙ୍କୁ ହରିଶ୍ଚନ୍ଦ୍ର ସହାୟତା ଅର୍ଥ ପ୍ରଦାନ କରାଯାଇଥାଏ; କିନ୍ତୁ ଦଶରଥପୁର ବ୍ଲକର ୩୫ ପଞ୍ଚାୟତରେ ଉକ୍ତ ସହାୟତା ପ୍ରଦାନରେ ପ୍ରାୟ ୨ ବର୍ଷ ବିତିଯାଇଥିଲେ ମଧ୍ୟ ଅର୍ଥ ମିଳୁନାହିଁ । ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଅର୍ଥ ପ୍ରଦାନ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଅନଲାଇନରେ ଆବେଦନ କରିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଏବେ ମୃତ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପାଇ ଅନେକ ପଞ୍ଚାୟତରେ ସରପଞ୍ଚମାନେ ମୃତକଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଉପସ୍ଥିତ ହେବାକୁ ପଛଘୁଞ୍ଚା ଦେଉଥିବା କିଛି ସରପଞ୍ଚ ପ୍ରକାଶ କରିଛନ୍ତି । ହରିଶ୍ଚନ୍ଦ୍ର ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରତ୍ୟେକ ପଞ୍ଚାୟତରେ ୧୫ ହଜାର ଟଙ୍କାର ଏକ କର୍ପସ ପାଣ୍ଠି ମହଜୁଦ ରହିବାର ନିୟମ ଥିବା ସତ୍ତ୍ୱେ ବର୍ତ୍ତମାନ ସମ୍ପୃକ୍ତ ପାଣ୍ଠିରେ ଅର୍ଥ ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ ସରକାର ଓ ଜିଲ୍ଲା ପ୍ରଶାସନ ଏହି ଯୋଜନା ପ୍ରତି ଦୃଷ୍ଟି ଦେବା ସହିତ ଗରିବ ଓ ଅସହାୟ ପରିବାର ସଦସ୍ୟଙ୍କ ମୃତ୍ୟୁରେ ତତକ୍ଷଣାତ ସହାୟତା ରାଶି ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବାକୁ ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ନିରାକାର ସାହୁ, ହିମାଂଶୁ ନାୟକ, କୁଞ୍ଜବିହାରୀ ଦାସ, ସୁବାସ ଦେବତା, ଏସକେ ନାଦର, ପ୍ରଦୀପ ଜେନା, ଲିପିକା ମଲ୍ଲିକ, କାଞ୍ଚନବାଳା ପରିଡା, ପଦ୍ମାବତୀ ବିଶ୍ୱାଳ, ଲିପିକା ମଲ୍ଲିକ, ରାଜଶ୍ରୀ ସାମଲ, ବିଜୟଲକ୍ଷ୍ମୀ ଶତପଥୀ, ସଂଯୁକ୍ତା ମହାନ୍ତି, ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି ।

## ସରକାରଙ୍କ ଆଳୁ ମିଶନ୍ ଏବେ ଚାଷୀଙ୍କ ଟେନ୍‌ସନ୍

# ବଜାର ବ୍ୟବସ୍ଥା ନ ହେବାରୁ ଅଭାବୀ ବିକ୍ରିର ଶିକାର

ଦେଓଗାଁ, ୨୬।୪(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକରେ ବଜାର ବ୍ୟବସ୍ଥା କିମ୍ବା ଶୀତଳଭଣ୍ଡାର ନ ଥିବାରୁ ସରକାରଙ୍କ ଆଳୁମିଶନ୍ ଏବେ ଚାଷୀଙ୍କ ପାଇଁ ଟେନ୍‌ସନ୍ ସାଜିଛି। ଉଦ୍ୟାନ ବିଭାଗ ତରଫରୁ ଆଳୁ ମିଶନ ଜରିଆରେ ଆଳୁଚାଷ କରିବା ପାଇଁ ଚାଷୀଙ୍କୁ ପ୍ରବର୍ତ୍ତାଇ ଆଳୁ ବିହନ ବଣ୍ଟନ କରାଯାଇଥିଲା। ବ୍ଲକର ୨୧୫ଚାଷୀଙ୍କ ୪୦ ହେକ୍ଟର ଜମିରେ ଆଳୁଚାଷ କରିବା ପାଇଁ ୧୨ଶହ ପ୍ୟାକେଟ ଅର୍ଥାତ ୬ଶହ କ୍ୱିଣ୍ଟାଲ ବିହନ ଦିଆଯାଇଥିଲା। ଏବେ ଆଳୁ ଉତ୍ପାଦନ ହୋଇସାରିଥିବାବେଳେ ଚାଷୀ ପାଇଁ ଉଚିତ ବଜାର ବ୍ୟବସ୍ଥା ନ ଥିବା ଓ ଶୀତଳ ଭଣ୍ଡାର ବ୍ୟବସ୍ଥା ନ ଥିବାରୁ ଚାଷୀ ଏବେ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହୋଇଛି। ବ୍ଲକର ବନ୍ଧପଡ଼ା, ବ୍ରାହ୍ମଣୀଯୋର, ଡୁମେରପିଟା,



ଉପରଝର, ଗୌରଗୋଠ, ଧଣ୍ଡାମାଲ, ସିଂହାମୁଣ୍ଡା ଆଦି ପଞ୍ଚାୟତରେ ଆଳୁ ଉନ୍ନତମାନର ଉତ୍ପାଦନ ହୋଇଛି। ପ୍ରାୟ ଚାଷୀଙ୍କ ଠାରେ ହେକ୍ଟର ପ୍ରତି ୭୫ ରୁ ୮୦ କ୍ୱିଣ୍ଟାଲ ଆଳୁ ଉତ୍ପାଦିତ ହୋଇଥିବା ବେଳେ କେତେକ ସ୍ଥାନରେ ଆଳୁ ମଞ୍ଜି ଠିକ ନ ଥିବାରୁ ଉତ୍ପାଦନ ହ୍ରାସ ପାଇଥିବା ମଧ୍ୟ ଅଭିଯୋଗ ହୋଇଛି। ତେବେ ଉତ୍ପାଦିତ ଆଳୁକୁ ସଂରକ୍ଷିତ କରି ରଖିବା ପାଇଁ ବ୍ଲକରେ ଶୀତଳଭଣ୍ଡାରର ବ୍ୟବସ୍ଥା ନଥିବା ଓ ବଜାର ବ୍ୟବସ୍ଥା ମଧ୍ୟ ନ ଥିବାରୁ ଏବେ ଚାଷୀମାନେ ଗ୍ରାମାଞ୍ଚଳରେ ବସୁଥିବା ସାପ୍ତାହିକ ବଜାରକୁ ନେଇ ଶାଗ ମାଛ ଦରରେ ବିକ୍ରି କରୁଥିବା ନଜରକୁ ଆସିଛି। ଶନିବାର ବନ୍ଧପଡ଼ା ବଜାରରେ ଚାଷୀ ଜୟଦେବ ସିଂ ନିନା ନିଜ ଚାଷଜମିରେ ଉତ୍ପାଦନ କରିଥିବା ଆଳୁକୁ ବଜାର ମଧ୍ୟରେ କେଜି ପ୍ରତି ମାତ୍ର ୧୦ଟଙ୍କାରେ ବିକ୍ରି କରିଦେଉଥିବା ଦେଖିବାକୁ ମିଳିଥିଲା। ବ୍ଲକରେ ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ ରଖିବାପାଇଁ ସୁ-ବ୍ୟବସ୍ଥା ହେଲେ ଓ ଚାଷୀ ଉପାର୍ଜିତ କରୁଥିବା ଫସଲକୁ ଉଚିତ ଦରରେ ବାହାର ବଜାରରେ ବିକ୍ରୟ ପାଇଁ ବ୍ୟବସ୍ଥା କରାଗଲେ ଚାଷୀମାନେ ବିଭିନ୍ନ ଅଣଧାନ ଚାଷ କରିବା ପାଇଁ ଆଗ୍ରହୀ ହୁଅନ୍ତେ ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି।

## ବେଧଡ଼କ୍ ଚାଲିଛି ଏକାଧିକ ଇଟାଭାଟି; ପ୍ରଶାସନ ନିରବ



**କଣ୍ଟାବାଞ୍ଜି, ୨୬।୪(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ତହସିଲ ଅଧୀନ ବିଭିନ୍ନ ସ୍ଥାନରେ ଏବେ ବେଆଇନ ଭାବେ ଚାଲିଛି ଏକାଧିକ ଇଟାଭାଟି। ହେଲେ ପ୍ରଶାସନ ନିରବ ରହିଛି। ଗତ କିଛିମାସ ତଳେ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ତହସିଲ ଅଧୀନ ବିଭିନ୍ନ ଇଟାଭାଟିରେ ପ୍ରଶାସନ ଚଢ଼ଉ କରିଥିଲା କିନ୍ତୁ ଏବେ ପୁଣି ପ୍ରଶାସନ ହାତବାନ୍ଧି ଚୁପ ବସିଛି। ଫଳରେ ବିଭିନ୍ନ ସ୍ଥାନରୁ ଇଟାଭାଟି ମାଲିକ ମାନେ ବେଆଇନ ଭାବେ ମାଟି ଖନନ କରି ଇଟା ସାମ୍ରାଜ୍ୟ କରିବାରେ ବ୍ୟସ୍ତ ହୋଇଥିଲା ବେଳେ ଖଣି ବିଭାଗ ଓ ରାଜସ୍ୱ ବିଭାଗ ଲୋକ ଦେଖାଣିଆ ଚଢ଼ଉ କରି ପୁଣି ନିରବ ରହୁଛି। କଣ୍ଟାବାଞ୍ଜି ତହସିଲ ଅଧୀନ କୁକୁଡ଼ାହାଡ଼, ଚାଉଳସୁଖା, ଡୁମେରଚୁଆଁ, କଣ୍ଟାବାଞ୍ଜି, ବେହେରେନସିଲେଟ, ଧାମନଡଙ୍ଗା, ଜାମୁରଝୁଲା, ପଖନମୁଣ୍ଡା ଭଳି ଅନେକ ଗାଁରେ ବେଆଇନ ମାଟିରେ ଇଟା ତିଆରି କରୁଥିବା ଦେଖିବାକୁ ମିଳିଛି। ସରକାର ମାଟିରେ ଇଟା ତିଆରି କରିବା ସମ୍ପୂର୍ଣ୍ଣ ଭାବେ ବେଆଇନ ଘୋଷଣା କରିଥିବା ସତ୍ତ୍ୱେ ମଧ୍ୟ ଇଟାଭାଟି କରିଥିବା ମାଲିକମାନେ ମାଟିରେ ଇଟା ତିଆରି କରୁଛନ୍ତି। ତେବେ କଣ୍ଟାବାଞ୍ଜି ତହସିଲ ଅଞ୍ଚଳରେ ଚାଲିଥିବା ବେଆଇନ ଇଟାଭାଟିମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହା ଦେଖିବାକୁ ରହିଲା।

● ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଠପ୍

## ପିଇବା ପାଣି ଟୋପେ ପାଇଁ ଲୋକେ ହନ୍ତସନ୍ତ

**ଧର୍ମଗଡ଼, ୨୬।୪(ସମିସ):** ବର୍ତ୍ତମାନ ସାରା ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ ଦିନକୁ ଦିନ ଏହାର ପ୍ରଭାବ ବଢ଼ିବାରେ ଲାଗିଛି। ପାରଦ ୪୫ ଡିଗ୍ରୀ ଛୁଇଁଲାଣି। ଏହି ସମୟରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଧର୍ମଗଡ଼ ବ୍ଲକର ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଗ୍ରାମବାସୀ ପିଇବା ପାଣି ପାଇଁ ହାହାକାର ହେଉଥିବା ଅଭିଯୋଗ ହେଉଛି।ଗ୍ରାମରେ ବସୁଧା ଯୋଜନାରେ ପାଣି ଟାଙ୍କି ସହିତ ପାଇପ୍ ସଂଯୋଗ ମଧ୍ୟ କରାଯାଇଛି। କିନ୍ତୁ, ଲୋକେ କେବେ ବସୁଧା ଯୋଜନାରୁ ପାଣି ପାଉଛନ୍ତି ତ କେବେ ନାହିଁ। ନିମ୍ନମାନର ଯନ୍ତ୍ରପାତି ସଂଯୋଗ ଏବଂ ନିମ୍ନମାନର କାର୍ଯ୍ୟ



ଯୋଗୁଁ ମାସ ମଧ୍ୟରେ ୨-୩ ଥର ଯୋଜନା ଅଚଳ ହୋଇପଡୁଛି। କେଉଁଠି ପାଣି ଯୋଗାଣ ହୋଇପାରୁଛି ତ କେଉଁଠି ମୂଳରୁ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। କେବଳ ଦ୍ୱାର ଦ୍ୱାରରେ ପାଇପ୍ ପୋତାଯାଇଛି ହେଲେ ମୂଳରୁ ପାଣି ଆସୁନଥିବା ଲୋକେ ପ୍ରକାଶ କରନ୍ତି। ଗତ ସପ୍ତାହ ଧରି ବିଲକୁଲ ପାଣି ଯୋଗାଣ ହେଉନଥିବା ଅଭିଯୋଗ ହେଉଛି।ଏପରିକି ରଇନଗୁଡା ଗାଁର ପଶ୍ଚିମରେ ଅବସ୍ଥିତ ସୋରିପଡ଼ା ବାସିନ୍ଦା ଆରମ୍ଭରୁ ପାଣି ପାଉନଥିବା ଅଭିଯୋଗ କରିଛନ୍ତି। ଏଠାରେ ୧୦-୧୨ ପରିବାର ବସବାସ କରୁଛନ୍ତି। କେବଳ ଗୋଟିଏ ସରକାରୀ ନଳକୂପ ଏଠାରେ ରହିଛି ହେଲେ ବହୁ କଷ୍ଟରେ ଟୋପାଏ ପାଣି ବାହାରିଥାଏ। ଏହି ପଡ଼ାରବାସିନ୍ଦା ବହୁ ସମୟରେ ପାଖରେ ଥିବା ନାଳରେ ବାଲିଚୁଆ ଖୋଳି ପାଣି ଆଣିଥାନ୍ତି। ସେହି ପାଣି ବ୍ୟବହାର କରି ଅନେକ ଲୋକ ବିଭିନ୍ନ ରୋଗର ଶିକାର ହେଉଥିବା ଜଣାପଡ଼ିଛି।

ନିଆଁ ଲିଭାଇ ଲିଭାଇ ନିଜେ ଜଳିଗଲେ

## ମୃତ୍ୟୁର ୩ ଦିନ ପରେ ବି ପରିବାର ପାଖରେ ପହଞ୍ଚିଲାନି ବିଭାଗ

**ଗୋଲାମୁଣ୍ଡା, ୨୬।୪(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ବନାଞ୍ଚଳର ଅଧିକାରୀମାନେ ମାନବିକତା ଭୁଲି ଗଲେଣି। ନିଜେ ତ ଜଙ୍ଗଲକୁ ଯାଉ ନାହାଁନ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ମରଣ ମୁହଁକୁ ଠେଲି ଦେଇ ଅଫିସ ରେ ମୌଜ ମସ୍ତି କରୁଛନ୍ତି। କେଗାଁ ବନାଞ୍ଚଳରେ ଜଣେ ଯୁବକଙ୍କୁ ଅସ୍ଥାୟୀ ଭାବେ ଜଙ୍ଗଲରେ ନିଆଁ ଲିଭାଇବା କାମରେ ନିୟୋଜିତ କରିଥିଲେ। ନିଆଁ ଲିଭାଇ ଲିଭାଇ ନିଜେ ମୃତ୍ୟୁ ମୁଖରେ ପଡ଼ିଲେ। ମୃତ୍ୟୁର ୩ଦିନ ବିତି ଯାଇଥିଲେ ସୁଦ୍ଧା ମୃତ ଯୁବକଙ୍କ ପରିବାର ପାଖରେ ପହଁଞ୍ଚି ନାହାନ୍ତି ବନ ବିଭାଗ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନୂଆଁଗାଁ ପଞ୍ଚାୟତର କରଞ୍ଜକୋଟ ଗ୍ରାମର ଥବିର ଚନ୍ଦନ(୪୨) କେଗାଁ ବନଖଣ୍ଡ ଅନ୍ତର୍ଗତ ନୂଆଁଗାଁ ବିଟ୍‌ରେ ଅସ୍ଥାୟୀ ଭାବେ ନିଆଁ ଲିଭା କାମରେ ନିୟୋଜିତ ହୋଇଥିଲେ। ଥବିର ଚନ୍ଦନଙ୍କୁ ମନରେଗା ଯୋଜନାରେ ନିଯୁକ୍ତି କରି ନିଆଁ ଲିଭାଇବା କାର୍ଯ୍ୟରେ ରଖିଥିଲେ। ସେ ଗତ ୨୧ ତାରିଖରେ ଜଙ୍ଗଲକୁ ନିଆଁ ଲିଭାଇବା ପାଇଁ ଯାଇ ସନ୍ଧ୍ୟାରେ ଗୁରୁତର ଭାବେ



ଘରକୁ ଫେରିଥିଲେ। ନିଆଁ ଲିଭାଇବା ସମୟରେ ଖାଦ୍ୟ ଓ ପନିୟଜଳ ବନ ବିଭାଗ ମଧ୍ୟ ଯୋଗାଇ ନ ଥିଲେ। ଗୁରୁତର ହେବାରୁ ତାଙ୍କୁ ପରିବାର ପକ୍ଷରୁ ଉଚ୍ଛଳାପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅତି ଗୁରୁତର ହେବାରୁ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସନ୍ଧ୍ୟା ୮ ଟାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୨ ତାରିଖ ଦିନ ମୃତ୍ୟୁ ହୋଇଥିବା ଡାକ୍ତର ଶିବାଶିଷ ଖମାରିଙ୍କ ରିପୋର୍ଟରୁ ଜଣାପଡ଼ିଛି। ଦୁର୍ଭାଗ୍ୟ କଥା ଯେ ଜଙ୍ଗଲ ବିଭାଗ ପକ୍ଷରୁ କେଗାଁ ସେକସନ ବନପାଳ ରମେଶ ପଣ୍ଡା କିମ୍ବା ରେଞ୍ଜର ଯୁଧିଷ୍ଠିର ଜାଲ କୌଣସି ଆର୍ଥିକ ସହାୟତା ଦେଇ ନ ଥିବା ବେଳେ ଡାକ୍ତରଖାନାକୁ ମଧ୍ୟ ଦେଖିବାକୁ ଯାଇ ନ

**ମାନବିକତା ଭୁଲିଗଲା ବନବିଭାଗ**

ଥିଲେ। ଅନ୍ୟପକ୍ଷରେ ଥବିରଙ୍କ ମୃତ୍ୟୁକୁ ଆଜକୁ ତିନି ଦିନ ପରେ ବି ବନ ବିଭାଗ ମୃତ ପରିବାରକୁ ସମାବେଦନା ତ ଦୂରର କଥା ଫୋନଟିଏ ମଧ୍ୟ କରିନଥିବା ନେଇ ମୃତ ଥବିରଙ୍କ ସ୍ତ୍ରୀ ମାଧୁରୀ ଚନ୍ଦନ ଅଭିଯୋଗ କରିଛନ୍ତି। ଥବିର ଘରର ଏକ ମାତ୍ର ରୋଜଗାରିଆ ହୋଇଥିବା ବେଳେ ଘରେ ସ୍ତ୍ରୀ, ଗୋଟିଏ ବଢ଼ିଲା ଝିଅ ଏବଂ ଦୁଇ ଛୋଟ ଛୋଟ ପୁଅ ଅଛନ୍ତି। ତୁରନ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।।ଏନେଇ ଏସିଏଫ ଲିଲି ଅମାନତ୍ୟଙ୍କୁ ପଚାରିବାରୁ କଣ ହୋଇଛି ମୁଁ ବୁଝୁଛି ବୋଲି କହିଥିଲେ।

● ଦେଓଗାଁ ଭଞ୍ଜପଡ଼ାରେ ପାନୀୟଜଳ ସଙ୍କଟ

## ନଳକୂପ ଖନନ ନ ହେଲେ ବ୍ଲକ ସମ୍ମୁଖରେ ଧାରଣା ଚେତାବନୀ

**ଦେଓଗାଁ, ୨୬।୪(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ଭଞ୍ଜପଡ଼ାରେ ବର୍ତ୍ତମାନ ଘୋର ପାନୀୟଜଳ ସଂକଟ ଦେଖାଦେଇଛି। ସୋନଗଡ଼ ନଦୀକୂଳରେ ଆଜକୁ ପ୍ରାୟ ୩୫ବର୍ଷ ତଳେ ହୋଇଥିବା ଗ୍ରାମ୍ୟ ପାନୀୟଜଳ ଯୋଗାଣ ପ୍ରକଳ୍ପରୁ ଦେଓଗାଁ ଓ କଛାରପାଲି ଗାଁକୁ ପାନୀୟଜଳ ଯୋଗାଣ ହୋଇଆସୁଛି। ଏହି ପ୍ରକଳ୍ପ ଅତି ପୁରାତନ ହୋଇଥିବାବେଳେ ଏହାର ପୁନରୁଦ୍ଧାର କରାଯାଉ ନ ଥିବାରୁ ନଦୀରେ ରହିଥିବା କୂଅ ପୋତିହେବାକୁ ବସିଛି। ପ୍ରଚଣ୍ଡ ଖରାରେ କୂଅର ଜଳସ୍ତର ଏବେ ହ୍ରାସପାଇବାରେ ଲାଗିଥିବାରୁ ଦେଓଗାଁ ଓ କଛାରପାଲିକୁ ୨/୩ ଦିନରେ ଥର ପାଣି ଯୋଗାଣ ହେଉଛି, ତାହା ପୁଣି ମାତ୍ର ଅଧଘଣ୍ଟା, ଏଣୁ ଗାଁ ମୁଣ୍ଡରେ ରହିଥିବା ଭଞ୍ଜପଡ଼ାକୁ ମୋଟେ ପାନୀୟଜଳ ପହଞ୍ଚି ପାରୁନାହିଁ। ପଡ଼ାରେ ଥିବା ଏକମାତ୍ର ନଳକୂପ ଆଜକୁ ପ୍ରାୟ ୩ବର୍ଷ ହେଲା ନଷ୍ଟ ହୋଇ ପୋତି ହୋଇଯାଇଛି। ଏଣୁ ପଡ଼ାବାସୀ ସ୍ଥାନୀୟ ଯୋଗୀସାଗର ତଥା ୧ କିଲୋମିଟରରୁ ଅଧିକ ଦୂରରେ ଥିବା ଅନ୍ୟ ଜଳଉତ୍ସ ଗୁଡ଼ିକ ଉପରେ ନିର୍ଭର କରୁଥିବା ଅଭିଯୋଗ ହୋଇଛି। ବ୍ଲକ ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବନୀତା ବେହେରାଙ୍କୁ ଗତ ବର୍ଷଠାରୁ ପଡ଼ାବାସୀ ପଡ଼ାରେ ଏକ ନଳକୂପ ଖନନ ପାଇଁ ଲିଖିତଭାବେ ଦାବି ଜଣାଇଥିଲେ ହେଁ ଏ ପର୍ଯ୍ୟନ୍ତ କୌଣସୀ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ପଡ଼ାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କିଛିଦିନ ମଧ୍ୟରେ ପଡ଼ାରେ ନଳକୂପ ଖନନ ପାଇଁ ପଦକ୍ଷେପ ଗ୍ରହଣ କରା ନ ଗଲେ ପଡ଼ାବାସୀ ବ୍ଲକ ସମ୍ମୁଖରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି।

## ୧୫ ଗୋରୁ ଉଦ୍ଧାର, ୬ ଗିରଫ

**ବଲାଙ୍ଗିର, ୨୬।୪(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଲା ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ରବିବାର ଭୋର ପ୍ରାୟ ୩ଟା ୧୦ ମିନିଟ ସମୟରେ ପୁଇଁତଲା ପୁଲିସ ପାଟ୍ରୋଲିଂ ଟିମ୍ ବିଲେଇସାର୍ଡା ସୁକତେଲ ବ୍ରିଜ୍ ନିକଟରେ ଚଢ଼ଉ କରି ଦୁଇଟି ପିକଅପ୍ ଭ୍ୟାନକୁ ଜବତ କରିବା ସହ ବେଆଇନ ଗୋ-ଚାଲାଣକୁ ରୋକିବାରେ ସକ୍ଷମ ହୋଇଛି। ପୁଲିସ ସୂଚନା ଅନୁସାରେ,



ଦୁଇଟି ପିକଅପ୍‌ରେ ଗୋରୁ ବୋଝେଇ କରି ନେଉଥିବା ବେଳେ ପୁଲିସ ହାବୁଡ଼ରେ ପଡ଼ିଥିଲେ। ଯାଞ୍ଚ ସମୟରେ ସେଥିରୁ ୧୫ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ୬ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଅଭିରାମ ହରିପାଲ, ଅଶୋକ ମହାନନ୍ଦ, ସୁନୀଲ ମହାନନ୍ଦ, ଭୁଜପତି ମହାନନ୍ଦ, ରାଜୀବ ଚଳାନସେଠ ଜୟଦ୍ରଥ କୁଆଁର। ଉଦ୍ଧାର ହୋଇଥିବା ଗୋରୁମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନୀୟ ସୁରଭି ଗୋସେବା ଧାମ ଜିମ୍ମାରେ ରଖାଯାଇଛି। ଏହି ସଂକ୍ରାନ୍ତରେ ପୁଇଁତଲା ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି ଏବଂ ଏହି ବେଆଇନ କାରବାର ପଛରେ ଆଉ କାହାର ହାତ ଅଛି ସେ ନେଇ ଖୋଳତାଡ଼ କରୁଛି।

● ଦାବ୍ରିଠାରୁ ବେହେରେନସିଲେଟ ନାଏକ ପଡ଼ା ରାସ୍ତା କାମ

## ଅନୁଦାନ ଆସିଥିବା ସ୍ଥାନରେ ହୋଇନି ନିର୍ମାଣ





**କଣ୍ଟାବାଞ୍ଜି, ୨୬।୪(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ପ୍ରଶାସନ କାର୍ଯ୍ୟକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋରଧରିଛି। କାହିଁକି ନା ତୁରେକେଲା ବ୍ଲକ ହିଆଁଳ ପଞ୍ଚାୟତର ଦାବ୍ରି ଗାଁ ଠାରୁ ଚଟୁଅନକା ପଞ୍ଚାୟତର ବେହେରେନସିଲେଟ ନାଏକପଡ଼ା ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ ପାଇଁ ୮ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। କିନ୍ତୁ ହିଆଁଳ ପଞ୍ଚାୟତର ଦାବ୍ରି ଗାଁଠାରୁ ଚଟୁଅନକା ପଞ୍ଚାୟତ ର ବେହେରେନସିଲେଟ ନାଏକପଡ଼ା ପର୍ଯ୍ୟନ୍ତ ରାସ୍ତାରେ ମାଟି ମୁଠେ ମଧ୍ୟ ପଡ଼ିନାହିଁ। ରାଜନୈତିକ ଚକ୍ରାନ୍ତକରି ସେହି ରାସ୍ତାକୁ ଦାବ୍ରି ଗାଁ ଅଙ୍ଗନବାଡ଼ି କେନ୍ଦ୍ରରୁ ଆରମ୍ଭ କରି ଦାବ୍ରି କଲ୍ୟାଣମଣ୍ଡପ ରାସ୍ତା କାମ କରାଯାଇଛି। ଯାହାକୁ ନେଇ ବେହେରେନସିଲେଟ ଗାଁ ବାସୀ ତିବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରୀ ନିୟମ ଅନୁସାରେ ଗୋଟିଏ ରାସ୍ତା ନିର୍ମାଣ ପାଇଁ କାମ ଆସିଛି ସେହି ରାସ୍ତା ଛାଡି ଅନ୍ୟସ୍ଥାନରେ କାମ କରାଯାଇଛି। ସରକାରୀ ଅନୁଦାନକୁ ସୁଚାରୁରୂପେ ପରିଚାଳନା କରିବାକୁ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଦରମା ନେଇ ଯେଉଁ ଅଧିକାରୀ ନିଯୁକ୍ତି ରହିଛନ୍ତି ସେହି ଅଧିକାରୀମାନେ ଏଭଳି ଦୁର୍ନୀତି କରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ଯଦି ଏହା ଉପରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ବେହେରେନସିଲେଟ ଆମ୍ବେଦକର ଯୁବକ ସଂଘ ଆନ୍ଦୋଳନ ଓହ୍ଲାଇ ବୋଲି ସଂଘ ସମ୍ପାଦକ ମୋହନ ସୁନା କହିଛନ୍ତି।

## ଦୂତୀକା ମାଝୀ ଥୁଆମୂଳରାମପୁର ବ୍ଲକ ବିଜେଡିର ମହିଳା ସଭାପତି

**ଥୁଆମୂଳରାମପୁର, ୨୬।୪(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକରେ ବିଜେଡି ପକ୍ଷରୁ ମହିଳା ସଭାନେତ୍ରୀ ଭାବେ ଦୂତୀକା ମାଝୀଙ୍କୁ ମନୋନୀତ କରାଯାଇଛି। ୨୦୧୭ରୁ ୨୦୨୨ପର୍ଯ୍ୟନ୍ତ ଡୁମେରପଦର ସମିତି ସଭ୍ୟା ଭାବେ କାର୍ଯ୍ୟ କରିଥିବା ଶ୍ରୀମତୀ ମାଝୀ ଦଳର ଏକ ଶୃଙ୍ଖଳିତ ଓ ସକ୍ରିୟକର୍ମୀ ଭାବେ ପରିଚିତ। ମନୋନୟନ ପାଇଁ ଶ୍ରୀମତୀ ମାଝୀ ନବୀନ ପଟ୍ଟନାୟକ, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ



ଛୁରିଆ ଓ ଲାଞ୍ଜିଗଡ଼ ବିଧାୟକ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀମତୀ ମାଝୀ କହିଛନ୍ତି ଯେ, ଆଗାମୀ ଦିନରେ ସେ ମହିଳା ସଶକ୍ତିକରଣ, ସମାଜସେବା ଓ ଅଞ୍ଚଳର ସମଗ୍ର ଉନ୍ନତି ପାଇଁ ନିଷ୍ଠାର ସହ କାମ କରିବେ। ଜନସାଧାରଣଙ୍କ ସମସ୍ୟାକୁ ସରକାର ଓ ଦଳ ମଧ୍ୟରେ ପହଞ୍ଚାଇ ସମାଧାନ ନେବାକୁ ସେ ଲୋକଙ୍କ ସ୍ୱର ଭାବେ କାମ କରିବେ ବୋଲି କହିଛନ୍ତି।ଦଳର ସମସ୍ତ କର୍ମକର୍ତ୍ତାଙ୍କୁ ଏକତ୍ର ହୋଇ କାମ କରିବାକୁ ଆହ୍ୱାନ ଜଣାଇ ସହଯୋଗ ଆଶା କରିଛନ୍ତି।

● ଶୁଭଖମ୍ବ ସ୍ଥାପନ

## ୧୪ରୁ କଣ୍ଟାବାଞ୍ଜିରେ ଗଙ୍ଗାମାଇ ପୂଜା ମହୋତ୍ସବ

**କଣ୍ଟାବାଞ୍ଜି, ୨୬।୪(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଆସନ୍ତା ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଗଙ୍ଗାମାଇ ପୂଜା ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ରବିବାର ଗଙ୍ଗାମାଇ ମନ୍ଦିର ପରିସରରେ ଶୁଭଖମ୍ବ ସ୍ଥାପନ କରାଯାଇଛି। ଖମ୍ବସ୍ଥାପନ ହେବା ପରେ ପୂଜା ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତୁତି କରାଯାଇଥାଏ। ପୂଜାରେ କର୍ତ୍ତା ଭାବେ ନାଗେଶ୍ୱର ଦୀପ ଓ ରିଙ୍କି ଦୀପ ଉପସ୍ଥିତ ଥିବା ପଣ୍ଡିତ ପ୍ରସନ୍ନ ତ୍ରିପାଠୀ ଖମ୍ବ ସ୍ଥାପନ ପାଇଁ ପୂଜାର୍ଚ୍ଚନା କରିଥିଲେ। ବହୁ ବର୍ଷ ଧରି କଣ୍ଟାବାଞ୍ଜି ରେ ଧୂମଧାମରେ ପାଳିତ ହୋଇ ଆସୁଛି ଗଙ୍ଗାମାଇ ପୂଜାମହୋତ୍ସବ। ବିଶେଷ ଆକର୍ଷଣ ଭାବେ ମୀନାବଜାର ସହ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମନୋରଞ୍ଜନ ପାଇଁ ଲୋକନୃତ୍ୟ, ଡାପ, ଦୁଲଦୁଲି, ବାଜନିଆ, ଦଣ୍ଡନୃତ୍ୟ, ଅର୍କେଷ୍ଟ୍ରା ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ପୂଜା ମହୋତ୍ସବ ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆଇନଶୃଙ୍ଖଳାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ଏହି ଶୁଭ ଖମ୍ବ ସ୍ଥାପନ ସମୟରେ ସଭାପତି କୈଳାଶ ଦୀପ, ସମ୍ପାଦକ ଜସପାଳ ସୁନା, କୈଳାଶ ବନଛୋର, ଆଇନଜୀବୀ ମନୋଜ ଦାସ, ସୁନୀଲ ଦୀପ, ବିଷ୍ଣୁଦୀପ, ରାକେଶ ସୁନା, ବେଣୁ ଗୋପାଳ ବେହେରା, ଗଙ୍ଗାମାଇ ମନ୍ଦିର ପୂଜକ ନାଗ ରାଜୁ, ଶ୍ରୀପତି ସୁନା, ପ୍ରବିନ ବନଛୋର, ଦୀପକ କୁମାର, ରଘୁନାଥ ସୁନା, କାହ୍ନା ଦୀପ, ପ୍ରଦୀପ ଅଗ୍ରୱାଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଶ୍ୟାମ୍‌ଜୀ ମନ୍ଦିର ଟ୍ରଷ୍ଟ ବିରୋଧରେ ଅଭିଯୋଗ ଘଟଣା

# ଥାନାରେ ଅଭିଯୋଗ କଲେ ଦୋକାନୀ

କଣ୍ଟାବାଞ୍ଜି, ୨୬।୪(ସମିସ)

ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ଧାମନଡ଼ଙ୍ଗା ଯିବା ରାସ୍ତା ନିର୍ମାଣ ହୋଇଛି ଶ୍ରୀ ଶ୍ୟାମଜୀ ମନ୍ଦିର। ଭକ୍ତ ତାଙ୍କ ଅସୁବିଧା ନେଇ ଭଗବାନଙ୍କ ପାଖକୁ ଆସୁଥିବାବେଳେ ବିଜ୍ଞାପନ ଜାରି କରିଥିଲା, ଯେଉଁରେ ଏହି ମନ୍ଦିରରେ ଅନେକ ରୂପରେଖ ତିଆରି କରିବା ପାଇଁ ବିଜ୍ଞାପନ ରେ ଉଲ୍ଲେଖ ରହିଥିଲା। ବିଶେଷ କରି ଏଠାରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଷ୍ଟଲରେ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇଥିଲା।



ଲୋକଙ୍କୁ ଠକେଇ କରିଥିବା ଭଳି ଅଭିଯୋଗ ଆସିଛି। ଏହି ଘଟଣା ଏବେ ଥାନା ପର୍ଯ୍ୟନ୍ତ ଗଲାଣି। ଯେତେବେଳେ ଏଠାରେ ମନ୍ଦିର ନିର୍ମାଣ କରାଯାଇଥିଲା, ସେହି ସମୟରେ ଶ୍ରୀ ଶ୍ୟାମଜୀ ମନ୍ଦିର ଟ୍ରଷ୍ଟ ବୋର୍ଡ ଏକ ଯାହାଫଳରେ ଏଠାରେ ନିର୍ମାଣ ହୋଇଥିବା ୮୪୦ ବର୍ଗଫୁଟ୍ ଗୋଟିଏ ଷ୍ଟଲ୍ ପିଛା ୧୨ ଲକ୍ଷ ୫୧ ହଜାର ଟଙ୍କା ଦରରେ ଦୋକାନୀମାନେ କିଣିଥିଲେ; କିନ୍ତୁ ଟଙ୍କା ଦେବାର ଦୀର୍ଘ ଦିନ ବିତିଯାଇଥିଲେ ବି



ମନ୍ଦିରଟ୍ରଷ୍ଟ ଷ୍ଟଲ୍‌କୁ ଦୋକାନୀଙ୍କ ନାମରେ କରୁନାହିଁ। କିଛିଦିନ ତଳେ ଜଣେ ଦୋକାନୀ ମୁରାରୀ ଲାଲ ଅଗ୍ରୱାଲ କଣ୍ଟାବାଞ୍ଜି ଥାନାରେ ଟ୍ରଷ୍ଟ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଟ୍ରଷ୍ଟ କର୍ତ୍ତୃପକ୍ଷ ଘଟଣାକୁ ଚାପିଦେବା ପରେ ଏହା ତାଙ୍କ ପ୍ରସ୍ତୁତି ଜୋରଦାର ଚଲାଇଛନ୍ତି। ଏହି ଟ୍ରଷ୍ଟ ନାଁରେ ବିଗତ ୫ ବର୍ଷ ଧରି କେତେ ଅନୁଦାନ ଆସିଛି ବଲାଙ୍ଗିର ଜିଲ୍ଲା ପ୍ରଶାସନ ନଜର ଦେଇ ଯାଞ୍ଚ କରିବାକୁ ଦାବି ହେଉଛି। ଏବଂ ସାଧାରଣ ଦୋକାନୀଙ୍କୁ ଠକେଇ କରିଥିବା ଟ୍ରଷ୍ଟର ଦୁଇଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ତେବେ କଣ୍ଟାବାଞ୍ଜି ପୁଲିସ ଦୋକାନୀଙ୍କ ଅଭିଯୋଗକୁ ନେଇ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ନା ନାହିଁ ଦେଖିବାକୁ ବାକି ରହିଲା।



# ପାରଳା ମହାରାଜାଙ୍କ ଜୟନ୍ତୀ



କୋରାପୁଟ,୨୬।୪(ସମିସ): କୋରାପୁଟ ସଦର ମହକୁମାଠାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ନଗର ବିଜେପି ସଭାପତି ୱାଇ ସତ୍ୟନାରାୟଣ, ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଅଧ୍ୟାପକ ରବି ଶତପଥି, ସମାଜସେବୀ ଲଳିତ ମୋହନ ପଟ୍ଟନାୟକ, ସାମ୍ବାଦିକ ସିଏଚ ସାନ୍ତାକାର, ଅରୁଣ କୁମାର ଦାଶ, ଦେବଶ୍ରୀତ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ଯୋଗଦେଇ ପରିଚାଳନା କରିଥିଲେ।

## ବିଜେଡିର କର୍ମୀ ସମ୍ମିଳନୀ

# ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ






ରାୟଗଡ,୨୬।୪(ସମିସ): ଆଜି ବିଜୁ ଜନତା ଦଳ, ରାୟଗଡ଼ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ବଡ଼ ଚାନ୍ଦିଲି, ଜେକେପୁର ଠାରେ ରାୟଗଡ ବ୍ଲକ୍ "ଗ' ଜୋନ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସଭାର ଆରମ୍ଭରେ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏହାପରେ "ଗ' ଜୋନର ୫ ପଞ୍ଚାୟତରୁ ଆସିଥିବା ସମସ୍ତ ବିଜୁ ଓ ନବୀନ ପ୍ରେମୀ, ଦଳୀୟ ନେତା, କର୍ମୀ ଓ ସମର୍ଥକମାନଙ୍କୁ ସ୍ୱାଗତ ଜଣାଇ ସଭା ଆରମ୍ଭ ହୋଇଥିଲା। ସଭାରେ ବିଜୁ ଜନତା ଦଳର ସଂଗଠନକୁ କିପରି ଆହୁରି ସୁଦୃଢ଼ କରାଯିବ, କର୍ମୀମାନଙ୍କୁ କିପରି ସଶକ୍ତ କରାଯିବ ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ପ୍ରାର୍ଥୀମାନଙ୍କୁ ବିଜୟୀ କରିବା ପାଇଁ କିପରି ସୁଦୃଢ଼ ରଣନୀତି ଗ୍ରହଣ କରାଯିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା, ରାଜ୍ୟ ଉପସଭାପତି ସୁଧୀର କୁମାର ଦାସ, ରାୟଗଡ ବିଧାୟକ ପ୍ରାର୍ଥୀନୀ ତଥା ଜିଲ୍ଲା ବିଜେଡି ମହିଳା ଜନତା ଦଳ ସଭାନେତ୍ରୀ ଅନୁସୟା ମାଝୀ , ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମାରୀ ସରସ୍ୱତୀ ମାଝି, ବିଜୁ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଶୁଭ୍ରା ପଣ୍ଡା, ଚାନ୍ଦିଲି ସରପଞ୍ଚ ପେଦେଣ୍ଟୀ ରାମୁଲୁ, ଯୁବ ବିଜେଡିର ରାଜ୍ୟ ଉପସଭାପତି ଦେବାଶିଷ ଖାଡ଼ଙ୍ଗା, ଯୁବ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ବିନାୟକ ପଲେଇ, ଛାତ୍ର ବିଜେଡିର ଜିଲ୍ଲା ସଭାପତି ଉଦୟ କୁମାର ହିମିରିକାଙ୍କ ସହ "ଗ' ଜୋନର ସମସ୍ତ ପ୍ରତିନିଧି ଉପସ୍ଥିତ ରହିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ପି.ଗୌରୀଶଙ୍କର ରାଓ ସୁଚାରୁ ରୂପେ ପରିଚାଳନା କରିଥିଲେ। ଏହି କର୍ମୀ ସମ୍ମିଳନୀ କେବଳ ଏକ ସଭା ନୁହେଁ, ବରଂ ରାୟଗଡ ଜିଲ୍ଲାରେ ବିଜୁ ଜନତା ଦଳର ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା, ତୃଣମୂଳ ସ୍ତରରେ ଦଳକୁ ମଜବୁତ୍ କରିବା ଏବଂ ଆଗାମୀ ନିର୍ବାଚନ ପାଇଁ ଏକତା, ସଂକଳ୍ପ ଓ ସଫଳତାର ନୂତନ ଦିଗ ଦେଇଛି ବୋଲି ଜିଲ୍ଲା ସଭାପତି ଶ୍ରୀ ସାରକା ପ୍ରକାଶ କରିଛନ୍ତି

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ



ରାୟଗଡ,୨୬।୪(ସମିସ): ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ରବିବାର ଦିନ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନ ୭ ଘଟିକା ସମୟରେ ରାୟଗଡ଼ବାସୀ ଗଜପତି ଛକସ୍ଥିତ ଗଜପତି ମହାରାଜାଙ୍କ ପ୍ରତିମୂର୍ତ୍ତି ନିକଟରେ ସମାଗମ ହୋଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ପୌର ପରିଷଦ ଏବଂ ଗଜପତି ମହାରାଜା ସ୍ମୃତି କମିଟି, ୱାକର୍ସ କ୍ଲବ, ଉତ୍କଳ ସମିଳନୀ, ରାୟଗଡ଼ ଶାଖା, ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଜନସାଧାରଣ ଉପସ୍ଥିତ ରହି ପୂଜାର୍ଚ୍ଚନା ସହ ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏଥିରେ ଶିକ୍ଷବିତ୍ ଡ. ଦୁଷ୍ମନ୍ତ ମହାନ୍ତି, ବ୍ରଜସୁନ୍ଦର ନାୟକ, ସତ୍ୟବାଦୀ ପତି, ବରିଷ୍ଠ ସାମ୍ବାଦିକ ଅମୂଲ୍ୟ ରତ୍ନ ସାହୁ ଏବଂ ସହରର ଅନେକ ବ୍ୟକ୍ତି ଯୋଗ ଦେଇ ମାଲ୍ୟର୍ପଣ କରିଥିଲେ । ଗଜପତି ମହାରାଜା ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନ, ଶିକ୍ଷା, ସ୍ୱାସ୍ଥ୍ୟ,କୃଷି, ଗମନାଗମନ, ନାରୀ ସଶକ୍ତିକରଣ, ସୁରକ୍ଷା ନିମନ୍ତେ ପାଇକ ଆଖଡ଼ା, ସମରକଳା ଆଦି କ୍ଷେତ୍ରରେ ତାଙ୍କ ଅନବଦ୍ୟ ଅବଦାନ। ରାଜନୈତିକ, ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ, ଭାଷା, ସାହିତ୍ୟର ସମୃଦ୍ଧି ତଥା ସାର୍ବଭୌମତ୍ୱର ସୁରକ୍ଷା କ୍ଷେତ୍ରରେ ସେ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ସେ ସଦା ଅମର ହୋଇ ରହିବେ ଏବଂ ତାଙ୍କ ଜୀବନାଦର୍ଶ ଆମ ପାଇଁ ଆଜୀବନ ପ୍ରେରଣାଦାୟୀ ରହିବ ବୋଲି ଅତିଥିବୃନ୍ଦ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ, ପୌର ସ୍ୱାସ୍ଥ୍ୟ ନିରୀକ୍ଷକ ଭେଙ୍କେଟ ରାଓ ଅନ୍ୟ ସହକର୍ମୀ, ଜିଲ୍ଲା ସୁଚନା ଓ ଲୋକସମ୍ପର୍କ। ବିଭାଗରେ କାର୍ଯ୍ୟରତ କର୍ମକର୍ତ୍ତା କୁମୁଦିନୀ ମିଶାଲ, ସମ୍ରାଟ ସାହୁ,ରାଜେନ୍ଦ୍ର ଦୋରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅବିଭକ୍ତ କୋରାପୁଟ ଜିଲ୍ଲା ୟୁନାଇଟେଡ୍ ଠିକାଦାର ସଂଘର ସମାବେଶ

କୋରାପୁଟ,୨୬।୪(ସମିସ):




ସ୍ଥାନୀୟ ପୁଜାରିପୁଟ କଲ୍ୟାଣ ମଣ୍ଡପ ଠାରେ ଅବିଭକ୍ତ କୋରାପୁଟ ଜିଲ୍ଲା ୟୁନାଇଟେଡ଼ ଠିକାଦାର ସଂଘର ସମାବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କାଳୀପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ସଂଘର ବୟୋଜ୍ୟେଷ୍ଠ ଉପଦେଷ୍ଟା ତ୍ରିନାଥ ପାତ୍ର ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ପରେ ଠିକାଦାର ମାନଙ୍କ କାର୍ଯ୍ୟଶୈଳୀ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଅବିଭକ୍ତ କୋରାପୁଟ ଜିଲ୍ଲାର ଠିକାଦାର ମାନେ କାର୍ଯ୍ୟସ୍ଥଳରେ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହାର କିଭଳି ପ୍ରତିକାର କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ଉପସଭାପତି ଉମେଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ସୁବାସ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ବାସୁଦେବ ନାୟକଙ୍କ ସମେତ ଠିକାଦାର ପତିତ ପାବନ ନାଥଶର୍ମା, ଲିଙ୍ଗରାଜ ବେହେରା, ରମେଶ ଚନ୍ଦ୍ର ବିଶ୍ୱାଳ, ମଣ୍ଟୁ ରଥ,ଚେତନ ବିଶୋଇ ଓ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥଲେ ।

# କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ

ଜୟପୁର, ୨୬।୪ (ସମିସ): କୋରାପୁଟ ଜିଲ୍ଲା ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଜୟପୁର ଠାରେ ଭାଷାଭିତ୍ତିକ ଓଡିଶା ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣି ତଥା ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ମିଳନୀ ପକ୍ଷରୁ ଆଜି ଶ୍ରମ ବିଭାଗ କାର୍ଯ୍ୟାଳୟ ଛକ ଠାରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ନିକଟରେ ପୂର୍ବାହ୍ନରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଜୟନ୍ତୀ ପାଳନ କରାଯାଇଥିଲା। ଜିଲ୍ଲାଶାଖା ସମ୍ମିଳନୀର ସଭାପତି ମଦନ ମୋହନ ନାୟକ ସଭାପତିଙ୍କ ଅଧ୍ୟକ୍ଷତାରେ ଏହି ଜୟନ୍ତୀ ଉତ୍ସବରେ ଏବଂ ସଂଯୋଜନା ପରମେଶ୍ୱର ପାତ୍ର କରିଥିଲେ। ଏଥିରେ ଉପଦେଷ୍ଟା ବିଦୋନ ମହାପାତ୍ର, ପୂର୍ବତନ ପୌର ଉପାଧ୍ୟକ୍ଷ ସୂର୍ଯ୍ୟନାରାୟଣ ରଥ, ଡା. ସୁଦର୍ଶନ ଗୌଡ଼, ସଂପାଦକ ନବୀନ ମାଦଳା, ଉପସଭାପତି ରାଜେନ୍ଦ୍ର ଗୌଡ଼, କୋଷାଧ୍ୟକ୍ଷ ନରେଶ ମହାକୁଳ, ରାମ ନାୟକ, ସୁରେନ୍ଦ୍ର ଖରା, ସତ୍ୟ ନାରାୟଣ ପରିଛା ଉପସ୍ଥିତ ଥିଲେ। ସେହିପରି ପୂଜ୍ୟପୂଜା ସଂସଦ ପକ୍ଷରୁ ମଧ୍ୟ ଏହି ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା ଏଥିରେ ସଂସଦର ସଭାପତି ଇଂ. କେଦାର ନାଥ ବେହେରା, ଉଦୟ ଶଙ୍କର ଜାନୀ, ତପନ କିରଣ ତ୍ରିପାଠୀ, ପ୍ରମୋଦ ରାଉଳ, ବୈରାଗୀ ଚରଣ ସାହୁ, ନରସିଂହ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଅଜଣା ଗଳିତ ଶବ ଉଦ୍ଧାର

ରାୟଗଡ, ୨୬।୪(ସମିସ): ରାୟଗଡ ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ କନ୍ଧ ଚମ୍ପିଆ ଗ୍ରାମ ନିକଟସ୍ଥ ପର୍ବ କଡ଼ା ପାହାଡ ନିକଟରେ ଜଣେ ଯୁବକର ଗଳିତ ମୃତ ଦେହ ଉଦ୍ଧାର ହୋଇଛି। ଗତ କାଲି ସ୍ଥାନୀୟ ଲୋକେ ଉକ୍ତ ଯୁବକଙ୍କ ମୃତ ଦେହ ଦେଖି ଚାନ୍ଦିଲି ଥାନା ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଚାନ୍ଦିଲି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କିନ୍ତୁ ଯୁବକଙ୍କ କୌଣସି ପରିଚୟ ମିଳିପାରିନାହିଁ। ଯୁବକଙ୍କ କିଭଳି ମୃତ୍ୟୁ ହେଲା ସେ ନେଇ ପୁଲିସ ସ୍ପଷ୍ଟ କରିନାହିଁ। ଶବକୁ ରାୟଗଡା ସ୍ଥିତ ଶବ ସଂରକ୍ଷଣ କେନ୍ଦ୍ରରେ ରଖାଯାଇଛି ବୋଲି ଚାନ୍ଦିଲି ପୁଲିସ ସୂଚନା ଦେଇଛି। ମୃତ ଯୁବକଙ୍କ ସମ୍ପର୍କରେ କୌଣସି ସୂଚନା ମିଳିଲେ ୯୪୩୮୯୧୬୮୭୪ ଫୋନ ନମ୍ବରରେ ଯୋଗାଯୋଗ କରିବା ପାଇଁ ପୁଲିସ ନିବେଦନ କରିଛି।

# ପ୍ରେସ୍ ୟୁନିୟନ୍ ରାୟଗଡର ଦଶମ ବାର୍ଷିକ ଉତ୍ସବ




ରାୟଗଡ,୨୬।୪ (ସମିସ): ରାୟଗଡ ସହର ସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ରବିବାର ଦିନ ପ୍ରେସ୍ ୟୁନିୟନ୍ ରାୟଗଡର ଦଶମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ୟୁନିୟନର ସଭାପତି ବରିଷ୍ଠ ସାମ୍ବାଦିକ ଅମୂଲ୍ୟରତ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଗସ ଟିଭି ମୁଖ୍ୟ ସଂପାଦକ ଶିଶିର କୁମାର ଭଟ୍ଟମିଶ୍ର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ, କେନ୍ଦ୍ରୀୟ ମାର୍ଗ ଦର୍ଶକ ମଣ୍ଡଳୀ ସଦସ୍ୟ ସ୍ୱାମୀ ପରମାନନ୍ଦ ସରସ୍ୱତୀ ଏବଂ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରର ବରିଷ୍ଠ ସାମ୍ବାଦିକା ରାମନାଥ ଗୋୟଙ୍କ ଆୱାର୍ଡ-୨୦୧୫ ପ୍ରାପ୍ତ ଶାରଦା ଲାହାଙ୍ଗିର ମଞ୍ଚାସୀନ ହୋଇଥିଲେ। ସ୍ଥାନୀୟ କଳାକାରଙ୍କ ଶ୍ରୀ ଗଣେଷ ବନ୍ଦନା ନୃତ୍ୟ ପରିବେଷଣ ପରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ୟୁନିୟନର ସଦସ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ସାମ୍ବାଦିକ, ବୁଦ୍ଧିଜୀବୀ ଓ ସମାଜସେବୀମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥିମାନେ ସାମ୍ବାଦିକତାର ମୂଲ୍ୟବୋଧ ଓ ଦାୟିତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ୟୁନିୟନ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ରାୟଗଡ ଜିଲ୍ଲା ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରି ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୟୁନିୟନର ସାଧାରଣ ସଂପାଦକ ଶିବାଜୀ ଦାସ ସଂଗଠନର ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅନୁଷ୍ଠିତ ହୋଇଥିବା ବେଳେ ଉଦ୍‌ଘୋଷିକା ବିଦିଶା ଶତପଥି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ନୀଳାଞ୍ଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୋରାପୁଟ ଜିଲ୍ଲା ନାମ ସଂକୀର୍ତ୍ତନ ମଣ୍ଡଳୀର ସାଧାରଣ ସଭା

# ନାମ ସଂକୀର୍ତ୍ତନ ଶିକ୍ଷାକେନ୍ଦ୍ର ଜୟପୁରରେ ହେଉ : ବିଧାୟକ ବାହିନୀପତି




ଜୟପୁର,୨୬।୪(ସମିସ): କୋରାପୁଟ ଜିଲ୍ଲାର ସମସ୍ତ ୧୪ଟି ବ୍ଲକ ଏବଂ ୪ଟି ସହରାଞ୍ଚଳର ଶତାଧିକ ନାମ ସଂକୀର୍ତ୍ତନ ମଣ୍ଡଳୀ ଜୟପୁର ଠାରେ ଏକତ୍ରୀତ ହୋଇ ନାମ ସଂକୀର୍ତ୍ତନ ମାଧ୍ୟମରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଦଶହରା ପଡିଆ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇ ସେଠାରେ ଏକ ସାଧାରଣ ସଭା ଆୟୋଜନ କରିଥିଲେ। ଶ୍ରୀ ଜଗନ୍ନାଥ ସଂକୀର୍ତ୍ତନ ଲୋକକଳା ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମହିଳା ଓ ପୁରୁଷଙ୍କ ନେଇ ଗଠିତ ଜିଲ୍ଲାର ୨ଶହରୁ ଅଧିକ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ପୂର୍ବାହ୍ନ ୯ଟାରେ ଜିଲ୍ଲାର ସମସ୍ତ ଅଞ୍ଚଳୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀର ପ୍ରାୟ ୮ ହଜାରରୁ ଅଧିକ ମଣ୍ଡଳୀର ସଦସ୍ୟ ଓ ସଦସ୍ୟା ମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରେ ଏକତ୍ରୀତ ହେବା ପରେ ସେଠାରୁ ମୃଦଙ୍ଗ ଓ ଝାଞ୍ଜ ବଜାଇ ସଂକୀର୍ତ୍ତନ ମାଧ୍ୟମରେ ସହରରେ ମୁଖ୍ୟରାସ୍ତା ଦେଇ ଶୋଭାଯାତ୍ରା ଦଶହରା ପଡିଆ ଠାରେ ପହଞ୍ଚିଥିଲା। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବାହିନୀପତି ନିଜ ବକ୍ତବ୍ୟରେ ଜୟପୁର ଠାରେ ସରକାରଙ୍କ ପକ୍ଷରୁ ଜମି ପ୍ରଦାନ କରାଗଲେ ଏଠାରେ ସଂକୀର୍ତ୍ତନର ଗାୟନ, ମୃଦଙ୍ଗ ଓ ଝାଞ୍ଜ ଶିକ୍ଷା ପ୍ରଶିକ୍ଷଣ ଭବନ ନିର୍ମାଣ କରିବାକୁ ପରାମର୍ଶ ଦେବା ସହିତ ଭବନ ନିର୍ମାଣ କାର୍ଯ୍ୟ ପାଇଁ ସେ ସମସ୍ତ ସହାୟତା କରିବେ ବୋଲି ପ୍ରତିଶୃତି ଦେଇଥିଲେ। ଏହିପରି ସନାତନୀ ସଂସ୍କୃତିର ପରମ୍ପରା ନାମ ସଂକୀର୍ତ୍ତନ ଏହାକୁ ବଞ୍ଚାଇ ରଖିବା ସହିତ ଏହାର ପ୍ରଚାର ପ୍ରସାର ବହୁଳମାତ୍ରାରେ କରିବାକୁ ଆବଶ୍ୟକତା ରହିଛି। ଜିଲ୍ଲାର ପ୍ରତ୍ୟେକ ଗ୍ରାମରେ ଗୋଟିଏ ନାମ ସଂକୀର୍ତ୍ତନ ମଣ୍ଡଳୀ ଗଠନ କରିବାକୁ ଆହ୍ୱାନ କରିବା ସହିତ ଆଧ୍ୟାନିକ ଓ ଧାର୍ମିକ ଭାବନା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିକ ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ରାଜ୍ୟ ଅବସରପ୍ରାପ୍ତ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ , ରାଜ୍ୟ ସଂକୀର୍ତ୍ତନ ଲୋକକଳା ପରିଷଦର ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ରାଜ୍ୟ ସଂଯୋଜକ ଦୁଷ୍ମନ୍ତ ପୁରୋହିତ, ଜିଲ୍ଲା ଉପସଭାପତି ରତ୍ନାକର ନାରାଜି, ସମ୍ପାଦକ ସୁଜିତ କୁମାର ସାହୁ, ମୁଖ୍ୟ ଗାୟକ ଲିଙ୍ଗରା ନିଶଙ୍କ, ବାବଭାଇ ବଜରଙ୍ଗୀ, ମାଲକାନଗିରି ଜିଲ୍ଲା ସଭାପତି ରାମ ଗୌଡ, ନବରଙ୍ଗପୁର ଜିଲ୍ଲା ଅର୍ଜୁନ ଭତ୍ରାଙ୍କ ସମେତ ବିଭିନ୍ନ ବ୍ଲକର ସଭାପତି ଓ ସମ୍ପାଦକଙ୍କ ସହିତ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ମାନେ ଉପସ୍ଥିତ ଥିଲେ।



# କଟକ ସିଟି



## ଶୁଖିଗଲାଣି କଟକର ଜୀବନରେଖା

# ମରୁଭୂମି ପାଲଟିଛି କାଠଯୋଡ଼ି



କଟକ, ୨୬।୪ (ସମିସ)

ଐତିହାସିକ କଟକ ସହରକୁ ଦୁଇ ପାର୍ଶ୍ୱରୁ ବେଢ଼ି ରହିଥିବା ମହାନଦୀ ଓ କାଠଯୋଡ଼ି ମଧ୍ୟରୁ କାଠଯୋଡ଼ିର ଅବସ୍ଥା ଏବେ ଅତ୍ୟନ୍ତ ସଂକଟାପନ୍ନ। ଗ୍ରୀଷ୍ମଋତୁର ପ୍ରକୋପ ବଢ଼ିବା ସହିତ ନଦୀଟି ସମ୍ପୂର୍ଣ୍ଣ ରୂପେ ଶୁଖିଲା ପଡ଼ିଥିବା ବେଳେ ଏହା ଏକ ପ୍ରାକୃତିକ ଜଳଉତ୍ସ ପରିବର୍ତ୍ତେ ଏକ ବିଶାଳ ମରୁଭୂମି ଭଳି ଦୃଶ୍ୟମାନ ହେଉଛି। ନଦୀର ପାଖାପାଖି ୯୮ ପ୍ରତିଶତ ଅଞ୍ଚଳରେ ଜଳର ନାମଗନ୍ଧ ନଥିବା ବେଳେ ଏହି ପରିସ୍ଥିତି କଟକ ସହରର ପରିବେଶ ଓ ଭୂତଳ ଜଳସ୍ତର ପ୍ରତି ଏକ ବଡ଼ ବିପଦର ସଙ୍କେତ ଦେଇଛି।

ମହାନଦୀର ମୁଖ୍ୟ ଶାଖା ନଦୀ ଭାବେ ନରାଜଠାରୁ ଉତ୍ପତ୍ତି ହୋଇଥିବା କାଠଯୋଡ଼ି ପ୍ରାୟ ୨୦ କିଲୋମିଟର ପର୍ଯ୍ୟନ୍ତ ସହର ସୀମାରେ ପ୍ରବାହିତ ହୋଇଥାଏ। ପୁରୀଘାଟ ନିକଟରେ ଏହା କୁଆଖିଆ ଓ ନୂଆପଡ଼ା ଅଞ୍ଚଳରେ ଦେବୀ ନଦୀର ଜନ୍ମଦାତ୍ରୀ ସାଜିଥାଏ। ମାତ୍ର ବର୍ତ୍ତମାନ ଏହି ବିସ୍ତୀର୍ଣ୍ଣ ନଦୀଶଯ୍ୟାରେ କାଁ ଭାଁ ଗୋଟିଏ କିମ୍ବା ଦୁଇଟି କ୍ଷୀଣ ଜଳଧାରାକୁ ଛାଡ଼ିଦେଲେ ବାକି ସବୁଠି କେବଳ ଧୂ ଧୂ ବାଲି ଚର ଦେଖିବାକୁ ମିଳୁଛି। ଅତୀତରେ ଏହି ନଦୀରେ ବର୍ଷସାରା ଜଳ ପ୍ରବାହିତ ହେଉଥିବା ବେଳେ ଏବେ ନରାଜ ବ୍ୟାରେଜରେ ଉପଯୁକ୍ତ ଜଳ ସଂରକ୍ଷଣ ବ୍ୟବସ୍ଥା ଅଭାବରୁ ନଦୀଟି ଶ୍ରୀହୀନ ହୋଇପଡ଼ିଛି। ନଦୀ ଶୁଖିଯିବା ଯୋଗୁଁ ସହରର ଭୂତଳ ଜଳସ୍ତର ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି। ପରିବେଶବିତ ଚିତ୍ତରଞ୍ଜନ ମହାନ୍ତିଙ୍କ ମତରେ, ନଦୀରେ ଜଳ ନ ରହିଲେ ଆଖପାଖ ଅଞ୍ଚଳର ବୋରୱେଲ୍ ଓ କୂଅଗୁଡ଼ିକ ଶୀଘ୍ର ଶୁଖିଯିବ, ଯାହା ଆଗାମୀ ଦିନରେ ଜଳ ସଙ୍କଟକୁ ତୀବ୍ର କରିବ। ଅପରପକ୍ଷରେ, ନଦୀରେ ଯେଉଁ ସାମାନ୍ୟ ଜଳ ରହୁଛି, ସେଥିରେ ସହରର ବିଷାକ୍ତ 'ପେଟାନାଳ'ର ବର୍ଜ୍ୟଜଳ ମିଶୁଥିବାରୁ ଜଳ ପ୍ରଦୂଷଣର ମାତ୍ରା ମଧ୍ୟ ବୃଦ୍ଧି ପାଉଛି। ଝର ପାଣିର ସୁଅ ପ୍ରାୟ ହଜିଯାଇଥିବାରୁ ପରିବେଶର ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ନଦୀର ଏହି ଦୁର୍ଦ୍ଦଶା ପାଇଁ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି ମତ୍ସ୍ୟଜୀବୀ ସମ୍ପ୍ରଦାୟ। ନଦୀରେ ପର୍ଯ୍ୟାପ୍ତ ଜଳ ନ ଥିବାରୁ ମାଛ ମଧ୍ୟ ମିଳୁନାହାନ୍ତି, ଫଳରେ ଏହି ନଦୀ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ଶତାଧିକ ପରିବାର ଏବେ ଭୋକ ଉପାସରେ ଦିନ କାଟୁଛନ୍ତି। ନଦୀକୂଳିଆ ଅଞ୍ଚଳର ବାସିନ୍ଦାମାନେ ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ପାଣି ମୁନ୍ଦାଏ ପାଉନାହାନ୍ତି। ବନ୍ୟା ସମୟରେ ଅତ୍ୟଧିକ ଜଳ ପ୍ରବାହିତ ହେଉଥିବା ବେଳେ ଖରାଦିନେ ଶୁଖିଲା ପଡୁଥିବା ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି କଟକବାସୀ। ବୁଦ୍ଧିଜୀବୀ ଡଲି ଦାସ ଓ ଖଗେଶ୍ୱର ଦାସଙ୍କ କହିବା ଅନୁଯାୟୀ, କାଠଯୋଡ଼ି ନଦୀରେ ଏକ ନୂତନ ଆନିକଟ ନିର୍ମାଣ କରିବା ଜରୁରୀ। ବୈଜ୍ଞାନିକ ପଦ୍ଧତିରେ ବନ୍ୟା ଜଳକୁ ରୋକାଯାଇ ସଂରକ୍ଷଣ କରାଯାଇ ପାରିଲେ ହିଁ କଟକ ସହରକୁ ଭବିଷ୍ୟତର ମରୁଡ଼ି ପରିସ୍ଥିତିରୁ ରକ୍ଷା କରାଯାଇପାରିବ। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

- ▶ ଜଳବିହୀନ ନଦୀଶଯ୍ୟା ବଢ଼ାଇଲାଣି ଚିନ୍ତା
- ▶ ୯୮ ପ୍ରତିଶତ ନଦୀଶଯ୍ୟାରେ କେବଳ ବାଲିର ସ୍ତୂପ
- ▶ ଭୂତଳ ଜଳସ୍ତର ହ୍ରାସନେଇ ପରିବେଶବିତ୍‌ଙ୍କ ଚେତାବନୀ
- ▶ ଜଳ ସଂରକ୍ଷଣ ନିମନ୍ତେ ଆନିକଟ ନିର୍ମାଣ ପାଇଁ ଦାବି

# ଉତ୍କଳ ସର୍ବୋଦୟ ମଣ୍ଡଳର ନିର୍ବାଚନ ସମ୍ପନ୍ନ



**ମିହିର ସଭାପତି ଓ ଆର୍ଯ୍ୟଭଟ୍ଟ ସାଧାରଣ ସମ୍ପାଦକ ମନୋନୀତ**

**କଟକ, ୨୬।୪(ସମିସ):** କଟକ ଗାନ୍ଧୀ ଭବନ ପରିସରରେ ଉତ୍କଳ ସର୍ବୋଦୟ ମଣ୍ଡଳର ସ୍ୱତନ୍ତ୍ର ଅଧିବେଶନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏହି ଅଧିବେଶନରେ ଅଖିଳ ଭାରତ ସର୍ବୋଦୟ ମଣ୍ଡଳ (ସର୍ବ ସେବା ସଂଘ) ପକ୍ଷରୁ ନିର୍ବାଚନ ଅଧିକାରୀ ଭାବେ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଶ୍ଚିମବଙ୍ଗ ସର୍ବୋଦୟ ମଣ୍ଡଳର ସଭାପତି ବିଶ୍ୱଜିତ ଘଡ଼ାଇ ପର୍ଯ୍ୟବେକ୍ଷକ ଏବଂ ଦେବାଶିଷ ବେରା ସହପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ବିଶିଷ୍ଟ ଖଦି କର୍ମୀ ବୈକୁଣ୍ଠ ମହାପାତ୍ରଙ୍କ ପ୍ରସ୍ତାବ କ୍ରମେ ରାଜ୍ୟର ୨୪ଟି ଜିଲ୍ଲାରୁ ଆସିଥିବା ୧୮୭ଜଣ ଲୋକ ସେବକଙ୍କ ସର୍ବସମ୍ମତ ସମର୍ଥନରେ ମିହିର ପ୍ରତାପ ଦାସଙ୍କୁ ଆଗାମୀ ତିନି ବର୍ଷ ପାଇଁ ପୁନର୍ବାର ସଭାପତି ଭାବେ ମନୋନୀତ କରାଯାଇଛି। ନୂତନ ଭାବେ ଗଠିତ କାର୍ଯ୍ୟକାରିଣୀରେ ଆର୍ଯ୍ୟଭଟ୍ଟ ମହାନ୍ତିଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଥିବା ବେଳେ ଡ. ବାସନ୍ତୀ ମହାନ୍ତି, ପ୍ରଫେସର ଟେକଚାନ୍ଦ ଦୁଆନ ଓ ରାଜେଶ୍ୱରୀ ଦଳାଇ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ବିପିନ ବିହାରୀ ବାରିକ ଓ ଗୌରାଙ୍ଗ ରାଉତଙ୍କୁ ସଂଗଠନ ସମ୍ପାଦକ ଏବଂ ବିଶିଷ୍ଟ ସାମ୍ବାଦିକ ଶିଶିର ଶତପଥୀଙ୍କୁ ମୁଖପାତ୍ର ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ସଂଗଠନକୁ ସୁଚାରୁରୂପେ ଚଳାଇବା ପାଇଁ ଏକ ମାର୍ଗଦର୍ଶକ ମଣ୍ଡଳୀ ଗଠନ କରାଯାଇଛି, ଯେଉଁଥିରେ କୃଷ୍ଣା ମହାନ୍ତି, ବିଜୟ ତ୍ରିପାଠୀ, ପ୍ରଫୁଲ୍ଲ ସାମନ୍ତରା, କୃଷ୍ଣ ସିଂହ, ଗାୟତ୍ରୀ ଦାସ, ଡ. ଝରଣା ପଟ୍ଟନାୟକ, ପ୍ରଫେସର ଧନେଶ୍ୱର ସାହୁ ଓ ବିରଜା ଦେବୀ ରହିଛନ୍ତି। ଏହାବ୍ୟତୀତ ବିଭିନ୍ନ ବିଭାଗ ପାଇଁ ସଂଯୋଜକମାନଙ୍କୁ ମଧ୍ୟ ମନୋନୀତ କରାଯାଇଛି। ସ୍ୱାସ୍ଥ୍ୟ ସମିତି ପାଇଁ ଗୌରାଙ୍ଗ ଚନ୍ଦ୍ର ମହାପାତ୍ର, କୃଷି ପାଇଁ ଅକ୍ରୁର ପଲେଇ, ଆନ୍ଦୋଳନ ସମିତି ପାଇଁ ଅରୁଣ ଜେନା, ସଦ୍ଭାବନା ପାଇଁ ପ୍ରଫେସର ସେକ ନାସିର ବକ୍ସ ଏବଂ ଖଦି ସମିତି ପାଇଁ ଧ୍ରୁବାନନ୍ଦ ଶରଣଙ୍କୁ ଦାୟିତ୍ୱ ମିଳିଛି। ମହିଳା ସେଲ୍‌ଫ ପାଇଁ ରାବେୟା ବେଗମ, ରଚନା ସମିତି ପାଇଁ ଅନ୍ତର୍ଯ୍ୟାମୀ ବରାଳ ଓ ନିଶା ନିବାରଣ ସମିତି ପାଇଁ ସୁଶାନ୍ତ ମହାନ୍ତି ସଂଯୋଜକ ଭାବେ କାର୍ଯ୍ୟ କରିବେ। ଆଗାମୀ ଦିନରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଏକ ବ୍ୟାପକ ଆନ୍ଦୋଳନ ଚଳାଇବାକୁ ସାମୂହିକ ସଙ୍କଳ୍ପ ନିଆଯାଇଛି। ଡାକ୍ତର ବିଶ୍ୱଜିତ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଆଇନ ସଚେତନତା

**କଟକ, ୨୬।୪(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ କଟକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମିଳିତ ଆନୁକୂଲ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଅଜୟ ମିଶ୍ର ସଭାପତିତ୍ୱ କରିଥିଲେ। ଆଇନ୍ ସେବା ପ୍ରାଧୀକରଣ ସଚିବ ଜଗଦୀଶଚନ୍ଦ୍ର ଜେନା, ଆଇନଜୀବୀ ବିଜୟ ପଣ୍ଡା ଓ ରଜନୀକାନ୍ତ ଦାଶ ଯୋଗଦେଇଥିଲେ। ଡ. ଜତିନ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଳ ଦୋକାନରୁ ଚୋରି

**କଟକ, ୨୬।୪(ସମିସ):** ବିଡ଼ାନାସୀ ଥାନା ଅନ୍ତର୍ଗତ କୃଷକ ବଜାର ନିକଟରେ ଥିବା ଏକ ଅସ୍ଥାୟୀ ଫଳ ଦୋକାନରୁ ଗତକାଲି ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଏଥିସହିତ ଦୋକାନ ବାହାରେ ଥିବା କିଛି ମୂଲ୍ୟବାନ କାଠପଟାକୁ ମଧ୍ୟ ନେଇଯାଇଛନ୍ତି। ଦୋକାନ ମାଲିକ ବଳରାମ ପାଇକରାୟ ଘଟଣା ସମ୍ପର୍କରେ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ଏହାପରେ ପୁଲିସ ସିସି କ୍ୟାମେରା ଯାଞ୍ଚ କରିବା ସହିତ ତଦନ୍ତ ଚଳାଇଛି। ପୁଲିସ ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କୃଷକ ବଜାର ଭିତରେ ଅନ୍ୟ ଏକ ଦୋକାନ କବାଟ ତାଡ଼ିବାକୁ ଚେଷ୍ଟା କରିଥିଲେ। ସେଠାରୁ ବିଫଳ ହେବା ପରେ ବଳରାମଙ୍କ ଫଳ ଦୋକାନ ପାଲ୍‌କୁ ଖୋଲି ୫୦ ହଜାର ଟଙ୍କାର ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଛନ୍ତି।

## ଷ୍ଟେସନ୍‌ରୁ ନାବାଳକ ଉଦ୍ଧାର

**କଟକ, ୨୬।୪(ସମିସ):** କଟକ ରେଳଷ୍ଟେସନ୍‌ରୁ ଆଜି ଜଣେ ନାବାଳକକୁ ଆରପିଏଫ୍ ସ୍କ୍ୱାଡ୍ ଉଦ୍ଧାର କରିଛି। ନାବାଳକର ଘର ବିହାର ହୋଇଥିବା ବେଳେ ତାଙ୍କ ନାମ ଏନ୍. ସି ହନସାରୀ ବୋଲି ଜଣାପଡ଼ିଛି। ଆଜି ସନ୍ଧ୍ୟାରେ ହନ୍‌ସାରୀ ୧ ନମ୍ବର ପ୍ଲାଟଫର୍ମରେ ସନ୍ଦେହଜନକ ଭାବେ ବୁଲୁଥିଲା। ଆରପିଏଫ୍ ସ୍କ୍ୱାଡ୍ ତାକୁ ନେଇ ପଚରାଉଚରା କଲା ବେଳେ ସେ ଘରୁ ରାଗି ପଳାଇ ଆସିଥିବା ପ୍ରକାଶ କରିଥିଲା। ତା' ପରିବାର ସହିତ ଯୋଗାଯୋଗ କରାଯାଇଛି। ଆସନ୍ତାକାଲି ପରିବାର ସଦସ୍ୟ ଏଠାରେ ପହଞ୍ଚିବା ପରେ ଉପଯୁକ୍ତ ପ୍ରମାଣପତ୍ର ଦେଖାଇ ନାବାଳକକୁ ନେବେ ବୋଲି ଜଣାପଡ଼ିଛି।

## କଳାବତୀ କଳା ନିକେତନ ଟ୍ରଷ୍ଟ ପକ୍ଷରୁ 'ସ୍ୱର ସଙ୍ଗମ'



**କଟକ, ୨୬।୪(ସମିସ):** କଳାବତୀ କଳା ନିକେତନ ଟ୍ରଷ୍ଟ ଆନୁକୂଲ୍ୟରେ ରବିବାର ଓଡ଼ିଆ ବଜାରସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ବାର୍ଷିକ ସଙ୍ଗୀତ ସମାରୋହ 'ସ୍ୱର ସଙ୍ଗମ-୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରି ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ବିଶ୍ୱନାଥ ମିଶ୍ରଙ୍କ ଶାସ୍ତ୍ରୀୟ ଓ ବୃନ୍ଦଗାନ କ୍ଷେତ୍ରରେ ଥିବା ଅତୁଳନୀୟ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଏ. ମହେଶ୍ୱର ରାଓ, ଗୁରୁ ଗୋପୀନାଥ ବେହେରା, ଶିକ୍ଷାବିତ୍ କୁଳମଣି ଦାଶ ଓ ଆକାଶବାଣୀର ସୁମିତ୍ରା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମାରୋହର ମୁଖ୍ୟ ଆକର୍ଷଣ ଥିଲା ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ଡଃ ସଙ୍ଗୀତା ଗୋସାଇଁଙ୍କ ଓଡ଼ିଶୀ ଓ ଗୀତଗୋବିନ୍ଦ ପରିବେଷଣ। ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ରାଗ କଲ୍ୟାଣ ଓ ରାଗମାଳିକା ପରିବେଷଣ କରିଥିବା ବେଳେ ଶିଳ୍ପୀ ଦେବସ୍ମିତା ମିଶ୍ର ଓ ଅଜୟ ବାରିକଙ୍କ ଶାସ୍ତ୍ରୀୟ ପ୍ରଦର୍ଶନ ଉଚ୍ଚକୋଟୀର ହୋଇଥିଲା। ଆକାଶବାଣୀର ବରିଷ୍ଠ ଉଦ୍‌ଘୋଷକ ବିଚିତ୍ରାନନ୍ଦ ପଣ୍ଡା ଓ ଦୀପ୍ତି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଶିଷ୍ଟ ଆଇନଜୀବୀ ହରପ୍ରସାଦ ରଥ ଧନ୍ୟବାଦ ଦେଇଥିଲେ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

**କଟକ, ୨୬।୪(ସମିସ):** ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅନ୍ୟତମ କର୍ଣ୍ଣଧାର, ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଗ୍ରଣୀ ଅନୁଷ୍ଠାନ 'ନୀଳଚକ୍ର' ଓ କଟକ ମହାନଗର ନାଗରିକ ମହାସଭାର ମିଳିତ ଆନୁକୂଲ୍ୟରେ ଓଏମପି ଛକସ୍ଥିତ ଶିଶୁ ଉଦ୍ୟାନଠାରେ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ 'ବନ୍ଦେ ଉତ୍କଳ ଜନନୀ' ମାତୃବନ୍ଦନା ଗାନ କରାଯାଇଥିଲା। ଡାକ୍ତର ନୀଳାଦ୍ରି ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବ୍ରଜ କିଶୋର ନନ୍ଦ, ରମାକାନ୍ତ ମହାପାତ୍ର, ରଞ୍ଜନ ମହାନ୍ତି, ଚିରଞ୍ଜୀୟ ସାହୁ, ହେମନ୍ତ ଛାଟୋଇ, ମାଧବ ମିଶ୍ର, ଡ଼ଃ ବସନ୍ତ କୁମାରୀ ନନ୍ଦ, ବିଦ୍ୟୁତ ଲାଲା, ଶୁଭଲକ୍ଷ୍ମୀ ସାହୁ, ଅରୁଣ ଅଗ୍ରୱାଲ, ଶ୍ୟାମସୁନ୍ଦର ସାହୁ, ହେମନ୍ତ ପଣ୍ଡା, ପ୍ରଫୁଲ୍ଲ ବେହେରା, ନିବାସ ଚନ୍ଦ୍ର ମିଶ୍ର, ବିଭୂତି ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅଶ୍ୱିନୀ ସେଠୀ ଧନ୍ୟବାଦ ଦେଇଥିଲେ।



# ସ୍କାର୍ଟ ଓଡ଼ିଶା ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ପୂଜା ସମାରୋହ

**୯ ଜଣଙ୍କୁ 'ଉତ୍କଳ ନବରତ୍ନ' ଓ ୩୦୦ କଳାକାରଙ୍କୁ ସମ୍ବର୍ଦ୍ଧନା**



**କଟକ, ୨୬।୪(ସମିସ):** ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ସ୍କାର୍ଟ) ଓଡ଼ିଶା ପକ୍ଷରୁ ସ୍ଥାନୀୟ କଳାବିକାଶ କେନ୍ଦ୍ର ପରିସରରେ ରାଜ୍ୟସ୍ତରୀୟ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବ ଅତ୍ୟନ୍ତ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ସ୍କାର୍ଟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ଉତ୍ସବକୁ ଉଦ୍‌ଘାଟନ କରି ଝାଡ଼ଖଣ୍ଡ ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ତଥା ଜାତୀୟ ମାନବିକ ଅଧିକାର ଆୟୋଗର ସଦସ୍ୟ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ କହିଲେ, 'ଆମେ ସମସ୍ତେ ଓଡ଼ିଆ ଏବଂ ଆମ ଭାଷାକୁ ନେଇ ଆମେ ଗର୍ବିତ। ଉତ୍କଳର ସାହିତ୍ୟ ଓ ପରମ୍ପରା ମହାନ'। ଏହି ଐତିହ୍ୟକୁ ଜାଗ୍ରତ ରଖିବା ଦିଗରେ ସ୍କାର୍ଟ ଭଳି ପ୍ରତିଷ୍ଠାନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୯ ଜଣ ପ୍ରତିଭାଧାରୀଙ୍କୁ ମର୍ଯ୍ୟାଦାଜନକ 'ଉତ୍କଳ ନବରତ୍ନ ସମ୍ମାନ' ପ୍ରଦାନ କରାଯାଇଥିଲା। ସମ୍ମାନିତ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଆଇପିଏସ୍ ଅଧିକାରୀ ସାର୍ଥକ ଷଡ଼ଙ୍ଗୀ, ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, ନିତ୍ୟାନନ୍ଦ ବାରିକ ଓ ନୃପରାଜ ସାହୁ ପ୍ରମୁଖ ସାମିଲ ଥିଲେ। ଏଥିସହିତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୩୦୦ରୁ ଊର୍ଦ୍ଧ୍ୱ କଳାକାରଙ୍କୁ 'ସ୍କାର୍ଟ ଓଡ଼ିଶା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ସାଂସଦ ରବିନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ମନ୍ତ୍ରୀ ଶଶିଭୂଷଣ ବେହେରା, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ଓ ନଟବର ଶତପଥୀ ଯୋଗଦେଇ କଳା ଓ ସଂସ୍କୃତିର ପୁନରୁଦ୍ଧାର ପାଇଁ ସ୍କାର୍ଟର ପ୍ରୟାସକୁ ପ୍ରଶଂସା କରିଥିଲେ। ଅତିଥିମାନେ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ନରେନ୍ଦ୍ର ନାଥ ଓଝା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ସଞ୍ଜୁବାଳା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଏନ୍‌ୱାଇଭି'ର ପ୍ରତିଷ୍ଠା ଦିବସ

**୧୧ ଜଣଙ୍କୁ 'ୟୁଥ୍ ଆଇକନ୍' ସମ୍ମାନ ପ୍ରଦାନ**




**କଟକ, ୨୬।୪(ସମିସ):** ସମାଜସେବୀ ଅନୁଷ୍ଠାନ 'ଇଷ୍ଟର୍ଣ୍ଣ ନେଟୱର୍କ ଭଏସ୍ ଅଫ୍ ୟୁଥ୍' (ଏନ୍‌ୱାଇଭି)ର ୨୨ତମ ପ୍ରତିଷ୍ଠା ଦିବସ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଏମ୍.ଡି. ସିରାଜୁଲ୍ ଅମିନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଯୁବପିଢ଼ିଙ୍କ ଉନ୍ନତି ଓ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ ବିଭାଗର ପୂର୍ବତନ କମିଶନର କସ୍ତୁରୀ ମହାପାତ୍ର ଯୋଗଦେଇ କହିଥିଲେ ଯେ ଯୁବପିଢ଼ି କୌଣସି କ୍ଷେତ୍ରରେ ନିରବ ନ ରହି ସବୁ ପରିସ୍ଥିତିର ସାମ୍ନା କରିବା ଆବଶ୍ୟକ। ମୁଖ୍ୟବକ୍ତା ଭାବେ ପୂର୍ବତନ ସୂଚନା ଅଧିକାର କମିଶନର ଶଶିପ୍ରଭା ବିନ୍ଧାଣୀ ଏବଂ ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରଭାସ ଆଚାର୍ଯ୍ୟ ପରିବେଶ ସୁରକ୍ଷା ଓ ନିଜର ମର୍ଯ୍ୟାଦା ରକ୍ଷା କରିବାକୁ ଯୁବ ସମାଜକୁ ପରାମର୍ଶ ଦେଇଥିଲେ। ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୧୧ ଜଣ ଯୁବ ସମାଜସେବୀ ଓ ଅନୁଷ୍ଠାନକୁ 'ୟୁଥ୍ ଆଇକନ୍' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଅମ୍ରିତା ସାହୁ, ସୁରଭୀ ପାତ୍ର, ସଗୁପ୍ତା ନାଜରିନ୍ ପ୍ରମୁଖଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ୨୨ ବର୍ଷର ଯାତ୍ରାକୁ ନେଇ ପ୍ରସ୍ତୁତ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଡ. ଶୁଭ୍ରକାନ୍ତ ଖିଲାର ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ତରୁଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ମୁଖ୍ୟ ଶାହିସ୍ତା ସୁଲତାନା ଧନ୍ୟବାଦ ଦେଇଥିଲେ।

## ଭାଗୀରଥି ମହାପାତ୍ରଙ୍କ ଜନ୍ମବାର୍ଷିକୀ ପାଳିତ

# ଧୀରେନ୍ଦ୍ର ନାଥ ଦାସଙ୍କୁ 'ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ'

**କଟକ, ୨୬।୪(ସମିସ):** କଟକର ଐତିହାସିକ ସ୍ୱରାଜ ଆଶ୍ରମଠାରେ ବିଶିଷ୍ଟ ଗାନ୍ଧିବାଦୀ, ପୂର୍ବତନ ସାଂସଦ ତଥା ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଭାଗୀରଥି ମହାପାତ୍ରଙ୍କ ୧୩୪ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ସରଳା ଦେବୀ-ଭାଗିରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସମ୍ବାଦର ସମ୍ପାଦିକା ତନୟା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନର ସଭାପତି ଲଲାଟେନ୍ଦୁ ସାମନ୍ତରାୟ ଏହି ସଭାକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟ ବାର୍ ଆସୋସିଏସନର ନବନିର୍ବାଚିତ ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ପ୍ରଭାକର ସ୍ୱାଇଁ ଓ ମୁଖ୍ୟବକ୍ତା ଡ. ମହେନ୍ଦ୍ର ଆଚାର୍ଯ୍ୟ ସ୍ୱରାଜ ଆଶ୍ରମର ଐତିହ୍ୟ ଓ ଭାଗୀରଥି ମହାପାତ୍ରଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀପ୍ରକାଶ ମହାପାତ୍ର ଓ ଆଇନଜୀବୀ ପଦ୍ମାଳୟା ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଆଇନଜୀବୀ ଜଗନ୍ନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ।




ଏହି ସ୍ମୃତି ସଭାରେ ଆଇନଜୀବୀ ନିରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ସର୍ବୋଦୟ ନେତା ବିଶ୍ୱଜିତ ସୂର୍ଯ୍ୟବଂଶୀ ଓ ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ସାମନ୍ତରାୟ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଗାନ୍ଧୀବାଦୀ ତଥା ସ୍ତମ୍ଭକାର ଧୀରେନ୍ଦ୍ର ନାଥ ଦାସଙ୍କୁ ଚଳିତ ବର୍ଷର 'ଭାଗୀରଥି ମହାପାତ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

## ଦୁର୍ଘଟଣାରେ ଯୁବକ ଗୁରୁତର

**କଟକ, ୨୬।୪(ସମିସ):** ଫେଜ୍-୨ ଥାନା ଅନ୍ତର୍ଗତ ନରାଜ ରାସ୍ତାରେ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଆହତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଯୁବକଙ୍କ ନାଁ ବିଜ୍ଞାନୀ ପ୍ରିୟଦର୍ଶୀ ପଣ୍ଡା ହୋଇଥିବା ବେଳେ ସେ ମର୍କତନଗର ସେକ୍ଟର-୬ଅଞ୍ଚଳରେ ରୁହନ୍ତି। ସୂଚନା ଅନୁସାରେ, ବିଜ୍ଞାନୀ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର ଇଞ୍ଜିନିୟର ଭାବେ କାର୍ଯ୍ୟ କରନ୍ତି। ଆଜି ରବିବାର ଛୁଟି ଥିବାରୁ ସନ୍ଧ୍ୟା ସମୟରେ ନରାଜ ଆଡକୁ ବୁଲିବା ପାଇଁ ନିଜ ବାଇକ୍‌ରେ ଯାଇଥିଲେ। ଏକ ମାଲବୋଝେଇ ଟ୍ରାକ୍ଟର ତାଙ୍କୁ ଏନ୍‌ଏଲ୍‌ୟୁ ଫାଟକ ନିକେଟରେ ପଛପଟୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ହେଲମେଟ୍ ନ ଥିବାରୁ ରାସ୍ତାରେ ତାଙ୍କ ମୁଣ୍ଡ ମାଡ଼ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେ ଘଟଣାସ୍ଥଳରେ ବେହୋସ୍ ହୋଇଯାଇଥିଲେ। ସ୍ଥାନୀୟ ଲୋକ ବିଜ୍ଞାନୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ପଠାଇଥିଲେ। ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଡ୍ରାଇଭର୍ ଫେରାର୍ ହୋଇଯାଇଛି।

## କଟକରେ ଅପରାଧୀଙ୍କ ରାଜୁତି

# ରାତି ବଢ଼ିଲେ ବଢୁଛି ବାଲି, ଗୋ-ମାଫିଆଙ୍କ ଦୌରାତ୍ମ୍ୟ

- ■ ଭୁଶୁଡ଼ି ପଡ଼ିଲାଣି ଆଇନଶୃଙ୍ଖଳା
- ■ ଚେଇଁ ଶୋଇଛି କମିସନରେଟ୍ ପୁଲିସ
- ■ ନାମକୁ ମାତ୍ର ଚାଲିଛି ବ୍ଲକିଂ ଓ ପାଟ୍ରୋଲିଂ
- ■ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଭରସାରେ ପିସିଆର୍ ଭ୍ୟାନ୍

କଟକ, ୨୬।୪(ସମିସ)

ରୌପ୍ୟନଗରୀ କଟକରେ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହୋଇଛି। ସହରରେ ପୁଲିସର ଉପସ୍ଥିତି ଏବେ କେବଳ ଫାଇଲ୍‌ପତ୍ରରେ ସୀମିତ ରହିଥିବା ବେଳେ ମଧ୍ୟରାତ୍ରରୁ ସକାଳ ପର୍ଯ୍ୟନ୍ତ ଅପରାଧୀ ଓ ମାଫିଆଙ୍କ କବ୍‌ଜାରେ ରହୁଛି ସହର। ପୁଲିସର ପାଟ୍ରୋଲିଂ ଓ ଚେକିଂ ବ୍ୟବସ୍ଥା ଅଚଳ ହୋଇପଡ଼ିଥିବାରୁ ବାଲି ମାଫିଆ, ଚୋରା ମଦ ବ୍ୟବସାୟୀ ଏବଂ ଜୁଆଡ଼ିମାନେ ନିର୍ଭୟରେ ନିଜର ସାମ୍ରାଜ୍ୟ ବିସ୍ତାର କରୁଛନ୍ତି। ରାତି ୧୧ଟା ପରେ ସହରର ଗୁରୁତ୍ୱପୂର୍ଣ୍ଣ ଛକ ଯଥା ବାଦାମବାଡ଼ି, ବଜ୍ରକବାଟି, ରାଣୀହାଟ, ମାଲଗୋଦାମ, ମଧୁପାଟଣା ଓ ସତୀ ଚୌରା ଭଳି ଅଞ୍ଚଳରେ ପୁଲିସର ଦେଖା ମିଳୁନାହିଁ। ସହରର ୯୦ ପ୍ରତିଶତ ରାସ୍ତାରେ ପିସିଆର୍ ଭ୍ୟାନ୍‌ର ଅନୁପସ୍ଥିତି ଯୋଗୁଁ ଅପରାଧୀମାନେ ଅପରାଧ ଘଟାଇ ସହଜରେ ଖସି ପଳାଉଛନ୍ତି। ଏପରିକି ଗୋ-ଚାଲାଣ ଓ ବାଲି ଟ୍ରକ୍‌ଗୁଡ଼ିକ ବିଳମ୍ବିତ ରାତିରେ ମୁକ୍ତ ଭାବେ ଚଳାଚଳ କରୁଥିଲେ ହେଁ ପୁଲିସ 'ଚେଇଁ ଶୋଇବା' ସହରବାସୀଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି କରିଛି। ଅଭିଯୋଗ ଅନୁଯାୟୀ, ସହରର ପାଟ୍ରୋଲିଂ ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଭାବେ ଚୁକ୍ତିଭିତ୍ତିକ ବା ଠିକା କର୍ମଚାରୀ ଏବଂ ଅବସରପ୍ରାପ୍ତ ପୁଲିସ ଅଫିସରଙ୍କ ଭରସାରେ ଚାଲିଛି। ନିୟମ ଅନୁଯାୟୀ ପ୍ରତ୍ୟେକ ପିସିଆର୍ ଭ୍ୟାନ୍‌ରେ ଜଣେ ସ୍ଥାୟୀ ଅଫିସର, ହାବିଲଦାର ଓ କନେଷ୍ଟବଳ ରହିବା କଥା, ମାତ୍ର ବାସ୍ତବରେ କେବଳ ଠିକା କର୍ମଚାରୀମାନେ ହିଁ ଦାୟିତ୍ୱରେ ରହୁଛନ୍ତି। ଅନେକ ସମୟରେ ଏହି କର୍ମଚାରୀମାନେ ବିଳମ୍ବିତ ରାତିରେ ପିସିଆର୍ ଭ୍ୟାନ୍‌କୁ ଏକାନ୍ତରେ ରଖି ଶୋଇ ରହୁଥିବା ଅଭିଯୋଗ ହେଉଛି। ଫଳରେ କୌଣସି ଅଘଟଣ ଘଟିଲେ କିମ୍ବା ଖବର ଦେଲେ ପୁଲିସ ପହଞ୍ଚିବାରେ ଅହେତୁକ ବିଳମ୍ବ ହେଉଛି। ସହରରେ ୨୧ଟି ଥାନା ଏବଂ ପର୍ଯ୍ୟାପ୍ତ ଗାଡ଼ି-ମୋଟର ଥିଲେ ସୁଦ୍ଧା ସୁରକ୍ଷା ବ୍ୟବସ୍ଥାରେ ଏହି ଶିଥିଳତା କମିଶନରେଟ୍ ପୁଲିସର ପାରଙ୍ଗମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ କଣ୍ଟ୍ରୋଲ୍ ରୁମ୍ ଏବଂ ପାଟ୍ରୋଲିଂ ଗାଡ଼ି ମଧ୍ୟରେ ତାଳମେଳ ରହୁ ନ ଥିବାରୁ ସାଧାରଣ ଲୋକେ ରାତିରେ ଯିବାଆସିବା କରିବାକୁ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଏହି ଗମ୍ଭୀର ପରିସ୍ଥିତିକୁ ନେଇ କୌଣସି ବରିଷ୍ଠ ପୁଲିସ ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇପାରୁନାହାନ୍ତି। ସହରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି ନ କଲେ ଆଗାମୀ ଦିନରେ ଅପରାଧର ମାତ୍ରା ଆହୁରି ବଢ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

● ଦାଦନ ଖଟୁଥିଲେ ତିନି ଭାଇ

# ଅରୁଣାଚଳ ପ୍ରଦେଶରୁ ଉଦ୍ଧାର କଲା ପୁଲିସ

● ଘରକୁ ଫେରିପାରୁ ନଥିବାରୁ ଥାନାରେ ହୋଇଥିଲା ଏତଲା



ଗୁଣୁପୁର,୨୬।୪(ସମିସ): ରାୟଗଡ଼ା ଜିଲ୍ଲା ପୁଟାସିଂ ପୁଲିସ୍ ପାଖରେ କୁଲୁସି" ପଞ୍ଚାୟତର ଖାଡାସି ଗ୍ରାମର ଜାମ୍ବୋ ଗମାଙ୍ଗ ତାଙ୍କର ତିନୋଟି ପିଲା ଦାଦନ ଖଟିବା ପାଇଁ ଯିବାପରେ ଦୀର୍ଘଦିନ ହେବ ଫେରୁନଥିବା ନେଇ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଭିତି କରି ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହିମାଚଳ ପ୍ରଦେଶରୁ ଦୁଇ ପିଲାଙ୍କୁ ଉଦ୍ଧାର କରିଛି ପୁଟାସିଂ ପୁଲିସ୍। ସୂଚନା ଅନୁଯାୟୀ, ଅରୁଣାଚଳ ପ୍ରଦେଶକୁ ପରିବାରର ସମସ୍ତ ସଦସ୍ୟ ଦାଦନ ଖଟିବାକୁ ଯାଇଥିଲେ। ୨୦୧୮ ମସିହାରେ ବାପା ମା ନିଜ ଗ୍ରାମ ଖାଡାସିକୁ ଫେରିଆସିଥିଲେ। କିନ୍ତୁ ତାଙ୍କ ସହ ଥିବା ତିନି ପିଲା ଆସି ନଥିଲେ। ସେମାନେ ଦୀର୍ଘ ମାସ ଘରକୁ ନ ଫେରି ହିମାଚଳ ପ୍ରଦେଶର ଏକ ବ୍ୟବସାୟୀଙ୍କ ଦୋକାନରେ କାମ କରୁଥିଲେ। ଦୀର୍ଘଦିନ ଦାଦନ ଖଟୁଥିବା ନିଜର ତିନି ପିଲାଙ୍କ ସହ ଯୋଗାଯୋଗ ନହେବାରୁ ବାଧ ହୋଇ ପୁଟାସିଂ ଥାନାରେ ଜାମ୍ବୋ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରି ଅରୁଣାଚଳ ପ୍ରଦେଶକୁ ଯାଇ ସେଠାରେ ଦାଦନ ଖଟୁଥିବା ୨ଜଣ ପିଲାଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ଶ୍ରମିକ ମଧ୍ୟରେ ଜଣେ ୧୪ ବର୍ଷର ନାବାଳକ ରହିଥିବା ବେଳେ ଅନ୍ୟଜଣେ ୨୫ ବର୍ଷୀୟ ସୁନିଲ ଗମାଙ୍ଗ ରହିଛନ୍ତି। ଆଉ ଜଣେ ୩୫ ବର୍ଷ ବୟସ୍କ ଲାମିତି ଗମାଙ୍ଗୋ ଆଉ କିଛି ଦିନପରେ ଫେରିବେ ବୋଲି ପୁଲିସ ପକ୍ଷରୁ ସୁଚନା ମିଳିଛି। ପୁଲିସ ଦଳ ମଧ୍ୟରେ ଏସ୍ଆଇ ଅଶୋକ ନାୟକ ଓ ସୁଦାମ ସାହୁ ଦୁଇ ଜଣଙ୍କୁ ଧରି ଶନିବାର ରାତିରେ ଫେରିବା ପରେ ଥାନା ଅଧିକାରୀ ବିଦ୍ଯୁଲତା ନାୟକଙ୍କ ନେତୃତ୍ୱରେ ଦୁଇ ପୁଅକୁ ଜାମ୍ବୋ ଗମାଙ୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ସରକାରୀ ସୂଚନା ଫଳକରେ ସହିଦ ଲକ୍ଷ୍ମଣ ନାୟକଙ୍କ ନେଇ ବିଭ୍ରାନ୍ତିକର ତଥ୍ୟ

# ଖୋଜିଲେ ମିଳୁନି ଷ୍ଟାଡିୟମ, ସଂଗ୍ରହାଳୟ ଓ ଗ୍ରନ୍ଥାଗାର

ମାଥିଲି,୨୬।୪ (ସମିସ): ନିଜ ଜାତି ନିଜ ଦେଶ ପାଇଁ ଇଂରେଜମାନଙ୍କ ସହିତ ଲଢେଇ କରି ଫାଶୀ ଖୁଣ୍ଟରେ ଝୁଲିଥିଲେ ଲକ୍ଷ୍ମଣ ନାୟକ। ତାଙ୍କ ପାଇଁ ଆଜି ଅବିଭକ୍ତ କୋରାପୁଟ ଜିଲ୍ଲା ଆଜି ଗର୍ବିତ। ସେହି ମହାନ ମହାପୁରୁଷ ଆଦିବାସୀ ମାନଙ୍କ ପାଇଁ ସଦା ସର୍ବଦା ଲଢେଇ କରୁଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାରେ ଅନେକ ସ୍ଥାନରେ ସେହି ମହାନ ପୁରୁଷଙ୍କ ନାମରେ ମେଡ଼ିକାଲ କଲେଜ ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ନାମିତ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମଧ ସେହି ମହାନପୁରୁଷଙ୍କ ନାମରେ ଗୋଟିଏ ସହିଦ ଲକ୍ଷ୍ମଣ ନାୟକ ଷ୍ଟାଡିଅମ, ସଂଗ୍ରହାଳୟ, ମୂର୍ତ୍ତି ଓ ଗ୍ରନ୍ଥାଗାର ନିର୍ମାଣ ହୋଇଥିଲା । କିନ୍ତୁ ଏବେ ଏହା ନିଖୋଜ ହୋଇଯାଇଛି। ଏହା ଲୋକେ କହୁ ନାହାନ୍ତି, ଯାହା ରାଜ୍ୟ ପର୍ଯ୍ୟଟନ ବିଭାଗର ସୂଚନା ଫଳକ କହୁଛି। ୩୨୬ ନମ୍ବର ଜାତୀୟ ରାଜପଥ ମାଥିଲି ଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ସୂଚନା ଫଳକ ଜ୍ୱଳନ୍ତ ଉଦାହରଣ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଫଳକରେ ଦର୍ଶା ଯାଇଛି ଯେ ମାଥିଲି ଠାରୁ ମାତ୍ର ୯ କିଲୋମିଟର ଦୂରରେ ସହିଦ ଲକ୍ଷ୍ମଣ ନାୟକ ଷ୍ଟାଡିଅମ, ସଂଗ୍ରହାଳୟ, ମୂର୍ତ୍ତି ଓ ଗ୍ରନ୍ଥାଗାର ଅବସ୍ଥିତ। କିନ୍ତୁ ଜିଲ୍ଲା ତଥା ଜିଲ୍ଲା ବାହାରର ପର୍ଯ୍ୟଟନ ମାନେ ଫଳକରେ ସେହି ସ୍ଥାନକୁ ଆଜି ପର୍ଯ୍ୟନ୍ତ ଖୋଜି ପାଉ ନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। ଯଦି ଫଳକରେ ଦର୍ଶା ଯାଇଥିବା ସ୍ଥାନ ନାହିଁ, ତାହେଲେ ପର୍ଯ୍ୟଟନ ବିଭାଗ ଏପରି ବିଭ୍ରାନ୍ତିକର ସୂଚନା ଫଳକ କେଉଁ ଉଦ୍ଦେଶ୍ୟରେ ଲଗାଇଛି ବୋଲି ଲୋକେ ପ୍ରଶ୍ନ




ଉଠାଇଛନ୍ତି। ତାହା ସହିତ ବିଭାଗ ପକ୍ଷରୁ ସହିଦଙ୍କ ନାମରେ ସୂଚନା ଫଳକ ଲଗାଇ ଅର୍ଥ ହରିଲୁଟ କରାଯାଇନି ତ ବୋଲି ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଅଞ୍ଚଳବାସୀ ମନରେ । ଆମେ ଏହି ଫଳକ ବିଷୟରେ ପ୍ରଥମେ ସହିଦ ଲକ୍ଷ୍ମଣ ନାୟକଙ୍କ ଝିଅର ପୁଅ ବା ନାତି ମୁକୁନ୍ଦ ନାୟକଙ୍କୁ ପଚାରିବାରୁ

## ଦୂରଦୁରାନ୍ତରୁ ଆସି ପର୍ଯ୍ୟଟକ ନିରାଶ

ଫଳକରେ ଦର୍ଶା ଯାଇଥିବା ସ୍ଥାନ କୌଣସି ସ୍ଥାନରେ ନାହିଁ । ସେହିପରି ସହିଦ ଲକ୍ଷ୍ମଣ ନାୟକ ସ୍ମୃତି କମିଟିର ପୂର୍ବତନ ସଭାପତି ଏମଡି ଆକବରଙ୍କୁ ପଚାରି ବାରୁ ପ୍ରଥମେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ସହିଦଙ୍କ ନାମକୁ ଅପମାନିତ କରାଯାଇଛି। ତାହା ସହିତ ଯଦି ବିଭାଗ ଏପରି ଫଳକ ଲଗାଇଛି, ତାହା ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହିତ ଫଳକ ଲଗାଇଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ଦାବି କରିଛନ୍ତି। ମାଥିଲିର ଜଣେ ବରିଷ୍ଠ ନାଗରିକ ଅବଦୁଲ ଗାଫାରଙ୍କୁ ପଚାରିବାରୁ ଫଳକରେ ଦର୍ଶା ଯାଇଥିବା ସ୍ଥାନ ତାଙ୍କ ଅଞ୍ଚଳରେ ନାହିଁ ବୋଲି ସେ କହିଥିଲେ। ମାଥିଲି ଠାରୁ ୯ କିଲୋମିଟର ବ୍ୟବଧାନରେ ଏପରି କୌଣସି ସ୍ଥାନ ନାହିଁ। ଏହା ତଦନ୍ତ ସାପେକ୍ଷ। ତଦନ୍ତ କଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି କହିଛନ୍ତି। ବାକି ଜିଲ୍ଲା ପ୍ରଶାସନ ଏହାକୁ ଉଚ୍ଚ ସ୍ତରୀୟ ତଦନ୍ତ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ଜୋର ଧରିଛି।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ



ମାଲକାନଗି,୨୬।୪(ସମିସ): ମାଲକାନଗିରି ଜିଲ୍ଲା ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ସଂଘର ସଭାପତିଙ୍କ ଅଧ୍ୟକ୍ଷତାରେ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ ଜୟନ୍ତି ପାଳିତ ହୋଇ ଯାଇଛି। ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ କାଳୁ ଚରଣ ମହାରଣା, ସଂଘର ଉପସଭାପତି ସୁରେନ୍ଦ୍ର କୁମାର ମହାରଣା, ସମ୍ପାଦନ ଅଶୋକ କୁମାର ସାମଲ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଗଜପତିଙ୍କ ଜୀବନୀ ଏବଂ ଓଡ଼ିଶା ରାଜନୀତିରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିମନ୍ୟୁ ବେହେରା, ଜଗନ୍ନାଥ ତିଆଡ଼ି, ବି. ଜନାର୍ଦ୍ଦନ ରାଓ., ଏସ୍. ବୀରା ସ୍ୱାମୀ, ନବ କୁମାର ସାହୁ, ଲିଙ୍ଗରାଜ ସେନାପତି, କେ. ଶିବ ଶଙ୍କର ପାତ୍ର, ଜୟଦେବ ରାଉଳ, ବାବାଜୀ ଚରଣ ସ୍ୱାଇଁ ଓ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିକଳ୍ପ' ସଂଗଠନର ଅଂଶୁଘାତ ସଚେତନତା



ରାୟଗଡ, ୨୬।୪(ସମିସ): "ବିକଳ୍ପ" ଆମ ମାଟି ଆମ ସଂକଳ୍ପ ସଂଗଠନ, ରାୟଗଡ଼ର ଉଦ୍ୟମରେ ସଦର ବ୍ଲକ ଜପାଖାଲ ଗ୍ରାମରେ ଅଂଶୁଘାତ ଓ ତାର ପ୍ରତିକାର ଉପରେ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ପ୍ରାୟ ୧୧୫ ଜଣ ମହିଳା, ପୁରୁଷ ଓ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସଂଗଠନର ବରିଷ୍ଠ ସଦସ୍ୟ ବିପିନ ବିହାରୀ ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତି ଅଂଶୁଘାତ କଣ ଏବଂ ତାର ପ୍ରତିକାର ଉପରେ ତଥ୍ୟ ପ୍ରଦାନ କରିଥିଲେ । ସଂଗଠନର ସଦସ୍ୟା ତଥା ଅଧ୍ୟାପିକା ସଂଯୁକ୍ତା ପାଙ୍ଗି ସ୍ଥନୀୟ କୁଇ ଭାଷାରେ ଅଂଶୁଘାତର ଲକ୍ଷଣ ଏବଂ ତାର ପ୍ରତିକାର ତଥା ବଜ୍ରପାତ ସମୟରେ କଣ କରିବା, କଣ ନକରିବା ଉପରେ ବୁଝାଇଥିଲେ। ବିଶେଷ କରି ଖରାଦିନେ ଦୈନନ୍ଦିନ ଜୀବନର ଦିନଚର୍ଯ୍ୟା, ତଥା ସ୍ୱାସ୍ଥ୍ୟ ସୁରକ୍ଷା ଉପରେ କଥା ରଖି ଥିଲେ। ସଦସ୍ୟ ରାଜେନ୍ଦ୍ର ସାହୁ କୁଇ ଭାଷାରେ ପୋଡୁ ଚାଷ ଉପରେ ବୁଝାଇଥିଲେ ଏବଂ ଜଙ୍ଗଲ ପୋଡିବା ଦ୍ୱାରା ପରିବେଶ ଦୂଷିତ ହୋଇ ତାହା ସମାଜ ଉପରେ କିପରି କୁ ପ୍ରଭାବ ପଡ଼େ, ସଚେତନ କରାଇଥିଲ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଗାଁ ଲୋକମାନଙ୍କୁ ଦହି ପଣା ବଣ୍ଟନ କରାଯାଇଥିଲା। ସଂଗଠନର ସଦସ୍ୟ ସଦସ୍ୟା ଡ. ଅର୍ଚ୍ଚନା ପଟ୍ଟନାୟକ, ଶଶିଭୂଷଣ ପଟ୍ଟନାୟକ, ଅଶୋକ କୁମାର ଜୈନ, ଡ. ବିନୋଦ ଚନ୍ଦ୍ର ପାତ୍ର, କୁମୁଦ ଚନ୍ଦ୍ର ସାମନ୍ତରାୟ, ଗୌରୀ ଶଙ୍କର ରାଓ, ମନୋରଞ୍ଜନ ମିଶ୍ର, ସନ୍ଧ୍ୟାରାଣୀ ପାତ୍ର, ତ୍ରିବେଣୀ ମିଶ୍ର, ଭାରତୀ ଚୌଧୁରୀ, ପଦ୍ମନ ଚୌଧୁରୀ, ଆଦି ଗାଁ ଲୋକମାନଙ୍କୁ ବଜ୍ରପାତରୁ ରକ୍ଷା ପାଇବା ପାଇଁ କେଉଁ କେଉଁ ପନ୍ଥା ଅବଲମ୍ବନ କରିବା ଦରକାର ନିଜ ନିଜର ବକ୍ତବ୍ୟରେ ରଖିଥିଲେ। ଶେଷରେ ଉପସ୍ଥିତ ଥିବା ସମସ୍ତ ଗ୍ରାମବାସୀ, ଛାତ୍ରଛାତ୍ରୀ, ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା ପରିଚାଳନା କରିଥିବା ବେଳେ ସମସ୍ତ ଗ୍ରାମବାସୀ ତଥା ଗ୍ରାମର ଯୁବକ ରାଜୀବ ହୁଇକା ଏବଂ ସଂଗଠନର ସମସ୍ତ ସଦସ୍ୟ ସଦସ୍ୟା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସଦସ୍ୟା ସଂଯୁକ୍ତା ପାଙ୍ଗି ଗାଁ ଲୋକଙ୍କ ମାତୃଭାଷା କୁଇ ଭାଷାରେ ଆଜିର ଦିନ ଖୁସିର ଦିନ କହି ଲୋକଙ୍କୁ ଆକୃଷ୍ଟ କରି ଧନ୍ୟବାଦ ଅର୍ପଣ କରିଥିଲେ

# ଜିଲ୍ଲାରେ ପ୍ରତି ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ମାଲକାନଗିରି,୨୬।୪(ସମିସ): ଜନସାଧାରଣଙ୍କ ସମସ୍ୟାର ସମାଧାନକୁ ଅଧିକ ତ୍ୱରାନ୍ୱିତ ଓ ପ୍ରଭାବଶାଳୀ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବେ ଏକ ଅଭିନବ ତଥା ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏବେ ପ୍ରତି ସୋମବାର ଦିନ ଜିଲ୍ଲାର ପ୍ରତି ଗ୍ରାମ ପଞ୍ଚାୟତ ସ୍ତରରେ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରିବାକୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଲୋକମାନଙ୍କୁ ନିଜ ସମସ୍ୟା ପାଇଁ ଆଉ ଜିଲ୍ଲା ସଦର ମହକୁମାକୁ ଦୌଡ଼ିବାକୁ ପଡ଼ିବ ନାହିଁ, ବରଂ ପ୍ରଶାସନ ନିଜେ ଲୋକଙ୍କ ନିକଟରେ ପହଞ୍ଚିବ। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ନିଜେ ନିର୍ଦ୍ଧାରିତ ପଞ୍ଚାୟତଗୁଡ଼ିକରେ ଉପସ୍ଥିତ ରହି ମିଳିତ ଅଭିଯୋଗ ଶୁଣାଣି କରିବେ। ସେହିପରି ସେହି ଦିନ ଏକା ସମୟରେ ଅନ୍ୟାନ୍ୟ ପଞ୍ଚାୟତ ଗୁଡିକରେ ଯେଉଁଠାରେ ଜିଲ୍ଲାପାଳ ଓ ଏସପି ନ ଯାଇଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଶୁଣାଣିର ନେତୃତ୍ୱ ନେବେ। ସେହିପରି ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ ନିକଟରେ ଜନସାଧାରଣ ନିଜର ଅଭିଯୋଗ ଜଣାଇ ପାରିବେ। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ତହସିଲଦାର, ପୋଲିସ ବିଭାଗ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଶିବିରରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନର ଏହି ତତ୍ପରତା ଓ ସକ୍ରିୟତା ଦର୍ଶାଉଛି ଯେ, ସାଧାରଣ ଜନତାଙ୍କ ଅଭିଯୋଗର ପ୍ରଭାବଶାଳୀ ଏବଂ ସମୟାନୁବର୍ତ୍ତୀ ସମାଧାନ ପାଇଁ ପ୍ରଶାସନ ପ୍ରତିବଦ୍ଧ। ଦୁର୍ଗମ ଅଞ୍ଚଳର ଲୋକମାନେ ଯେପରି ସହଜରେ ସରକାରୀ ସେବା ପାଇପାରିବେ,ସେଥିପାଇଁ ଏହାକୁ ଏକ ଜରୁରୀକାଳୀନ କାର୍ଯ୍ୟଭାର ଭାବେ ଗ୍ରହଣ କରାଯାଇଛି।

# ସତୀଗୁଡ଼ା ଇରିଗେଶନ ପରିସରରେ ନିଆଁ; ଅଳ୍ପକେ ବର୍ତ୍ତିଲା ଗୋଦାମ ଗୃହ

ମାଲକାନଗିରି, ୨୬।୪(ସମିସ): ଅଳ୍ପକେ ବର୍ତ୍ତିଲା ମାଲକାନଗିରି ସତିଗୁଡା ଇରିଗେଶନର ଗୋଦାମଗୃହ। ସୂଚନା ମୁତାବକ କୌଣସି କାରଣରୁ ମାଲକାନଗିରି ଜିଲ୍ଲା ସଦରରେ ଥିବା ପୁରୁଣା ମେଡିକାଲ ଛକ ନିକଟ ସତିଗୁଡା ଇରିଗେଶନ କାର୍ଯ୍ୟାଳୟର ଗୋଦାମଗୃହ ସମ୍ମୁଖରେ ନିଆଁ ଲାଗିଯାଇଥିଲା। ଏହି ନିଆଁ ଲାଗିବା ଫଳରେ ସେଠାରେ ଥିବା ଏକ ବିରାଟ କାୟ ଗଛ ଜଳି ଯାଇଥିବା ବେଳେ ଏହି ନିଆଁ ଦେଖି ତୁରନ୍ତ ଦମକଳ ବିଭାଗକୁ ବିଭାଗୀୟ କର୍ମଚାରୀ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ସୌଭାଗ୍ୟବଶତଃ କାର୍ଯ୍ୟାଳୟ କିମ୍ବା ଅନ୍ୟ କୌଣସି ଘର ଓ ବ୍ୟକ୍ତି ବିଶେଷଙ୍କ ଏଥିରେ କୌଣସି କ୍ଷତି ହୋଇ ନଥିବା ଜଣାପଡିଛି। ଏହି ନିଆଁ କିପରି ଲାଗିଲା, ତାହା ଯଦିଓ ସ୍ପଷ୍ଟ ହୋଇନି, କିନ୍ତୁ ନିଆଁକୁ ଦମକଳ ବାହିନୀ ସଠିକ୍ ସମୟରେ ଆୟତ୍ତ କରିଥିବାରୁ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତି ଯାଇଛି ବିଭାଗୀୟ ଅଫିସ ବୋଲି କୁହାଯାଇଛି।



# ତଳମିଟିଙ୍ଗି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କାକିରିଗୁମା,୨୬।୪(ସମିସ): ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଗୈଡ଼ଗୁଡା ପଞ୍ଚାୟତ ଅନ୍ତର୍ଗତ ତଳମିଟିଙ୍ଗି ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଶଙ୍କର ସାଉନ୍ତା ଯୋଗ ଦେଇ ଖେଳ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଟିମ ଭାଗ ନେବେ ବୋଲି କମିଟି ସଦସ୍ୟ ହରି ହୁଇକା, ସମ୍ବାରୁ ସିରିକା , ଚନ୍ଦ୍ର ସିରିକା ଝାଡ୍ରୁ, ସିରିକା ସାଧୁ ସିରିୟା, କାନ୍ଧରୁ ସିରିୟା ଅଂଚଳ ଜାମ୍ବକା ସୂଚନା ଦେଇଛନ୍ତି। ପ୍ରଥମ ଦିନରେ କାପିସିପୁଟ ଏବଂ ଝିରିଝିରା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ତଳମିଟିଙ୍ଗି ଭଳି ପଛୁଆ ଗ୍ରାମରେ ଏଭଳି କ୍ରୀଡା ଆୟୋଜନ କରି ସ୍ଥାନୀୟ ଯୁବକ ମାନେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖି ସେମାନଙ୍କୁ ପ୍ରଶଂସା କରିଥିଲେ।

# ବାଲ୍ମିକୀ ସମାଜ ଦୁଆରୀ ପରିବାରର ଆମ୍ବ ଉତ୍ସବ

ଶିଖପାଲି,୨୬।୪(ସମିସ) ମାଲକାନଗିରି ଜିଲ୍ଲା କୁରୁୱାଡା ଗ୍ରାମର ଦୁଆରି ପରିବାର ପକ୍ଷରୁ ଦୀର୍ଘଦିନ ଧରି ପାଳିତ ହୋଇଆସୁଥିବା ପାରମ୍ପରିକ ଆମ୍ବ ଉତ୍ସବ ଆଜି ଭକ୍ତି ଓ ଆନନ୍ଦର ସହିତ ଉଦ୍‌ଯାପିତ ହୋଇଛି। ନିକଟରେ ଜନଜାତିଙ୍କ ସହ ମିଶି ସେମାନଙ୍କ ପରମ୍ପରାକୁ ଶ୍ରଦ୍ଧା ଓ ସମ୍ମାନ ଦେଇ ଆଜି ଏହି ନୂଆଁ ଆମ୍ବ ଖିଆ ପର୍ବର ଶେଷ ଦିନ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ସେମାନେ ବାଲ୍ମିକୀ ସମାଜର ହୋଇଥିବାରୁ ପୂର୍ବପୁରୁଷମାନଙ୍କ ଠାରୁ ଆସିଥିବା ଏହି ପରମ୍ପରା ପରିବାର ପାଇଁ ଗର୍ବର ବିଷୟ ହୋଇରହିଛି। ପରିବାର ସଦସ୍ୟମାନଙ୍କ କହିବା ଅନୁଯାୟୀ, ଏହି ଉତ୍ସବ ମହର୍ଷି ବାଲ୍ମିକୀ ଓ ନିଜ ପରିବାରର ପୂର୍ବଜମାନଙ୍କୁ ସ୍ମରଣ କରିବା ସହିତ ତାଙ୍କର ଆଶୀର୍ବାଦ ଲାଭ କରିବାର ଏକ ପବିତ୍ର ଅବସର। ଏହି ଅବସରରେ ପରିବାରର ଆରାଧ୍ୟ ଦେବୀ ମୁତ୍ୟାଲମ୍ମା ଠାକୁରାଣୀଙ୍କୁ ବିଶେଷ ପୂଜା ଅର୍ଚ୍ଚନା କରାଯାଇଥାଏ। ବିଶେଷ କଥା ହେଲେ, ଦୁଆରି ପରିବାର ପକ୍ଷରୁ ଏହି ଉତ୍ସବ ପ୍ରତିବର୍ଷ ବହୁ ପୁରୁଣା କାଳରୁ ନିରବିଚ୍ଛିନ୍ନ ଭାବେ ପାଳନ କରାଯାଉଛି। ଯାହା ତାଙ୍କର ଆସ୍ଥା, ଭକ୍ତି ଓ ସଂସ୍କୃତି ପ୍ରତି ଗଭୀର ସମ୍ମାନକୁ ପ୍ରକାଶ କରେ। ଏହି ଆମ୍ବ ଉତ୍ସବ ପାରିବାରିକ, ସେମାନଙ୍କ ଏକତାକୁ ମଜବୁତ କରିବା ସହିତ ଆମ ପାରମ୍ପରିକ ସଂସ୍କୃତିକୁ ଅଟୁଟ ରଖିବାରେ ମଧ ଗୁରୁତ୍ୱ ରଖେ। ଉତ୍ସବର ଶେଷରେ ପୂଜା, ପ୍ରାର୍ଥନା ଓ ପ୍ରସାଦ ବିତରଣ କରାଯାଇଥିଲା।



ଲେବର କାର୍ଡ ନବୀକରଣରେ ଅସୁବିଧା

# ଅଫିସ ଓ ଜନସେବା କେନ୍ଦ୍ରରେ ଚକ୍କର କାଟୁଛନ୍ତି ଶ୍ରମିକ

ମୁନିଗୁଡା,୨୬।୪ (ସମିସ): ମୁନିଗୁଡା ଅଞ୍ଚଳରେ ନିର୍ମାଣ ଶ୍ରମିକମାନଙ୍କ ଲେବର କାର୍ଡ ନବୀକରଣ ନେଇ ଏକ ଗଭୀର ପ୍ରଶାସନିକ ଅସୁବିଧା ସୃଷ୍ଟି ହୋଇଛି। ବର୍ଷକୁ ବର୍ଷ ଶ୍ରମିକମାନେ ସରକାରୀ ନିୟମ ଅନୁଯାୟୀ ନିଜ କାର୍ଡ ନବୀକରଣ କରି ଆସୁଥିବା ସତ୍ତ୍ୱେ ଚଳିତ ବର୍ଷ ନବୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ଅଟକି ଯାଇଥିବାରୁ ଶତାଧିକ ଶ୍ରମିକ ଅସହାୟ ଅବସ୍ଥାରେ ପହଞ୍ଚିଛନ୍ତି। ସୂଚନା ଅନୁଯାୟୀ, ଏହି ଅଞ୍ଚଳର ଅଧିକାଂଶ ନିର୍ମାଣ ଶ୍ରମିକ ଦିନକୁ ଦିନ ଶ୍ରମ କରି ପରିବାର ଚଳାଉଥିବା ବେଳେ ସେମାନଙ୍କ ପାଇଁ ଲେବର କାର୍ଡ ଏକ ମୁଖ୍ୟ ଆଧାର ଭାବେ କାମ କରେ। ଏହି କାର୍ଡ ମାଧ୍ୟମରେ ସେମାନେ ବିଭିନ୍ନ ସରକାରୀ ସହାୟତା, ଭତ୍ତା, ଚିକିତ୍ସା ସୁବିଧା ଓ ଶିକ୍ଷା ସମ୍ବନ୍ଧୀୟ ଯୋଜନାର ଲାଭ ଉଠାଇଥାନ୍ତି। କିନ୍ତୁ ଚଳିତ ବର୍ଷ ରିନୁଆଲ ହେଉନଥିବାରୁ ସମସ୍ତ ସୁବିଧା ବନ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଶ୍ରମିକମାନଙ୍କ ଅଭିଯୋଗ ଅନୁସାରେ, ସେମାନେ ଲେବର ଅଫିସକୁ ଗଲେ ସେଠାରୁ ଜନସେବା କେନ୍ଦ୍ରକୁ ପଠାଯାଉଛନ୍ତି। ଆଉ ଜନସେବା କେନ୍ଦ୍ରକୁ ଗଲେ ତାଙ୍କୁ ପୁଣି ଲେବର ଅଫିସକୁ ଫେରାଇ ଦିଆଯାଉଛି। ଏଭଳି ଦୁଇଟି କାର୍ଯ୍ୟାଳୟ ମଧ୍ୟରେ ଲୋକମାନେ ପ୍ରତିଦିନ ଚକ୍କର କାଟୁଥିବା ବେଳେ କୌଣସି ସ୍ପଷ୍ଟ ସମାଧାନ ମିଳୁନାହିଁ। ଏହାର ପରିଣାମରେ ଦୂରଦୂରାନ୍ତରୁ ଆସୁଥିବା ଶ୍ରମିକମାନଙ୍କ ସମୟ ଓ ଧନର ଅପଚୟ ହେଉଛି। ଶ୍ରମିକ ମାନେ ଦିନକୁ କାମ ଛାଡ଼ି ରିନୁଆଲ ପାଇଁ ଅଫିସ ଓ ଜନସେବା କେନ୍ଦ୍ର ନିକଟରେ ଚକର କାଟିବା ଆର୍ଥିକ ଭାବେ ମଧ କ୍ଷତିଗ୍ରସ୍ତ ହେଉଛନ୍ତି। ଦିନକୁ ଦିନ ମଜୁରୀ କରି ପରିବାର ପାଇଁ ଦାନା ସଂଗ୍ରହ କରୁଥିବା ବେଳେ ଏମିତି ଅବସ୍ଥାରେ ୨/୩ ଦିନ ଧରି ଅଫିସ ଘୁରିବା ସେମାନଙ୍କ ପାଇଁ ବଡ଼ ସମସ୍ୟା ବୋଲି ଲଛମା ହିଆଲ,ଦେବା ଟାକ୍ରୀ,ଦୁର୍ଗା ବାଗ,ବୁଲୁ ବାଗ,ପ୍ରତିମା ଚାମ, ଆରତୀ ଚାମ, ଶୋସନି କୁସୁଲିଆ, ସାଲେନି ହିଆଲ ଭଳି ମହିଳା ଶ୍ରମିକ ମାନେ ଅଭିଯୋଗ କରିଛନ୍ତି। ଯଦି ସମୟରେ କାର୍ଡ ରିନୁଆଲ ହେବନାହିଁ, ତେବେ ସେମାନେ ସରକାରୀ ଯୋଜନାରୁ ସ୍ଥାୟୀ ଭାବରେ ବଞ୍ଚିତ ହୋଇପାରନ୍ତି। ତାଙ୍କ ପରିବାର ଜୀବନରେ ଗୁରୁତର ପ୍ରଭାବ ପକାଇପାରେ ବୋଲି କିଛି ଶ୍ରମିକ ଭୟ ପ୍ରକାଶ କରିଛନ୍ତି। ସ୍ଥାନୀୟ ସମାଜସେବୀ ବି.ଭେଙ୍କେଟସ୍ୱର ପାତ୍ର ଓ ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡାଲ,ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହୀ, ପ୍ରମୁଖ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ଶୀଘ୍ର ସମାଧାନ ପାଇଁ ଜିଲ୍ଲା ପ୍ରଶାସନଙ୍କ ହସ୍ତକ୍ଷେପ ଦାବି କରିଛନ୍ତି। ସେମାନଙ୍କ ମତାନୁସାରେ ଯଦି ଏହି ସମସ୍ୟାକୁ ତୁରନ୍ତ ସମାଧାନ କରାଯାଇନଥାଏ, ତେବେ ଆଗାମୀ ଦିନରେ ଶ୍ରମିକମାନେ ଆନ୍ଦୋଳନର ପଥ ଅଳମ୍ବନ କରିପାରନ୍ତି। ଏହି ପରିସ୍ଥିତିରେ ଶ୍ରମିକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ଓ ପ୍ରଶାସନ କେଉଁ ପ୍ରକାର ତୁରନ୍ତ ପଦକ୍ଷେପ ନେଉଛନ୍ତି ସେଥିପାଇଁ ସମସ୍ତଙ୍କ ନଜର ରହିଛି।

● ପ୍ରାଦେଶିକ ମେଧା ବୃତ୍ତି ଓ ଭାରତୀ କୃଷ୍ଣ ଗଣିତ ପରୀକ୍ଷା

# କୃତିତ୍ୱ ଆଣିଲେ ମାଥିଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ






ମାଥିଲି,୨୬।୪(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ମହକୁମା ଭାରତୀ ବିହାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ମାନେ ରାଜ୍ୟ ସ୍ତରୀୟ ପ୍ରାଦେଶିକ ମେଧା ବୃତ୍ତି ଓ ଭାରତୀ କୃଷ୍ଣ ଗଣିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ତୃତୀୟ ଶ୍ରେଣୀ ମେଧା ବୃତ୍ତିରେ ୧୦ମ ସ୍ଥାନରେ ସାଇଶକ୍ତି ପାଳ, ୨ୟ ସ୍ଥାନରେ ସିଦ୍ଧାର୍ଥ ମଲ୍ଲିକ ଓ ତୃତୀୟ ସ୍ଥାନରେ ଜସ୍ମିତ୍ ସାହୁ ୩ୟ ସ୍ଥାନରେ ଥିଲାବେଳେ ଭାରତୀ କୃଷ୍ଣ ଗଣିତରେ ଅଷ୍ଟମ ସ୍ଥାନରେ ଜସ୍ମିତ ସାହୁ, ନବମ ସ୍ଥାନରେ ଦିବ୍ୟ ପ୍ରକାଶ ଦାସ, ଓ ଦିବ୍ୟାଂଶି ବାରିକ ରହିଛନ୍ତି। ପଞ୍ଚମ ଶ୍ରେଣୀରେ ଉଭୟ ପରୀକ୍ଷାରେ ଗୌରବ ପଣ୍ଡା ପଞ୍ଚମ ଓ ସପ୍ତମ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଦୁଇଟି ମେଧା ବୃତ୍ତି ପରୀକ୍ଷାରେ ରାଜ୍ୟ ସ୍ତରରେ ମୋଟ ୨୦ଟି ସ୍ଥାନରୁ ମାଥିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଛାତ୍ରୀ ୮ଟି ସ୍ଥାନ ଅକ୍ତିଆର କରିବାରେ ସଫଳ ହୋଇଛନ୍ତି ବୋଲି ପ୍ରଧାନ ଆଶ୍ଚର୍ଯ୍ୟ ଗଗନ ବିହାରି ସ୍ୱାଇଁ ପ୍ରକାଶ କରିଛନ୍ତି। ଛାତ୍ର ଛାତ୍ରୀ ସେମାନଙ୍କ ସଫଳତା ଶ୍ରେୟ ଗୁରୁଜୀ ଗୁରୁମା, ପିତା ମାତାଙ୍କ ସହ ସମସ୍ତ ମାର୍ଗଦର୍ଶକ ମାନଙ୍କୁ ପ୍ରଦାନ କରିଛନ୍ତି। ବିଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ମାଥିଲି ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ଏହିପରି ସଫଳତା ହାସଲ କରିବା ଜାରି ରଖିଛନ୍ତି। ଅବିଭାବକ ସଂଘ ସହ ସମସ୍ତ ଅବିଭାବକ ଏହି ସଫଳତା ପାଇଁ ବିଦ୍ୟାଳୟର ଗୁରୁଜୀ ଗୁରୁମା ଓ ପ୍ରଧାନ ଆଚାର୍ଯ୍ୟଙ୍କ କର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଛନ୍ତି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

### ଗ୍ରାମାଞ୍ଚଳରେ ବଢ଼ିଚାଲିଛି ଚୋରାମଦ କାରବାର

# ମଦ ବେପାର ବନ୍ଦ ପାଇଁ ମହିଳାଙ୍କ ପଦଯାତ୍ରା

ଏରସମା, ୨୬।୪( ସମିସ)

ଏରସମା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତରେ ୧୫ରୁ ଅଧିକ କୋଟିଆ ବେପାରୀ ଚୋରାମଦ ବେପାର ଜାରି ରଖିଛନ୍ତି। ରାତି ପାହିଲେ ଚୋରା ମଦ ବେପାର ଯୋଗୁଁ ଅଶାନ୍ତ ପଡ଼ିଯାଇଛି ପଦ୍ମପୁର ପଞ୍ଚାୟତ। ଦିନ ଦ୍ୱିପ୍ରହରରେ ମଦୁଆଙ୍କ ଉତ୍ପାତରେ ସାଧାରଣ ଲୋକ ଅତିଷ୍ଠ ହୋଇପଡ଼ିଲେଣି। ପିଲାଛୁଆ ମଦୁଆ



ହେଲେଣି। ଚୋରାମଦ ବେପାର ବନ୍ଦ ପାଇଁ ଆଜି ଶତାଧିକ ମହିଳା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ବାହାରି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଚୋରାମଦ ବନ୍ଦ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ମହିଳା ସଂଘର ସଦସ୍ୟ ଚେତବାନୀ ଦେଇଛନ୍ତି। ପୂର୍ବତନ ସରପଞ୍ଚ କେଶବ ପାତ୍ର, ସମାଜସେବୀ ଉପେନ୍ଦ୍ର ସାମନ୍ତ ସମର୍ଥନ ଜଣାଇ ପଦଯାତ୍ରାରେ ସାମିଲ ହୋଇଥିଲେ। ମହିଳା ସଂଘ ପକ୍ଷରୁ ଭଗବତୀ କାନଡି, ପାର୍ବତୀ ଜେନା, ଜ୍ୟୋତ୍ସ୍ନା ଆଚାର୍ଯ୍ୟ, କବିତା କାନଡି, ଆଶା କାନଡିଙ୍କ ନେତୃତ୍ୱରେ ଦୁଇ ଶହରୁ ଅଧିକ ମହିଳା ଏହି ପଦଯାତ୍ରାରେ ଯୋଗ ଦେଇଥିଲେ।

## ଦାମୋଦର ରାଉତଙ୍କ ଭଙ୍ଗା ପ୍ରତିମୂର୍ତ୍ତି ପାଖରେ ଫଟୋ ରଖି ପ୍ରତିବାଦ

ଏରସମା, ୨୬।୪(ସମିସ): ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପୂର୍ବରୁ ଜଙ୍ଗଲ ବିଭାଗ ପକ୍ଷରୁ ଶିଆଳିଠାରେ ସ୍ଥାପିତ ମୂର୍ତ୍ତିକୁ ଭାଙ୍ଗିଦିଆଯାଇଛି। ଏହା ପ୍ରତିବାଦରେ ଆଜି ଶିଆଳି ବାଲିଯାତ୍ରା କମିଟି ଡାକରାରେ ନିରାକାର ସ୍ୱାଇଁଙ୍କ ନେତୃତ୍ୱରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ, ବାଲିକୁଦା-ଏରସମା ବିଜେପି ନେତା ଶିବବ୍ରତ ଦାସ, ନାରୀନେତ୍ରୀ ନିରୂପମା ସ୍ୱାଇଁ, ବରିଷ୍ଠ ନେତା ସଞ୍ଜୟ ମହାନ୍ତି ପ୍ରମୁଖ ଯୋଗଦେଇ ଦାମୋଦର ରାଉତଙ୍କ



ପ୍ରତିମୂର୍ତ୍ତି ଭଙ୍ଗାକୁ ନିନ୍ଦା କରିଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏ ସମ୍ବନ୍ଧରେ ଅବଗତ କରାଯିବ ବୋଲି ଜିଲ୍ଲା ସଭାପତି ପ୍ରତାପ ମିଶ୍ର କହିଛନ୍ତି। ଦାମେଦୋର ରାଉତ ଜଣେ ଦକ୍ଷ ରାଜନେତା ଥିଲେ। ତାଙ୍କ ପ୍ରତିମୂର୍ତ୍ତିକୁ ଏଭଳି ଅପମାନ ଦେବା ଶୋଭନୀୟ ନୁହେଁ। ପଞ୍ଚାୟତର ଜୟଦେବ ସାମନ୍ତ, ସୁକାନ୍ତ ସାମନ୍ତ, ନିମାଇଁ ମଲ୍ଲିକ ପ୍ରମୁଖ ଦୃଢ଼ ନିନ୍ଦା କରିଛନ୍ତି।

## ନୂଆଗଡ଼କୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର



କୁଜଙ୍ଗ, ୨୬।୪(ସମିସ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ରୂପେ ଚୟନ କରାଯାଇଛି। ଏହି ଅବସରରେ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ ଚଳିତ ବର୍ଷ ଶ୍ରେଷ୍ଠ ପଞ୍ଚାୟତ ପାଇଁ ସମ୍ବର୍ଦ୍ଧନା ଗ୍ରହଣ କରୁଛନ୍ତି। ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ଡ. ବିଭୁପ୍ରସାଦ ତରାଇ, ସ୍ଥାନୀୟ ବିଧାୟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ଜିଲ୍ଲାପାଳ ଜେ.ସୋନାଲ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ନିଜ ପଞ୍ଚାୟତ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ, ଯୁବକ ମାନକୁ ନିଯୁକ୍ତି, ଚାଷ ପାଇଁ ଉପଯୁକ୍ତ ପଦକ୍ଷେପ, ବର୍ଜ୍ୟ ପରିଚାଳନା ଓ ମହିଳା ସଶକ୍ତୀ କରଣ ଦିଗରେ ସରପଞ୍ଚ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ପାଇବାରେ ପାରାଦୀପ ଗଡ଼ ବିଜେପି ମଣ୍ଡଳ ସଭାପତି ଗଗନ ବିହାରୀ ରାଉତ, କୁଜଙ୍ଗ ସଭାପତି ରଞ୍ଜନ ବାରିକ, ପଙ୍କପାଳ ସଭାପତି ଶତ୍ରୁଘ୍ନ ମଲ୍ଲ, ରାହାମା ସଭାପତି ଶରତ ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ପାୱାରଏକ୍ସ ଜିମ୍ ଉଦ୍‌ଘାଟିତ

ଜଗତସିଂହପୁର, ୨୬।୪(ସମିସ): ଜଗତସିଂହପୁର ସହରର ଗୋପାଳସାଗରଠାରେ ପ୍ରତିଷ୍ଠା କରାଯାଇଥିବା ପାୱରଏକ୍ସ ଜିମ୍‌ର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଜିମ୍ ସେଣ୍ଟରକୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ



ଉଦ୍‌ଘାଟନ କରିଛନ୍ତି। ଏ ଅବସରରେ ପୂର୍ବତନ ସେନା କର୍ମଚାରୀ ଓ ବିଏସଏଫ ବକ୍ସିଂ କୋଚ୍ କଲ୍ୟାଣ ରଥ ଯୋଗଦେଇ ଯୁବପିଢ଼ିଙ୍କୁ ଶାରୀରିକ ସୁସ୍ଥତା ଓ ଫିଟନେସ୍‌ର ଗୁରୁତ୍ୱ ପ୍ରସଙ୍ଗରେ ଯୁବ ବର୍ଗଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ଶିକ୍ଷାବିତ ବିଦ୍ୟୁଭୂଷଣ ତ୍ରିପାଠୀ, ତନ୍ମୟ ମହାପାତ୍ର ଓ ସତ୍ୟଜିତ ପାଢ଼ୀ ଉପସ୍ଥିତ ହୋଇ ଜିମ୍ ମାଧ୍ୟମରେ ଅଞ୍ଚଳର ଯୁବମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ଫିଟନେସ୍ ସୁବିଧା ଦେବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ।

## ବିଗିବନ୍ଧ ରାସ୍ତା କାମ ନିମ୍ନମାନର ଅଭିଯୋଗ

ରାଜକନିକା, ୨୬।୪(ସମିସ): ଲୋକଙ୍କ ବହୁ ଦିନର ଦାବି ଓ ଗଣମାଧ୍ୟମରେ କ୍ରମାଗତ ଖବର ପ୍ରକାଶ ପରେ ଆଳି ତଟବନ୍ଧ ବିଭାଗ ପକ୍ଷରୁ ବିଗିବନ୍ଧ ରାସ୍ତାର ଉନ୍ନତୀକରଣ ପାଇଁ ୨୪-୨୫ ଆର୍ଥିକ ବର୍ଷରେ ୫୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ରାସ୍ତାର ଚଉଡା ୧୦ ଫୁଟ ହେବାକୁ ଥିବାବେଳେ ଏହି ରାସ୍ତାର ପ୍ରାୟ ୭ରୁ ୮ ଫୁଟ କରାଯାଇଛି। ଗଞ୍ଜା ଘାଟ ପାଖରୁ ଉଭୟ ପାଖ ରାସ୍ତାକୁ ପ୍ରଶସ୍ତୀକରଣ ପାଇଁ ମାଟି ଖୋଳିବା ପରେ ଗଞ୍ଜା ଘାଟ ପାଖରୁ କାମ ନ କରି ଓଲାଭର ପାଖରୁ କାମ କରି ଗଞ୍ଜା ତାରିଣୀ ମନ୍ଦିରର ପାଖାପାଖି ୧୫୦ ମିଟର ପୂର୍ବରୁ କାମ ସାରି ଠିକାଦାର ଛୁ ମାରିଛି। ଫଳରେ ୫୪ ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା ଅତି ଆବଶ୍ୟକ ସ୍ଥାନ ଗଞ୍ଜା ଗାଁ ପାଖ ଏବେ ସାମାନ୍ୟ ବର୍ଷାରେ ଖୋଳା ହୋଇ ପଡ଼ିଥିବା ମାଟି ଲୋକଙ୍କ ଘର ଭିତରେ ପଶିବାରେ ଲାଗିଛି। ଏ ସମ୍ପର୍କରେ କନିକା ଉପଖଣ୍ଡର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ବିଗିବନ୍ଧ ରାସ୍ତା କାମରେ ହୋଇଥିବା ଅନିୟମିତତାର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।

## ରକ୍ତଦାନ ଶିବିର; ୭୫ ୟୁନିଟ୍ ସଂଗୃହୀତ

କେନ୍ଦ୍ରାପଡ଼ା, ୨୬।୪(ସମିସ): ଆଖୁଆଦକ୍ଷିଣୀ ପଞ୍ଚାୟତର ଯୁବ ସଂଗଠକ ସତ୍ୟବ୍ରତ ନାୟକ ତାଙ୍କ ଜନ୍ମଦିନରେ ରକ୍ତଦାନ ଶିବିର ଆୟୋଜନ କରି ଉଦାହରଣ ସୃଷ୍ଟି କରିଛନ୍ତି। ମାର୍ଶାଘାଇର



ଓରିଷାବିନ୍ଧା ଅଞ୍ଚଳରେ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଯୁବନେତା ଓ ଆଇନଜୀବୀ ଚିତ୍ତରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। ଶିବିରରୁ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ କେନ୍ଦ୍ରାପଡ଼ା ରକ୍ତ ଭଣ୍ଡାରକୁ ହସ୍ତାନ୍ତର କରାଯାଇଥିଲା। ବିଜେପି ନେତା ପ୍ରକାଶ ଦାସ, ମିହିର ସାମଲ, ମନୋଜ ଦାସ, ସଞ୍ଜିତ ବେହେରା, ଚନ୍ଦ୍ରପ୍ରକାଶ ମୁଦୁଲି, ଜିଲ୍ଲା ପରିଷଦ ସଭ୍ୟ ଡଲି ଶତପଥୀ, ଶୁଭ୍ରାଂଶୁ ରାଉତ, ଚିତ୍ତରଞ୍ଜନ ମଲ୍ଲିକ, ହେମନ୍ତ ନାୟକ ଓ ସୌରଭ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଓଷକଣା ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ

ବାଲିକୁଦା, ୨୬।୪(ସମିସ): ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ଶୋଭା ଓଷକଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପରିଚାଳନା କମିଟି ସଭାପତି ଅପ୍ରତି ଚରଣ ମହାନ୍ତିଙ୍କ ସଭାପତିତ୍ୱ ଓ ଆଚାର୍ଯ୍ୟ ଧର୍ମେନ୍ଦ୍ର ସାହୁଙ୍କ ମଞ୍ଚ ପରିଚାଳନାରେ ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସନ୍ଥ ସତ୍ୟାନନ୍ଦ ଦାସମହାରାଜ ଯୋଗ ଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେପି ଜିଲ୍ଲା ସଭାପତି ତଥା କବି ପ୍ରତାପ ମିଶ୍ର ଯୋଗଦେଇ ଅବସର ଗ୍ରହଣ କରିଥିବା ୨ ଆଚାର୍ଯ୍ୟ ତରୁଣ ବିଶ୍ୱାଳ ଓ ତ୍ରିଲୋଚନ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିବାବେଳେ ପୂର୍ବତନ ଛାତ୍ର ସୁନୀଲ ଜେନାଙ୍କୁ ତାଙ୍କ ଉତ୍ତମ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ସୁଶାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସରୋଜ ସ୍ୱାଇଁଙ୍କ ମଞ୍ଚ ସଂଯୋଜନାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।



ସମ୍ପାଦକ ବାସୁଦେବ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ଓ କର୍ମଚାରୀ ସହଯୋଗ କରିଥିଲେ।

## କାଦୁଅପଡ଼ା ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଜଗତସିଂହପୁର, ୨୬।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ କାଦୁଅପଡ଼ାସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ



ଅମରେନ୍ଦ୍ର ଦାସ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସେ କହିଥିଲେ, ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ଦେଶ ଓ ଦେଶ ବାହାରେ ଅନେକ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି। ଶିଶୁ ମନ୍ଦିରର ଶିକ୍ଷାଦାନ ପ୍ରଣାଳୀ, ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ। ଏ ଅବସରରେ ମୁଖ୍ୟଅତିଥି ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବ ଅବସରରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଶିଶୁମନ୍ଦିରର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ।

ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରଫୁଲ୍ଲ ସାହୁ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ଭାବେ କାଦୁଅପଡ଼ା ପଞ୍ଚାୟତର ସରପଞ୍ଚ ପ୍ରମୋଦ ସାହୁ ଯୋଗ ଦେଇଥିଲେ। ଅତିଥିମାନେ ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ଉତ୍ତମ ଶିକ୍ଷାଦାନ ସହିତ ଚରିତ୍ର ଗଠନରେ ସହାୟକ ହୋଇପାରୁଛି ବୋଲି ମତପୋଷଣ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଆଇନଜୀବୀ ନରେଶ ଦାସ ସମ୍ପାଦକୀୟ ବିବରଣୀ ପାଠ କରି ବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉତ୍ସବ ପ୍ରମୁଖ ଉମେଶ ଚନ୍ଦ୍ର ରଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ବିଦ୍ୟାଳୟର କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉତ୍ସବକୁ ଶିଶୁମନ୍ଦିରର ଗୁରୁଜୀ ଆଚାର୍ଯ୍ୟ ପ୍ରତିନିଧି ସୁବ୍ରତ ମହାନ୍ତି, ଗୁରୁଜୀ ଶାକ୍ୟପ୍ରସାଦ ଦାସ, ଶୁଭରାଜ ତ୍ରିପାଠୀ, ସୁବାସ ନାୟକ, ଶିବପ୍ରସାଦ ବାରିକ, ତାପସ ମିଶ୍ର, ଆଦିତ୍ୟ ସ୍ୱାଇଁ, ରମାକାନ୍ତ ପଣ୍ଡା, ଆଚାର୍ଯ୍ୟ ଅସିତ ଶତପଥୀ, ଗୁରୁମା ଗାୟତ୍ରୀ ଶତପଥୀ, ହେନାରାଣୀ ମହାନ୍ତି, ଲିଲି ବେହେରା, ପ୍ରଭାତୀ ମହାନ୍ତି, ଶୁଭ୍ରାଜ୍ୟୋତି ରାୟ, ରାଧାରାଣୀ ବେହେରା, ଶର୍ମିଷ୍ଠା ଭୋଇ, ଲକ୍ଷ୍ମୀପ୍ରିୟା ଖଟୁଆ, କାର୍ଯ୍ୟାଳୟ ସହାୟକ ପ୍ରଦୀପ୍ତ ମହାପାତ୍ର, ସେବିକା ଦେବକୀ ଭୋଇ ଓ ରଞ୍ଜିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ

ଜଗତସିଂହପୁର, ୨୬।୪(ସମିସ): ଅବସରପ୍ରାପ୍ତ ଅଧ୍ୟାପକ ସ୍ୱର୍ଗତ ଭଗବାନ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଜଗତସିଂହପୁର ସଦର ବ୍ଲକର ଅୟର ପଞ୍ଚାୟତ ଅନ୍ତର୍ଗତ ଆମ୍ବଦରଡ ଗ୍ରାମରେ ପାଳିତ ହୋଇଯାଇଛି। ଅଧ୍ୟାପକ ଭଗବାନ ବିଶ୍ୱାଳ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ କୃତୀ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଅଧ୍ୟକ୍ଷ ପ୍ରତାପ ଲେଙ୍କା, ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ବିଜୟ ବିଶ୍ୱାଳ, ଅବସରପ୍ରାପ୍ତ



ପ୍ରାଧ୍ୟାପକ ପ୍ରସନ୍ନ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡଃ ବିରସ କୁମାରୀ ନାୟକ ପ୍ରମୁଖ ଯୋଗଦେଇ ଅଧ୍ୟାପକ ଭଗବାନ ବିଶ୍ୱାଳଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିବା ସହ ସ୍ୱର୍ଗତ ବିଶ୍ୱାଳ ଜଣେ ସରଳ, ନିଷ୍କପଟ ଓ ଅମାୟିକ ବ୍ୟକ୍ତି ଥିଲେ ବୋଲି କହିଥିଲେ। ପରେ ଅତିଥିଙ୍କ ଦ୍ୱାରା ସ୍ମୃତିପତ୍ର 'ସ୍ମୃତି ଆଇନାରେ ଭଗବାନ' ଉନ୍ମୋଚନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରାଂଶୁ ଆଚାର୍ଯ୍ୟ, ସତ୍ୟନାରାୟଣ ଦାଶ, ବରିଷ୍ଠ ସାମ୍ବାଦିକ ବିଜୟ ସ୍ୱାଇଁ, ଦେବେନ୍ଦ୍ର ବାରିକ, ଅଧ୍ୟାପକ ଶରତ ରାଉତରାୟ, ସ୍ଥାନୀୟ ସରପଞ୍ଚ ମାନସ ବିଶ୍ୱାଳ, ବନମାଳୀ ମହାରଣା, କୈଳାସ ମଲ୍ଲିକ, ପରୀକ୍ଷିତ ମହାନ୍ତି, ନିରଞ୍ଜନ ପାତ୍ର, ସୁଶ୍ରୀ ଗୀତା ରଥ, ରବିନାରାୟଣ ରଥ, ରାଜକିଶୋର ସାହୁ, ସଦାଶିବ ବିଶ୍ୱାଳ, ଅରୁଣ ରାଉତରାୟ, ବାବାଜୀ ସାହୁ, ଅଜୟ ବରାଳ, ରଞ୍ଜନ ମିଶ୍ର, ତୋଫାନ ଚରଣ ନାୟକ, ତପନ ରାଉତରାୟ, ବିଜନ ମହାପାତ୍ର, ସରୋଜ ଦ୍ୱିବେଦୀ, ପୁତ୍ର ଅଜିତ ବିଶ୍ୱାଳ, ସୁଜିତ ବିଶ୍ୱାଳ, ରଞ୍ଜିତ ବିଶ୍ୱାଳ ଓ ଝିଅ ସୌଭାଗ୍ୟଲକ୍ଷ୍ମୀ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶନିଶ୍ଚରଙ୍କ ଜଳାଭିଷେକ ଓ ପୁସ୍ତକ ଉନ୍ମୋଚନ ଉତ୍ସବ

ଜଗତସିଂହପୁର, ୨୬।୪(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ମୁଦୁପୁର ପଞ୍ଚାୟତ କନ୍ତାର ଗ୍ରାମର ପୀଠାଧୀଶ କନ୍ତାରେଶ୍ୱର ମହାଦେବଙ୍କ ନିକଟରେ ଶନିଶ୍ଚରଙ୍କ ଜଳାଭିଷେକ ଓ ବିଶ୍ୱଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ସାହିତ୍ୟରତ୍ନ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ୨୮ତମ ପୁସ୍ତକ ପ୍ରବନ୍ଧାୟନର ଲୋକାର୍ପଣ କରାଯାଇଛି। କବୟିତ୍ରୀ ତଥା



ନବକାକଳି ପ୍ରକାଶନୀର ସ୍ୱତ୍ତ୍ୱାଧିକାରିଣୀ ମନୋରମା ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଣ୍ଡିତ ଡ. ରବୀନ୍ଦ୍ର ନାଥ ମିଶ୍ର, ମୁଖ୍ୟବକ୍ତା ରୂପେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଭାଷ ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଲକ୍ଷ୍ମୀନାରାୟଣ ସାମନ୍ତରାୟ, ବରେଣ୍ୟ ଅତିଥି ରୂପେ ଜଗତସିଂହପୁର ସମ୍ବାଦ ସାହିତ୍ୟ ଘରର ସଭାପତି ଶିଶିର କୁମାର ତ୍ରିପାଠୀ ଓ ବିଶିଷ୍ଟ ଅତିଥି ଭାବେ ପ୍ରବନ୍ଧାୟନ ପୁସ୍ତକର ଲେଖକ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ପ୍ରବନ୍ଧାୟନ ପୁସ୍ତକର ଲୋକାର୍ପଣ ସହ ସାହିତ୍ୟ ମାନବକୁ ସୁପଥର ସନ୍ଧାନ ଦେଇ ମହାମାନବ ପର୍ଯ୍ୟାୟକୁ ଉନ୍ନୀତ କରେ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ କବି କୈଳାସ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

## ତାରପୁର ଶନିମନ୍ଦିରରେ ଜଳାଭିଷେକ

ରଘୁନାଥପୁର, ୨୬।୪(ସମିସ): ରଘୁନାଥପୁର ବ୍ଲକ ତାରପୁର ଶନିମନ୍ଦିରରେ ଜଳାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡ଼ି ଭୋରୁ ଶନିଦେବଙ୍କ ପୂଜାର୍ଚ୍ଚନା ପରେ ହଜାର ହଜାର ମାନସିକଧାରୀ ନିକଟସ୍ଥ ମହାନଦୀରୁ ଜଳ ନେଇ ଶନିଦେବଙ୍କ



ଶିଳାରେ ଅର୍ପଣ କରିଥିଲେ। ପ୍ରବଳ ଗ୍ରୀଷ୍ମ ସତ୍ତ୍ୱେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଶନିମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଉପଲକ୍ଷେ ଶନିମନ୍ଦିର କମିଟି ମୁଖ୍ୟ ଜଗବନ୍ଧୁ ରାଉତଙ୍କ ତତ୍ତ୍ୱାବଧାନ ଓ ଗ୍ରାମବାସୀଙ୍କ ସହଯୋଗରେ ଆଗନ୍ତୁକ ଭକ୍ତଙ୍କ ନିମନ୍ତେ ପ୍ରାସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ରଘୁନାଥପୁର ଥାନା ପୁଲିସ ପକ୍ଷରୁ ଭକ୍ତଙ୍କ ନିମନ୍ତେ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଶନି ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କୁ ପାନୀୟଜଳ ଯୋଗାଇ ଦିଯାଇଥିଲା। ସେହିପରି ସିର୍ଲୋ ବ୍ରାହ୍ମଣଖଣ୍ଡ, କୂଳସାହି, ଟଂଆରା, ଗୋକୁଳପୁର, ଶଙ୍କରପୁର, ନୂଆପଲେଇଠାରେ ଅନୁରୂପ ଭାବେ ଶନିଦେବଙ୍କ ଜଳଲାଗି ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଶିବିର

ଜଗତସିଂହପୁର, ୨୬।୪ (ସମିସ): ରସଲପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ୧୦୦ ଦିନ ୨.୦ ଶିବିର କରାଯାଇଥିଲା। ସରପଞ୍ଚ ଓ ଅନ୍ୟ ପଞ୍ଚାୟତ ସଦସ୍ୟ ଏହି ଶିବିରରେ ଯୋଗ ଦେଇଥିଲେ। ଏହି ଶିବିରରେ ଯକ୍ଷ୍ମା ରୋଗ ନିର୍ଣ୍ଣୟ ପାଇଁ ଲୋକଙ୍କ ଛାତିର ଏକ୍ସରେ



କରାଯାଇଥିଲା। ଜାତୀୟ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଜଗତସିଂହପୁର ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା।

## ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜଳଛତ୍ର

ବିରିଡ଼ି, ୨୬।୪(ସମିସ): ବିରିଡି ହାଟ ବାପୁଜୀ ବଜାରର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜଳଛତ୍ର ବିରିଡି ହାଟ ବଜାରରେ ଖୋଲାଯାଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ



ଗୁଳୁଗୁଳି ଓ ମୁଣ୍ଡଫଟା ଖରାକୁ ଦୃଷ୍ଟିରେ ରଖି ମଞ୍ଚର ବେଣୁଧର ବେହେରା, ଗଣେଶ ଚନ୍ଦ୍ର ମାଣିଆ, ସନ୍ଦୀପ ମିଶ୍ର, ଅରୁଣ ସାହୁ, କିଶୋର ପଟ୍ଟନାୟକ, ରଞ୍ଜନ ବେହେରା, ରାଜକିଶୋର ବିଶ୍ୱାଳ, ପପୁ ବେହେରା, ଧରଣୀଧର ବାରିକ ପ୍ରମୁଖଙ୍କ ସହଯୋଗରେ ଜଳଛତ୍ର ଖୋଲାଯାଇଥଲା। ଏହି ଜଳଛତ୍ର ଯୋଗୁଁ ବାଟୋଇ ଓ ତହସିଲ, ବ୍ଲକ, ମେଡିକାଲକୁ ଆସୁଥିବା ଜନସାଧାରଣ ନିଶ୍ଚିତ ଉପକୃତ ହେବେ ବୋଲି ଆୟୋଜକ କହିଛନ୍ତି।

## ମଧ୍ୟପ୍ରଦେଶରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ବାଲିକୁଦା, ୨୬।୪(ସମିସ): ବନ୍ଦର ସାମୁଦ୍ରିକ ଥାନା ଅନ୍ତର୍ଗତ ଗଣ୍ଡକୁଳ ଗ୍ରାମର ନିହାର ରଞ୍ଜନ ବିଶ୍ୱାଳଙ୍କ ଗତକାଲି ରାତିରେ ମଧ୍ୟପ୍ରଦେଶର ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ମୃତ୍ୟୁ ଘଟିଛି। ସେଠାରେ ଥିବା ଅନ୍ୟ ଓଡ଼ିଆ କର୍ମଚାରୀ ଗତକାଲି ରାତି ପ୍ରାୟ ୨ଟା ସମୟରେ ନିହାରଙ୍କ ପରିବାରକୁ ଜଣାଇଥିଲେ। ନିହାର ଘରକୁ ଆସି



ପରିବାର ଓ ଜଣେ ବନ୍ଧୁଙ୍କ ସହ ଛୁଟି କାଟି ମଧ୍ୟପ୍ରଦେଶ ଯାଇଥିଲେ। ସେଠାରେ ବନ୍ଧୁ ଓ ପତ୍ନୀ ପ୍ରାୟ ଦେଢ଼ ମାସ ରହିବା ପରେ ୨ ଦିନ ତଳେ ଗତକାଲି ପତ୍ନୀ ନିଜ ବାପ ଘରକୁ ଯାଇଥିଲେ। ରାତିରେ ଏଭଳି ଖବର ଶୁଣିବାକୁ ପାଇଥିଲେ। ଏହି ଖବର ପାଇ ନିହାରଙ୍କ ପରିବାର ମୃତ୍ୟୁକୁ ନେଇ ସନ୍ଦେହ ଭିତରେ ରହିଥିବାବେଳେ କେହି ତାଙ୍କୁ ହତ୍ୟା କରି ଥାଇପାରନ୍ତି ବୋଲି ଅଭିଯୋଗ କରିଛନ୍ତି। ତେବେ ନିହାର କାର୍ଯ୍ୟ କରୁଥିବା କମ୍ପାନୀ ପକ୍ଷରୁ ପରିବାର ସହ ଯୋଗାଯୋଗ କରାଯାଇଥିବାବେଳେ ୩ଟି ଉଡ଼ାଜାହାଜ ଟିକଟ କରାଯାଇଥିବା ସୂଚନା ଦେଇଛନ୍ତି। ଏପରିକି ନିହାର ନିଶା ସେବନ କରିଥିବା କାରଣରୁ ହୃଦଘାତ କିମ୍ବା ବିଷପାନ କରି ମୃତ୍ୟୁବରଣ କରିଥାଇପାରନ୍ତି ବୋଲି ସେମାନେ ସନ୍ଦେହ କରିବା ସହ ସ୍ଥାନୀୟ ପୁଲିସ ସହାୟତାରେ ମେଡିକାଲରେ ମୃତଦେହ ରଖିଛନ୍ତି। ପରିବାର ଲୋକେ ଯିବା ପରେ ହିଁ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯିବା ସହ କିଭଳି ଓଡ଼ିଶା ଆସିବ, ସେନେଇ କମ୍ପାନୀ ପକ୍ଷରୁ ସମସ୍ତ ଉଦ୍ୟମ କରାଯିବ ବୋଲି ସୂଚନା ମିଳିଛି। ତେବେ କିଏ ଓ କାହିଁକି ହତ୍ୟା କରିବ, ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ଅନେକ ପ୍ରସଙ୍ଗ ଉଠାଇଛନ୍ତି ପରିବାର ଓ ସ୍ଥାନୀୟ ଲୋକ। ତେବେ ପରିବାର ଲୋକ ବନ୍ଦର ସାମୁଦ୍ରିକ ଥାନାକୁ ଅଭିଯୋଗ ପାଇଁ ଯାଇଥିବାବେଳେ ବନ୍ଦର ପୁଲିସ ପକ୍ଷରୁ ଘଟଣା ରାଜ୍ୟ ବାହାରେ ହୋଇଥିବା କାରଣରୁ ଘଟଣା ଘଟିଥିବା ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ପାଇଁ ପରାମର୍ଶ ଦେବା ସହ ଏସପି ଏ ନେଇ ଉକ୍ତ ସ୍ଥାନର ଏସପିଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସତ୍ୟ ସମ୍ମୁଖକୁ ଆସିବ ବୋଲି ଜଣାପଡ଼ିଛି।

## କ୍ୟାନଫେଷ୍ଟ-୨୦୨୬ | ଷଷ୍ଠ ସନ୍ଧ୍ୟାରେ ନାଟକ ଗୋଲଡେନ ବଜାର ମଞ୍ଚସ୍ଥ

ପାରାଦୀପ, ୨୬।୪(ସମିସ)

୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ର ଷଷ୍ଠ ସନ୍ଧ୍ୟାରେ ମୁମ୍ବାଇସ୍ଥ ନାଟ୍ୟ ଅନୁଷ୍ଠାନ ପୋଲି ଥିଏଟର ଗ୍ରୁପ୍ ଦ୍ୱାରା ବିଜୟ ସିଂହ ପରମାରଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ଗୋଲଡେନ ବଜାର ମଞ୍ଚସ୍ଥ କରି ରୋମାଞ୍ଚକର ପ୍ରଦର୍ଶନ ସହିତ ଶେଷ ହୋଇଛି। ନାଟକ ଗୋଲଡେନ ବଜାର ଏକ ଚାର୍ଜଡ୍ ଓ ଜଟିଳ ଦୃଶ୍ୟ ମଧ୍ୟରେ ଅବସ୍ଥିତ। ଯାହା ଅବନତିଶୀଳ ସାଂସ୍କୃତିକ ଓ ନୈତିକ ଗଠନର ଗମ୍ଭୀର ସମସ୍ୟାକୁ ଅନୁସନ୍ଧାନ କରେ। ନାଟକଟି ସଂଘର୍ଷ ଓ ଦ୍ରୁତ ପରିବର୍ତ୍ତନର ଦୁନିଆରେ ରହୁଥିବା ଜଣେ ଶକ୍ତିଶାଳୀ ଯୁବତୀଙ୍କ ଯାତ୍ରାକୁ ଅନୁସରଣ କରେ, ଯେତେବେଳେ ସେ ନିଜର ପରିଚୟକୁ ବଳିଦାନ ନ ଦେଇ ନିଜର ମୂଲ୍ୟବୋଧକୁ ସଂରକ୍ଷଣ କରିବାକୁ ସଂଘର୍ଷ କରନ୍ତି। ମହିଳାମାନେ ଯେଉଁ ନିଷ୍ଠୁର ଓ ପ୍ରାୟତଃ ହିଂସାତ୍ମକ ମାନସିକତାର ସମ୍ମୁଖୀନ ହେଉଛନ୍ତି, ତାହା ପ୍ରକାଶ କରେ। ପରିତ୍ୟକ୍ତ ସ୍ୱପ୍ନ ଓ ଦମନିତ ଖୁସି ସମ୍ପର୍କରେ ଶତାବ୍ଦୀ ଧରି ଅନୁତ୍ତରିତ ପ୍ରଶ୍ନଗୁଡ଼ିକୁ ଉଜାଗର କରେ। ନାଟକଟି ଶେଷରେ ବ୍ୟକ୍ତିଗତ ଇଚ୍ଛା ଓ ସାମାଜିକ ବାସ୍ତବତା ମଧ୍ୟରେ ଉତ୍ତେଜନାକୁ ନେଭିଗେଟ୍ କରେ। ମହିଳାଙ୍କ ସ୍ଥିରତାକୁ ସମ୍ମାନ କରିବା ସହିତ କ୍ଷମାର ସମ୍ଭାବନା ଓ ମୂଲ୍ୟ ଉପରେ ପ୍ରଶ୍ନ ଉଠାଏ। କଳାକାରଙ୍କ ପ୍ରଦର୍ଶନ କେବଳ ନାଟ୍ୟ ମନୋଭାବ ଦେଖାଇ ନ ଥିଲା, ବରଂ ଦର୍ଶକଙ୍କ ଆଦୃତି ମଧ୍ୟ ହାସଲ କରିଥିଲା।



## କାର୍ ଧକ୍କାରେ ବାଇକ୍‌ଆରୋହୀ ମୃତ

ବୌଦ୍ଧ, ୨୬।୪(ସମିସ): ବୌଦ୍ଧ-ବଘିଆପଡ଼ା ରାସ୍ତାର ବୌଦ୍ଧ ଥାନା ବଘିଆପଡ଼ା ଫାଣ୍ଡି ଅଧୀନ କନକପୁର ମୁଣ୍ଡଧୁଆ ବନ୍ଧ ନିକଟରେ ଏକ ଅଜଣା କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ଟିକରପଡ଼ା ପଞ୍ଚାୟତ ବୁରଗୋରା ଗ୍ରାମର ୫୦ ବର୍ଷିୟ ବୀରକିଶୋର ଖଟୁଆ ଏକ ବାଇକ୍‌ରେ ବୌଦ୍ଧ ଆଡ଼କୁ ଆସୁଥିବା ବେଳେ ବୀପରିତ ଦିଗରୁ ଆସୁଥିବା ଏକ କାର୍ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ବୀର କିଶୋର ବାଇକ୍ ସହ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ପଠାଇଥିଲେ। ଡାକ୍ତର ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ବଘିଆ ପଡ଼ା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରାଇସ୍ ମିଲ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଶଗଡ଼ା/ ମନମୁଣ୍ଡା, ୨୬।୪(ସମିସ): ବୌଦ୍ଧ ଜିଲ୍ଲା ସଦର ବ୍ଲକ ମନମୁଣ୍ଡା ଥାନା କଶୁରବନ୍ଧ ପଞ୍ଚାୟତ ଅଧୀନ ପଦମପୁରସ୍ଥିତ ନବକିରଣ ରାଇସ ମିଲ୍‌ରୁ ଆଜି ସକାଳୁ ଜଣେ କର୍ମଚାରୀଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ କର୍ମଚାରୀ ଜଣକ ହେଲେ ମନମୁଣ୍ଡା ଥାନା ସିନ୍ଦୁରପୁର ଗ୍ରାମର ସଂକୀର୍ତ୍ତନ ଦାସ (୨୯)।



ସୂଚନା ଅନୁସାରେ ସଂକୀର୍ତ୍ତନ ସବୁଦିନ ପରି ଗତକାଲି ରାତିରେ ଶୋଇବାକୁ ଯାଇଥିଲେ। ଆଜି ସକାଳୁ କାମକୁ ନ ଆସିବାରେ ବିଳମ୍ବ ହେବାରୁ କର୍ମଚାରୀମାନେ ଯାଇ ଦେଖିଲା ବେଳକୁ ଖଟତଳେ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ମିଲ୍ କର୍ତ୍ତୃପକ୍ଷ ପୁଲିସ ଓ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। ଖବର ପାଇ ମନମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଶବକୁ ମନମୁଣ୍ଡା ଡାକ୍ତରଖାନା ଆଣି ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ମୃତକଙ୍କ ପରିବାର ପକ୍ଷରୁ ସଂକୀର୍ତ୍ତନଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ନରସିଂହ ମହାପାତ୍ରଙ୍କୁ ପଚାରିବାରୁ ତଦନ୍ତ ଜାରିରହିଛି, ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁରକାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି।

### କାମରେ ଲାଗୁନି ଓଭରହେଡ୍ ଟ୍ୟାଙ୍କ

# ପନ୍ଦର ଦିନ ହେଲା ପାନୀୟ ଜଳରୁ ବଞ୍ଚିତ ଚାରଭଟା ଗ୍ରାମବାସୀ

ତରଭା, ୨୬।୪(ସମିସ)

ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତସ୍ତରରେ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଉଛି। ହେଲେ ଜନସାଧାରଣ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। କେଉଁଠି ପ୍ରକଳ୍ପ ଅଧ ପନ୍ତରିଆ ହୋଇ ପଡ଼ିଛି ତ କେଉଁଠି ଅଚଳ ହୋଇ ପଡ଼ିଛି। କେଉଁଠି ବିଦ୍ୟୁତ ସଂଯୋଗ ନହୋଇ ପଡ଼ିରହିଛି ତ କେଉଁଠି ଜଳ ଯୋଗାଣ ପାଇପ ଫାଟି ଜଳ ଯୋଗାଣ ବନ୍ଦ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ତରଭା ବ୍ଲକର ଚାରଭଟା ଗ୍ରାମରେ ଦେଖିବାକୁ ମିଳିଛି। ଅନ୍ୟପଟେ ଦିନକୁ ଦିନ ଖରା ବଢୁଥିବା ବେଳେ ଏହି ପଞ୍ଚାୟତରେ ଏବେ ପାନୀୟଜଳର ସମସ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ଏହି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି ଓ ଗ୍ରାମର ବିଭିନ୍ନ ପଡ଼ାକୁ ଜଳଯୋଗାଣ କରାଯାଉଥିଲା ହେଲେ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ହସ୍ପିଟାଲ ପାଖରେ, ତଳିପଡ଼ାରେ, ରାସ୍ତା ମଝିରେ ସ୍ଥାନେସ୍ଥାନେ ପାଇପ ଫାଟିଯାଇ ଥିବାରୁ ଆଜିକୁ ପ୍ରାୟ ପନ୍ଦର ଦିନ ହେଲା ଜଳ ଯୋଗାଣ ବନ୍ଦ ହୋଇଛି। ଫଳରେ ଓଭରହେଡ୍ ପାଣି ଟାଙ୍କିରୁ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ସୂଚନା ଅନୁସାରେ ଗ୍ରାମର ୩ଟି ୱାର୍ଡରେ ୨୨୦୦ରୁ ଉର୍ଦ୍ଧ୍ୱ ଲୋକ ବର୍ତ୍ତମାନ ପାନୀୟଜଳ ପାଇଁ ଡହକବିକଳ ହେଉଛନ୍ତି। ଚାରାଭଟା ଗ୍ରାମର ଓଭରହେଡ୍ ଟ୍ୟାଙ୍କରୁ କେବେ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି ତରଭା ବ୍ଲକ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଏସଡିଓ ଶ୍ରୀକାନ୍ତ ସାହୁଙ୍କୁ ଯୋଗାଯୋଗ କରାଯିବାରୁ ମୁଁ ଚାରାଭଟା ଗ୍ରାମକୁ ଯାଇ କେଉଁ କେଉଁ ସ୍ଥାନରେ ପାଇପ ଫାଟି ଯାଇଛି କେତେ ପାଇପ ଲାଗିବ ଓ କେତେ ଖର୍ଚ୍ଚ ହେବ ଆକଳନ କରିବି। କାଲି ଠୁଁ ପାଇପ ଲଗା ଚାଲିଛି, ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଟିକେ ଡେରି ହେଉଛି ଦୁଇ/ତିନି ଦିନ ଭିତରେ ନୂତନ ପାଇପ ପକାଯାଇ ଜଳ ଯୋଗାଣ ସ୍ୱାଭାବିକ ହେବ ବୋଲି କହିଥିଲେ। ସୂଚନା ଯୋଗ୍ୟ ଯେ ପ୍ରାୟ ଏକ ବର୍ଷ ହେବ ଚାରାଭଟାର ତଳିପଡ଼ାବାସୀ କମ୍ ପାଣି ପାଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଚାରଭଟା ଗ୍ରାମର ପାନୀୟଜଳ ସମସ୍ୟା ଦୂର କରିବାକୁ ଦାବି ହୋଇଛି।



## ପିଇବାକୁ ମିଳୁନି ପାଣି ; ଡାଲୁଅ ଚାଷକୁ ଯାହାକୁ ଯେତେ

ବୌଦ୍ଧ, ୨୬।୪(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ବୁରକଟା ଗଦବସା ପଡ଼ିଆରେ ଓଭରହେଡ଼ ଟାଙ୍କି ନିର୍ମାଣ ହୋଇ ୱାଟର ଫିଲଟର ପ୍ଲାଣ୍ଟ ମଧ୍ୟ ବସିଲା। ଏହାକୁ ଜଳ ଅର୍ପଣ ଦିବସରେ ଫେବୃଆରୀ ୨ ତାରିଖରେ ବିଧାୟକ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ଖୁଣ୍ଟବନ୍ଧ ଓ ବୁରକଟା ଗ୍ରାମର ୧୬୫୨ ହିତାଧିକାରୀ ଉପକୃତ ହେବେ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସଭାରେ ଉଦ୍‌ବୋଧନ ଦେଇଥିଲେ। ପ୍ରାୟ ଦୁଇ ମାସ ଉଭୟ ଗ୍ରାମବାସୀ ଠିକ ଭାବରେ ପାଣି ପାଇଲେ। ତେବେ ସପ୍ତାହେରୁ ଉର୍ଦ୍ଧ୍ୱ ହେଲା ଠିକ ଭାବେ ଜଳ ଯୋଗାଣ ହେଉନାହିଁ। ଏନେଇ ଗ୍ରାମବାସୀ ଏହାର କାରଣ ଖୋଜିବାରୁ ଏହି ପ୍ରକଳ୍ପରୁ ଡ୍ରେନ୍ ଯୋଗେ ଜାତୀୟ ରାଜପଥ ପୋଲ ଦେଇ ଏକ ହତା ମାଧ୍ୟମରେ ବକବନ୍ଧ ତଳେ ଡାଲୁଅ ଧାନ ଚାଷକୁ ପାଣି ଛଡ଼ା ଯାଉଛି। ପ୍ରତିଦିନ ରାତି ୮ ଟା ପରେ ପାଣି ଛଡ଼ା ଯାଉଛି। ଏଥିରେ ନିଯୁକ୍ତ ଅପରେଟର ଚାଷୀଙ୍କଠୁ ଟଙ୍କା ନେଇ ପାଣି ଛାଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିଦିନ ଚାଷୀଙ୍କୁ ପାଳି କରି ପାଣି ଦିଆଯାଉଥିବା ବେଳେ ଅନ୍ୟ ପକ୍ଷରେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣରୁ ବଞ୍ଚିତ କରାଯାଉଛି। ଏନେଇ ଆରଡବ୍ଲୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ନାଏକଙ୍କୁ ଯୋଗାଯୋଗ କରିବାରୁ କଥାଟିକୁ ହାଲକା ଭାବରେ ନେଇଥିଲେ। ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଖୁଣ୍ଟବନ୍ଧ ଗ୍ରାମବାସୀ ଦାବି କରିଛନ୍ତି।

## ନଳକୂପ ଅଚଳ; ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ

ବୌଦ୍ଧ, ୨୬।୪(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ଜହ୍ନାପଙ୍କ ଗାଁ ମୁଣ୍ଡରେ ତଥା ଜାତୀୟ ରାଜପଥ ନଂ ୫୭ କଡ଼ରେ ଥିବା ନଳକୂପଟି ମାସେରୁ ଅଧିକ ହେଲା ଖରାପ ହୋଇଥିଲେ ମଧ୍ୟ ଏହାର ମରାମତି ଦିଗରେ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି।



ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗ୍ରାମବାସୀ ସ୍ଥାନୀୟ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କର୍ତ୍ତୃପକ୍ଷ ମରାମତି ପାଇଁ ଆଦୌ ମନ ବଳାଉ ନାହାଁନ୍ତି। ଫଳରେ ଏହି ନଳକୂପ ଉପରେ ନିର୍ଭର କରୁଥିବା ଚସା ଓ ସୁଦ ସାହିର ୫୦ରୁ ଉର୍ଦ୍ଧ୍ୱ ପରିବାର ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପରୁ ପ୍ରତିଦିନ ସକାଳଓଳି ମାତ୍ର ଦେଢ଼ ଘଣ୍ଟା ଜଳ ଯୋଗାଣ ହେଉଥିବାରୁ ଚାହିଦା ପୂରଣ ହେଉନାହିଁ। ଅନ୍ୟପକ୍ଷରେ ବେଆଇନ ଟୁଲୁପମ୍ପ ଯୋଗେ ପାଣି ସଂଗ୍ରହ କରୁଥିବାରୁ ଷ୍ଟାଣ୍ଡ ପୋଷ୍ଟରେ ଧୀରେ ଧୀରେ ପାଣି ବାହାରିବା ଦ୍ୱାରା ଲୋକେ ବ୍ୟବହାର ଅନୁଯାୟୀ ପାଣି ସଂଗ୍ରହ କରିବା ପୂର୍ବରୁ ବନ୍ଦ ହେଉଛି। ଏନେଇ ସାହିବାସୀ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ଲାଭ ହୋଇନାହିଁ। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇ ଥିବାରୁ ଗାଁରେ ଜଳସଙ୍କଟ ଦେଖା ଦେଇଛି। ତୁରନ୍ତ ନଳକୂପ ମରାମତି ପାଇଁ ବିହିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ୪ ମାସ ହେଲା ପିଇବା ପାଣି ପାଇଁ ହସ୍ତସନ୍ତ ନରସିଂହପୁରବାସୀ

ଶଗଡ଼ା, ୨୬।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବିଲାସପୁର ପଞ୍ଚାୟତ ଅଧୀନ ନରସିଂହପୁର ଗ୍ରାମର ସ୍କୁଲ ନିକଟରେ ଥିବା ନଳକୂପଟି ୪ମାସରୁ ଉର୍ଦ୍ଧ୍ୱ ହେବ ଅଚଳ ହୋଇ ପଡ଼ିଛି। ଏଣୁ ପିଇବା ପାଣି ପାଇଁ ସାହିର ୫ ପରିବାର ୨୦ ଲୋକଙ୍କ ସହ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିଲେ ସୁଦ୍ଧା ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୪ମାସ ହେବ ନଳକୂପ ମରାମତି ହୋଇ ପାରି ନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଣୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପିଇବା ପାଣି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂପ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ୨୦କେଜି ଗଞ୍ଜେଇ ଜବତ; ଜଣେ ଗିରଫ



ତରଭା, ୨୬।୪(ସମିସ): ତରଭା ଥାନା ପୁଲିସ ବଡ଼ଭୋଇଁରୋ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ସାନଭୋଇଁରୋ ଛକ ନିକଟରେ ଏକ ବାଇକ୍‌କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବାରୁ ଏକ ଜରିବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଶ୍ୱେତାଲିନା ମହାଣାଙ୍କ ଉପସ୍ଥିତରେ ଓଜନ କରାଯିବାରୁ ୨୦ କେଜି ୧୪୦ ଗ୍ରାମ ହୋଇଥିଲା। ଗଞ୍ଜେଇ ସହ ବାଇକ୍‌କୁ ଜବତ କରିଥିଲା ପୁଲିସ। ଏନେଇ ପୁଲିସ ଏକ ମାମଲା ରୁଜୁକରି ଝାରତରଭା ପଞ୍ଚାୟତ ଅଧୀନ ଠକପାଲି ଗ୍ରାମର ସିଦ୍ଧାନ୍ତ ନାଗ(୨୩)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅନିତା କିଡୋ ସୂଚନା ଦେଇଛନ୍ତି। ଏହି ପାଟ୍ରୋଲିଂ ଟିମ୍‌ରେ ଆଇଆଇସି ଶ୍ରୀମତୀ କିଡୋ, ଏଏସ୍‌ଆଇ ସୁଧୀର ଜେନା, କନଷ୍ଟେବଳ ଜୋସ୍ନା ପଧାନ, ହୋମଗାର୍ଡ ନେତ୍ରାନନ୍ଦ ତାଣ୍ଡି ଓ ଦିଲୀପ କର୍ମୀ ସାମିଲ ଥିଲେ।

## ସେଲା ମାଳ ସଂରକ୍ଷିତ ଜଙ୍ଗଲରେ ନିଆଁ

କଣ୍ଟାମାଳ, ୨୬।୪(ସମିସ): ଗ୍ରୀଷ୍ମ ଋତୁରେ ପ୍ରଚଣ୍ଡ ରୌଦ୍ରତାପରେ ଅଞ୍ଚଳରେ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଅନୟପଟେ ଜଙ୍ଗଲରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେବାରୁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବନାଞ୍ଚଳ ବରପଦର ପରେଷ୍ଟ ଝାର ମୁଣ୍ଡା ବିଟ୍ ସେଲା ମାଳ ସଂରକ୍ଷିତ ଜଙ୍ଗଲରେ ଦୁଇଦିନ ହେଲା ଜଳୁଛି। ଗ୍ରାମବାସୀ ନିଆଁ ଲିଭାଇ ପାଇଁ ଚେଷ୍ଟା କରୁଥିବାବେଳେ ଦାୟିତ୍ୱରେ ଥିବା ବନ ଅଧିକାରୀକୁ ଫୋନକଲେ ମଧ୍ୟ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ କଣ୍ଟାମାଳ ରେଞ୍ଜର ଜୟକୃଷ୍ଣ ପଟ୍ଟନାୟକଙ୍କୁ ଯୋଗା କରିବାରୁ ତୁରନ୍ତୁ ପଠାଉଛି ବୋଲି କହିଥିଲେ।

## ମହାନଦୀ ବକ୍ଷରେ ଫୁଟୁଛି ଡିନାମାଇଟ୍; ଲୋପ ପାଉଛି ମାଛ ବଂଶ

ବୀରମହାରାଜପୁର, ୨୬।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ନିକଟସ୍ଥ ମହାନଦୀ ବକ୍ଷରେ କିଛି ଅସାଧୁ ଲୋକ ଡିନାମାଇଟ୍ ପକାଇ ମାଛ ଧରୁଛନ୍ତି। ଡିନାମାଇଟ୍ ପକାଇ ମାଛ ମାରିବା ଦ୍ୱାରା ମହାନଦୀର ମତ୍ସ୍ୟ ସମ୍ପଦ ଦିନକୁ ଦିନ ନଷ୍ଟ ହେବାସହ ପାଣି ଦୂଷିତ ହେଉଛି। ଏନେଇ ପରିବେଶବିତ୍ ମାନେ ବାରମ୍ବାର ଅଭିଯୋଗ କରିଆସୁଥିଲେ ବି ପୁଲିସ କିମ୍ବା ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ପ୍ରକାଶ ଥାଉକି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଦେଇ ଯାଇଛି ମହାନଦୀ। ବର୍ତ୍ତମାନ ଗ୍ରୀଷ୍ମପ୍ରବାହ ଯୋଗୁଁ ମହାନଦୀ ଶୁଖିଲା ପଡ଼ିଛି। ଫଳରେ ଲୋକେ ମହାନଦୀ ଗର୍ଭକୁ ଯାଇ ପାଣି ସୁଅରେ ଡିନାମାଇଟ୍ ଫୁଟାଇ ମାଛ ମାରିବା ନିତିଦିନିଆ ଘଟଣାରେ ପରିଣତ ହେଲାଣି। କିଛି ଅସାଧୁଲୋକ ପଥର କୋଣରେ ବିଷାକ୍ତ ମାଛ ତେଲ ପକାଇବା ଦ୍ୱାରା ମହାନଦିରେ ଚିଙ୍ଗୁଡ଼ିଙ୍କ ବଂଶ ଲୋପ ପାଇବାକୁ ବସିଲାଣି। ଆଗଭଳି ମହାନଦୀରେ ଆଉ ଚିଙ୍ଗୁଡ଼ି ମିଳୁନାହିଁ। ସୁବର୍ଣ୍ଣପୁରରୁ ବୀରମହାରାଜପୁର ବୋର୍ଡର କୁଞ୍ଜାମହୁଲ ଦୀର୍ଘ ୪୦ରୁ ଅଧିକ କିଲୋମିଟର ପର୍ଯ୍ୟନ୍ତ ମହାନଦୀ ଅବବାହିକା ଅଞ୍ଚଳରେ ରଥପୁର, ଖାମେଶ୍ୱରି ପାଲି, ନୂଆଗଡ଼, କୁମାର ସିଂହା, ଫୁଲଚରା, ଝରାପଡ଼ା, ଦେଉଳି, ସୁବଳୟା, କେଉଟିପାଲିଠାରେ ବାସକରୁ ଥିବା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ପରିବାର ଏବେ ରୋଜଗାର ହରାଇ ବସିଲେଣି। ଯେଉଁମାନେ ମହାନଦୀ କୂଳରେ ରହୁଛନ୍ତି ସେମାନେ କିପରି ପରିବାର ପରିପୋଷଣ କରିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ମହାନଦୀରେ ବ୍ଲାଷ୍ଟିଂ କରିବା ଦ୍ୱାରା ବ୍ଲାଷ୍ଟିଂ ଶବ୍ଦରେ ଗାଁ କୁଳିଆ ଗା ଲୋକମାନେ ଭୟଭୀତ ହୋଇପଡ଼ନ୍ତି। ଜିଲ୍ଲା ମତ୍ସ୍ୟବିଭାଗ ତରଫରୁ ମହାନଦୀରେ ମତ୍ସ୍ୟ ସମ୍ପଦର ବୃଦ୍ଧି ପାଇଁ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରଜାତିର ଯାଆଳା ଛଡ଼ାଯାଇଛି। ମାତ୍ର ଡିନାମାଇଟ ପ୍ରଭାବରେ ଜାଆଳା ମାଛଙ୍କ ବଂଶ ବିସ୍ତାର ହେବା ପରିବର୍ତ୍ତେ ବଂଶ ଲୋପ ପାଇବାକୁ ବସିଲାଣି। ସରକାର ମତ୍ସ୍ୟ ସମ୍ପଦର ସୁରକ୍ଷା ଓ ମତ୍ସ୍ୟ ଜୀବୀମାନଙ୍କ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ଯୋଜନା ପ୍ରଣୟନ କରି ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚକରି ଆସୁଥିଲେ ହେଁ ମତ୍ସ୍ୟଜୀବୀମାନେ ଏବେ ନିଜର ରୋଜଗାର ହରାଇ ବସିଲେଣି। ସେଥିପ୍ରତି ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନାହିଁ। ଏଣୁ ମହାନଦୀର ସୁରକ୍ଷା ପାଇଁ ସରକାର ଏକ ଆଇନ୍ ଆଣିବା ଦରକାର, ମହାନଦୀ ଜଳକୁ ଡିନାମାଇଟ୍ ଓ ବିଭିନ୍ନ ରାସାୟନିକ ବିଷ ପକାଇ ମାଛ ବଂଶ ଲୋପ କରୁଥିବା ଓ ପାଣିକୁ ଦୂଷିତ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଜିଲ୍ଲା ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ, ୨୬।୪(ସମିସ): ଓଡ଼ିଶା ସରକାରୀ ଆଉଟ୍ ସୋର୍ସିଂ କର୍ମଚାରୀ ମହାସଂଘ, ବୌଦ୍ଧଜିଲ୍ଲା ଶାଖା ତରଫରୁ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କୁ ବୁଟୁପାଲି ସ୍ଥିତ ବାସଭବନରେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହିତ ମହାସଂଘ ପକ୍ଷରୁ ତିନିଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରା ଯାଇଥିଲା। ସମସ୍ତ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ମାସିକ ବେସିସ୍‌ରେ କୌଣସି ତାରତମ୍ୟ ନରଖି ଏକକୀକରଣ କରିବା, ସମସ୍ତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ଦିଗରେ ମହାସଂଘ ଦାବି କରି କରିଛି। ଜିଲ୍ଲା ସଭାପତି ସଞ୍ଜିତ କୁମାର ଜେନାଙ୍କ ନେତୃତ୍ୱରେ ମହାସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ।



## ବୌଦ୍ଧ ନଗର ସମେତ ବ୍ଲକ ବିଜୁ ମହିଳା ଜନତା ଦଳର ସଭାପତିଙ୍କ ନାମ ଘୋଷଣା

ବୌଦ୍ଧ, ୨୬।୪(ସମିସ): ବୌଦ୍ଧ ଜିଲ୍ଲା ବିଜେଡି ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ବୌଦ୍ଧ ନଗର ସମେତ ସମସ୍ତ ବ୍ଲକର ବିଜୁ ମହିଳା ଜନତା ଦଳର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ସୂଚନା ଅନୁଯାୟୀ ବୌଦ୍ଧ ନଗର ବିଜୁ ମହିଳା ଜନତା ଦଳର ସଭାପତି ଭାବେ କାଉନସିଲ ସ୍ୱର୍ଣ୍ଣଲତା ଦଳେଇ ମନୋନୀତ ହୋଇଥିବାବେଳେ ବୌଦ୍ଧ ବ୍ଲକ ପାଇଁ ଗୋଛାପଡ଼ା ପଞ୍ଚାୟତ ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ବାରିକ ମନୋନୀତ ହୋଇଛନ୍ତି। ସେହିପରି କଣ୍ଟାମାଳ ବ୍ଲକ ଅଧକ୍ଷା ସସ୍ମିତା ସେନାପତି କଣ୍ଟାମାଳ ବ୍ଲକ ପାଇଁ ଓ ସଙ୍କୁଲେଇ ପଞ୍ଚାୟତ ସମିତି ସଭ୍ୟା ରଶ୍ମୀତା ମହାକୁଡ଼ ହରଭଙ୍ଗା ବ୍ଲକ ବିଜୁ ମହିଳା ଜନତା ଦଳର ସଭାପତି ମନୋନୀତ ହୋଇଛନ୍ତି।

## ଟ୍ରାକ୍ଟର ଓ କାର୍ ଧକ୍କା; ଟ୍ରାକ୍ଟର ଚାଳକ ଆହତ

ବୌଦ୍ଧ, ୨୬।୪(ସମିସ): ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଥାନା ସରସରା ନିକଟରେ ଟ୍ରାକ୍ଟର ଓ କାର୍ ମଧ୍ୟରେ ଧକ୍କା ହେବାଫଳରେ ଟ୍ରାକ୍ଟର ଚାଳକ ଆହତ ହୋଇଥିବାବେଳେ ଉଭୟ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଏକ ଟ୍ରାକ୍ଟର ବୌଦ୍ଧ ପଟରୁ ପୁରୁଣା କଟକ ଆଡକୁ ନିର୍ମାଣ ସାମଗ୍ରୀ ବୋଝେଇ କରି ଯାଉଥିବାବେଳେ ଦେବଗଡ଼ ଗ୍ରାମରୁ ବୌଦ୍ଧ ଆଡକୁ ଆସୁଥିବା ଏକ କାର୍ ସହ ସରସରା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। କାର୍ ଚାଳକ ଘଟଣାସ୍ଥଳରୁ ଫେରାର ମାରିଥିବାବେଳେ ଟ୍ରାକ୍ଟର ଚାଳକ ଆହତ ହୋଇଥିଲେ।

## ଚିଚେଡ୍ ନାଳ ବ୍ରିଜ୍ ନିର୍ମାଣ କାମ ନିମ୍ନମାନର ଅଭିଯୋଗ

କଣ୍ଟାମାଳ, ୨୬।୪(ସମିସ): ରାଜ୍ୟ ସରକାର ଜନସାଧାରଣଙ୍କ ପାଇଁ ଉନ୍ନତମାନର କାର୍ଯ୍ୟ କରିବା ପାଇଁ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ହେଲେ ଦାୟିତ୍ୱରେ ଥିବା କର୍ମଚାରୀ ଓ ଠିକାଦାର ମନମୁଖୀ କାମ କରୁଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ବ୍ରିଜ ନିର୍ମାଣ ପାଇଁ ୭ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ମଳିକୁଦ ପାଖ ଚିଚେଡ ନାଳରେ ନିର୍ମାଣ ହେଉଥିବା ବ୍ରିଜ୍ କାମ ନିମ୍ନମାନର କାମ ଯୋଗୁଁ ସାଇଟ ୱାଲ ଗୋଟିଏ ପଟରେ ଫାଟ ହୋଇଥିବାରୁ ମରାମତି କରି ମାଟି ଘୋଡାଇ ରଖିଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କୁ ପଚାରିବାରୁ ଆମେ ପାଞ୍ଚବର୍ଷ ପର୍ଯ୍ୟନ୍ତ ମରାମତି କରିବୁ ବୋଲି କହିଥିଲେ। ଏନେଇ ବ୍ରିଜ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୌମ୍ୟରଞ୍ଜନ ସାମନ୍ତରାଏଙ୍କୁ ପଚାରିବାରୁ ସେ କହିଲେ ସେଇଟା ଯୋଡା ଯାଇଛି। କୋଟିକୋଟି ଟଙ୍କାରେ ହେଉଥିବା କାର୍ଯ୍ୟ ନ ସରୁଣୁ ମରାମତି ହେଉଥିବା ଏହା ନିମ୍ନମାନର ହୋଇଥିବା ଜଳଜଳ ଦିଶୁଛି। ଏହାର ତଦନ୍ତ କରିବାକୁ ଜନସାଧାରଣ ଦାବି କରିଛନ୍ତି।



# ଜିଲ୍ଲା କଲ୍‌ଚରାଲ୍ ଏକାଡେମୀର ମାସିକ ଆଲୋଚନାଚକ୍ର



ବୌଦ୍ଧ, ୨୬।୪(ସମିସ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅଧୀନ ବୁରକଟା ଛକସ୍ଥିତ ଆନନ୍ଦମାର୍ଗ ଯୋଗ ଶିକ୍ଷାକେନ୍ଦ୍ରରେ ବୌଦ୍ଧ ଜିଲ୍ଲା କଲ୍‌ଚରାଲ ଏକାଡେମୀର ମାସିକ ଆଲୋଚନା ଚକ୍ର ଓ କବିତା ପାଠ ଉତ୍ସବ ସଭାପତି ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ସୁଧୀର କର୍ଣ୍ଣ, ସମ୍ମାନିତ ଅତିଥି ଭାବେ ମୁଣ୍ଡାପଡ଼ା ପୂର୍ବତନ ସରପଞ୍ଚ ବିଦ୍ୟାଧର ସ୍ୱାଇଁ, ପୂର୍ବତନ ବୌଦ୍ଧ ବ୍ଲକ ଉପାଧକ୍ଷ ମନୋରଞ୍ଜନ ପୁରୋହିତ, ଅନୁଷ୍ଠାନର ଉପସଭାପତି ଟଙ୍କଧର ସାହୁ ଓ ସମ୍ପାଦକ ରାଧାମୋହନ ମାହାଣା ଉପସ୍ଥିତ ଥିଲେ। ଉପଦେଷ୍ଟା ସୁଧୀର କର୍ଣ୍ଣ ସାହିତ୍ୟ ଭିତରେ ନିଜ ନିଜର ଭବିଷ୍ୟତ ଓ ସଂସ୍କୃତିକୁ ଅଙ୍ଗାଙ୍ଗି ଭାବେ ଜଡ଼ିତ କରିବା ଉଚିତ ଓ ନିଜକୁ ଚିହ୍ନିଲେ ସମସ୍ତଙ୍କୁ ଚିହ୍ନି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମନୋରଞ୍ଜନ ପୁରୋହିତ ମଣିଷର ଧର୍ମ ଓ ସମାଜ ଭିତରେ ମାନବବାଦର ବିଶେଷତ୍ୱ ଉପରେ ଆଲୋକ ପାତ କରିଥିଲେ। ବି.କେ. ନିର୍ମଳ ଙ୍କର କବିତା ସଂଯୋଜନାରେ କବି ରାଧାମୋହନ ମାହାଣା, ଜୟନାରାୟଣ ମହାନ୍ତି, ସଂସାର ଅମାତ, ବିଜୟ କୁମାର ସାହୁ, ଘାସିରାମ ପ୍ରଧାନ, ଶ୍ୟାମସୁନ୍ଦର ନାଏକ, ବଶିଷ୍ଠ ସାହୁ, ନାରାୟଣ ମହାରଣା, ଅରିନ୍ଦମ ଦେବ, ଟଙ୍କଧର ସାହୁ, ଧ୍ରୁବଚରଣ ଘିବେଲା, ବିଦ୍ୟାଧର ସ୍ୱାଇଁ, ମନୋରଞ୍ଜନ ପୁରୋହିତ, ଶମ୍ଭୁ ଗିରି, ପାର୍ବତୀ ପ୍ରଧାନ, ଅନୁସୟା ମେହେର, ସୁନିତା ସାହୁ, ଜ୍ୟୋସ୍ନା ମେହେର, ତୁଷାର କାନ୍ତ ମହାକୁଡ଼, ଭାରତୀ ପୁରୋହିତ ସ୍ୱପ୍ନାରାଣୀ ନାୟକ, ଜୟ କୁମାରୀ ମେହେର ଓ ବିକେ. ନିର୍ମଳ ନିଜ ନିଜର କବିତା ପାଠ କରିଥିଲେ। ଟଙ୍କଧର ସାହୁ ଧନ୍ୟବାଦ ଦେଇଥିଲେ।

# ମନ୍ଦିର ପ୍ରତିଷ୍ଠା ସହ ଜଳନ୍ଧର ଦରବାର ଉଦ୍‌ଯାପିତ



ଡୁଙ୍ଗୁରିପାଲି, ୨୬।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅଧୀନ ବନ୍ଧପାଲି ଗ୍ରାମରେ ୭ଦିନ ଧରି ଚାଲିଥିବା ନବନିର୍ମିତ ନାଗବାଚା ମନ୍ଦିରପ୍ରତିଷ୍ଠା ଓ ଜଳନ୍ଧର ଦରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗ୍ରାମର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟକର୍ତ୍ତା ଭାବେ କମ୍ବୁପାଣି ବାଗର୍ତ୍ତି ଓ ସହପତ୍ନୀ ରଶ୍ମୀ ବଗର୍ତ୍ତୀ କର୍ତ୍ତା ହୋଇଥିବାବେଳେ ନାମଯଜ୍ଞରେ ରାଜେଶ ବୁଢ଼େକ ତାଙ୍କ ସହ ପତ୍ନୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବରେ ଶରତଚନ୍ଦ୍ର ମିଶ୍ର, ପିଣ୍ଟୁ ମିଶ୍ରଙ୍କ ତତ୍ୱାବଧାନରେ ସମସ୍ତ ପୂଜାକାର୍ଯ୍ୟ ହୋଇଥିଲା। ମହାରାଜ ଜଳନ୍ଧର ଦରବାରରେ ରାଜ ଅତିଥି ଭାବରେ ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ନିତାଇ ପାଳ, ସରପଞ୍ଚ କ୍ଷୀରୋଦ୍ର ବୁଢ଼େକ, ସହଲା ସରପଞ୍ଚ ପୋଟାରୀ ପଧାନ, ଚୌତୁରା ଦୀପ, ସୁଶାନ୍ତ ସାହୁ, ଗଙ୍ଗା ଦଣ୍ଡସେନା ଯୋଗ ଦେଥିଲେ। ରାଜ ଦରବାର ଦେଖିବା ପାଇଁ ଅଞ୍ଚଳ ର ହଜାର ହଜାର ଶ୍ରଦ୍ଧାଳୁ ସମାଗମ ହୋଇଥିଲା।

● ଓଳସିଂହ ଦାଶରଥୀ ଉଚ୍ଚ ବିଦ୍ୟାଳୟ

## ଶତବାର୍ଷିକ ସମାରୋହ ପାଇଁ ପ୍ରସ୍ତୁତି ବୈଠକ

ନିରାକାରପୁର, ୨୬।୪(ସମିସ): ଖୋର୍ଦ୍ଧା ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଓଳସିଂହ ସରକାରୀ ଦାଶରଥି ଉଚ୍ଚ ବିଦ୍ୟାଳୟର ଶତବାର୍ଷିକ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ବର୍ଷିୟାନ ପୁରାତନ ଶିକ୍ଷକ ମହେଶ୍ୱର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ବୈଠକରେ ବିଦ୍ୟାଳୟର ଶହେବର୍ଷ ପୂର୍ତ୍ତି ଅବସରରେ 'ଶତବାର୍ଷିକ ସୁବର୍ଣ୍ଣ ଜୟନ୍ତୀ'କୁ ମହାସମାରୋହରେ ପାଳନ ପାଇଁ ଆଲୋଚନା କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହୋଇଛି। ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ପୂର୍ବତନ ଶିକ୍ଷକମାନଙ୍କୁ ଏକାଠି କରିବା ପାଇଁ ଯୋଗାଯୋଗ ପ୍ରକ୍ରିୟାକୁ ତ୍ୱରାନ୍ୱିତ ସହ ପରବର୍ତ୍ତୀ ବୈଠକରେ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି। ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଏକଜୁଟ କରିବା ପାଇଁ ସାନୁଜ ବରାଳ, ଦେବରାଜ ବରିଶଲ, ସଂସାରୀ ବୈରୀଗଞ୍ଜନ ଏବଂ ପ୍ରେମାନନ୍ଦ ପରିଡ଼ାଙ୍କୁ ମୁଖ୍ୟ ଦାୟିତ୍ୱ ଅର୍ପଣ କରାଯାଇଛି। ସମାରୋହକୁ ସଫଳ କରିବାକୁ ଦେବରାଜ ବରିସଲ ନିଜ ତରଫରୁ ୧୦, ୦୦୦ ଟଙ୍କାର ପ୍ରାରମ୍ଭିକ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବୈଠକର ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଦାଶରଥି ପଟ୍ଟନାୟକଙ୍କ ସ୍ମୃତି ଚାରଣ କରାଯାଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ସଭା ସାଙ୍ଗ କରିଥିଲେ। ଏହି ଉତ୍ସବକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏବେ ଉତ୍ସାହର ବାତାବରଣ ଦେଖାଦେଇଛି।

● ଷଠିପଦରରେ ବାବା ଲୋକନାଥ ଦେବଙ୍କ ବାର୍ଷିକ ଉତ୍ସବ

## ନାଟକ 'ସୁଖ ନିଅଣ୍ଟ ଦୁଃଖ ଅଣ୍ଟିଏ' ମଞ୍ଚସ୍ଥ

ନିରାକାରପୁର, ୨୬।୪(ସମିସ): ବାବା ଲୋକନାଥ ଦେବଙ୍କ ୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ସ୍ଥାନୀୟ ରେଙ୍ଗଟା (ଷଠିପଦର) ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁଙ୍କ ଦ୍ୱାରା ଏକ ଭବ୍ୟ କଳସ ଯାତ୍ରା ସହ ସୂର୍ଯ୍ୟପୂଜା ଓ ଅନ୍ୟାନ୍ୟ ବିଧି ମୁତାବକ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ଅଗ୍ନି ସ୍ଥାପନ ଓ ଯଜ୍ଞାରମ୍ଭ କରାଯାଇଥିଲା। ଅପରାହ୍ନ ୫ଟାରେ ଅନୁଷ୍ଠିତ ମୁଖ୍ୟ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ରାତ୍ରି ୭ଟାରେ ଭକ୍ତଙ୍କ ପାଇଁ ଶୃଙ୍ଖଳିତ ଭାବେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଧାର୍ମିକ କାର୍ଯ୍ୟକ୍ରମ ସହ ମନୋରଞ୍ଜନ ନିମନ୍ତେ ରାତ୍ରି ୧୦ଟାରେ ଏକ ସୁନ୍ଦର ସାମାଜିକ ନାଟକ 'ସୁଖ ନିଅଣ୍ଟ ଦୁଃଖ ଅଣ୍ଟିଏ' ମଞ୍ଚସ୍ଥ ହୋଇଛି। ଷଠିପଦର ଗ୍ରାମବାସୀ ବୃନ୍ଦ ଏବଂ ମା' ଭଗବତୀ ଯୁବକ ସଂଘର ସଦସ୍ୟମାନେ ମିଳିତ ଭାବେ ଏହି ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ।

## ସଂକଟମୋଚନଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବେଗୁନିଆ, ୨୬।୪(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ବାବା ଈଶାନେଶ୍ୱରଦେବଙ୍କ ମନ୍ଦିର ପରିସରରେ ଗ୍ରାମବାସୀଙ୍କ ସହଯୋଗରେ ସଙ୍କଟ ମୋଚନଙ୍କର ବିଂଶତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଛି। ଏଥିରେ ମାଣିବନ୍ଧ ଗ୍ରାମ ସ୍ଥିତ ସିଦ୍ଧ ମହାବୀର ଆଶ୍ରମର ପ୍ରତିଷ୍ଠାତା ପ୍ରଶାନ୍ତ ବାବାଙ୍କ ତତ୍ତ୍ୱାବଧାନରେ ଯଜ୍ଞ ବିଶାରଦ ପଣ୍ଡିତ ପ୍ରମୋଦ କୁମାର ମିଶ୍ର ଓ ସହଯୋଗୀ ରମେଶ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ହୋଇଥିଲା। ପ୍ରଦୀପ କୁମାର ଜେନା ଓ ପତ୍ନୀ ପ୍ରତିମା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

## ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବେଗୁନିଆ, ୨୬।୪(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମସ୍ଥିତ ଜନତା ବିଦ୍ୟାପୀଠର ପ୍ରତିଷ୍ଠାତା ତଥା ଜଣାଶୁଣା ଶିକ୍ଷାବିତ ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ସପ୍ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ପଠାଣି କୁମାର ସାହୁଙ୍କ ସଂଯୋଜନାରେ ପୋଷ୍ୟକର୍ତ୍ତା ବାଉରୀ ଶ୍ରୀଚନ୍ଦନ, ପୁରାତନ ଛାତ୍ର ସଂସଦ ସଭାପତି ଭୁବନାନନ୍ଦ ମହାନ୍ତିଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ, ପୁରାତନ ଛାତ୍ର ଓ କର୍ମଚାରୀ ଉପସ୍ଥିତ ରହି ଦିବଂଗତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏକ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପରେ ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ।

# ଅସହ୍ୟ ଗରମ; ପାଣି ପାଇଁ ଗୋରୁଗାଈ ଡହଳବିକଳ

ଖୋର୍ଦ୍ଧା, ୨୬।୪(ସମିସ)



ଗତ କିଛିଦିନ ହେବ ଖୋର୍ଦ୍ଧା ମାଟିରେ ଅଗ୍ନିବର୍ଷା ଜାରି ରହିଛି। ଅସହ୍ୟ ତାତିରେ ଜଳୁଛି ଜିଲ୍ଲା। ତାପମାତ୍ର ବଢ଼ିବା ଦ୍ୱାରା ବିଭିନ୍ନ ପୋଖରୀ ଆଦି ଜଳାଶୟ ଗୁଡିକ ଶୁଖିଲା ଦେଖାଯାଇଛି। କୂଅ ଗୁଡ଼ିକକୁ ଏବେଠାରୁ ଆଖି ପାଉନଥିବା ବେଳେ ସହରରେ ବିଭିନ୍ନ ସ୍ଥାନରେ ଥିବା ନଳକୂପ ଗୁଡ଼ିକ ଘଣ୍ଟାଏ ମାରିଲେ ବି ବାଲ୍ଟିଏ ପାଣି ବାହାରିବା ମୁସ୍କିଲ ହୋଇପଡୁଛି। ଲୋକଙ୍କ ଘରେ ଲଗାଇଥିବା ଶୀତତାପ ଯନ୍ତ୍ର ଗୁଡ଼ିକ ସତେ ଯେମିତି ଦିନ ସାଢେ ୧୦ଟା ପରେ ଅଚଳ ହୋଇପଡୁଛି। ସହରର ପ୍ରମୁଖ ରାସ୍ତା ଉଭୟ ପାର୍ଶ୍ୱରେ ଗଛ ଦେଖିବା ସାତ ସପନ ପାଲଟିଥିବା ବେଳେ ଦିନ ସାଢେ ୧୧ଟା ପରେ ରାସ୍ତାଘାଟ ଜନଶୂନ୍ୟ ହୋଇପଡୁଛି। ସହର ଏବଂ ଗ୍ରାମାଞ୍ଚଳରେ ଯେମିତି ହୋଇଛି ଅଘୋଷିତ ଲକ୍‌ଡାଉନ। ଅଗ୍ନିବର୍ଷା ଭୟରେ ବ୍ୟବସାୟ ଅନୁଷ୍ଠାନଗୁଡ଼ିକ କାଁ ଭାଁ ଖୋଲା ଦେଖାଯାଉଥିବା ବେଳେ ସନ୍ଧ୍ୟା ପ୍ରାୟ ୮ଟା ବେଳକୁ ବହୁ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ପଡ଼ିବା ଦେଖାଯାଇଛି। ପାରଦ ପ୍ରାୟ ୪୦ଡିଗ୍ରୀ ତଳକୁ ଖସିବା ନାଁ ଧରୁନଥିବା ବେଳେ ପ୍ରାୟ କିଛିଦିନ ହେବ ସହରରେ ଜାରି ରହିଛି ଅଗ୍ନିବର୍ଷା।

ଗ୍ରାମାଞ୍ଚଳରେ ପାଣି ସମସ୍ୟାକୁ ଦୂର କରିବା ଲାଗି ସରକାର ବିଭିନ୍ନ ଯୋଜନାରେ ରହିଥିବା ଜଳାଶୟ ଗୁଡିକର ପୁନଉଦ୍ଧାର କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏ ସବୁ କ୍ଷେତ୍ରରେ ପ୍ରଶାସନିକସ୍ତରରେ ସେଭଳି କିଛି ଆନ୍ତରିକତା ନଥିବା ଭଳି ଅନୁଭବ ହେଉଛି। ଜିଲ୍ଲାର ବିଭିନ୍ନ ଗ୍ରାମରେ ବହୁ ଜଳାଶୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ମିଳିଛି। କେଉଁଠି ଜଳାଶୟ ଗୁଡିକ ଦଳଭର୍ତ୍ତି ହୋଇ ରହିଛି ତ ଆଉ କେଉଁଠି ଶୁଖିଗଲାଣି। ପୁଣି ଅନ୍ୟ କେଉଁଠି ପୋଖରୀ ପୋତି ହୋଇ ଶୁଖିଲା ପଡ଼ିଛି। ଏଦିଗରେ ପ୍ରଶାସନ କିମ୍ବା ସ୍ଥାନୀୟ ଜନପ୍ରତିନିଧିମାନେ ଚିନ୍ତା କରୁନଥିବାରୁ ଆଗାମୀ ଦିନରେ ଆହୁରୀ ଜଳ ସଙ୍କଟ ସୃଷ୍ଟି ହେବ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ପୂର୍ବରୁ ଗାଁ ଗହଳିରେ ବୁଲା ଗୋରୁଗାଈମାନେ ବିଲମାନଙ୍କରେ ଚରାବୁଲା କରି ନିକଟସ୍ଥ ଜଳାଶୟରେ ପାଣି ପିଇ ଶୋଷ ମେଣ୍ଟାଉଥିଲେ। ଏବେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜଳାଶୟ ଗୁଡିକ ଶୁଖିଲା ପଡ଼ିଥିବାରୁ ବୁଲା ଗୋରୁଗାଈ ପାଣି ମୁନ୍ଦିଏ ପିଇବାକୁ ଡହଳବିକଳ ହେଉଥିବା ଦେଖାଯାଇଛି। ଯେଉଁ ଅଳ୍ପ କେତେକ ସ୍ଥାନରେ ପାଣି ରହିଛି, ସେଠାକୁ ଗୋରୁଗାଈ ଯାଇ ପାଣିପିଇ ଶୋଷ ମେଣ୍ଟାଉଥିବା ଦେଖାଯାଇଛି। ପୌରାଞ୍ଚଳରେ ଗୋରୁଙ୍କ ଲାଗି କେତେକ ସ୍ଥାନରେ ଜଳଛତ୍ର ଖୋଲାଯାଇଥିଲେ ହେଁ ସେହିପାଣି ଖରାରେ ଉତପ୍ତ ହେଉଥିବାରୁ ତାହା ପାନୀୟ ଯୋଗ୍ୟ ହେଉନଥିବାରୁ ଗୋରୁଗାଈ ଛଟପଟ ହେଉଛନ୍ତି। ସେହିପରି ଗ୍ରାମାଞ୍ଚଳରେ ଏ ପର୍ଯ୍ୟନ୍ତ ଛକ ସ୍ଥାନ ମାନଙ୍କରେ ନା ବାଟୋଇଙ୍କ ଲାଗି ନା ଗୋରୁଙ୍କ ଲାଗି କୌଣସି ସ୍ଥାନରେ ବି ଜଳଛତ୍ର ଖୋଲାଯାଇନଥିବା ଦେଖାଯାଇଛି।

ହାତୀ ଆକ୍ରମଣ ପରେ ଆମ୍ବୁଲାନ୍ସ ଦୁର୍ଘଟଣା

## ଚିକିତ୍ସା ଅଭାବରୁ ଚାଲିଗଲା ବୃଦ୍ଧଙ୍କ ଜୀବନ





ନିରାକାରପୁର, ୨୬।୪(ସମିସ): ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଅରିସଲ ଗ୍ରାମ ନିକଟରେ ହାତୀ ଆତଙ୍କ। ଏକ ଦନ୍ତା ହାତୀ ଆକ୍ରମଣରେ ଜଣେ ୭୫ ବର୍ଷୀୟ ବୃଦ୍ଧଙ୍କ ପ୍ରାଣହାନୀ ଘଟିଛି। ମୃତକ ହେଲେ କମାଗୁରୁ ପଞ୍ଚାୟତ ଅରିସଲ ଗ୍ରାମର ପ୍ରଫୁଲ ମହାପାତ୍ର।

ସୂଚନା ଅନୁଯାୟୀ, ଆଜି ମଧ୍ୟାହ୍ନରେ ପ୍ରଫୁଲ ଅରିସଲ କାଜୁ ଜଙ୍ଗଲକୁ କାଜୁ ମଞ୍ଜି ସଂଗ୍ରହ କରିବା ପାଇଁ ଯାଇଥିଲେ। ସେଠାରେ ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତାଟି ତାଙ୍କୁ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ଏବଂ ତାଙ୍କୁ ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଭାଗ୍ୟବଶତ ଆମ୍ବୁଲାନ୍ସଟି ବୃଦ୍ଧଙ୍କୁ ନେଇ ଯାଉଥିବା ସମୟରେ କୁକୁଡ଼ାଝରି ପେଟ୍ରୋଲ ପମ୍ପ ନିକଟରେ ଏକ ଯାତ୍ରୀବାହୀ ବସ୍ ଆମ୍ବୁଲାନ୍ସ ପଛପଟୁ ଜୋରଦାର ଧକ୍କା ଦେଇଥିଲା। ଏହି ଦୁର୍ଘଟଣା ଯୋଗୁଁ ଆମ୍ବୁଲାନ୍ସ ଭିତରୁ ବୃଦ୍ଧଙ୍କୁ ଉଦ୍ଧାର କରିବାରେ ବିଳମ୍ବ ହୋଇଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆହୁରି ସଂକଟାପନ୍ନ ହୋଇପଡ଼ିଥିଲା। ଶେଷରେ ତାଙ୍କୁ ଚାନ୍ଦପୁର ବସନ୍ତ ମଞ୍ଜରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ହାତୀ ଉପଦ୍ରବକୁ ନେଇ ଗ୍ରାମବାସୀ ଭୟଭୀତ ଥିବାବେଳେ, ମୃତକଙ୍କ ପରିବାରକୁ ଉପଯୁକ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

● ତୁଳସୀପୁର-ହଳଦିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା

## ସରିଲାଣି ଅବଧି; ସରୁନାହିଁ କାମ

ବେଗୁନିଆ, ୨୬।୪(ସମିସ): ଖୋର୍ଦ୍ଧା ବ୍ଲକ ଓ ବେଗୁନିଆ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ହଳଦିଆ ହାଟସାହି ଛକଠାରୁ ତୁଳସୀପୁର ପର୍ଯ୍ୟନ୍ତ ୪ କିମିରୁ ଉର୍ଦ୍ଧ୍ୱ ରାସ୍ତା କାମ ବର୍ତ୍ତମାନ ସୁଦ୍ଧା ସରିପାରୁନାହିଁ। ଏପରିକି ରାସ୍ତାର ନିର୍ମାଣର ଅବଧି ସରିଥିଲେ ମଧ୍ୟ ମନ୍ଥର ଗତି ଯୋଗୁଁ ବେଗୁନିଆ ଗ୍ରାମ୍ୟ ଉନ୍ନୟନ ବିଭାଗର ତୁଳସୀପୁର ଗ୍ରାମ ପାର୍ଶ୍ୱରେ ଥିବା ରଣଶଙ୍ଖ ପୂର୍ବରୁ ୧ ଶହ ମିଟରରୁ ମେଣ୍ଟାଲ ଏଣେତେଣେ ପଡ଼ି ଥିବାରୁ ଯାତାୟାତ କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖିନ ହେଉଛନ୍ତି।



ଏହାସହ ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ହଳଦିଆ ହାଟସାହି ଛକଠାରୁ ରଣଶଙ୍ଖ ପର୍ଯ୍ୟନ୍ତ ଟାଇଲ ପଡ଼ିଥିବା ବେଳେ ଯାନବାହନ ଯାତାୟାତ କରୁଥିବାରୁ ଦୁଇ ପାର୍ଶ୍ୱରେ ଖାଲଢିପ ହୋଇ ରହିଥିବା ଦେଖିବାକୁ ମିଳୁଥିବା ବେଳେ କିଛି ଅଂଶ ମାଟି କାର୍ଯ୍ୟ ହୋଇ ପଡ଼ିରହିଛି। ଫଳରେ ଅଦିନିଆ ବର୍ଷା ହେଉ ଅବା ଲଗାଣ ବର୍ଷା ଯୋଗୁଁ ମାଟି ଗୁଡ଼ିକ ଚିକିଟା ହୋଇ ଥିବାରୁ ଯାତାୟାତ ଏକରକମ ଠପ୍ ହୋଇ ଯାଇଥାଏ। ଏହି ରାସ୍ତା ନିର୍ମାଣରେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବରୁ ବର୍ଷା ଦିନରେ ମହାନଦୀର ବନ୍ୟା ଜଳ ଆସି ହଳଦିଆ ପାର୍ଶ୍ୱ ରାସ୍ତା ନିଚା ରହିଥିବାରୁ ବୁଡି ଯାଇଥାଏ। କିନ୍ତୁ ଅବଧି ପୂର୍ବରୁ କାର୍ଯ୍ୟ ସରିଯିବ, କେତେକ ପାରିପାର୍ଶିକ ପରିସ୍ଥିତି ଯୋଗୁଁ ବେଗୁନିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜ୍ୟୋର୍ତିମୟୀ ବେହେରା ଯୋଗାଯୋଗ କରିବାରୁ କହିଛନ୍ତି। ତତ୍‌ସହିତ ଖୋର୍ଦ୍ଧା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ଯନ୍ତ୍ରୀ ଗୀତାଞ୍ଜଳୀ ପାତ୍ରଙ୍କୁ ପଚାରିବାରୁ ନୂତନ ଭାବେ ଯୋଗ ଦେଇଥିବା ବେଳେ ସ୍ଥାନୀୟ ଜନ ସାଧାରଣ ଘଟଣା ସମ୍ପର୍କରେ ଅବଗତ କରିଥିଲେ ମଧ୍ୟ ଉପରିସ୍ଥ ଅଧିକାରୀଙ୍କ ସହ କାର୍ଯ୍ୟସ୍ଥଳକୁ ଯାଇ ଘଟଣାର ଅନୁଧ୍ୟାନ କରିବେ ବୋଲି କହିଛନ୍ତି।

## ଭୀମପୁରରେ ସ୍ୱାସ୍ଥ୍ୟ ଶିବିର



ବାଣପୁର, ୨୬।୪(ସମିସ): ବାଣପୁର ଆଦର୍ଶ ଆରୋଗ୍ୟ ସେବା ସଦନ ଓ ଭୁବନେଶ୍ୱର ହେଲଥ୍ ଭିଲେଜ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଭୀମପୁରସ୍ଥିତ କପିଳେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ସେବା ସଦନ ସଭାପତି ଭି. କାମେଶ୍ୱର ଆଚାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଓଡ଼ିଶାର ପ୍ରଖ୍ୟାତ ଯନ୍ତ୍ରଣା ଉପଶମ ଡାକ୍ତର ଶୋଭନ କୁମାର ରଥ ଓ ସହଯୋଗୀ ଡାକ୍ତର ରାମକ୍ରିଷ୍ଣ ପାତ୍ର, ରାଘବ ଲୋଚନ ପାଣିଗ୍ରାହୀ ଯୋଗଦେଇ ହାଡ, ଗଣ୍ଠି, ବାତ ତଥା ହାଡ ସମ୍ବନ୍ଧୀୟ ବିଭିନ୍ନ ରୋଗର ଚିକିତ୍ସା କରିଥିଲେ। ୧୨୨ ଜଣ ରୋଗୀଙ୍କୁ ଚିକିତ୍ସା କରି ଆବଶ୍ୟକୀୟ ଔଷଧ ବଣ୍ଟନ ସହ କିଛି ରୋଗୀଙ୍କୁ ଭୁବନେଶ୍ୱର ଡାକ୍ତରଖାନାକୁ ଯାଇ ଉଚ୍ଚତର ଚିକିତ୍ସା ଲାଗି ପରାମର୍ଶ ଦେଇଥିଲେ। ଶିବିରକୁ ହେଲଥ୍ ଭିଲେଜ୍ ହସ୍ପିଟାଲର ପ୍ରବନ୍ଧକ ଭବାନୀ ଶଙ୍କର ପାଣି, ନୀଳମଣି ଦାସ, ଚନ୍ଦନ ଭୂତିଆ, ଏଲ ଶ୍ରୀନିବାସ ରାଓ, ଭି ଜଗନ୍ନାଥ, ଭି ଶିବ କୁମାର, ଭି କାମେଶ୍ୱର ଆଚାରୀ, ପ୍ରସନ୍ନ ପଟ୍ଟନାୟକ, ମାଧବ ଚନ୍ଦ୍ର ବାରିକି, ସ୍ୱାସ୍ଥ୍ୟ ସହାୟକ ଦିଲ୍ଲୀପ ରଥଙ୍କ ସମେତ ସ୍ଥାନୀୟ ଯୁବ ସଙ୍ଗଠନର ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀରଙ୍କନାଥ ଦେବଙ୍କ ଚନ୍ଦନ ଯାତ





ବାଲୁଗାଁ, ୨୬।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଠାରୁ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବ ଶ୍ରୀ ରଙ୍କନାଥ ଦେବଙ୍କୁ ପ୍ରଚଣ୍ଡ ରୌଦ୍ରତାପରୁ ଶୀତଳ ମଣୋହି ନିମନ୍ତେ ଦୈନନ୍ଦିନ ସନ୍ଧ୍ୟାରେ ଭିତର ଚନ୍ଦନ ନୀତିକାନ୍ତରେ ଶ୍ରୀଜିଉଙ୍କୁ ପାଣି କୁଣ୍ଡରେ ସ୍ନାନ କରାଇ ଚନ୍ଦନ ଲାଗି କରାଯାଉଛି। ଅକ୍ଷୟ ତୃତୀୟା ତିଥିରେ ସୋମବାର ଠାରୁ ଶ୍ରୀରଙ୍କନାଥ ଦେବଙ୍କର ଭିତର ଚନ୍ଦନ ଆରମ୍ଭ ହୋଇଯାଇଛି। ଚନ୍ଦନ ଯାତ ଅବସରରେ ଦୈନନ୍ଦିନ ପରି ଭୋରରୁ ମହାପ୍ରଭୁଙ୍କ ଦ୍ୱାର ଫିଟା, ମଙ୍ଗଳାର୍ପଣ ଓ ଅବକାଶ ନୀତି ପରେ ଦ୍ୱାରପାଳ ପୂଜା, ସୂର୍ଯ୍ୟପୂଜା, ଗୋପାଳ ବଲ୍ଲଭ ଓ ଶ୍ରୀଜିଉମାନଙ୍କ ମଧ୍ୟାହ୍ନ ଧୂପ ପରେ ଚନ୍ଦନ ପାଣି କୁଣ୍ଡରେ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ନାନ କରାଇ ଭିତର ଚନ୍ଦନ ଭୋଗ ଲାଗି ପରେ ଶୀଜିଉମାନେ ଥଣ୍ଡା ପବନ ପାଇବା ଲାଗି ବାହାରେ ବୁଲି ଆସି ଝୁଲଣ ବେଦିର ଦୋଳିରେ ଝୁଲିବା ପରେ ମନ୍ଦିର ପ୍ରବେଶ କରୁଛନ୍ତି। ପରେ ଛେନା, ଖିର, କଦଳୀ, ଖୁଆ, ବେଲ ସହ ଗୁଜୁରାତି, ଗୋଲମରିଚ ପକାଇ ମେଣ ପଣା ଭୋଗ କରାଯାଉଛି। ଝୁଲଣ ଦୋଳିରେ ଶ୍ରୀଜିଉ ମାନଙ୍କୁ ଝୁଲୁଥିବାର ଅପୂର୍ବ ଦର୍ଶନ ନିମନ୍ତେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଉଛି। ପୂଜକ ଚନ୍ଦ୍ରଶେଖର ହୋତା ଶ୍ରୀଜିଉ ମାନଙ୍କ ସମସ୍ତ ନୀତିକାନ୍ତି କରୁଥିବା ସ୍ଥଳେ ମନ୍ଦିର ପରିଚାଳନା କମିଟି ତରଫରୁ ପରିଚାଳନା କମିଟିର ସଦସ୍ୟ ଦେବଦତ୍ତ ପାଣି, ପଦ୍ମନାଭ ମହାପାତ୍ର, ଦାସରଥୀ ସାହୁ ଓ ସୋମନାଥ ହୋତା ପ୍ରମୁଖ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ଚନ୍ଦନ ପୂର୍ଣ୍ଣିମା ପରେ ଭଉଁରୀରେ ଜଳକ୍ରୀଡ଼ା ନିମନ୍ତେ ବାଣପୁରର ଇଷ୍ଟଦେବୀ ମା' ଭଗବତୀ, ପିତା ଦକ୍ଷପ୍ରଜାପତିଙ୍କ ସହ ଶ୍ରୀ ରଙ୍କନାଥ ଦେବ ସ୍ଥାନୀୟ ଗୋପାଳପୁର ଶାସନ ଯାଇ ଭଉଁରୀରେ ଜଳକ୍ରୀଡ଼ା କରି ପ୍ରତ୍ୟାବର୍ତ୍ତନ କରିବେ। ଏଥିନିମନ୍ତେ ୨୧ ଦିନ ବ୍ୟାପି ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଆସୁଥିବା ବେଳେ ବର୍ତ୍ତମାନ ବାଲୁଗାଁ ବାଣପୁର ଚନ୍ଦନ ଯାତ୍ରାରେ ଉତ୍ସବ ମୁଖର ହୋଇପଡ଼ିଛି।

**ଅବକାରୀ ଚଢ଼ଉ; ଜଣେ ଗିରଫ**

## ୪.୫ ହଜାର ଲିଟର ପୋଚ ନଷ୍ଟ; ଦେଶୀମଦ ଜବତ

ବାଲୁଗାଁ, ୨୬।୪(ସମିସ)



ସମଗ୍ର ବାଲୁଗାଁ ଓ ବାଣପୁର ଅଞ୍ଚଳରେ ବେଆଇନ ଭାବେ ବିପୁଳ ପରିମାଣରେ ମଦ କାରବାର ଚାଲିଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ରବିବାର ପୂର୍ବାହ୍ନରେ ନାଚୁଣୀ ଥାନା ଅଧିନ ଗୋରଡ଼ାଝରି ଜଙ୍ଗଲ ଅଞ୍ଚଳରେ ଚଢ଼ଉ କରି ମଦ ପ୍ରସ୍ତୁତି ପାଇଁ ଗଚ୍ଛିତ ରଖିଥିବା ୪ହଜାର ୫ଶହ ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୮୭୦ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଜଣେ ମଦ ବେପାରୀକୁ ଅବକାରୀ ବିଭାଗ ଗିରଫ କରିଥିବା ସ୍ଥଳେ ଅନ୍ୟମାନେ ଫେରାର ହୋଇଯାଇଥିଲେ। ଗିରଫ ମଦ ବ୍ୟବସାୟୀ ଜଣକ ହେଲେ ନାଚୁଣୀ ଥାନା ଅଧିନ ଗୋରଡ଼ାଝରି ଗ୍ରାମ ନିକଟ ଲୋକିପୁର ଗ୍ରାମର ଗଙ୍ଗାଧର ପ୍ରଧାନ (୬୮)।

ସୁଚନା ମୁତାବକ ନାଚୁଣୀ ଥାନା ଅନ୍ତର୍ଗତ ଗୋରଡ଼ାଝରି ଜଙ୍ଗଲରେ ବେଆଇନ ଭାବେ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ଉ କରି ଗଙ୍ଗାଧରଙ୍କୁ ଗିରଫ କରିଥିବା ବେଳେ ତାଙ୍କ ନିକଟରୁ ୪୦ଲିଟର ଦେଶୀ ମଦ ଓ ୮ ଶହ ଲିଟର ପୋଚ ଜବତ କରିଥିଲେ। ସେହିପରି ଗୋରଡ଼ାଝରି ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ୪ ଗୋଟି ସ୍ଥାନରେ ଚଢ଼ଉ କରି ୮୩୦ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ୩ହଜାର ୭ଶହ ଲିଟର ପୋଚ ଜବତ କରି ସେସବୁକୁ ନଷ୍ଟ କରିଦେଇଥିବା ବେଳେ ଅଭିଯୁକ୍ତ ମାନେ ଖବର ପାଇ ଘଞ୍ଚ ଜଙ୍ଗଲ ଭିତରେ ଖସି ପଳାଇଥିଲେ। ଉକ୍ତ ଚଢ଼ଉରେ ଅବକାରୀ ବିଭାଗ ସମୁଦାୟ ୮୭୦ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ୪ହଜାର ୫ଶହ ଲିଟର ପୋଚ ଜବତ କରି ନଷ୍ଟ କରିଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୨୩, ୨୪, ୨୫, ୨୬ ଓ ୨୭/୨୬ରେ ପୃଥକ ପୃଥକ ୫ଟି ମାମଲା ରୁଜୁ କରି ଅଭିଯକ୍ତ ଗଙ୍ଗାଧର ପ୍ରଧାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ବିଭାଗ ପକ୍ଷରୁ ସୁଚନା ମିଳିଛି। ଉକ୍ତ ଚଢ଼ଉରେ ବାଲୁଗାଁ ଅବକାରୀ ଅଧିକାରୀ ରାମଚନ୍ଦ୍ର ଜେନା, ଟାଙ୍ଗୀ ଅବକାରୀ ଅଧିକାରୀ ରମେଶ ଚନ୍ଦ୍ର ବାରିକ, ବାଲୁଗାଁ ଅବକାରୀ ଏସଆଇ ଶମ୍ଭୁନାଥ ପାତ୍ର, କନେଷ୍ଟବଳ ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ, ମନୋଜ କୁମାର ଜୟସିଂ, ଅନିଲ କୁମାର ପ୍ରଧାନ, ସୁନିତା ମହାରଣା ଓ ସସ୍ମିତା ସେଠୀ ପ୍ରମୁଖ ସାମିଲ ଥିଲେ।

## ଇଡେନ ସ୍କୁଲର ବାର୍ଷିକ ଉତ୍ସବ ଉଦ୍‌ଯାପିତ




ବେଗୁନିଆ, ୨୬।୪(ସମିସ): ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ପାଟଣାହାଟ ଛକ ନିକଟରେ ଇଡେନ ସ୍କୁଲର ୧୬ ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତନୁଜା ପାଟଶାଣୀଙ୍କ ଅଧ୍ୟକ୍ଷତା ଓ ଶିକ୍ଷୟିତ୍ରୀ ପ୍ରଣତୀ ପଟ୍ଟନାୟକଙ୍କ ସଂଯୋଜନାରେ ନୟାଗଡ଼ ବିଧାୟକ ଡ଼ଃ ଅରୁଣ କୁମାର ସାହୁ ମୁଖ୍ୟଅତିଥି, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀ ରାଣୀ ଗୁମାନସିଂହ, ବୈଜ୍ଞାନିକ ଡ଼ଃ ପ୍ରଣୟ କୁମାର ସ୍ୱାଇଁ, ପ୍ରଫେସର ଡ଼ଃ ବିନୟ ଭୂଷଣ ଜେନା, ସରପଞ୍ଚ ଆରତ ମାଝୀ, ସମାଜସେବୀ ଭିକାରୀ ଚରଣ ସାହୁ ଓ ପଦ୍ମ ଲୋଚନ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିକ୍ଷା ଉପଯୁକ୍ତ ପାରିପାର୍ଶିକ ପରିବେଶ ମଧ୍ୟରେ ଶିକ୍ଷାଦାନ କରି ପାରିଲେ ଛାତ୍ରଛାତ୍ରୀ ମାନଙ୍କର ଅନ୍ତର୍ନିହିତ ଗୁଣାବଳିର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ଅଧ୍ୟକ୍ଷ ଲଲାଟେନ୍ଦୁ ପାଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଆରଡ଼ି ପୀଠରେ ବାବାମଣିଙ୍କ ବାହାଘର; ମନ୍ଦିର ପ୍ରଶାସନର ଅଜବ ନିୟମ

# ଚାନ୍ଦବାଲିରେ ଚୟନ ହେବ ବର-କନ୍ୟା ପିତା !

ଭଦ୍ରକ/ଆରଡ଼ି, ୨୬।୪(ସମିସ)



ଆରଡ଼ି ପୀଠର ବାବା ଆଖଣ୍ଡଳମଣିଙ୍କ ଚଳିତ ଶିବ ବିବାହ ଉତ୍ସବ ଆସନ୍ତା ଜୁନ୍ ୧୯ରେ ଅନୁଷ୍ଠିତ ହେବ। ବୈଦିକ ରୀତିନୀତି ଅନୁଯାୟୀ, ଆସନ୍ତା ମେ' ୧ରେ ପବିତ୍ର ଚନ୍ଦନ ପୂର୍ଣ୍ଣିମା ଦିନ ଲଗ୍ନଥାଳ ଉଠା ନୀତି ରହିଛି। ଏଥିପୂର୍ବରୁ ମନ୍ଦିରର ପରମ୍ପରା ଅନୁଯାୟୀ, ମନ୍ଦିର କାର୍ଯ୍ୟାଳୟରେ ବର ପିତା ଓ କନ୍ୟା ପିତା ଚୟନ କାର୍ଯ୍ୟ ହୋଇଥାଏ। ହେଲେ ମନ୍ଦିର ପ୍ରଶାସନର ଅଜବ ନିୟମ ଅନୁଯାୟୀ, ଚଳିତ ବର୍ଷ ବର ପିତା ଓ କନ୍ୟା ପିତା ଚୟନ ଚାନ୍ଦବାଲିରେ କରାଯିବ ବୋଲି ଡାକବାଜି ଯନ୍ତ୍ର ଦ୍ୱାରା ପ୍ରସାରଣ କରାଯାଇଛି। ଯାହାକୁ ନେଇ ମନ୍ଦିରର ବରିଷ୍ଠ ସେବାୟତ ନିନ୍ଦା କରିବା ସହ ବାବାଙ୍କ ମନ୍ଦିରରେ ପରମ୍ପରା ଓ ରୀତିନୀତିକୁ ପ୍ରଶାସନ ମନଇଚ୍ଛା କ୍ଷୁଣ୍ଣ କରୁଛି ବୋଲି କହିଛନ୍ତି। ଯାହାକୁ ନେଇ ଅଗଣିତ ଶୈବ ଭକ୍ତଙ୍କ ମନରେ କୋଠାର ଆଘାତ ଆଣିଛି।

ବାବାଙ୍କ ମହିମା ଓ ଅପାର କରୁଣା ପାଇଁ ପ୍ରତିଦିନ ତଥା ବିଭିନ୍ନ ପର୍ବପର୍ବାଣିରେ ହଜାର ହଜାର ଭକ୍ତ ପୀଠକୁ ଆସିଥା'ନ୍ତି। ହେଲେ ପ୍ରଶାସନ କାର୍ଯ୍ୟ ବ୍ୟସ୍ତତା ଓ ସୁରକ୍ଷା ଆଳ ଦେଖାଇ ବାବାଙ୍କ ଅନେକ କାର୍ଯ୍ୟ ଚାନ୍ଦବାଲି ଓ ଭଦ୍ରକରେ କରିବା ଠିକ୍ ନୁହେଁ ବୋଲି ଭକ୍ତ ମହାସଂଘ କହିଛି। ହିନ୍ଦୁ ଦେବୋତ୍ତର ବିଭାଗ ଦ୍ୱାରା ବାବାଙ୍କ ମନ୍ଦିରରେ ପ୍ରଚଳିତ ୧୯୪୫ ମସିହା ଖସଡ଼ା ଅନୁଯାୟୀ, ବାବାଙ୍କ ମନ୍ଦିରରେ ଅନୁଷ୍ଠିତ ହେଉଥିବା ପର୍ବପର୍ବାଣି ଓ ସମସ୍ତ ବୈଠକ ମନ୍ଦିର ପରିସରରେ ହେବା ପାଇଁ ଉଲ୍ଲେଖ ରହିଥିବାବେଳେ କାହିଁକି ପ୍ରଶାସନ ବାରମ୍ବାର ସ୍କିମ୍ ଉଲ୍ଲଂଘନ କରି ନିଜ ଇଚ୍ଛା ମୁତାବକ କାର୍ଯ୍ୟ କରୁଛି ତାହା ସାଧାରଣ ଭକ୍ତ ଓ ସେବାୟତଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଚଳିତ ବର୍ଷ ବର ପିତା ଓ କନ୍ୟା ପିତା ଚୟନ କାର୍ଯ୍ୟ ଯଦି ଆରଡ଼ି ପୀଠରେ କରା ନ ଯାଏ, ତାହେଲେ ସେବାୟତମାନେ ଅସହଯୋଗ କରିବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇଙ୍କୁ ପଚାରିବାରୁ ଉପଜିଲ୍ଲାପାଳ ଓ ତହସିଲ୍‌ଦାରଙ୍କ ସରକାରୀ କାର୍ଯ୍ୟ ଓ ଜନଗଣନା କାର୍ଯ୍ୟ ଚାଲୁଥିବାରୁ ଚଳିତ ବର୍ଷ ଚାନ୍ଦବାଲିରେ ବର ପିତା ଓ କନ୍ୟା ପିତା ଚୟନ ପାଇଁ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲ୍ଲାପାଳଙ୍କର ନିର୍ଦ୍ଦେଶ ରହିଛି।

**ଆରଡ଼ି ପୀଠରେ ଚୟନ ନହେଲେ ସେବାୟତ ସହଯୋଗ କରିବେନି**

**ପରମ୍ପରା ଭଙ୍ଗ କରୁଛି ମନ୍ଦିର ପ୍ରଶାସନ: ବରିଷ୍ଠ ସେବାୟତ**

## ଜଗନ୍ନାଥ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ



**ବନ୍ତ/ଆଗରପଡ଼ା, ୨୬।୪(ସମିସ):** ବନ୍ତ ବ୍ଲକ ଅନ୍ତର୍ଗତ ବରକୋଣା ଗ୍ରାମର ଜଗନ୍ନାଥ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗ୍ରାମ୍ୟ ପୁଷ୍କରିଣୀରୁ ୩୧ଟି କଳସ ଘଟଉତ୍ତୋଳନ କରାଯାଇ ବାଜା ବାଣ ରୋଷଣିରେ ଗ୍ରାମ ବଜାର ପରିକ୍ରମା ପୂର୍ବକ ଯଜ୍ଞ ମଣ୍ଡପକୁ ଅଣାଯାଇଥିଲା। ପୂଜକ କୃପାସିନ୍ଧୁ ପଣ୍ଡା, ସର୍ବେଶ୍ୱର ପଣ୍ଡା, ଗୌରାଙ୍ଗ ମିଶ୍ର, କେଶବ ଚନ୍ଦ୍ର ପାଣିଗ୍ରାହୀ, ସୂର୍ଯ୍ୟପୂଜା, ଗୋ ପୂଜା, ଅଙ୍କୁରାରୋପଣ, ଗୀତାଯଜ୍ଞ ସମେତ ବିଭିନ୍ନ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ କର୍ତ୍ତା ଗଜେନ୍ଦ୍ର ସେଠୀ, କୁମୁଦିନୀ ସେଠୀ, ବିଷ୍ଣୁପ୍ରିୟା ସେଠୀ, ସଦାନନ୍ଦ ଜେନା, ପ୍ରେମାନନ୍ଦ ସେଠୀ, ମମତା ବେହେରା, ପ୍ରତିମା ବେହେରା, ବାସନ୍ତୀ ସ୍ୱାଇଁ, ଚନ୍ଦନା ଜେନା, ସନ୍ଧ୍ୟାରାଣୀ ଜେନା, ଅରୁଣିଲତା ବେହେରା, ବନିତା ଜେନା, ଜଞ୍ଜଳି ଜେନା, ମଧୁସ୍ମିତା ବେହେରା, ଜ୍ୟୋତିରେଖା ଜେନା କାର୍ଯ୍ୟ ତୁଲାଇଥିଲେ। ରବିବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତ ଉପସ୍ଥିତ ରହି ପ୍ରଭୁକୃପା ଲାଭ କରିଥିଲେ। ପ୍ରତିମା ଜେନା, ମୋନାଲିସା ଜେନା, ମିନତୀ ଜେନା, ମଳୟ ଜେନା, ସତ୍ୟଭାମା ଜେନା, ସ୍ୱର୍ଣ୍ଣପ୍ରଭା ଜେନା, ଖୁସି ଜେନା, ଯଶୋଦା ଜେନା, ଲିପି ଜେନା, ଦିବ୍ୟଜ୍ୟୋତି ଜେନା, ସୁମତି ଜେନା, ମା' ତାରିଣୀ ଟେଣ୍ଟ ହାଉସ୍‌ର ଶଶିକାନ୍ତ ସ୍ୱାଇଁଙ୍କ ସମେତ ବରକୋଣା, କୁଳିପଦୀ, ରାମପୁର ଗ୍ରାମର ଗ୍ରାମବାସୀ ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଉକ୍ତ ଜଗନ୍ନାଥ ମନ୍ଦିର ପ୍ରାକ୍ତନ ସ୍ୱାସ୍ଥ୍ୟ ବିଭାଗ ଅଧିକାରିଣୀ ଜପାମାଳୀ ସେଠୀଙ୍କ ଉଦ୍ୟମରେ ୨୦୨୧ରେ ପ୍ରତିଷ୍ଠା ହୋଇଥିଲା।

## ମହାଦେବଙ୍କ ବାର୍ଷିକ ପୂଜା ଉତ୍ସବ



**ବାରିକପୁର, ୨୬।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ସାରଣାସ୍ଥିତ ବାବା ଶରଣେଶ୍ୱର ମହାଦେବଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁଷ୍କରିଣୀରୁ ଘଟ ଉତ୍ତୋଳନ ହେବା ସହିତ ପୀଠରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ମୁଖ୍ୟ ପୂଜକ ବାସୁଦେବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗୁରୁ ପୂଜା, ସୂର୍ଯ୍ୟ ପୂଜା, ମହାଦେବଙ୍କ ସ୍ନାନ, ଅଭିଷେକ, ଗୀତା ପାଠ, ହୋମଯଜ୍ଞ ଓ ଅନ୍ୟାନ୍ୟ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଥିଲା। ସହଯୋଗୀ ଭାବେ ଦିଲୁ ମିଶ୍ର ଓ ରୁଦ୍ର ପାଣି ବୈଦିକ ରୀତିନୀତି ଅନୁଯାୟୀ ମହାଦେବଙ୍କୁ ପୂଜା କରିଥିଲେ। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ହରେକୃଷ୍ଣ ବାରିକ ଓ ସସ୍ମିତା ବାରିକ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜିତ ପୂଜା ନୀତିରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଦିବସଭରି ବୈଦିକ ଉତ୍ସବକୁ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## 'ତାଓ'ର କାର୍ଯ୍ୟକାରଣୀ ବୈଠକ ଓ ଶପଥପାଠ




**ଭଦ୍ରକ, ୨୬।୪(ସମିସ):** ତାଏକ୍ୱୋଣ୍ଡୋ ଆସୋସିଏସନ ଅଫ୍ ଓଡ଼ିଶା (ତାଓ) ରାଜ୍ୟ ସଙ୍ଘର କାର୍ଯ୍ୟକାରିଣୀ ସାଧାରଣ ପରିଷଦ ବୈଠକ ରବିବାର ଚରମ୍ପାସ୍ଥିତ ମେଘା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ ତାରିଖରେ ହୋଇଥିବା ସାଧାରଣ ପରିଷଦ ବୈଠକରେ ନିର୍ବାଚନ ଅଧିକାରୀ ଅଧିବକ୍ତା ରୋହିତ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ହୋଇଥିବା ନିର୍ବାଚନରେ ନିର୍ବାଚିତ ସଦସ୍ୟମାନଙ୍କୁ ରବିବାର ସମ୍ବର୍ଦ୍ଧନା ଦେବା ସହ ଶପଥପାଠ କରାଯାଇଥିଲା। ସଭାପତି ଭାବେ ଓଡ଼ିଶା କ୍ରିକେଟ ଆସୋସିଏସନର ପୂର୍ବତନ ସଭାପତି ଧିରେନ ପଲାଇ, କାର୍ଯ୍ୟକାରୀ ସଭାପତି ଅଧିବକ୍ତା ଯତିକାନ୍ତ ନାୟକ, ଉପସଭାପତି ରମେଶ ପ୍ରଧାନ, ରମେଶ ଜେନା, ସାଧାରଣ ସମ୍ପାଦକ ଭାବେ ରବିନାରାୟଣ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଭାବେ ଯୋଗେଶ୍ୱର ମହନ୍ତ, କୋଷାଧ୍ୟକ୍ଷ ଭାବେ ବିଦ୍ୟାଧର ବାରିକ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଧିବକ୍ତା ପବନ ଶର୍ମା, ଡ. ତରୁଣ ବେହେରା, ରବିନାରାୟଣ ଓଝା, ସୁଧାକର ଜେନା, ରାଜେଶ ବିଶ୍ୱାଳ, ବିଶାଳ ଲଖାନୀ, ଅଜୟ ଧଳ, ଆଦ୍ୟାଶା ଦାସ ଶପଥପାଠ କରିଥିଲେ। ଶେଷରେ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

## ପ୍ରଥମ 'ବୈଶାଖୀ ମେଳା-୨୦୨୬' ଉଦ୍‌ଘାଟିତ

# ଶତବର୍ଷର ଓଡ଼ିଶାରେ ଭଦ୍ରକର ସ୍ମୃତି ଅନନ୍ୟ

**ଭଦ୍ରକ, ୨୬।୪(ସମିସ):** ଭଦ୍ରକୀୟ ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ଅନନ୍ୟ ମହାପର୍ବ ବୈଶାଖୀ ମେଳା-୨୦୨୬ ରବିବାରଠାରୁ ଐତିହାସିକ ନେହେରୁ ଷ୍ଟାଡିୟମ୍ ପରିସରରେ ଆରମ୍ଭ ହୋଇଯାଇଛି। ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ 'ଶହେବର୍ଷର ଓଡ଼ିଶା-୨୦୩୬ ଓ ଭଦ୍ରକ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଓଡ଼ିଶା ଗଠନ ଶତବର୍ଷ ପୂର୍ତ୍ତି ଆଡ଼କୁ ଅଗ୍ରସର ହେଉଥିବାବେଳେ ଭଦ୍ରକର ସଂସ୍କୃତି ଓ ସ୍ୱାଭିମାନ ସାରା ରାଜ୍ୟ ପାଇଁ ଏକ ମାର୍ଗଦର୍ଶକ ସଦୃଶ। ଆଜିର ବୈଶାଖୀ ମେଳା କେବଳ ଏକ ଉତ୍ସବ ନୁହେଁ, ବରଂ ଆମ କଳା, ସାହିତ୍ୟ ଓ ଐତିହ୍ୟକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାର ଏକ ସାରସ୍ୱତ ସେତୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଡ. ଅମୂଲ୍ୟ କୁମାର ନାୟକ ଓ ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ଯୋଗଦେଇଥିଲେ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣରେ ଭଦ୍ରକର ଭୂମିକା ଓ ବିକାଶର ରୂପରେଖ ସମ୍ପର୍କରେ ଆଜି ଚିନ୍ତନ କରାଯିବାର ବେଳ ଉପଗତ ବୋଲି ମତବ୍ୟକ୍ତ କରିଥିଲେ। ବୈକୁଣ୍ଠ ବିଶ୍ୱାଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ବୈଶାଖୀ ମେଳା କମିଟିର କାର୍ଯ୍ୟକାରୀ ସମ୍ପାଦକ ରୂପକ ବିହାରୀ ରାୟ ଅତିଥି ପରିଚୟ ଓ ରଞ୍ଜିତ୍ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ନାୟକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧିବକ୍ତା ଗଦାଧର ବଳ, ସାହିତ୍ୟିକ ଶାନ୍ତନୁ ରାଉତ, ବସୁମିତ୍ରା ସାହୁ, ଲଲାଟେନ୍ଦୁ ମହାନ୍ତି, ଲକ୍ଷ୍ମୀକାନ୍ତ ବାରିକ୍, କବି ମାନସ ପଣ୍ଡା, କୈଳାସ ମହାପାତ୍ର, ସୁଶାନ୍ତ ମହାପାତ୍ର, ଇନ୍ଦ୍ରମଣି ପଣ୍ଡା, ମନୋରଞ୍ଜନ ଦାସ, ଲୋକନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



ସୂଚନାଯୋଗ୍ୟ ଯେ, ରବିବାରଠାରୁ ଆରମ୍ଭ ହୋଇ ଏହି ମେଳା ଆସନ୍ତା ମେ' ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ବିଭିନ୍ନ ମନୋହରି ଦୋକାନ ସହିତ ପାରମ୍ପରିକ ଓଡ଼ିଆ ଖାଦ୍ୟ ଷ୍ଟଲ୍, ହସ୍ତଶିଳ୍ପ ଓ କାରୁକାର୍ଯ୍ୟ, ଗୃହ ଉପକରଣ, ମହିଳାଙ୍କ ପ୍ରସାଧନୀ, କୃଷି, ସ୍ୱାସ୍ଥ୍ୟ, ଶିଳ୍ପ ପ୍ରତିଷ୍ଠାନ, ଖେଳଣା ସାମଗ୍ରୀ ଓ ବିଭିନ୍ନ ଦୋଳି ଇତ୍ୟାଦି ପାଖରେ ଜନଗହଳି ଦୃଶ୍ୟମାନ ହୋଇଥିଲା। ଭଦ୍ରକର ସର୍ବପ୍ରଥମ ଐତିହ୍ୟସମ୍ପନ୍ନ ଓ ସଂସ୍କୃତିର ଏହି ମହାକୁମ୍ଭକୁ ଜିଲ୍ଲାବାସୀ ସ୍ୱାଗତ କରିବା ସହ ସମସ୍ତଙ୍କ ମଧ୍ୟରେ ଖୁବ୍ ଉତ୍ସାହ ପରିଲକ୍ଷିତ ହୋଇଛି।

## ସଡ଼କ ଦୁର୍ଘଟଣାରେ ୨ ଗୁରୁତର

**ବାରିକପୁର, ୨୬।୪(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଛତାବର ଟୋଲ୍ ଗେଟ୍ ନିକଟରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୨ଜଣ ଗୁରୁତର ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ରବିବାର ମଧ୍ୟାହ୍ନ ୧୨.୩୦ରେ ୨ଜଣ ଯୁବକ ଏକ ବାଇକ୍‌ରେ କଟକ ପଟୁ ଭଦ୍ରକ ଅଭିମୁଖେ ଆସୁଥିଲେ। ଟୋଲ୍‌ଗେଟ୍‌ର ଅନତିଦୂର ଡାହାଲାସ୍ଥିତ ରାଜପଥ ଉପରେ ବେଆଇନ ଭାବେ ଠିଆ ହୋଇଥିବା ଏକ ମାଲ୍‌ବାହୀ ଟ୍ରକ୍‌କୁ ବାଇକ୍‌ଟି ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ଆମ୍ବୁଲାନ୍ସ ଯୋଗେ ଗୁରୁତରଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ୨ଜଣଙ୍କୁ ଭଦ୍ରକ ମେଡିକାଲ ପଠାଯାଇଛି। ଗୁରୁତର ୨ଜଣଙ୍କ ମଧ୍ୟରୁ ଜଗନ୍ନାଥ ବିଶ୍ୱାଳ (୪୫) ପୁରୀ ଅଞ୍ଚଳର ହୋଇଥିବାବେଳେ ରଞ୍ଜିତା ଜେନା (୩୫)ଙ୍କ ଘର ଭଦ୍ରକ ଅଡାଳପଙ୍କ ବୋଲି ଜଣାପଡ଼ିଛି। ଏଠାରେ ସୂଚିତ ଭଣ୍ଡାରିପୋଖରୀ ତହସିଲ ଛକଠାରୁ ଆଖୁଆପଦା ଯାଏଁ ରାଜପଥ ପାର୍ଶ୍ୱରେ ଥିବା ହୋଟେଲ ଓ ଢାବା ଯୋଗୁଁ ଗାଡ଼ିଗୁଡ଼ିକ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଛିଡ଼ା ହେଉଛି। ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି।

## ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



**ଅସୁରାଳି, ୨୬।୪(ସମିସ):** ଓଡ଼ିଆ ଯାତ୍ରା ଜଗତର ଜଣେ ଅନନ୍ୟ ସାଧକ ତଥା ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ସ୍ମୃତି ଚିରସ୍ଥାୟୀ କରିବା ପାଇଁ ଭଦ୍ରକ ଜିଲ୍ଲାରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି ଜୋର୍‌ଦାର୍ ହୋଇଛି। ଓଡ଼ିଆ ଯାତ୍ରାକୁ ଏକ ନୂତନ ଦିଶା ଦେଖାଇଥିବା ଏହି ମହାନ କଳାକାରଙ୍କ ଅବଦାନ ଆଜି ବି ଜନମାନସରେ ଅଭୁଲା ହୋଇ ରହିଥିବାବେଳେ, ସରକାରୀସ୍ତରରେ ତାଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ନେଇ ବିଭିନ୍ନ ମହଲରୁ ସ୍ୱର ଉତ୍ତୋଳନ କରାଯାଇଛି। ଭଦ୍ରକ ସହରର କୌଣସି ପ୍ରମୁଖ ସ୍ଥାନ ବା ଜିଲ୍ଲା ସଦର ମହକୁମାରେ ରଘୁନାଥ ପଣ୍ଡାଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ତାଙ୍କର ସାଧନା ପୀଠ 'ଆନନ୍ଦ ବଜାର'ଠାରେ ଏକ ସ୍ମୃତି ପାଠାଗାର ନିର୍ମାଣ ପାଇଁ ଦାବି ହୋଇଛି। ତାଙ୍କର ଜନ୍ମ ଓ ଶ୍ରାଦ୍ଧ ଦିବସକୁ ସରକାରୀସ୍ତରରେ ପାଳନ କରିବା ସହ ସାହିତ୍ୟ ଓ ସଂସ୍କୃତି ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି।

## ଜୁଆଖେଳ ବିବାଦରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ

**ଅସୁରାଳିରେ ଉତ୍ତେଜନା; ଦୁଇ ଗୁରୁତର**

**ଧୂଷୁରୀ, ୨୬।୪(ସମିସ):** ଜୁଆ ଖେଳକୁ କେନ୍ଦ୍ରକରି ପୂର୍ବରୁ ସୃଷ୍ଟି ହୋଇଥିବା ବିବାଦ ରବିବାର ଉଗ୍ରରୂପ ନେଇଛି। ଅସୁରାଳିରେ ଦୁଇ ପକ୍ଷ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିବା ସହିତ ଆକ୍ରମଣ ପ୍ରତି ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଦେଇଛି।

କିଛିଦିନ ତଳେ ଧାମନଗର ବ୍ଲକ ଫତେପୁର ପଞ୍ଚାୟତସ୍ଥିତ ପତ୍ରିବିନ୍ଧାଠାରେ ଅପେରା ପରିବେଷଣ ହୋଇଥିଲା। ଯାତ୍ରାବେଳେ ଏଠାରେ ଜୁଆ ଖେଳ ଚାଲୁଥିଲା। ଏହାକୁ ନେଇ ଗଣ୍ଡଗୋଳ ମଧ୍ୟ ହୋଇଥିଲା। ଧୂଷୁରୀ ପୁଲିସ ଏହି ଘଟଣାରେ ଜଣକୁ ନେଇ ଅଟକ ରଖିଥିଲା ଏବଂ ଏହି ବିବାଦର ସମାଧାନ ପାଇଁ ଉଭୟ ପକ୍ଷର ଭଦ୍ରବ୍ୟକ୍ତି ଶନିବାର ସକାଳେ ବସିବା ପାଇଁ ଆସନ୍ତା ସୋମବାରକୁ ଦିନ ଧାର୍ଯ୍ୟ କରିଥିଲେ। ରବିବାର ପୂର୍ବାହ୍ଣରେ ଧର୍ମାଗତପୁର ପତ୍ରିବିନ୍ଧା ଅଞ୍ଚଳର ଶଶଧର ରାଉତ(୩୯) ତାଙ୍କର ପତ୍ନୀ ଛବିରାଣୀଙ୍କ ସହ ଅସୁସ୍ଥ ଥିବା ୧୫ ଦିନର ଶିଶୁକୁ ଧରି ଔଷଧ ନେବାକୁ ଅସୁରାଳି ଆସିଥିଲେ। ସ୍ୱାମୀ-ସ୍ତ୍ରୀ ଓ ଶିଶୁକୁ ଧରି ଏକ ଦୋକାନ ପାଖରେ ଛିଡ଼ା ହୋଇଥିବାବେଳେ ସ୍ଥାନୀୟ ମଳିକ ସାହିର ଶରତ ମଳିକ, ସତ୍ୟବାନ ମଳିକ, ରାଜେଶ ମଳିକ ଏବଂ ରଞ୍ଜନ ମଳିକ ସେଠାରେ ପହଞ୍ଚି ଗାଳିଗୁଲଜ କରିବା ସଙ୍ଗେ ସଙ୍ଗେ ଶଶଧରଙ୍କୁ ଆକ୍ରମଣ କରି ନଗଦ ଟଙ୍କା, ମୋବାଇଲ୍ ଫୋନ୍ ଆଦି ଛଡ଼ାଇ ନେବା ସହିତ ତାଙ୍କ ସ୍ତ୍ରୀଙ୍କୁ ଅଶାଳୀନ ବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣା ଜଣାପଡ଼ିବା ପରେ ପ୍ରତିପକ୍ଷର କିଛି ବ୍ୟକ୍ତି ଅସୁରାଳି ବଜାରରେ ସଂଘବଦ୍ଧ ହୋଇ ପହଞ୍ଚି ପାଟିତୁଣ୍ଡ କରିଥିଲେ। ଏମାନେ ପ୍ରତିପକ୍ଷର ଏକ ଅଟୋ ଭଙ୍ଗାରୁଜା କରିବା ସହ ସତ୍ୟାନନ୍ଦ ମଳିକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଗୁରୁତର ଶଶଧର ଏବଂ ସତ୍ୟାନନ୍ଦ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷରୁ ଦୁଇଟି ଏତଲା ଗ୍ରହଣ କରି ଦୁଇଟି ପୃଥକ୍ ମାମଲା ୧୯୮/୨୦୨୬ ଓ ୧୯୯/୨୦୨୬ ରୁଜୁ କରି ତଦନ୍ତ ଚଳାଇଛନ୍ତି।

## ମନ୍ଦିର ପୂଜକଙ୍କ ପରଲୋକ



**ବାରିକପୁର, ୨୬।୪(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମାଳଦା ଗ୍ରାମର ବରିଷ୍ଠ ପୂଜକ ମାଗୁଣି ଦାଶଙ୍କ ପରଲୋକ ହୋଇଯାଇଛି। ସେ ବୟସାଧିକ କାରଣରୁ ଦୀର୍ଘଦିନ ଧରି ଶଯ୍ୟାଶାୟୀ ଥିବାବେଳେ ଗତ ଶନିବାର ରାତିରେ ପରଲୋକ ଗମନ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ-ବୋହୂ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ମଶାଣିରେ ପାର୍ଥିବ ଶରୀର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ ପୁଅ ମହେନ୍ଦ୍ର ମୁଖାଗ୍ନି ଦେଇଛନ୍ତି। ସ୍ୱର୍ଗତ ଦାସ ମାଗୁଣିଆ ନନା ଭାବେ ବେଶ୍ ପରିଚିତ ଥିଲେ। ନିକଟସ୍ଥ ରାଢୋ ଗାଁର ଗ୍ରାମଦେବତୀ ଓ ବାବା ବିଶ୍ୱେଶ୍ୱରଙ୍କ ପୂଜକ ଭାବେ ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ସେ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମରେ ହରିବଂଶଠାରୁ ପଞ୍ଚାନନ ମେଳା ଯାଏଁ ସବୁଠି ସମସ୍ତଙ୍କ ଆଗ ଡାକ ଥିଲେ ମାଗୁଣିଆ ନନା। ତାଙ୍କ ବିୟୋଗରେ ମାଳଦା ସମେତ ରାଢୋ ଅଞ୍ଚଳରେ ମଧ୍ୟ ଶୋକର ଛାୟା ଖେଳିଯାଇଛି।

## ନଦୀବନ୍ଧ ସୁରକ୍ଷା ପାଚେରି ନିର୍ମାଣ ନିମ୍ନମାନର ଅଭିଯୋଗ

# ବିଭାଗୀୟ ଅଧିକାରୀ ଅନୁପସ୍ଥିତ; ବୈଷୟିକ ମାନଦଣ୍ଡକୁ ଜଳାଞ୍ଜଳି

ଦୋବଲ, ୨୬।୪(ସମିସ)




ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତ ମଲ୍ଲିମାହାରା ଏସ୍କେପର ପଶ୍ଚିମ ପାର୍ଶ୍ୱ ନଦୀବନ୍ଧର ବାମ ପଟେ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ସୁରକ୍ଷା ପାଚେରି ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ୨୦ ମିଟର ଲମ୍ବର ପ୍ଲେନ୍ କଂକ୍ରିଟ ଗ୍ରାଭିଟି ରିଟେନିଂ ୱାଲ୍‌ରେ ବୈଷୟିକ ଜ୍ଞାନକୌଶଳକୁ ଅଣଦେଖା କରି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ମଲ୍ଲିମାହାରା ଏସ୍କେପ୍ ଦେଇ ବର୍ଷା ଦିନେ ହଜାର ହଜାର ଘନଫୁଟ୍ ବନ୍ୟା ଜଳ ପ୍ରବାହିତ ହୋଇଥାଏ। ଅତୀତରେ ଜଳର ପ୍ରଖର ସ୍ରୋତ ଯୋଗୁଁ ଏସ୍କେପ୍‌ର ଆବଟମେଣ୍ଟ ୱାଲ୍ ବାରମ୍ବାର ଭୁଶୁଡ଼ିଛି। ନିକଟରେ ଏଠାରେ ଏକ କଂକ୍ରିଟ ପୋଲ ନିର୍ମାଣ ହୋଇଥିଲେ ସୁଦ୍ଧା ଜଳର ପ୍ରବାହ ଓ ବିପଦ ସମାନ ରହିଛି। ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ନଦୀବନ୍ଧ ସୁରକ୍ଷା ପାଇଁ ନିର୍ମାଣ ହେଉଥିବା ପାଚେରି ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ଏହି ସ୍ଥାନରେ ଜଳର ସ୍ରୋତ ଓ ଚାପକୁ ସହିବା ପାଇଁ ଅତିକମରେ ଏମ୍-୨୫ ଗ୍ରେଡ୍ କଂକ୍ରିଟ୍ ମିଶ୍ରଣ ବ୍ୟବହାର ହେବା କଥା। ମାତ୍ର କ୍ଷେତ୍ରସ୍ଥଳରେ ଠିକାଦାର ମନମୁଖୀ ଭାବେ ୧:୪:୬ (ସିମେଣ୍ଟ, ବାଲି ଓ ଚିପ୍ସ) ଅନୁପାତରେ କାମ କରୁଛନ୍ତି, ଯାହା ଗ୍ରାଭିଟି ୱାଲ୍‌ର ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି। ରବିବାର ସରକାରୀ ଛୁଟି ଦିନରେ କାମ ଚାଲିଥିବାବେଳେ ସେଠାରେ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ ଉପସ୍ଥିତ ନ ଥିବା ଜଣାପଡ଼ିଛି। ଏପରିକି ନିର୍ମାଣସ୍ଥଳରେ କୌଣସି ସୂଚନାଫଳକ ମଧ୍ୟ ଲଗାଯାଇ ନାହିଁ। ବୈଷୟିକ ମାନଦଣ୍ଡ ଅନୁଯାୟୀ ଏଭଳି ଜଳ ପ୍ରବାହିତ ଅଞ୍ଚଳରେ ଏମ୍-୨୫ ଗ୍ରେଡ୍ (୧:୧:୨) କିମ୍ବା ଅତିକମ୍‌ରେ ଏମ୍-୨୦ ଗ୍ରେଡ୍ (୧:୧.୫:୩) ବ୍ୟବହାର ହେବା ଉଚିତ୍। ତେବେ ଏଠାରେ ହେଉଥିବା ନିର୍ମାଣ କାମରେ ୧:୪:୬ର ମିଶ୍ରଣ ଅତ୍ୟନ୍ତ ଦୁର୍ବଳ। ନଦୀବନ୍ଧ ନିର୍ମାଣ ପାଇଁ ଉଚ୍ଚମାନର ଓପିସି କିମ୍ବା ଅନୁମୋଦିତ ସିମେଣ୍ଟ ବ୍ୟବହାର ହେବା କଥା, ମାତ୍ର କମ୍ପୋଜିଟ୍ ସିମେଣ୍ଟର ବ୍ୟବହାର ନିର୍ମାଣର ଦୃଢ଼ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପ୍ଲେନ୍ କଂକ୍ରିଟ ଗ୍ରାଭିଟି ୱାଲ୍‌ର ବେସ୍ ମାଟିର ଚାପ ଓ ଜଳର ପାର୍ଶ୍ୱ ଚାପକୁ ସହିବା ପାଇଁ ଯଥେଷ୍ଟ ଓସାରିଆ ହେବା ଦରକାର। ନିର୍ମାଣର ସ୍ଥାୟିତ୍ୱ ପାଇଁ ଅତିକମ୍‌ରେ ୧୪ରୁ ୨୧ ଦିନ ପର୍ଯ୍ୟନ୍ତ କାନ୍ଥକୁ ପାଣି ଦେଇ ଭିଜାଇ ରଖିବା ନିତାନ୍ତ ଆବଶ୍ୟକ, ନଚେତ୍ କଂକ୍ରିଟ୍‌ରେ ଫାଟ ସୃଷ୍ଟି ହେବ। ପାଚେରି ପଛପଟେ ଉତ୍ତମମାନର ଗୋଡ଼ି ଓ ବାଲି ଦ୍ୱାରା ପ୍ୟାକିଂ କରାଯିବା ଉଚିତ୍, ଯାହାଦ୍ୱାରା ଜଳ ନିଷ୍କାସନ ସହଜ ହେବ। ସେହିପରି କାନ୍ଥ ମଧ୍ୟରେ ପାଣି ଜମି ରହିବାକୁ ରୋକିବା ପାଇଁ ନିର୍ଦ୍ଧାରିତ ବ୍ୟବଧାନରେ ଛିଦ୍ର ରଖିବା ଜରୁରୀ। ସ୍ଥାନୀୟ ଲୋକଙ୍କ କହିବା କଥା, ଯଦି ସରକାରୀ ଟଙ୍କାରେ ଏଭଳି ନିମ୍ନମାନର କାମ ଜାରି ରହେ, ତେବେ ଆଗାମୀ ବନ୍ୟାରେ ଏହି ପାଚେରି ଧୋଇଯିବାର ସମ୍ଭାବନା ଅଧିକ। ଏଥିପ୍ରତି ଜଳ ସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ସେପଟେ ନିରୀକ୍ଷଣ ଦାୟିତ୍ୱରେ ଥିବା ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ କହିଛନ୍ତି ଯେ, ରବିବାର କାମ କରିବାକୁ ମନା ହୋଇଥିଲା। ତେବେ କାମର ମାନ ଯାଞ୍ଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, ୨୬।୪(ସମିସ): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ମାନସିକ ଅକ୍ଷମ ଓ ବୌଦ୍ଧିକ ଅକ୍ଷମ ନାଲ୍‌ସା ଯୋଜନା-୨୦୨୪ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଭଦ୍ରକ ବ୍ଲକ ଲାଙ୍ଗୁଡ଼ିସ୍ଥିତ ବୀଣାପାଣି ହେଲେନ୍ କେଲର ଅନ୍ଧ, ମୂକ, ବଧୀର ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲ୍‌ଡିଏସ୍ ସହାୟକ ଡ. ତାପସ କୁମାର ମହାନ୍ତି, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତିଳୋତ୍ତମା ମାଝୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଘୋଷଣାରେ ରହିଗଲା ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ

# ଶିଳାନ୍ୟାସରେ ଅଟକିଛି, ଜାମଦାରେ ଦ୍ୱିତୀୟ କ୍ୟାମ୍ପସ ଶିଳାନ୍ୟାସ

ବାରିପଦା,୨୬।୪(ସମିସ): ମୟୂରଭଞ୍ଜରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାକୁ ବିଜେଡି ସରକାର ଘୋଷଣା କରିଥିବାବେଳେ ଏଥିପାଇଁ ଅର୍ଥ ମଞ୍ଜୁର କରିଥିଲେ। ତେବେ ୨୦୨୪ ନିର୍ବାଚନରେ ସରକାର ପରିବର୍ତ୍ତନ ପରେ ପୂର୍ବ ମୟୂରଭଞ୍ଜରେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ସ୍ୱପ୍ନ ଘୋଷଣାରେ ରହିଗଲା। ନୂଆ ସରକାରକୁ ଦୁଇବର୍ଷ ବିତିଥିଲେ ହେଁ ଏବେ ଯାଏ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ନ ଥିବାବେଳେ ଗତ ଫେବୃଆରୀ ୪ ତାରିଖରେ ବାମନଘାଟୀ ଉପଖଣ୍ଡର ଜାମଦାଠାରେ ଓୟୁଏଟିର ଦ୍ୱିତୀୟ କ୍ୟାମ୍ପସ ପାଇଁ ରାଷ୍ଟ୍ରପତି ଶିଳାନ୍ୟାସ କରିଛନ୍ତି। ତେବେ କେବଳ ଜମି ହସ୍ତାନ୍ତର ବ୍ୟତୀତ ଆଉ ଆଗକୁ ବଢ଼ିନାହିଁ। ତାହାକୁ ନେଇ ନାନା କଳ୍ପନାଜଳ୍ପନା ଲାଗି ରହିଛି। ପ୍ରଶାସନିକ ଉଦାସୀନତା ଯୋଗୁଁ ଏହି କୃଷି ବିଶ୍ୱବିଦ୍ୟାଳୟ ଅନ୍ୟ ଜିଲ୍ଲାକୁ ଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ବିଶ୍ୱର ପ୍ରମୁଖ ଜୈବମଣ୍ଡଳ ଭାବେ ଶିମିଳିପାଳ ରହିଥିବାବେଳେ ମୟୂରଭଞ୍ଜ ଜିଲ୍ଲାକୁ ବହୁ ଚାଷୀର ଏନ୍ଡୁଡିଶାଳ ବୋଲି କୁହାଯାଏ। କେବଳ ଧାନ ତାହା ନୁହେଁ; ଉନ୍ନତ ମାନର ମକା, ଆଳୁ, ବାଦାମ, ପିଆଜ ସହ ଭଳିକି ଭଳି ପନିପରିବା ବର୍ଷକ ଯାକ ଉତ୍ପାଦନ କରାଯାଉଛି। ଜିଲ୍ଲାର ଜଳବାୟୁ ସବୁ ପନିପରିବା, ଧାନ, ମକା, ଆଖୁ, ବାଦାମ ଓ ଆଳୁ ପାଇଁ ମଧ୍ୟ ଉପଯୋଗୀ। ତେଣୁ ଏଠାରେ ଓଡ଼ିଶାର ଦ୍ୱିତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବାର ଉପାଦାନ ରହିଛି। ୧୯୬୨ରେ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିଲା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)। ଦେଶରେ ଥିବା ୪ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ କୃଷି ପାଠ୍ୟକ୍ରମରେ ଶିକ୍ଷାଦାନ ଚାଲିଥିବାବେଳେ ମହାରାଷ୍ଟ୍ର ଓ ରାଜସ୍ଥାନରେ ୬ଟି ଲେଖାଏଁ, ଗୁଜରାଟ ଓ କର୍ଣ୍ଣାଟକରେ ୫ଟି ଲେଖାଏଁ ଓ ଆନ୍ଧ୍ର ପ୍ରଦେଶ, ହରିଆଣା, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ ପରି ରାଜ୍ୟରେ ୩ଟି ଲେଖାଏଁ କୃଷି ବିଶ୍ୱବିଦ୍ୟାଳୟ ରହିଛି। ଏପରିକି ଛତିଶଗଡ, ଉତ୍ତରାଖଣ୍ଡ, ଜାମ୍ମୁକାଶ୍ମୀର, ହିମାଞ୍ଚଳ ପ୍ରଦେଶ, ବିହାର, ତେଲେଙ୍ଗାନା ଭଳି ରାଜ୍ୟରେ ମଧ୍ୟ ୨ଟି ଲେଖାଏଁ କୃଷି ବିଶ୍ୱବିଦ୍ୟାଳୟ ରହିଛି। ହେଲେ ଏବେ ଯାଏଁ ଓଡ଼ିଶାର ମୟୂରଭଞ୍ଜରେ କେବେ ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ଖୋଲିବ ତାହାକୁ ନେଇ ନାନା ପ୍ରଶ୍ନ ଉଠିଛି। ଓଏୟୁଏଟିର ୧୦ଟି କଲେଜରେ ୫୩ଟି ପାଠ୍ୟକ୍ରମରେ ପ୍ରତିବର୍ଷ ପ୍ରାୟ ୧୯୦୦ ଛାତ୍ରଛାତ୍ରୀ ନାମ ଲେଖାଇଥା'ନ୍ତି। ତେବେ ଓଡ଼ିଶାର ୭୦ ପ୍ରତିଶତ ଓ କେବିକେ ଅଞ୍ଚଳର ୭୫ ପ୍ରତିଶତ ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ଥିବାବେଳେ କେବେ ଏହା ପ୍ରତିଷ୍ଠା ହେବ ତାହାକୁ ନେଇ ସଂଶୟ ଦେଖାଦେଇଛି।

ମୟୂରଭଞ୍ଜ ଜିଲ୍ଲାରେ ମୋଟ ୮ ଲକ୍ଷ ୮୧ ହଜାର ହେକ୍ଟର ମଧ୍ୟରୁ ୩ ଲକ୍ଷ ୧ ହଜାର ୫୦୦ ହେକ୍ଟର ଜମି ଚାଷ ଉପଯୋଗୀ। ସେଥିମଧ୍ୟରୁ ୨ ଲକ୍ଷ ୯୫ ହଜର ୭୦୦ ହେକ୍ଟର ଜମିରେ ଚାଷ କରାଯାଏ। ଏଥିମଧ୍ୟରୁ ୯୯ ହଜାର ହେକ୍ଟରରେ ଧାନ ଚାଷ ହେଉଥିବାବେଳେ ୧ ଲକ୍ଷ ୮ ହଜାର୨୮୦ ହେକ୍ଟର ଜମିରେ ଅଣଧାନ ଚାଷ କରାଯାଏ। ଜିଲ୍ଲାରେ ମୋଟ ଜମିରୁ ୧ ଲକ୍ଷ ୨ ହଜାର ୬୮୫ ହେକ୍ଟର ଜମି ଖରିଫ ଋତୁରେ ଓ ରବି ଋତୁରେ ୮୭ ହଜାର ୨୮୦ ହେକ୍ଟର ଜମିରେ ବିଭିନ୍ନ ଜଳଉତ୍ସ ମାଧ୍ୟମରେ ଜଳସେଚନ ହେଉଛି। ସେହିପରି ଜିଲ୍ଲାରେ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧୦ ହଜାର ୪୨୧.୪୪ ହେକ୍ଟର ଜମିରେ ମାଣ୍ଡିଆ ଓ ଅନ୍ୟ କ୍ଷୁଦ୍ର ଶସ୍ୟ ହୋଇଛି। ୨୦୨୩-୨୪ରେ ଜିଲ୍ଲାରେ ୧୦ ହଜାରରୁ ଅଧିକ ଚାଷୀଙ୍କଠାରୁ ମୋଟ ୯୭ ହଜାର ୧୧୬.୩୨ କ୍ୱିଣ୍ଟାଲ ମାଣ୍ଡିଆ ଟିଡିସିସିଙ୍କ ମାଧ୍ୟମରେ କ୍ରୟ ହେଉଛି। ଜିଲ୍ଲାରେ ୧୮୦ ହେକ୍ଟରରେ ଝୋଟ ଚାଷ, ୧୦୦ ହେକ୍ଟରରେ କପା ଚାଷ, ୧୦ ହେକ୍ଟରରେ କଦଳୀ ଚାଷ, ୧୫୦ ହେକ୍ଟରରେ ଆମ୍ବ ଚାଷ, ୧୦ ହେକ୍ଟରରେ ଔଷଧୀୟ ହଳଦୀ ଚାଷ, ୨୦ ହେକ୍ଟରେ ବିଭିନ୍ନ ପ୍ରକାର ଫୁଲ ଚାଷ, ୧୨୦ ହେକ୍ଟର ମସଲାଯୁକ୍ତ ଗୁମ ଚାଷ, ୫୭୦ ହେକ୍ଟରରେ ଆଳୁ ଚାଷ, ୫୦ ହେକ୍ଟରରେ ରସୁଣ ଚାଷ, ୧୬୯ ହେକ୍ଟରରେ ଅଦା ଚାଷ ହୋଇଥାଏ। ଏ ନେଇ ବୁଦ୍ଧିଜୀବୀ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ମୟୂରଭଞ୍ଜ ଭଳି କୃଷିପ୍ରଧାନ ଜିଲ୍ଲାରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଉଚିତ। ଖାଲି ଯେ କୃଷି ଓ କୃଷକଙ୍କ ଉନ୍ନତି ଆସିବ ତାହା ନୁହେଁ, ଦେଶରେ ଜିଲ୍ଲା ଧାନ ଓ ଅନ୍ୟ କୃଷିଜାତ ଉତ୍ପାଦନ କ୍ଷେତ୍ରରେ ଗବେଷଣା ହୋଇପାରିବ। ଏହାକୁ ପ୍ରତିଷ୍ଠା ପାଇଁ କେଉଁ କେଉଁ ସବୁ ସମସ୍ୟା ରହିଛି, ତାହାର ଅନୁଧ୍ୟାନ କରିବାକୁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା ହେବା ଉଚିତ। ଏ ନେଇ ନଗରଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଆମ ସରକାର ସବୁ ଦାବିକୁ ନଜରରେ ରଖିଛି। ଲୋକଙ୍କ ଦାବିକୁ ଗୁରୁତ୍ୱ ଦିଆଯାଇ ସରକାର ଏ ନେଇ ବିଚାର କରିବେ ବୋଲି ସେ କହିଛନ୍ତି।

■ ପରିବାର ଉପରେ ଦୁଃଖର ପାହାଡ଼

## ଟ୍ରକ୍ ଧକ୍କାରେ ପ୍ରଭାସ ଅକର୍ମଣ୍ୟ, ପୁତ୍ରବଧୂ କର୍କଟ ରୋଗରେ ଆକ୍ରାନ୍ତ



ବେତନଟୀ, ୨୬।୪(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ କଳମା ପଞ୍ଚାୟତର କଳମା ଗ୍ରାମରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଘରର ମୁଖ୍ୟ ପ୍ରଭାସ ଜେନା (୮୫) ଟ୍ରକ୍ ଧକ୍କାରେ ଗୋଡ଼ ଓ ହାତ ହରାଇ ପଙ୍ଗୁ ହୋଇ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି। ତାଙ୍କ ପୁତ୍ରବଧୂ ଆରତୀ କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଆରତୀଙ୍କ ଚିକିତ୍ସାରେ ଅର୍ଥ ବାଧକ ହୋଇଛି। ଏହି ପରିବାରକୁ ସହାୟତା କରିବାକୁ ଦାବି ହେଉଛି। ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ରାସ୍ତା ପାର ହେବା ସମୟରେ ପ୍ରଭାସ ଜେନାଙ୍କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଏହାପରେ ସେ ସମ୍ପୂର୍ଣ୍ଣ ଅକର୍ମଣ୍ୟ ହୋଇଯାଇଛନ୍ତି। ଘରର ବୋଝ ଉଠାଇବାକୁ ପୁଅ ରବୀନ୍ଦ୍ର ଓ ତାଙ୍କ ପତ୍ନୀ ଆରତୀ ବେଙ୍ଗାଲୁରୁକୁ ଯାଇ କାମ କରୁଥିଲେ। ସେଠାରେ ଆରତୀଙ୍କ ପେଟ ଯନ୍ତ୍ରଣା ବଢ଼ିବାରୁ ଘରକୁ ଫେରି ପରୀକ୍ଷା କରାଯାଇଥିଲା। ଯେଉଁଥିରେ କର୍କଟ ରୋଗ ଧରାପଡ଼ିଥିଲା। ରାସନ କାର୍ଡ ଓ ଆୟୁଷ୍ମାନ୍ ଭାରତ କାର୍ଡ ନ ଥିବାରୁ ଚିକିତ୍ସା ଖର୍ଚ୍ଚ ବହନ କରିବା ଅସମ୍ଭବ ହୋଇପଡ଼ିଛି। ପଲିଥିନ୍ ଘେରା ଘରେ ବୃଦ୍ଧ ପ୍ରଭାସ, ରୋଗାକ୍ରାନ୍ତ ପୁତ୍ରବଧୂ, ପୁଅ ଓ ସ୍ତ୍ରୀ ଭାରତୀଙ୍କ ସହ ଚାରି ପ୍ରାଣୀ କେବଳ କାନ୍ଦିବା ସାର ହୋଇଛି। ଚାରି ଝିଅଙ୍କ ବିବାହ ହୋଇସାରିଥିବାରୁ ସେମାନଙ୍କୁ ସାହାଯ୍ୟ ମିଳୁନାହିଁ। ପଡ଼ୋଶୀ ଓ ସାମାଜିକ କର୍ମୀ କୁମୁଦିନୀ ଦାସ, ସୁଶାନ୍ତ ସାହୁ, ରଞ୍ଜିତ ସିଂ ଓ ପର୍ଶୁରାମ ଜେନା ପରିବାରର ଦୁଃଖ ଦେଖି ସହୃଦୟ ବ୍ୟକ୍ତିଙ୍କୁ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି। ପ୍ରଶାସନିକ ସହାୟତା ଓ ସାମାଜିକ ସହାନୁଭୂତି ଏହି ପରିବାରକୁ ଆଶାର ଆଲୋକ ଦେବ କି ନାହିଁ, ତାହା ଏବେ ଦେଖିବାକୁ ବାକି ରହିଛି।

## ହାତୀ ଆକ୍ରମଣରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

କରଞ୍ଜିଆ,୨୬।୪(ସମିସ): କରଞ୍ଜିଆ ବନଖଣ୍ଡର ଦୁଧିଆଣି ବନାଞ୍ଚଳ ଅନ୍ତର୍ଗତ ଚାକିଡି ପଞ୍ଚାୟତର ବଡ଼ମରଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲ ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଗୁରୁତର ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମରଣ୍ଡା ଗ୍ରାମର ୪୦ ବର୍ଷୀୟ ଶ୍ରୀରାମ କୁଣ୍ଡୁଆ। ଶ୍ରୀରାମ ଶୁକ୍ରବାର ସନ୍ଧ୍ୟାରେ ନିକଟସ୍ଥ ବାରୁ ସାହିକୁ ବାହାଘର ଭୋଜିରେ ଯୋଗଦେଇ ଫେରୁଥିବାବେଳେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଗ୍ରାମ ନିକଟସ୍ଥ ଜଙ୍ଗଲ ରାସ୍ତାରେ ଏକ ହାତୀର ସମ୍ମୁଖୀନ ହୋଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଉଠାଇ ଫିଙ୍ଗିଦେଇ ପରେ ଗୋଡ଼ରେ ଦଳିଦେଇଥିବାରୁ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଆହତ ଶ୍ରୀରାମଙ୍କୁ ପ୍ରଥମେ ଯଶିପୁର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝରର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିବାବେଳେ ରାସ୍ତା ମଝିରେ ଅବସ୍ଥା ଅଧିକ ଖରାପ ହେବାରୁ କରଞ୍ଜିଆ ଚିକିତ୍ସାଳୟରେ ପୁନଃ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବନ ବିଭାଗ ପକ୍ଷରୁ ଶ୍ରୀରାମଙ୍କ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ୧ ଲକ୍ଷ ଟଙ୍କା ତତ୍କାଳ ସହାୟତା ଦିଆଯାଇଥିବାବେଳେ ୯ ଲକ୍ଷ ଟଙ୍କା ପରେ ପ୍ରଦାନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ମୁର୍ମୁ ସୂଚନା ଦେଇଛନ୍ତି।

## ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନରେ ୪ଟି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଖୋଲିବାକୁ ଦାବି

ବାରିପଦା,୨୬।୪(ସମିସ): ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାବାସୀଙ୍କୁ ସେବା ଯୋଗାଇ ଦେବା ନିମନ୍ତେ ୪ଟି ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଖୋଲାଯାଇଛି। ଉତ୍ତର ଓଡ଼ିଶା ଶାଖା ବାଲେଶ୍ୱରରେ କାର୍ଯ୍ୟ କରୁଛି। ସେହିପରି ଉଚ୍ଚମାଧ୍ୟମିକ ଶିକ୍ଷାପରିଷଦ ଅଧୀନରେ ମଧ୍ୟ ୪ଟି ଶାଖା କାର୍ଯ୍ୟ କରୁଛି। ଉତ୍ତର ଓଡ଼ିଶା ଶାଖା ବାରିପଦାରେ କାର୍ଯ୍ୟ କରିଆସୁଛି। କିନ୍ତୁ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କୌଣସି ଶାଖା ବା ଆଞ୍ଚଳିକ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କାର୍ଯ୍ୟ କରୁନାହିଁ। ସମସ୍ତ କାର୍ଯ୍ୟ ଭୁବନେଶ୍ୱରସ୍ଥ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ହେଉଛି। ସେଠାରେ ସମସ୍ତ ପ୍ରକାର ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯେଉଁସବୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂତନ ବିଷୟ ଖୋଲିବାକୁ ଅନୁମତି ଦେଉଛନ୍ତି, ତାହା ସାମ୍ସରେ ସ୍ଥାନ ପାଉନାହିଁ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଯେଉଁ ବିଷୟ ଖୋଲିବାକୁ ଅନୁମତି ଦେଇଛନ୍ତି, ତାହା ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ମନ୍ତ୍ରୀ ନୂତନ ବିଷୟ ଖୋଲିବାକୁ ବହୁ ଦିନରୁ ଅନୁମତି ଦେଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଓଡ଼ିଶାର ଦୂରଦୁରାନ୍ତରୁ ଭୁବନେଶ୍ୱର ଦୈନନ୍ଦିନ ଯାଇ କାର୍ଯ୍ୟ କରିବା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ସମ୍ଭବ ନୁହେଁ। ଯେଉଁ କର୍ମଚାରୀ ଓ ଅଧିକାରୀ ଭୁବନେଶ୍ୱରସ୍ଥ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ସେମାନେ ଠିକ୍ ସମୟରେ ବିଦ୍ୟାଳୟମାନଙ୍କୁ ସେବା ଯୋଗାଇ ପାରୁନାହାନ୍ତି। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସଚେତନ ନାଗରିକ ମଞ୍ଚ ସଭାପତି ତଥା ପୂର୍ବତନ ବିଧାୟକ କିଶୋର ଦାଶ ଦାବି କରିଛନ୍ତି।

## ଆଶଙ୍କା ମଧ୍ୟରେ ଗୋରୁମହିଷାଣୀ ବଜାର ବ୍ୟବସାୟ

ଗୋରୁମହିଷାଣୀ, ୨୬।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ଗୋରୁମହିଷାଣୀ ବଜାର ଛୋଟ ହେଲେ ବି ଏହା ୧୦୦ ବର୍ଷର ପୁରୁଣା ବଜାର ଅଟେ। ଗୋରୁମହିଷାଣୀ ଏକ ଆଦିବାସୀ ତଥା ପଛୁଆ ବର୍ଗ ସହିତ ଶିକ୍ଷା ଓ ଅର୍ଥନୀତିରେ ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ। ରୋଜଗାର କହିଲେ ମୁଖ୍ୟତଃ ବର୍ଷକୁ ଥରେ ଧାନ ଚାଷ। ପୂର୍ବରୁ ଶହ ଶହ ଲୋକ ଏଠାରେ ଅବସ୍ଥିତ ଲୌହ ଖଣିରେ ଶ୍ରମିକ ଭାବେ କାର୍ଯ୍ୟ କରି ଜୀବିକା ନିର୍ବାହ କରୁଥିଲେ। ବର୍ତ୍ତମାନ କମ୍ପାନୀ ପୂର୍ବ ଲେବର ମାଇନ୍ସକୁ ମେସିନ୍ ମାଇନ୍ସ କରିଦେଇଛନ୍ତି। ଫଳରେ ଅନେକ ଲୋକ ବେରୋଜଗାର ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ରୋଜଗାର ନ ଥିବା ହେତୁ ଲୋକଙ୍କ କ୍ରୟ ଶକ୍ତି କମିଯାଇଛି। ଯାହାର ପ୍ରଭାବ ସିଧାସଳଖ ଏଠାକାର ଦୋକାନ ଉପରେ ପଡିଛି। ପରିବାର ବହୁତ କଷ୍ଟରେ ପ୍ରତିପୋଷଣ କରିବାକୁ ପଡିଛୁ।



ବର୍ତ୍ତମାନ ଦୋକାନୀଙ୍କ ସବୁଠାରୁ ଚିନ୍ତାର ବିଷୟ ଦୋକାନ ଉଚ୍ଛେଦ ସମସ୍ୟା। କେତେବେଳେ ପିଡବ୍ଲୁଡି ନୋଟିସ୍ ତ କେତେବେଳେ ରେଳ ବିଭାଗର ନୋଟିସ୍। ଅଧିକାଂଶ ଦୋକାନ ରେଲୱେ ଜାଗାରେ ଅବସ୍ଥିତ। ଆଉ କିଛି ଦୋକାନ ପିଡବ୍ଲୁଡି ରାସ୍ତା ପାର୍ଶ୍ୱରେ ରହିଛି। ନିକଟରେ ରେଳ ବିଭାଗ ରେଲୱେ ଜାଗାରେ ଅବସ୍ଥିତ ସମସ୍ତ ଦୋକାନୀଙ୍କୁ ଲିଖିତ ନୋଟିସ୍ ଜାରି କରିଥିଲା। ତତ୍କାଳୀନ ସାଂସଦ ତଥା ମନ୍ତ୍ରୀଙ୍କୁ ନିବେଦନ କରି ଉଚ୍ଛେଦ ପ୍ରକ୍ରିୟାକୁ କିଛି ଦିନ ସ୍ଥଗିତ କରାଯାଇଥିଲା। ଫଳରେ ଦୋକାନୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ରେଳ ବିଭାଗର ଗୋରୁମହିଷାଣୀଠାରୁ ବାଙ୍ଗିରିପୋଷି ରେଳ ସଂଯୋଗର ଜମି ଅଧିଗ୍ରହଣ କାର୍ଯ୍ୟ ଚାଲୁଛି। ତେଣୁ ଦୋକାନ ଉଚ୍ଛେଦ ନିହାତି ହେବ ବୋଲି ବଣିକ ସଂଘ ସଭାପତି ରମେଶ କୁମାର ସାହୁ କହିଛନ୍ତି। ଆମେ ମଧ୍ୟ ଅଞ୍ଚଳର ବିକାଶ ପାଇଁ ସବୁ ପ୍ରକାର ସହଯୋଗ କରିବୁ। କିନ୍ତୁ ରାଜ୍ୟ ସରକାର ଆମର ଥଇଥାନ ପାଇଁ ଯଦି ମାର୍କେଟ କମ୍ପ୍ଲେକ୍ସ ବ୍ୟବସ୍ଥା କରନ୍ତି, ତେବେ ଆମେ ଦୋକାନୀ କୌଣସି ପ୍ରକାର ଆମର ପରିବାର ଭରଣପୋଷଣ କରିପାରିବୁ ବୋଲି ଶ୍ରୀ ସାହୁ କହିଛନ୍ତି।

ଯଶିପୁରରେ କଳା ପଲସର ଆତଙ୍କ

## ଜାତୀୟ ରାଜପଥରେ ଝାମ୍ପିନେଲେ ସୁନା ହାର

ରାଇରଙ୍ଗପୁର/କରଞ୍ଜିଆ,୨୬।୪(ସମିସ): ଯଶିପୁର ଥାନା ଅଞ୍ଚଳରେ କଳା ପଲସର ଆତଙ୍କ ଦେଖିବାକୁ ମିଳିଛି। ୪୯ ନଂ ଜାତୀୟ ରାଜପଥର ଯଶିପୁରଠାରେ ମହିଳାଙ୍କ ନିକଟରୁ ସୁନା ହାର ଛିନତାଇ କରି ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ। ଏ ନେଇ କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳର ସନ୍ଧ୍ୟାରାଣୀ ନାଏକ ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ଏକ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ବାଇକ୍ ଯୋଗେ ଯଶିପୁର ଆସୁଥିଲେ। ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଜାତୀୟ ରାଜପଥ କଡ଼କୁ ତେନ୍ତୁଳିତଳିଆ ଗ୍ରାମ ନିକଟ ହାଟ ପଡ଼ିଆରେ ହଠାତ ଦୁଇଜଣ ଦୁର୍ବୃତ୍ତ କଳା ପଲସର ବାଇକରେ ଆସି ତାଙ୍କ ବେକରୁ ସୁନା ହାର ଛିନତାଇ କରି କରଞ୍ଜିଆ ପଟକୁ ଚମ୍ପଟ ମାରିଥିଲେ। ଲୁଟ ଅଳଙ୍କାରର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଲୁଟର ଶିକାର ହେବା ପରେ ଘଟଣା ସମ୍ପର୍କରେ ଥାନାକୁ ଜଣାଇଥିଲେ। ଅଭିଯୋଗକୁ ଆଧାର କରି ଯଶିପୁର ଥାନାରେ ଏକ ମାମଲା ରୁଜୁ କରାଯିବା ସହ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସ୍ଥାନୀୟ ସିସି ଟିଭି ଜରିଆରେ ତାଙ୍କ ଗତିବିଧି ଅନୁଧ୍ୟାନ କରାଯାଉଛି। ତଦନ୍ତ ଜାରି ଥିବାବେଳେ ଖୁବଶୀଘ୍ର ଦୁର୍ବୃତ୍ତ ଧରାପଡିବେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

● ମର୍ମନ୍ତୁଦ ଦୁର୍ଘଟଣା

## ଜଳିଗଲା ଟ୍ରକ୍ ଓ ଟ୍ରେଲର, ଦୁଇ ଚାଳକ ଗୁରୁତର



ବାରିପଦା/କୁଳିଅଣା, ୨୬।୪(ସମିସ): କୁଳିଅଣା ଥାନା ଅନ୍ତର୍ଗତ ୧୮ ନଂ ଜାତୀୟ ରାଜପଥର କାଠଶିରିଷି ଛକ ନିକଟରେ ଗତକାଲି ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁର୍ଘଟଣାରେ ଟ୍ରକ୍ ଓ ଟ୍ରେଲର ଜଳିଯାଇଥିବାବେଳେ ଦୁଇ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଏକ ଟ୍ରେଲର ଝାରପୋଖରୀଆ ଅଭିମୁଖେ ଲୁହା ପ୍ଲେଟ ନେଇ ଯାଉଥିବାବେଳେ ଭୁଲବଶତଃ ସେହି ରାସ୍ତାରେ ଟାଟାରୁ ଯାଜପୁର ଲୁହା ଏଙ୍ଗଲ ନେଇ ଯାଉଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଗାଡ଼ି ଦୁଇଟିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଥିବାବେଳେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଲୋକ ଝରକା କାଚ ଭାଙ୍ଗି ଦୁଇ ଚାଳକଙ୍କୁ ଉଦ୍ଧାର କରିଥିଲେ। ଖବର ପାଇ କୁଳିଅଣା ଥାନା ଅଧିକାରୀ ସୁଦିପ କୁମାର ମହାପାତ୍ର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହାୟତାରେ ଦୁଇ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ବାରିପଦା ପିଆରଏମ ମେଡିକାଲ ପଠାଇଥିଲେ। ସେଠାରେ ସେମାନେ ଚିକିତ୍ସାଧୀନ ଥିବା ଜଣାଯାଇଛି। ଗାଡ଼ି ଦୁଇଟି ସମ୍ପୂର୍ଣ୍ଣ ଜଳିଯାଇଛି। ଚାନ୍ଦୁଆ, ବାରିପଦା, ବାଙ୍ଗିରିପୋଷୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତିନି ଘଣ୍ଟା ପାଇଁ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। କୁଳିଅଣା ପୁଲିସ ଆଜି ଗାଡ଼ି ଦୁଇଟିକୁ ରାସ୍ତାରୁ ହଟାଇବା କାର୍ଯ୍ୟ ଚଳାଇଥିବା ଜଣାଯାଇଛି।

## କୁଡୁମି ଜାତିର ବିକାଶ ପାଇଁ ସଚେତନତା କାର୍ଯ୍ୟକ୍ରମ



ମହୁଲଡିହା,୨୬।୪(ସମିସ): ଠାକୁରମୁଣ୍ଡା ବ୍ଲକ୍ ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ନୂଆଗାଁରେ କୁଡୁମି ଜାତିର ବିକାଶ ପାଇଁ ବ୍ଲକ୍‌ସ୍ତରୀୟ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆଗାଁର କାର୍ତ୍ତିକେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଧାଶ୍ୟାମ ମହାନ୍ତ ଯୋଗ ଦେଇ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଜାତିର ଭାଷା, କଳା, ସଂସ୍କୃତି, ପରମ୍ପରା, ନେଗାଚାରି ଆଦି ଲୁପ୍ତ ହେବାକୁ ଯାଉଥିବାରୁ ତାହାକୁ ପୁନର୍ବାର ଜୀବିତ କରିବା ସହ କର୍ତ୍ତବ୍ୟ ଓ ଅଧିକାର ଉପରେ ନିରଞ୍ଜନ ମହାନ୍ତ, ଗଣେଶ୍ୱର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ନରହରି ମହାନ୍ତ, ନରସିଂହ ମହାନ୍ତ, ଭାଗୀରଥି ମହାନ୍ତ ପ୍ରମୁଖ ଆଲୋଚନା କରିଥିଲେ। ପୂର୍ବରୁ ଗ୍ରାମ୍ୟ ଦେହୁରୀ ତ୍ରିଲୋଚନ ମହାନ୍ତ, ନରେନ୍ଦ୍ର ମହାନ୍ତ, ରାମଚନ୍ଦ୍ର ମହାନ୍ତ ଥିବାବେଳେ ନୂତନ ଭାବେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଡାକୁଆ ଭାବେ ହୀରାଲାଲ ମହାନ୍ତ, ପ୍ରଧାନ ଭାବେ କାର୍ତ୍ତିକେଶ୍ୱର ମହାନ୍ତ, ସଭ୍ୟ ଜଗଦୀଶ ମହାନ୍ତ ଓ ରୈବୁ ମହାନ୍ତ, ସଭ୍ୟା ଭାବେ ଲବଙ୍ଗଲତା ମହାନ୍ତ ଓ ସଂଯୁକ୍ତା ମହାନ୍ତଙ୍କୁ ଚୟନ କରାଯାଇଥିଲା। ଏହାର ପରବର୍ତ୍ତୀ ବୈଠକ ଆସନ୍ତା ମେ ୧ ତାରିଖ ଶୁକ୍ରବାର ଦିନ ଜାମଖଞ୍ଜରୀ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ନିକଟରେ ହେବ ବୋଲି ସ୍ଥିର କରାଯାଇଛି। ଏହି ବୈଠକକୁ ସୁରେଶ ମହାନ୍ତ ପରିଚାଳନା କରିଥିଲେ।

## ସାଇବର ଥାନା ପ୍ରତିଷ୍ଠାକୁ ବିତିଲାଣି ୬ ବର୍ଷ

# ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କେବେ

ବାରିପଦା, ୨୬।୪(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଏକ ସାଇବର ଥାନା ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ୨୦୨୧ ଡିସେମ୍ବର ୧୪ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ୧୧ଟି ନୂତନ ସାଇବର ଥାନା ପ୍ରତିଷ୍ଠା କରିଥିଲେ। ଏଥିରେ ମୟୂରଭଞ୍ଜ ଜିଲ୍ଲା ସାମିଲ ହୋଇଥିଲା। ଯାହାକୁ ନେଇ ସେହିବର୍ଷ ଡିସେମ୍ବର ୨୯ ତାରିଖରେ ଜିଲ୍ଲାରେ ପ୍ରଥମ ସ୍ୱତନ୍ତ୍ର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ସେବେଠାରୁ ଏହି ଥାନା ବାରିପଦାସ୍ଥ ଜିଲ୍ଲା ପୁଲିସ ମୁଖ୍ୟାଳୟରେ କାର୍ଯ୍ୟ କରିଆସୁଛି। ସାଇବର ଥାନା ଯୋଗୁଁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାବାସୀ ବିଶେଷ ଉପକୃତ ହେଉଛନ୍ତି। ଅନଲାଇନ ଠକେଇ, ଇଣ୍ଟରନେଟ୍ ଜରିଆରେ ଠକାମୀ, ଅର୍ଥନୈତିକ ଅପରାଧ ଆଦିର ତଦନ୍ତକୁ ଗତିଶୀଳ କରାଯାଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରୁଛି। ଏଥିସହିତ ଅପରାଧୀଙ୍କୁ ମଧ୍ୟ ସହଜରେ ଠାବ କରାଯିବା ସମ୍ଭବ ହେଉଛି। ବିଗତ ବର୍ଷକୁ ବିଚାରକୁ ନେଲେ ଏହି ଥାନା ଦ୍ୱାରା ବହୁ ସଫଳତା ମିଳିଛି। ଭୁଲବଶତଃ




ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଚାଲି ଯାଇଥିବା ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅଭିଯୋଗକାରୀଙ୍କ ନିକଟକୁ ଫେରସ୍ତ ଆସିଲାଣି। ବ୍ୟାଙ୍କ ଆକାଉଣ୍ଟରୁ ଅନ୍ୟଏକ ବ୍ୟାଙ୍କ ଆକାଉଣ୍ଟକୁ ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇବା ବେଳେ ଭୁଲବଶତଃ ଅନ୍ୟ ଜଣକ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଚାଲିଯାଉଥିବାର ଅଭିଯୋଗ ହୋଇଥିଲା। ଏହାକୁ ନେଇ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ ମଧ୍ୟରୁ ବହୁ ମାମଲାର ସମାଧାନ କରାଯାଇ ଟଙ୍କା ଫେରସ୍ତ ହୋଇଛି।

ବର୍ତ୍ତମାନ ଜଣେ ଡିଏସପି ର୍‍ୟାଙ୍କର ଅଧିକାରୀ ଅଜୟ କୁମାର ଜେନା ଏହି ଥାନାର ଭାରପ୍ରାପ୍ତ ଅଧିକାରୀ। ତାଙ୍କ ଅଧୀନରେ ଇନ୍ସପେକ୍ଟର, ସବଇନ୍ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ସଭିଏଁ ଗୋଟିଏ ଛୋଟ କୋଠରୀରେ ବସି କାର୍ଯ୍ୟ କରିବା କଷ୍ଟକର ହେଉଛି। ଅଭିଯୋଗକାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ସେମାନଙ୍କ ପାଇଁ ବିଶ୍ରାମ କକ୍ଷ ନାହିଁ। ସାଇବର ଥାନା ଜରିଆରେ ଲୋକେ ଉପକୃତ ହେଉଥିବାବେଳେ ସଫଳତା ପୂର୍ବକ ଥାନାର କାର୍ଯ୍ୟକୁ ନେଇ ସମସ୍ତେ ଖୁବ ପ୍ରଶଂସା କରିଛନ୍ତି। ଅତୀତରେ ବିଭିନ୍ନ ସମୟରେ ଯାଞ୍ଚ କରି ଅନେକ ଚୋରି ଓ ଛିନତାଇ ମୋବାଇଲ ଧରିଛନ୍ତି। ଯାହାକି ମୋବାଇଲ ଫେରସ୍ତ ମେଳା ଜରିଆରେ ଅଭିଯୋଗକାରୀଙ୍କୁ ପ୍ରଦାନ କରାଯାଇଛି। ତେବେ ପ୍ରତିଷ୍ଠାକୁ ୬ ବର୍ଷ ବିତିଥଲେ ହେଁ ଥାନାର ନିଜସ୍ୱ ଗୃହ ନିର୍ମାଣ ଦୂରରେ ଥାଉ ସ୍ଥାନ ଚିହ୍ନଟ ହୋଇନାହିଁ। ତୁରନ୍ତ ନୂତନ ସ୍ଥାନ ଚିହ୍ନଟ ସାଙ୍ଗକୁ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ଜରୁରୀ ହୋଇପଡିଛି।

## ବାରିପଦା ଏକ୍ସପୋ-୨୦୨୬ ଉଦ୍‌ଘାଟିତ




ବାରିପଦା,୨୬।୪(ସମିସ): ସଂସ୍କୃତି, ବାଣିଜ୍ୟ ଓ ସମୁଦାୟକୁ ଏକତ୍ର କରିବା ଉଦ୍ଦେଶ୍ୟରେ ବାରିପଦା କଲେଜ ପଡିଆରେ ବାରିପଦା ଏକ୍ସପୋ-୨୦୨୬ ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ କବିବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ବାର୍ ଆସୋସିଏସନର ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ୧ ନମ୍ବର ୱାର୍ଡ କାଉନସିଲର ସୁକେଶିନୀ ସେଠୀ, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉଦଘାଟନ କରିଥିଲେ। ସମାଜସେବୀ ସୋମନାଥ ସିଂହ ଓ ଶିକ୍ଷକ ଗୌତମ ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ମେଗା ଏକ୍ସପୋ ମାଧ୍ୟମରେ ବାରିପଦା ସହିତ ଜିଲ୍ଲା ଓ ଜିଲ୍ଲା ବାହାରର କଳା, ସଂସ୍କୃତି, କ୍ଷୁଦ୍ର ଶିଳ୍ପ ଓ ବ୍ୟବସାୟକୁ ଏକ ନୂଆ ପରିଚୟ ପ୍ରଦାନ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜନ କମିଟି ମୁଖ୍ୟ ସଞ୍ଜୟ ସାହୁ ପ୍ରକାଶ କରିଛନ୍ତି। ଆଗାମୀ ମଇ ୫ ତାରିଖ ପର୍ଯ୍ୟନ୍ତ ମୋଟ ୧୦ ଦିନଧରି ଅନୁଷ୍ଠିତ ହେବାକୁ ଥିବା ଏହି ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ପ୍ରକାରର ପ୍ରାୟ ୬୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିବାବେଳେ ମୀନା ବଜାର ଓ କୁନିକୁନି ପିଲାଙ୍କ ପାଇଁ ଦୋଳିଝୁଲା ସହ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଅନ୍ୟତମ ଆୟୋଜକ ଗୌତମ ରାୟ ଜଣାଇଛନ୍ତି।

## ଅଭିଶପ୍ତ ଗାଁ ସୋନାକୋଚା

# ଗାଁକୁ ଯାଇନି ବିଜୁଳି, ନାହିଁ ଅଙ୍ଗନବାଡ଼ି କେନ୍ଦ୍ର

ଶରତ/ଆନନ୍ଦପୁର,୨୬।୪(ସମିସ):

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ମନୋହରପୁର ପଞ୍ଚାୟତର ପୋନାସିଝରଣ ରାଜସ୍ୱ ଗ୍ରାମ ଅନ୍ତର୍ଗତ ୯ ନମ୍ବର ୱାର୍ଡରେ ରହିଛି ପଡାଗାଁ ସୋନାକୋଚା ଗ୍ରାମ। ଏହି ଗ୍ରାମରେ ବସବାସ କରନ୍ତି ୨୫ରୁ ଊର୍ଦ୍ଧ୍ୱ ଜନଜାତି ପରିବାର। ଜୀବନ ଏଠି ଯନ୍ତ୍ରଣାଦାୟକ। କାରଣ ଏଠାରେ ରହିଛି ପାନୀୟଜଳର ଉତ୍କଟ ସମସ୍ୟା। ଦେଶ ସ୍ୱାଧୀନତାର ୭ ଦଶନ୍ଧି ଅତିକ୍ରମ କରିଥିଲେ ସୁଦ୍ଧା ଏହି ଗ୍ରାମର ଜନଜାତିଙ୍କ ନିମନ୍ତେ ଗୋଟିଏ ହେଲେ ମଧ୍ୟ ନଳକୂପ ଖନନ ହୋଇପାରିନାହିଁ। ଗ୍ରାମବାସୀ ତାଙ୍କ ଗ୍ରାମରେ ଆବାହମାନ କାଳରୁ ଏହି ଗ୍ରାମରେ ଥିବା ଏକ ଚୁଆରୁ ଅତ୍ୟନ୍ତ ଦୟନୀୟ ଭାବେ ପାଣି ସଂଗ୍ରହ କରୁଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଉକ୍ତ ଚୁଆରେ ତିନୋଟି ବଡ ବଡ ବେଙ୍ଗ ରହୁଥିବା ଦେଖା ଯାଉଛି। ଏମାନେ ଜଳ ନାମରେ ପିଉଛନ୍ତି ଜହର। ଅପରିଷ୍କାର ପାଣି ବ୍ୟବହାର କରୁଥିବା ଦ୍ୱାରା ଗ୍ରାମବାସୀ ଅନେକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ମଧ୍ୟ ନଜରକୁ ଆସିଛି। ସରକାର ପାଣି ପଞ୍ଚାୟତ ନାମରେ ହଜାର ହଜାର କୋଟି ଟଙ୍କା ବ୍ୟୟ





କରୁଥିବାବେଳେ ଗ୍ରାମାଞ୍ଚଳରେ ଏହା କିଭଳି କାର୍ଯ୍ୟକାରୀ ହେଉଛି ତାହା ସ୍ପଷ୍ଟ ଭାବେ ବାରି ହୋଇପଡୁଛି। ଏଥିସହ ଗ୍ରାମରେ ବିଜୁଳି ଆଲୁଅ ନାହିଁ। ଲୋକେ ଅନ୍ଧାରରେ ଜୀବନ ବିତାଉଥିବା ଅଭିଯୋଗ ହେଉଛି।

ଏଥିସହ ଗ୍ରାମରେ ନାହିଁ ଅଙ୍ଗନୱାଡ଼ି କେନ୍ଦ୍ର। ଜନଜାତି ପରିବାରର ପିଲା ପ୍ରାକ୍ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ନ ଥିବାରୁ ଗର୍ଭବତୀ ମହିଳା କେନ୍ଦ୍ରରୁ ମିଳୁଥିବା ସେବା ଛତୁଆ, ଅଣ୍ଡା ଓ ଲଡ୍ଡୁ ପ୍ରଭୃତି ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗ୍ରାମବାସୀ ସେହି ଗ୍ରାମରେ ପୁରୁଷାନୁକ୍ରମେ ରହି ଆସୁଥିଲେ ମଧ୍ୟ ସେମାନଙ୍କୁ ଜଙ୍ଗଲ ଜମି ଅଧିକାର ପଟ୍ଟା ପାଇବାରୁ ବଞ୍ଚିତ କରାଯାଇଛି। ଫଳରେ

- ଚୁଆ ପାଣି ଶୋଷ ମେଣ୍ଟାଏ; ନାହିଁ ଭଲ ରାସ୍ତା
- ଜଙ୍ଗଲ ଜମି ପଟ୍ଟା ପାଇ ନ ଥିବାରୁ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି ଜନଜାତି

ସେମାନେ ପ୍ରଧାନମନ୍ତ୍ରୀଙ୍କ ଆବାସ ଯୋଜନାରେ ଘର ଖଣ୍ଡେ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନେ କୁଟା ନଡ଼ା ଓ ଖପର ଘରେ ରହୁଛନ୍ତି। ସତେ ଯେମିତି, ଆମ ଦେଶ ଓ ରାଜ୍ୟର ପ୍ରଶାସନ ସେମାନଙ୍କୁ ସାମାଜିକ ନ୍ୟାୟ ଦେବା ପାଇଁ ଆଖିରେ ଅନ୍ଧପୁଟୁଳି ବାନ୍ଧି ଦେଇଛି। ଗ୍ରାମରେ ମନରେଗା (ପରିବର୍ତ୍ତିତ ବିଜିରାମ-ଜି) ଯୋଜନାରେ ଆଜି ପର୍ଯ୍ୟନ୍ତ ରାସ୍ତା ଘାଟର ଉନ୍ନତି ହୋଇପାରିନାହିଁ। ଏହି ଗ୍ରାମଟି ଆଜି ପର୍ଯ୍ୟନ୍ତ ପ୍ରଶାସନର ନଜର ଆଢୁଆଳରେ ରହି ଯାଇଛି। ଆଜି ବି ବିକାଶକୁ ଚାହିଁ ବସିଛି ସୋନାକୋଚା ଗ୍ରାମ। ଏହି ଗ୍ରାମ ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ସତେ ଯେମିତି ସାତସପନ ହୋଇ ରହିଛି। କାହାକୁ ଜ୍ୱର ହେଲେ ତାଙ୍କୁ ଖଟିଆ ସାହାଯ୍ୟରେ ବୋହି ନେଇ ଡାକ୍ତରଖାନାକୁ ଯା'ନ୍ତି। ଠିକ ସମୟରେ ଚିକିତ୍ସା ମିଳିପାରୁ ନ ଥିବାରୁ ଅନେକ ଗର୍ଭବତୀ ମହିଳା ପ୍ରସବଜନିତ କାରଣ ପାଇଁ ମୃତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି। ତେଣୁ ଏହି ଗ୍ରାମ ପାଇଁ ଏକ ରାସ୍ତା ନିର୍ମାଣ ହେବାର ଆବଶ୍ୟକତା ରହିଛି। ଗ୍ରାମକୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ" ଯୋଜନାରେ ବିଦ୍ୟୁତ ସେବା ଯୋଗାଇ ଦିଆଯାଇପାରିନାହିଁ। ଏମାନେ ଆଜି ବି ଅନ୍ଧକାର ଭିତରେ ବସବାସ କରୁଛନ୍ତି। ଲଣ୍ଠନ ଆଲୁଅରେ ଏମାନେ ନିର୍ଭର କରନ୍ତି। କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଆନନ୍ଦପୁର ବ୍ଲକ ପ୍ରଶାସନ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ଗ୍ରାମବାସୀଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ଦିଗରେ ଯତ୍ନବାନ ହେବାକୁ ମନୋହରପୁର ଗ୍ରାମ ପଞ୍ଚାୟତର ଯୁବ ସମାଜସେବୀ ନିମୁ ଟୁଡୁ ଆକୁଳ ନିବେଦନ କରିଛନ୍ତି।

## ସିସିଟିଭିରେ କଏଦ୍ ହେଲା ବାଇକ୍ ଚୋରି



ଉଦଳା,୨୬।୪(ସମିସ): ସ୍ପଷ୍ଟ ଦିବାଲୋକରେ ଜନଗହଳିପୂର୍ଣ୍ଣ ସ୍ଥାନରୁ ଗାଡ଼ି ତାଲା ଭାଙ୍ଗି ବାଇକ ଲୁଟିନେଲେ ଦୁର୍ବୃତ୍ତ। ସିସିଟିଭିରେ କଏଦ ହୋଇଛି ଲାଇଭ ଲୁଟର ଭିଜୁଆଲ। ଉଦଳା ଥାନା ଅନ୍ତର୍ଗତ ଉଦଳା-ବାରିପଦା ରାଜ୍ୟ ରାଜପଥର କଲିଆ ଛକ ନିକଟରେ ଥିବା ମଦ ଦୋକାନ ସାମ୍ନାରୁ ହୋଇଛି ବାଇକ୍ ଚୋରି। ୨ ଜଣ ଲୁଟେରା ସ୍ପଷ୍ଟ ଦିବାଲୋକରେ ହାପପ୍ୟାଣ୍ଟ ପିନ୍ଧି ଆସି ଦୋକାନରୁ ମଦ କିଣିଥିଲେ। ମଦ କିଣିବା ପରେ ଦୋକାନ ବାହାରେ ଥିବା ଏକ ବାଇକ ଲୁଟିଥିଲେ। ବାଇକ ଲୁଟିବା ପୂର୍ବରୁ ନିଜ ବାଇକ ଭଳି ଗାଡ଼ି ଉପରେ ଶୋଇବା ସହିତ ଚାବିରେ ଗାଡ଼ି ଖୋଲିବାକୁ ଉଦ୍ୟମ କରିଥିଲେ। ପରବର୍ତ୍ତୀ ସମୟରେ ବାଇକ୍ ଲକ ଭାଙ୍ଗି ବାଇକ ଲୁଟ କରିଥିବା ସିସିଟିଭିରେ କଏଦ ହୋଇଛି। ଉକ୍ତ ଘଟଣାକୁ ନେଇ ବାଇକ୍ ଚାଳକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ବଜାର ମଧ୍ୟରୁ ବାଇକ୍ ଚୋରି ହେଉଥିବା ଦେଖି ବାଇକ୍ ରଖିବା ସୁରକ୍ଷିତ ନୁହେଁ ବୋଲି ଆଲୋଚନା ହେଉଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ବାରିପଦା,୨୬।୪(ସମିସ):ବାରିପଦା ସହର ଷ୍ଟେସନ ବଜାର ୱାର୍ଡନଂ ୧୨ସ୍ଥ ବାସଭବନରେ ରମାମଣି ସେନାପତି (୭୩)ଙ୍କ ପରଲୋକ ଘଟିଛି। ରବିବାର ଅପରାହ୍ନ ୨ଟା ୫୦ରେ ସେ ଶେଷ ନିଶ୍ୱାସ ତ୍ୟାଗ କକିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ବଡପୁଅ ନିତ୍ୟାନନ୍ଦ, ବଡ଼ବୋହୂ ମମତାମୟୀ, ସାନପୁଅ ରାମେଶ୍ୱର, ସାନବୋହୂ ନମିତା, ଝିଅ ଅମ୍ବିକା ବଳା, ଜ୍ୱାଇଁ କମଳାକାନ୍ତ ବଳା ଓ ନାତିନାତୁଣୀ ଉପସ୍ଥିତ ଥିଲେ। ମଧୁବନ ବାରୁଣୀ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି।

## ବନାଞ୍ଚଳ ଅଧିକାରୀ ଭାବେ ସ୍ନିଗ୍ଧା ନାୟକଙ୍କୁ ନିଯୁକ୍ତି



ବେତନଟୀ,୨୬।୪(ସମିସ): ଓଡିଶା ସରକାରଙ୍କ ପକ୍ଷରୁ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ବାହାନାଡ଼ା ଗ୍ରାମର ଆଇନଜୀବୀ ବିନୋଦ ବିହାରୀ ନାୟକଙ୍କ କନ୍ୟା ସିଗ୍ଧା ନାୟକ ଓଏଫଏସ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଏବେ ସେ ବନାଞ୍ଚଳ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ଭାବେ ଯୋଗ ଦେବେ। ଏହି ନିଯୁକ୍ତି ମେଳାରେ ନିଯୁକ୍ତି ପତ୍ର ଗ୍ରହଣ କରି ପରିବାର ତଥା ଗ୍ରାମର ନାମକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଗଣ୍ଡରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କୁଆମରା, ୨୬।୪(ସମିସ): ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ନାଲୁହା ନଦୀ ଗଣ୍ଡରୁ ଜଣେ ବୃଦ୍ଧଙ୍କ ମୃତଦେହକୁ ଖୁଣ୍ଟା ପୁଲିସ ଉଦ୍ଧାର କରିଛି। ମୃତକ ହେଉଛନ୍ତି ଶୀଳଘାଟି ପଞ୍ଚାୟତ କେନ୍ଦୁମୁଣ୍ଡି ଗ୍ରାମର ଉପେନ୍ଦ୍ର ନାଥ ମହାକୁଡ଼ (୭୬)। ଉପେନ୍ଦ୍ର ଗତକାଲି ମଧ୍ୟାହ୍ନରେ ନଦୀକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇ ନ ଥିଲେ। ଆଜି ସକାଳେ ଗ୍ରାମ ଲୋକେ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ନଦୀ ଗଣ୍ଡରେ କେହିଜଣେ ଭାସୁଥିବା ଦେଖି ପୁଲିସକୁ ଜଣାଇଥିଲେ। ତେବେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ନଦୀ ଗଣ୍ଡର ଗଭୀର ଜଳରୁ ଉଦ୍ଧାର କରିଥିଲେ। ପରିବାର ଲୋକେ ଚିହ୍ନଟ କରିଥିଲେ ଉପେନ୍ଦ୍ରଙ୍କୁ। ତେବେ ନଦୀ ମଧ୍ୟକୁ ଯାଇ ଅସାବଧାନତା ବଶତଃ ଗଭୀର ଜଳରେ ବୁଡ଼ି ଯାଇଥିବା ଅନୁମାନ କରାଯାଉଛି। ଏ ନେଇ ଉପେନ୍ଦ୍ରଙ୍କ ପୁଅ ଅତୁଲଙ୍କ ଅଭିଯୋଗ କ୍ରମେ ଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଥିବା ଏଏସ୍ଆଇ ସବ୍ୟସାଚୀ ସାମିଲ କହିଛନ୍ତି।

- ଗେଣ୍ଡା ଗୋଟାଇବା ହେଲା କାଳ

## ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ରାଇରଙ୍ଗପୁର,୨୬।୪(ସମିସ): ଗେଣ୍ଡା ଗୋଟାଇବା ବେଳେ ନଦୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ରୁଆଁସି ଗ୍ରାମର ଲେଦିଆଲେ ଅମ୍ବିକା ମୁଣ୍ଡା। ସେ ଖଣ୍ଡଦେଉଳି ଗ୍ରାମକୁ ତାଙ୍କ ବାପାଙ୍କ ଘରକୁ ବୁଲିବା ପାଇଁ ଆସିଥିଲେ। ଘର ନିକଟସ୍ଥ ବାଙ୍କବଳ ନଦୀକୁ ଗେଣ୍ଡା ଗୋଟାଇବାକୁ ଯାଇଥିଲେ। ତେବେ ଅସାବଧାନତା କାରଣରୁ ନଦୀ ଭିତରେ ବୁଡ଼ିଯାଇଥିଲେ। ଅନେକ ସମୟ ଧରି ଘରକୁ ନ ଫେରିବାରୁ ଖୋଜାଖୋଜି ଆରମ୍ଭ କରିଥିଲେ ପରିବାର ଲୋକ। ଅଗ୍ନିଶମ ବାହିନୀ ସହାୟତାରେ ନଦୀରେ ଖୋଜାଖୋଜି କରିଥିଲେ। ଅଗ୍ନିଶମ ବାହିନୀ ନଦୀ ଭିତରୁ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଶବ ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ପଠାଇଥିଲେ। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

ଉଦଳା,୨୬।୪(ସମିସ): ଗତକାଲି ବିଳମ୍ବିତ ରାତ୍ରିରେ ଖଣ୍ଡିହୁଡ଼ି ତାରିଣୀ ମନ୍ଦିର ଟ୍ରଷ୍ଟର ସଭାପତି ତଥା ବଡସିଙ୍ଗାରିଆ ପଞ୍ଚାୟତର ପୂର୍ବତନ ପିଇଓ ଶ୍ରୀବତ୍ସ କଲିଆଙ୍କ ଧର୍ମପତ୍ନୀ ଚାରୁଲତା କଲିଆ (୭୦) ମୃତ୍ୟୁବରଣ କରିଛନ୍ତି।



ଜଣେ ଧର୍ମପରାୟଣ ମହିଳା ଭାବେ ପରିଚିତ ଶ୍ରୀମତୀ କଲିଆ ନିଜର ମିଷ୍ଟ ଓ ଅମାୟିକ ବ୍ୟବହାର ପାଇଁ ପରିଚିତ ଥିଲେ। ଖବର ପାଇ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କୁଅଁରପାଳ ଗ୍ରାମସ୍ଥ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବାବେଳେ ଆଜି ସକାଳୁ ପୁଅ ମାଧବ ଓ ପୁତ୍ରବଧୂ ଅନ୍ନପୂର୍ଣ୍ଣାଙ୍କ ସମେତ ସମସ୍ତ ପରିବାର ଲୋକଙ୍କ ଉପସ୍ଥିତିରେ ଦେଓ ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବାଇକ୍‌କୁ ଧକ୍କା ଦେଇ ଟ୍ରକ୍ ଫେରାର

# ଜଣେ ମୃତ, ଅନ୍ୟଜଣେ ଗୁରୁତର ଆହତ

ବିଶୋଇ,୨୬।୪ (ସମିସ): ବିଶୋଇ ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥର ବଡ଼ମଣଦା ଛକରେ ଏକ ବାଇକକୁ ଟ୍ରକ ଧକ୍କା ଦେବା କାରଣରୁ ବାଇକ୍‌ରେ ଥିବା ଦୁଇ ସାଙ୍ଗଙ୍କ ମଧ୍ୟରୁ ଜଣେ ସାଙ୍ଗର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ସାଙ୍ଗ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ଜଣକ ହେଲେ ବିଶୋଇ ଥାନା ଅଧୀନ ସାନମଣଦା ଗ୍ରାମର ବିକାଶ ଚନ୍ଦ୍ର ଗିରିଙ୍କ ସାନପୁଅ ଚିନ୍ମୟ(୨୧) ଓ ଗୁରୁତର ଅନ୍ୟଜଣେ ଯୁବକ ହେଲେ ସାନମଣଦା ଗ୍ରାମର ଶୁଭେନ୍ଦୁ କୁମାର ଗିରି(୨୩)।

ସୂଚନା ମୁତାବକ, ଆଜି ଅପରାହ୍ନ ୧ ଘଟିକା ସମୟରେ ଏକ ପଲସର ବାଇକ୍‌କୁ ଶୁଭେନ୍ଦୁ ଚଲାଉଥିବାବେଳେ ତାଙ୍କ ସାଙ୍ଗ ଚିନ୍ମୟ ପଛରେ ବସି



ବୁଢ଼ୀଖମାରି ଗ୍ରାମ ପଟୁ ବାହାରି ୪୯ ନଂ ଜାତୀୟ ରାଜପଥ ଦେଇ ଯାଉଥିଲେ। ଏହି ସମୟରେ ବିଶୋଇ ପଟୁ ଯଶିପୁର ଅଭିମୁଖେ ଯାଉଥିବା ଏକ ଦ୍ରୁତଗାମୀ ଟ୍ରକ୍ ବାଇକକୁ ପଛ ପଟୁ ଧକ୍କା ଦେଇ କିଛି ଦୂରତା ଘୋଷାରି ନେବା ପରେ ଟ୍ରକଟି ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ଟ୍ରକ ଚକା ତଳେ ଚାପି ହୋଇ ଚିନ୍ମୟଙ୍କ ମୃତ୍ୟୁ ଘଟିଥିଲା। ସେହିପରି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶୁଭେନ୍ଦୁଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଶୁଭେନ୍ଦୁଙ୍କୁ ବାରିପଦା ପିଆରଏମ୍ ମେଡ଼ିକାଲକୁ ପଠାଯାଇଥିଲା। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଚିନ୍ମୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁଲିସ ରାଇରଙ୍ଗପୁରକୁ ପଠାଇଛି। ଘଟଣାର ତଦନ୍ତ କରି ଯଥାଶୀଘ୍ର ମୃତାହତ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ



ରାଇରଙ୍ଗପୁର,୨୬।୪(ସମିସ): ତିରିଂଠାରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନ୍ତର୍ଗତ ଏକ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ନବଚରଣ ମାଝି ଯୋଗଦେଇ ପଣ୍ଡିତ ଦୀନଦୟାଲଙ୍କ ଆଦର୍ଶ ଓ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ଦଳର ନୀତି ଆଦର୍ଶକୁ ପାଥେୟ କରି ଆଗକୁ ବଢ଼ିହେବ ସେ ନେଇ ସାଂସଦ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସାଂଗଠନିକ ଦକ୍ଷତା ବୃଦ୍ଧି ଓ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଗୁରୁମନ୍ତ୍ର ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ଓ ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

## ପାଞ୍ଚ ଫୁଟ ଗଭୀର କୁଣ୍ଡରୁ ଷଣ୍ଢକୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ମୋରଡ଼ା,୨୬।୪(ସମିସ): ମୋରଡ଼ା ବ୍ଲକ ହଲଦୀପାଳ ପଞ୍ଚାୟତର ଅସ୍ତିଆ ଗ୍ରାମରେ ଏକ ବିରାଟକାୟ ଷଣ୍ଢକୁ ଗଭୀର କୁଣ୍ଡରୁ ଶନିବାର ଉଦ୍ଧାର କରିଛି ଚିତ୍ରଡା ଅଗ୍ନିଶମ ବିଭାଗ। ଉକ୍ତ ଗ୍ରାମର ଗୋପାଳ ଚନ୍ଦ୍ର ସେନାପତିଙ୍କ ଘର ନିକଟରେ ଥିବା ଏକ ପାଞ୍ଚ ଫୁଟ ଗଭୀର କୁଣ୍ଡ ବିପଦସଂକୁଳ ଅବସ୍ଥାରେ ଥିଲା। ଏଥିରେ ଏକ ଷଣ୍ଢ କୁଣ୍ଡ ଭିତରେ ପଡିଯାଇଥିଲା। ତେବେ ସଙ୍ଗେ ସଙ୍ଗେ ଚିତ୍ରଡା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଷଣ୍ଢକୁ ଉଦ୍ଧାର କରିଛି। ଷଣ୍ଢ ଖଣ୍ଡିଆ ଖାବରା ହୋଇଥିବାରୁ ପଶୁ ଚିକିତ୍ସକଙ୍କୁ ଡାକି ଗ୍ରାମବାସୀ ଚିକିତ୍ସା କରାଇଛନ୍ତି।

## ୨ ସ୍ଥାନରେ ଗୋଟିଏ ରାତିରେ ୨ଟି ହତ୍ୟା ଅଭିଯୋଗ

ତିହିଡ଼ି,୨୬।୪(ସମିସ): ତିହିଡ଼ି ଥାନା ଅଧୀନ କୋହ୍ଳ ଓ ବୋଡକ ପଞ୍ଚାୟତରୁ ଗୋଟିଏ ରାତିରେ ୨ଟି ହତ୍ୟା ଅଭିଯୋଗ ହୋଇଛି। ଏ ନେଇ ପୁଲିସ ପୃଥକ୍ ପୃଥକ୍ ୨ଟି ହତ୍ୟା ମାମଲା ରୁଜୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି। ଖଇରା ଥାନା ଅଧୀନ ତୁଡ଼ିଗଡ଼ିଆ ମଲ୍ଲିକାପୁର ଗ୍ରାମର ପାର୍ବତୀ ବେହେରା ଅଭିଯୋଗ କରିଛନ୍ତି ଯେ, ତାଙ୍କ ପୁଅ ପ୍ରଭାକର ବେହେରା କୋହ୍ଳ ଗ୍ରାମର ନିରୁପମା ସାହୁଙ୍କୁ ବିବାହ କରି କୋହ୍ଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ଘରେ ରହୁଥିଲେ। ଶନିବାର ରାତିରେ ତାଙ୍କ ପୁଅ ପ୍ରଭାକରଙ୍କୁ ବୋହୂ ମାରିଦେଇ ତାଙ୍କୁ ଫୋନ୍ କରିଥିଲେ। ଏହି ଘଟଣାରେ ପୁଲିସ ୧୪୫/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସେହିପରି ବୋଡ଼କ ପଞ୍ଚାୟତ ଅଧୀନ ନାଦୋର ଗ୍ରାମର ସୁରେନ୍ଦ୍ର ଜେନା ଅଭିଯୋଗ କରିଛନ୍ତି ଯେ ତାଙ୍କ ବୋହୂଙ୍କୁ ତାଙ୍କର ପଡ଼ୋଶୀ ପ୍ରକାଶ ଜେନା, ରୀତା ଜେନା, ଗୀତା ଜେନା ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ଚକ୍ରାନ୍ତ କରି ମାରି ଗଛରେ ଟାଙ୍ଗି ଦେଇଛନ୍ତି। ତାଙ୍କ ପଡ଼ୋଶୀଙ୍କ ସହ ପୂର୍ବରୁ ଥିବା ମନୋମାଳିନ୍ୟ ଗତ କିଛିଦିନ ତଳେ ଥାନାରେ ସମାଧାନ ହୋଇଥିଲା ଓ ସେହିଦିନଠାରୁ ସେମାନେ ଉଭୟ ଉଭୟଙ୍କ ସହ କଥାବାର୍ତ୍ତା ବନ୍ଦ କରି ଦେଇଥିଲେ। ତେବେ ଶନିବାର ରାତିରେ ସେମାନେ ସମସ୍ତେ ଖାଇପିଇ ଶୋଇଥିଲେ। ସକାଳୁ ଉଠି ଦେଖିଥିଲେ ଯେ ତାଙ୍କ ବୋହୂଙ୍କ ମୃତଦେହ ବାଡ଼ିରେ ଥିବା କରଞ୍ଜ ଗଛରେ ଝୁଲୁଛି। ଏହି ଘଟଣାରେ ପୁଲିସ ୧୪୬/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ଲୋପାମୁଦ୍ରା ନାୟକ ସୂଚନା ଦେଇଛନ୍ତି।

## କାଳବୈଶାଖୀର ତାଣ୍ଡବ

# କୁଆ ପଥର ମାଡ଼, ଭାଙ୍ଗିଲା ଗଛ; ବର୍ତ୍ତିଲେ ପଥଚାରୀ

ରାଇରଙ୍ଗପୁର,୨୬।୪(ସମିସ):

ରାଇରଙ୍ଗପୁରର ଉପରମୁଁହା ତାପମାତ୍ରାରେ ବ୍ରେକ ଲାଗିଛି। କାଳବୈଶାଖୀ ଯୋଗୁଁ ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳିରୁ ଆଶ୍ୱସ୍ତି ଆଣିଛି। ରାଇରଙ୍ଗପୁର ଉତ୍ତପ୍ତ ସହର ଥିବାବେଳେ କାଳ ବୈଶାଖୀ ବର୍ଷାରେ ଭିଜିଛି। ରବିବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିଥିଲା। ରାଇରଙ୍ଗପୁରରେ କାଳବୈଶାଖୀଜନିତ ପ୍ରବଳ ବର୍ଷା ଓ ପବନରେ ଜାତୀୟ ରାଜପଥ ନମ୍ବର ୨୨୦ର ଅଁଳାଡୁବାଠାରେ ଦୁଇଟି ସ୍ଥାନରେ ରାସ୍ତା ଉପରେ ବଡ଼ ବଡ଼ ଗଛ ଭାଙ୍ଗି ପଡ଼ିଛି। ଗଛ ପଡି ରାସ୍ତା ଅବରୋଧ ହେବାରୁ ଜାତୀୟ ରାଜପଥରେ ଗାଡି ମଟର ଘଣ୍ଟା ଘଣ୍ଟା ଧରି ଅଟକି ରହିଥିଲା। ସେହିପରି ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ବିଜୁ ପଟ୍ଟନାୟକ ମାର୍ଗରେ ମଧ୍ୟ ମୁଖ୍ୟ ରାସ୍ତାରେ ଗଛ ଭାଙ୍ଗିପଡିଥିଲା। ଖବର ପାଇ ଉଭୟ ସ୍ଥାନରେ ଦମକଳ ବାହିନୀ ପହଞ୍ଚି ଗଛକୁ କାଟି ରାସ୍ତାରୁ ହଟାଇଥିଲେ। ଫଳରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଭାଗ୍ୟବଶତଃ କାଳ ବୈଶାଖୀ ସମୟରେ ଗଛ କୌଣସି ପଥଚାରିଙ୍କ





ଉପରେ ପଡି ନ ଥିବାରୁ ସେମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରାଇରଙ୍ଗପୁର ସହରରେ କିଛି ସମୟ ପାଇଁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା। କିଛିଦିନର ପ୍ରଚଣ୍ଡ ଖରା ପରେ ଆଜିର ବର୍ଷା ଗରମରୁ ତ୍ରାହି ଦେଇଛି। ତେବେ ଗତ କିଛିଦିନ ହେବ ତାପମାତ୍ରାର ପାରଦ ଉପର ମୁଁହା ହୋଇଛି। ଯାହା ଫଳରେ ପ୍ରଚଣ୍ଡ ତାତି ସାଙ୍ଗକୁ ଝାଞ୍ଜି, ଗରମ, ଗୁଳୁଗୁଳି ଜାରି ରହିଥିଲା। ରାଇରଙ୍ଗପୁର ଅଞ୍ଚଳରେ ପ୍ରଚଣ୍ଡ ଗରମରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡିଥିଲେ। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ସକାଳୁ ଖରାର ପ୍ରକୋପ ଅସହ୍ୟ ବଢ଼ିବାରେ ହେଉଥିଲା। ତେବେ କାଳ ବୈଶାଖୀ ବୃଷ୍ଟିପାତ ଲୋକଙ୍କୁ ଆଶ୍ୱସ୍ତି ଦେଇଛି। କାଳବୈଶାଖୀ ସହ କୁଆ ପଥର ବୃଷ୍ଟିପାତ ହୋଇଛି। ତେବେ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ ଅନୁଯାୟୀ ଏପ୍ରିଲ ୨୮ ରୁ ଜିଲ୍ଲାରେ କାଳ ବୈଶାଖୀ ବୃଷ୍ଟିପାତ ହେବାର ମଧ୍ୟ ସମ୍ଭାବନା ରହିଛି।

### ତାତିରେ ଲାଗିଲା ବ୍ରେକ୍, କମିଲା ଗୁଳୁଗୁଳି

ଶ୍ରମ ଆଇନର ଉଲ୍ଲଂଘନ

# ଖରାରେ କାମ କରୁଛନ୍ତି ଶ୍ରମିକ

**ବଣାଇଁ, ୨୬।୪ (ସମିସ):** ଏବେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ଖରାର ପ୍ରକୋପ ମଧ୍ୟ ବଢ଼ିବାରେ ଲାଗିଛି। ଗ୍ରୀଷ୍ମକୁ ଆଖି ଆଗରେ ରଖି ସରକାର ଶ୍ରମିକମାନଙ୍କ ପାଇଁ ନୀତି ନିର୍ଘଣ୍ଟ ସ୍ଥିର କରିଛନ୍ତି। ସରକାରୀ ଭାବେ ହେଉ କିମ୍ବା ବେସରକାରୀ ଭାବେ ହେଉ ଶ୍ରମିକମାନେ ଦୈନିକ ଅପରାହ୍ନ ୧୧ଟା ସୁଦ୍ଧା କାର୍ଯ୍ୟକ୍ଷେତ୍ର ଛାଡିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। କିନ୍ତୁ ପରିତାପର ବିଷୟ ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଭାଲୁଡୁଙ୍ଗୁରି ନିକଟରେ ଥିବା ଏକଲବ୍ୟ ବିଦ୍ୟାଳୟରେ ନିର୍ମାଣ ହେଉଥିବା ଦୁଇ ମହଲା ବିଶିଷ୍ଟ କୋଠାରେ ବିପଦସଙ୍କୁଳ ଅବସ୍ଥାରେ ଶ୍ରମିକମାନେ ଉଦଉଦିଆ ଖରାରେ କାମ କରୁଥିବା ଦେଖିବାକୁ ମିଳିଛି। ସରକାରୀ ଆଇନକୁ ବେଖାତିର କରି ଏଠାରେ ୪୦ ଡିଗ୍ରୀରୁ ଉର୍ଦ୍ଧ୍ୱ ତାପମାତ୍ରାରେ ଦିନ ୧୨ ଟା ବେଳେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ସବୁ ଦେଖି ଠିକାଦାର ଓ ଇଞ୍ଜିନିୟର ନିରବଦ୍ରଷ୍ଟା ସାଜିଥିବାରୁ ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଭାବେ ବିଜାଡିହି ନିକଟରେ ମଧ୍ୟ ପୂର୍ତ୍ତ ବିଭାଗ ରାସ୍ତା କାମ ଚାଲିଥିବାବେଳେ ସେଠାରେ ମଧ୍ୟ ମେସିନ ସହ ଶ୍ରମିକମାନେ ଉଦୁଉଦିଆ ଖରାରେ ଦିନ ୧୨ ଟା ସମୟରେ ରାସ୍ତା ଉପରେ କାମ କରୁଛନ୍ତି। ଶ୍ରମିକ ଠିକାଦାର ଓ ଠିକା ସଂସ୍ଥା ଶହ ଶହ ଶ୍ରମଜୀବୀଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେଉନାହାନ୍ତି। ସେହିପରି ବଣାଇଁ ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ବିଭାଗର ରାସ୍ତା ତଥା ଅନ୍ୟାନ୍ୟ କୋଠାବାଡି ନିର୍ମାଣ କାର୍ଯ୍ୟରେ ଶ୍ରମିକଙ୍କୁ ବେଆଇନ ଭାବେ ନିଯୁକ୍ତ କରାଯାଉଛି। ଶ୍ରମିକଙ୍କ ସୁରକ୍ଷା ପାଇଁ ଏହା ଉପରେ ଉପଖଣ୍ଡ ଶ୍ରମ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।



# ରାଜଗାଙ୍ଗପୁର ଟାୟାର କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ

## ୬ ଘଣ୍ଟା ପରେ ଆୟତ୍ତ ହେଲା ନିଆଁ; କାରଣ ଅସ୍ପଷ୍ଟ

**ରାଉରକେଲା, ୨୬।୪(ସମିସ)**

ରାଜଗାଙ୍ଗପୁର ନିକଟସ୍ଥ ଯାମପଲ୍ଲୀ ପଦାଠାରେ ଥିବା ଏକ ଟାୟାର ମରାମତି କାରଖାନା ଆଟିଟ୍ୟୁଟ ଏକ୍ସଯାମି ପ୍ରାଇଭେଟ ଲିମିଟେଡରେ ଆଜି ଭୋର ସମୟରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ କାରଖାନା ପରିସରରେ ଥିବା ଲାକ୍ଷାଧିକ ଟଙ୍କାର ସାମଗ୍ରୀ, ଯନ୍ତ୍ରାଂଶ ଜଳିପଡ଼ି ଭସ୍ମୀଭୂତ ହୋଇଯାଇଛି। ଏହି ଅଗ୍ନିକାଣ୍ଡର ପ୍ରକୋପ ଏତେ ତୀବ୍ର ରହିଥିଲା ଯେ, ଏଥିରୁ ନିର୍ଗତ କଳା ଧୂଆଁ ପ୍ରାୟ ୫ କିଲୋମିଟର ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ ବ୍ୟାପିବା ସହ ଆକାଶକୁ କଳାଧୂଆଁରେ ଆଚ୍ଛାଦିତ କରିଥିଲା। ଏଥିସହ ପଥଯାତ୍ରୀଙ୍କ ଆଖିରେ କଳାଗୁଣ୍ଡ ପଡ଼ିବା ଦ୍ୱାରା ସେମାନେ ଯନ୍ତ୍ରଣା ଅନୁଭବ କରିଥିବା ଦେଖିବାକୁ ମିଳିଥିଲା। ଏହା ସହ ନିକଟରେ ଥିବା ଚାଷୀଙ୍କ କ୍ଷେତରେ ଲାଗି ଥିବା ପନିପରିବା ଫସଲ ମଧ୍ୟ କଳା ଡଷ୍ଟ ପଡ଼ି ନଷ୍ଟ ହୋଇଥିଲା। ଖବରପାଇ ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଡାଲମିଆ ସିମେଣ୍ଟ ଭାରତର ଦୁଇଟି ଏବଂ ଅଗ୍ନିଶମ ବାହିନୀର ୫ଟି ଦମକଳ ଗାଡି ସହ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଦୀର୍ଘ ୬ ଘଣ୍ଟାର ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। କାରଖାନାରେ ଆଜି ଭୋର ୫ଟାରେ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ କାରଖାନା ଭିତରେ ସେ ସମୟରେ ପ୍ରାୟ ୧୫ ଜଣ ଶ୍ରମିକ ଏବଂ କାରଖାନାର ପରିଚାଳକ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ସର୍ଟସର୍କିଟ ଯୋଗୁଁ ଏପରି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଏହି ଅଗ୍ନିକାଣ୍ଡକୁ ଆୟତ୍ତ କରିବାରେ ଡାଲମିଆ ସିମେଣ୍ଟ ଭାରତର ସୁରକ୍ଷା ଅଧିକାରୀ ସରୋଜ କୁମାର ରଥ, ଥାନା ଏଏସଆଇ ପ୍ରଶାନ୍ତ କୁମାର ସେନାପତି, ଚିନ୍ତାମଣି ମହନ୍ତ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ବର୍ଷେ ତଳେ ଏହି କାରଖାନାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ପରିବେଶ ପ୍ରଦୂଷଣ ନେଇ ରାଉରକେଲା ଆଞ୍ଚଳିକ ପ୍ରଦୂଷଣ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଉକ୍ତ କାରଖାନାକୁ ବନ୍ଦ କରିବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯିବା ସହ କାରଖାନାର ବିଦ୍ୟୁତ ସଂଯୋଗ କାଟି ଦେବା ପାଇଁ ବିଦ୍ୟୁତ ବିଭାଗକୁ ପ୍ରଦୂଷଣ ବିଭାଗ ପକ୍ଷରୁ ଚିଠି ଲେଖାଯାଇଥିଲା। ହେଲେ ତାହା କାଗଜ କଲମରେ ସୀମିତ ରହି ଯାଇଥିଲା। ତେବେ ଉକ୍ତ କାରଖାନାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ କାରଖାନା କିପରି ଚାଲୁଥିଲା ଏବଂ ପ୍ରଶାସନ କାହିଁକି ଏହାକୁ ଅଣଦେଖା କରି ଚୁପ ରହି ଯାଇଥିଲା, ତାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।



## ଜଳିଗଲା ଇ-ସ୍କୁଟି

**ରାଉରକେଲା, ୨୬।୪ (ସମିସ):** ସ୍ଥାନୀୟ ସେକ୍ଟର-୧୬ ଅଞ୍ଚଳରେ ନିଆଁ ଲାଗି ଏକ ଇଲେକ୍ଟ୍ରି ସ୍କୁଟି ଜଳିଯାଇଥିବା ଜଣାପଡ଼ିଛି। ସେକ୍ଟର -୧୬, ବି/୨୨୯ କ୍ୱାର୍ଟର୍ସରେ ବାସ କରୁଥିବା ସଂଯୁକ୍ତା ମହାନ୍ତି ନିଜ ବ୍ୟାଟେରୀ ସ୍କିଟିକୁ ଚାର୍ଜରେ ଲଗାଇଥିଲେ। ହଠାତ୍ ସେଥିରେ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସ୍କୁଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ଜଣାପଡ଼ିଛି।

## ଗୋ-ରକ୍ଷକଙ୍କୁ ଆକ୍ରମଣ

**ରାଉରକେଲା, ୨୬।୪(ସମିସ):** ଗୋ-ରକ୍ଷକଙ୍କ ଉପରେ ଆକ୍ରମଣ ଯୋଗୁଁ ଝିରପାଣି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ସମ୍ମୁଖରେ ସଂଘର୍ଷ ଏବଂ ଆକ୍ରମଣକୁ ନେଇ ନିନ୍ଦା କରାଯାଇଛି। ଉକ୍ତ ଅଞ୍ଚଳରେ ଗୋମାଂସ ବିକ୍ରି ହେଉଥିବା ନେଇ ସୂଚନା ମିଳିବା ପରେ ଗୋ-ରକ୍ଷକ ମାନେ ତାହାକୁ ଧରିଥିଲେ। ହେଲେ ଓଲଟା ଆକ୍ରମଣର ଶିକାର ହୋଇଥିଲେ। ଆକ୍ରମଣରେ ୪ ଜଣ ଗୋ-ରକ୍ଷକ ଆହତ ହୋଇଥିବା ବେଳେ ୨ ଜଣ ଡାକ୍ତରଖାନାରେ ଭର୍ତ୍ତି ଥିବା ଜଣାପଡ଼ିଛି। ଆକ୍ରମଣକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଆକ୍ରମଣକାରୀ ନିଜକୁ ସୁରକ୍ଷା ଦେବା ପାଇଁ କିଛି ମହିଳାଙ୍କୁ ବ୍ୟବହାର କରିଥିବା ସୂଚନା ମିଳିଛି।

## 'ଏପଷ୍ଟିନ ଫାଇଲ' ଶୀର୍ଷକ ଆଲୋଚନାଚକ୍ର

**ଧର୍ମଗଡ଼, ୨୬।୪(ସମିସ):** ସିପିଆଇ କଳାହାଣ୍ଡି ଜିଲ୍ଲା ପରିଷଦ ପକ୍ଷରୁ ଧର୍ମଗଡ଼ସ୍ଥିତ ରାଜ ହୋଟେଲରେ 'ଏପଷ୍ଟିନ ଫାଇଲ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ପାଦକ ଜଗଦିଶ ଦୁର୍ଗାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ପରିଷଦ ସଦସ୍ୟ ସତୀଶ ମିଶ୍ର ନିଜର ସୁଚିନ୍ତିତ ମତ ପ୍ରକାଶ କରିଥିଲେ। ଆଲୋଚନାକାଳୀନ ସେ ଜେଫ୍ରି ଏପଷ୍ଟିନ୍ ସମ୍ବନ୍ଧୀୟ ଆନ୍ତର୍ଜାତୀୟ ବିବାଦ ଓ ଏହାକୁ କେନ୍ଦ୍ର କରି ବିଶ୍ୱର ରାଜନୈତିକ-ଆର୍ଥିକ ପରିପ୍ରେକ୍ଷୀରେ ଉଠୁଥିବା ପ୍ରଶ୍ନଗୁଡ଼ିକ ଉପରେ ମତ ରଖିଥିଲେ। ବକ୍ତାଙ୍କ ଦାବି ଅନୁସାରେ, ଏପଷ୍ଟିନ ଘଟଣା ବିଶ୍ୱସ୍ତରରେ ରାଜନେତା, ଶିଳ୍ପପତି ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସହ ଜଡିତ ଥିବାରୁ ଏହା ଆନ୍ତର୍ଜାତୀୟ ମାନବାଧିକାର ଓ ନ୍ୟାୟ ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ଆଲୋଚନାଚକ୍ରରେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା, ଜିଲ୍ଲା ସହସମ୍ପାଦକ ସଞ୍ଜୟ ସୁନାନି, ଅଖିଳ ଭାରତ ଛାତ୍ର ସଂଘ ଜିଲ୍ଲା ସମ୍ପାଦକ ରାଜାରାମ ଡଙ୍ଗରି, ଆଇନଜୀବୀ ଦିଗାମ୍ବର ଦୁରିଆ, ବିନୋଦ ନାଏକ, ଲକ୍ଷଜ୍ୟୋତି ଜାଲ, ଡଗ ନାଏକ, ସୋମ୍ୟରଞ୍ଜନ ନାଏକ, କାମେଶ ନାଗ, ନୀଳକଣ୍ଠ ମିଶ୍ର, ମାଧବ ସାହୁ, ରାଣୀମତି ଛତ୍ରିଆ, ଝିଲ୍ଲି ବିହାରୀ, ଲିଙ୍କନ ବାଗ, ସଲିମା ସେଠିଆ ପ୍ରମୁଖ ଉପସ୍ଥିତ ରହି ଚର୍ଚ୍ଚାକୁ ସମୃଦ୍ଧ କରିଥିଲେ।

## ଜୀବଜନ୍ତୁଙ୍କ ପାଇଁ ଖାଦ୍ୟ ଓ ଜଳ ବ୍ୟବସ୍ଥା

**ଧର୍ମଗଡ଼, ୨୬।୪(ସମିସ):** ସାରା ରାଜ୍ୟରେ ପ୍ରଚଣ୍ଡ ରୁଦ୍ରତାପ ପାଇଁ ପ୍ରାଣୀଜଗତ ଛଟପଟ ହେଉଛନ୍ତି। ଜୀବଜନ୍ତୁମାନଙ୍କ ଦୁର୍ଦ୍ଦଶାକୁ ଗଭୀର ଭାବେ ଅନୁଭବ କରି ବରିଷ୍ଠ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଗାଇ, ବଳଦ ସହ ବିଭିନ୍ନ ପଶୁପକ୍ଷୀଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରି ମାନବିକତାର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଶ୍ରୀ ଅଗ୍ରୱାଲ ନିଜ ପ୍ରୟାସରେ ଗୋଲାମୁଣ୍ଡା ଏବଂ ପାଖପାଖି ଅଞ୍ଚଳର ବିଭିନ୍ନ ସ୍ଥାନରେ ଜଳପାତ୍ର ବ୍ୟବସ୍ଥା କରିବା ସହ ଗାଇ ବଳଦମାନଙ୍କ ପାଇଁ ଖାଦ୍ୟ ସାମଗ୍ରୀ ପହଞ୍ଚାଇ ଆସୁଛନ୍ତି। ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରାୟ ୧୫ ବର୍ଷରୁ ଅଧିକ ସମୟ ଧରି ଗରୀବ, ନିରୀହ ଓ ଅସହାୟ ଲୋକଙ୍କ ସେବାରେ ନିରନ୍ତର ନିୟୋଜିତ ରହିଆସୁଛନ୍ତି। ଖରା, ବର୍ଷା କିମ୍ବା ଶୀତ ଭଳି ସମସ୍ତ ପରିସ୍ଥିତିରେ ସେ ସମାଜର ଲୋକଙ୍କ ସହ ରହି ସହାୟତାର ହାତ ବଢ଼ାଇ ଆସୁଛନ୍ତି। ବିଶେଷ କରି ଗ୍ରୀଷ୍ମ ଋତୁରେ ପାଣି ସଂକଟକୁ ଦୃଷ୍ଟିରେ ରଖି ସେ ପଶୁପକ୍ଷୀଙ୍କ ସୁରକ୍ଷା ଓ ଜୀବନ ରକ୍ଷା ପାଇଁ ଏହିପରି ଉଦ୍ୟମ କରୁଥିବା କଥା ସ୍ଥାନୀୟ ଲୋକମାନେ ଉଲ୍ଲେଖ କରିଛନ୍ତି। ଏହାଛଡ଼ା ସେ ଗାଁ ଗାଁ ବୁଲି ଲୋକଙ୍କ ଦୁଃଖସୁଖ ବୁଝିବା, ପ୍ରଶାସନ ପାଖରେ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା, ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି କରିବା, ମହାମାରୀ ସମୟରେ ଜନସାଧାରଣଙ୍କୁ ସଚେତନ କରିବା ଭଳି ଅନେକ ସାମାଜିକ କାର୍ଯ୍ୟରେ ସକ୍ରିୟ ଭୂମିକା ନିଭାଇ ଆସୁଛନ୍ତି।



## ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସରେ ସୁନ୍ଦରଗଡ଼ ଜିଲ୍ଲା ପୁରସ୍କୃତ

**ରାଉରକେଲା, ୨୬।୪ (ସମିସ):** ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ସୁନ୍ଦରଗଡ଼ ଜିଲ୍ଲା ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଜିଲ୍ଲା ଭାବେ ପୁରସ୍କୃତ ହୋଇଛି। ବଲାଙ୍ଗିରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲାକୁ ୧୨ ଲକ୍ଷ ଟଙ୍କାର ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇଛି। ଏହା ସହିତ ସୁନ୍ଦରଗଡ଼ ଜିଲ୍ଲାର ବିଶ୍ରା ବ୍ଲକ ମଧ୍ୟ ରାଜ୍ୟର ଶ୍ରେଷ୍ଠ ବ୍ଲକ ଭାବେ ବିବେଚିତ ହୋଇ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ହାସଲ କରିଛି।

## ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ




**ରାଉରକେଲା, ୨୬।୪(ସମିସ):** ବାଞ୍ଛାନିଧି ମହାନ୍ତି କେବଳ ଜଣେ କବି ନଥିଲେ, ସେ ଥିଲେ ଜଣେ ଯୁଗସ୍ରଷ୍ଟା ସଂଗ୍ରାମୀ। ସେ ତାଙ୍କର ସାହିତ୍ୟକୁ ଦେଶମାତୃକାର ସେବାରେ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗ କରିଥିବାରୁ ତାଙ୍କୁ 'ଜାତୀୟ କବି' ଉପାଧିରେ ସମ୍ମାନିତ କରାଯାଇଥିଲା। ରାଉରକେଲାର ବିଶିଷ୍ଟ ସାହିତ୍ୟ-ସମାଜସେବୀ ଅନୁଷ୍ଠାନ 'ବାସୁଦେବପୁର ଜନକଲ୍ୟାଣ ପରିଷଦ' ଆନୁକୂଲ୍ୟରେ ସେକ୍ଟର-୨୦ ଠାରେ ପାଳିତ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀରେ ବିଶିଷ୍ଟ ବକ୍ତାମାନେ ଉପରୋକ୍ତ ଉକ୍ତି କହିଛନ୍ତି। ବରିଷ୍ଠ ଉପସଭାପତି ଡା. ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଜଣେ ବିପ୍ଳବୀ କବି ଭାବରେ ସେ ତାଙ୍କର ଲେଖନୀ ଓ କଣ୍ଠ ସାହାଯ୍ୟରେ ଓଡ଼ିଶାର ଜନମାନସରେ ଯେଉଁ ଦେଶପ୍ରେମର ଜୁଆର ସୃଷ୍ଟି କରିଥିଲେ, ତାହା ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ବେଶ୍ ଶକ୍ତିଶାଳୀ କରିଥିଲା ବୋଲି ସାଧାରଣ ସମ୍ପାଦକ କହିଥିଲେ। ଉପସଭାପତି ଡା. ରବୀନ୍ଦ୍ର କୁମାର ପଣ୍ଡା, ଅନ୍ୟତମ ଉପସଭାପତି ଉଦୟ କୁମାର ସାହୁ, କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁ, ସହ ସମ୍ପାଦକ ସନାତନ ପତି, ଉପେନ୍ଦ୍ର ପ୍ରସାଦ ଦାଶ, ସତ୍ୟଜିତ୍ ସାହୁ, ପ୍ରବୀର କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ କବିଙ୍କର ସ୍ମୃତି ଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ଶରତ କୁମାର ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସଭାପତି ଡା. ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ୟୋତିର୍ମୟୀ ପତି, ସୁକାନ୍ତି ଲତା ପାଢ଼ୀ, ଲାବଣ୍ୟ ପାଢ଼ୀ, ନିବେଦିତା ସାହୁ, ସଦାପ୍ରିୟ ପତି ପ୍ରମୁଖ ସହାୟତା କରିଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ଜୈବିକ କୃଷିଭିତ୍ତିକ ଜ୍ଞାନକୌଶଳ କର୍ମଶାଳା




**ରାଉରକେଲା, ୨୬।୪(ସମିସ):** ରାଉରକେଲା ଇସ୍ପାତ କାରଖାନା ଏବଂ ରାଉରକେଲା ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଏନଆଇଟି)ର ମିଳିତ ସହଭାଗିତାରେ ସିଏସ୍ଆର୍ ବିଭାଗ ଦ୍ୱାରା ଆଇପିଡି ସେଣ୍ଟରଠାରେ ଗତ ଅପ୍ରେଲ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଏକ ନିରନ୍ତର ଜୈବିକ କୃଷି କର୍ମଶାଳା ଆୟୋଜିତ ହୋଇଥିଲା। ଏହି କାର୍ମଶାଳାରେ ଲାଠିକଟା ଏବଂ ବିଶ୍ରା ପାର୍ଶ୍ୱବର୍ତ୍ତୀ ବ୍ଲକର ୫୦ ଜଣ ମହିଳା ଚାଷୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ଜୈବିକ କୃଷି, ଛତୁ ଚାଷର ଜୈବିକ ଉପାୟ, ଭର୍ମିକମ୍ପୋଷ୍ଟ, ଜୈବିକ ସାର ଏବଂ ଜୈବିକ-କୀଟନାଶକ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ଇତ୍ୟାଦି ବିଷୟରେ ତାତ୍ତ୍ୱିକ ଏବଂ ବ୍ୟବହାରିକ ସୂଚନା ଦିଆଯାଇଥିଲା। ଏନଆଇଟି ରାଉରକେଲାର ପ୍ରଫେସର ଏବଂ ଗବେଷକ, କେଭିକେ ବୈଜ୍ଞାନିକ ଏବଂ ଜୈବିକ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଭ୍ୟାସକାରୀମାନେ ଉକ୍ତ କାର୍ମଶାଳାକୁ ପରିଚାଳନା କରିଥିଲେ। ଭାରତୀୟ କୃଷି ପଦ୍ଧତିରେ ଜୈବିକ କୃଷି ଉପଯୋଗକୁ ସହଜ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା। ସେବା ବିଭାଗର ସିଜିଏମ ଇନ୍‌ଚାର୍ଜ ଆତିଶ ଚନ୍ଦ୍ର ସରକାର ଏହାର ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସଆର ବିଭାଗର ଜିଏମ ଇନ୍‌ଚାର୍ଜ ମୁନମୁନ ମିତ୍ର, ଜିଏମ ବି. ମଲ୍ଲିକ, ଡିଜିଏମ ଆରଏସ୍ ବାରା, ଡିଜିଏମ ପି ସାହୁ, ରାଉରକେଲା ଏନଆଇଟିର ପ୍ରଫେସର ରାମଚନ୍ଦ୍ର ପ୍ରଧାନ ଆସୋସିଏଟ୍ ଡିନ୍ ତଥା ଏନଆଇଟିର ପରାମର୍ଶଦାତା ବିଭୂତି ଭୂଷଣ ବେହେରାଙ୍କ ସମେତ ସିଏସ୍ଆର୍ ବିଭାଗର ଅନ୍ୟଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ସଚେତନ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

**ରାଉରକେଲା, ୨୬।୪(ସମିସ):** ସହରର ଅନ୍ୟତମ ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚର ତ୍ରୟୋଦଶତମ ବାର୍ଷିକ ଉତ୍ସବ ସ୍ଥାନୀୟ ସିଭିକ ସେଣ୍ଟରଠାରେ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ଇଂ. ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକନେତା ବୈଦ୍ୟନାଥ ଦାସ, ସାମାଜିକ କର୍ମୀ ତଥା ଉପଦେଷ୍ଟା ଚିତ୍ତରଞ୍ଜନ ଦାସ, ଉପଦେଷ୍ଟା ଡ. ଉତ୍ତମ ଚରଣ ଜେନା, ପ୍ରାକ୍ତନ ସଭାପତି ଡ. ଫକୀର ଚରଣ ହୋତା, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ନାୟକ, ପ୍ରତିଷ୍ଠାତା ସଦସ୍ୟ ଜଗବନ୍ଧୁ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଲୋଚ୍ୟ ପ୍ରସଙ୍ଗ ସୁନ୍ଦରଗଡ଼ ଜିଲ୍ଲା ଓ ରାଉରକେଲା ବିକାଶରେ ଅବହେଳା, ଅନୁଷ୍ଠାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। ଅନ୍ୟତମ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ନଳିନୀକାନ୍ତ ଧର ଓ ଶ୍ରମିକନେତା ଦିଗମ୍ବର ମହାନ୍ତି ଆଲୋଚନାରେ ମତାମତ ରଖିଥିଲେ। ସାଧାରଣ ସମ୍ପାଦକ ପି ପି ରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସହ ସାଧାରଣ ସମ୍ପାଦକ କୁଞ୍ଜବିହାରୀ ରାଉତ ସଂଯୋଜନା କରିଥିଲେ। ମଞ୍ଚର ମୁଖପତ୍ର ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସମସ୍ତ ଅତିଥି ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଶଶଧର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଆର୍‌ଏସ୍‌ପି ସମ୍ପ୍ରସାରଣ ନେଇ ବିସ୍ଥାପିତଙ୍କ ସହ ଆଲୋଚନା ବିଫଳ

# ବାଧକ ଜମିଅଧିଗ୍ରହଣ; ଆକର୍ଷଣୀୟ ପ୍ୟାକେଜକୁ ବିସ୍ଥାପିତଙ୍କ ଅଗ୍ରାହ୍ୟ

**ରାଉରକେଲା, ୨୬।୪(ସମିସ)**

ରାଉରକେଲା ଇସ୍ପାତ କାରଖାନାର ମେଗା ସମ୍ପ୍ରସାରଣ ନେଇ ଆଜି ବିସ୍ଥାପିତଙ୍କ ସହ ରାଉରକେଲା ହାଉସଠାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ଆଲୋଚନା ବୈଠକ ବିଫଳ ହୋଇଛି। ଆରଏସପି ଦ୍ୱାରା ଘୋଷିତ ଆକର୍ଷଣୀୟ ପ୍ୟାକେଜକୁ ବିସ୍ଥିପିତଙ୍କ ଅଗ୍ରାହ୍ୟ କରି ଦେବାରୁ ପୁନର୍ବାର ଆଲୋଚନା ବିଫଳ ହୋଇ ଅମୀମାଂସିତ ହୋଇ ରହିଯାଇଛି। ପ୍ରକଳ୍ପ ଆରମ୍ଭରେ ଜମିଅଧିଗ୍ରହଣ ବାଧକ ସାଜିବାରୁ ୩୦ ହଜାର କୋଟି ଟଙ୍କାର ଏହି ମେଗା ପ୍ରକଳ୍ପକୁ ରାଉରକେଲାବାସୀ ହାତଛଡ଼ା କରିବାର ଆଶଙ୍କା ଉପୁଜିଛି। ଏହି ମେଗା ସମ୍ପ୍ରସାରଣ ଇସ୍ପାତ ପ୍ରକଳ୍ପ ପୁନର୍ବାର ରାଉରକେଲାରୁ ଫେରିଯିବ ବୋଲି ଆଲୋଚନା ଜୋର୍ ଧରିଛି।

ସୂଚନାନୁଯାୟୀ, ସମ୍ପ୍ରତି ରାଉରକେଲା ଇସ୍ପାତ କାରଖାନାର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ନିୟୁତ ଟନ୍ ରହିଥିବା ବେଳେ ଏହାକୁ ସମ୍ପ୍ରସାରଣ କରି ଏହାର ଉତ୍ପାଦନ କ୍ଷମତା ୯.୫ ନିୟୁତ ଟନ୍ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ମୋଟ ୩୦ ହଜାର କୋଟି ଟଙ୍କା ନିବେଶ ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ଏଥିପାଇଁ ଆବଶ୍ୟକ ଜମି ଉପଲବ୍ଧ ହୋଇ ପାରୁନଥିବାରୁ ଉକ୍ତ ମେଗା ପ୍ରକଳ୍ପଟି ଆଗକୁ ବଢ଼ି ପାରୁନାହିଁ। ଓଡ଼ିଶା ସରକାର ଏପ୍ରିଲ ଶେଷ ସୁଦ୍ଧା ଜବରଦଖଲ ଉଚ୍ଛେଦ କରି ସମ୍ପ୍ରସାରଣ ପାଇଁ ଆରଏସପିକୁ ଆବଶ୍ୟକ ୧୨ ଶହ ଏକର ଜମି ହସ୍ତାନ୍ତର କରିବା ନେଇ ସମୟସୀମା ଧାର୍ଯ୍ୟ ହୋଇଛି। ଏପ୍ରିଲ୍ ମାସ ସୁଦ୍ଧା ଆବଶ୍ୟକ ଜମି ଉପଲବ୍ଧ ହେଲେ ପ୍ରସ୍ତାବକୁ ମେ ମାସରେ ହେବାକୁ ଥିବା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ) ବୋର୍ଡ ବୈଠକରେ ଅନୁମୋଦନ ମିଳିବାର ସମ୍ଭାବନା ରହିଛି। ଏହା ବିଫଳ ହେଲେ ସମ୍ପ୍ରସାରଣ ପ୍ରସ୍ତାବକୁ ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟକୁ ସ୍ଥାନାନ୍ତରିତ କରାଯାଇପାରେ ବୋଲି କୁହାଯାଉଛି। ଏହି ନିଷ୍ପତ୍ତିକୁ ଏପ୍ରିଲ୍ ୧୫ରେ ଇସ୍ପାତ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଅନ୍ୟପଟରେ ଗତକାଲି ବନ୍ଧମୁଣ୍ଡାଠାରେ ଆର୍‌ଏସ୍‌ପି ତରଫରୁ ଏହି ସମ୍ପ୍ରସାରଣ କାର୍ଯ୍ୟର ଜମି ଅଧିଗ୍ରହଣ ପାଇଁ ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ବେଳେ ବିସ୍ଥାପିତମାନେ ବିରୋଧ କରିଥିଲେ। ଯାହାଦ୍ୱାରା ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ କାର୍ଯ୍ୟ ସ୍ଥଗିତ ରହିଥିଲା। ସମ୍ପ୍ରସାରଣ ବିଷୟରେ ଆଲୋଚନା କରିବା ପାଇଁ ଆଜି ରାଉରକେଲା ହାଉସ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯାଇଥିଲା। ଯେଉଁଥିରେ ସହଯୋଗ ଏବଂ ଅଂଶୀଦାରଙ୍କ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବିସ୍ଥାପିତ ପରିବାର ଏବଂ ରଘୁନାଥପାଲି ବିଧାୟକ ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ, ଆରଏସପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଏଚଆର) ତରୁଣ ମିଶ୍ର, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଦୀନା ଦସ୍ତଗିର ଏବଂ ଅତିରିକ୍ତ ଏସପି ରାଜ କିଶୋର ମିଶ୍ରଙ୍କ ସମେତ ଅନେକ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଏହାସହ ବିସ୍ଥାପନ ହେବାକୁ ଥିବା ବରକାନି, ଝାରମୁଣ୍ଡା ଏବଂ ଟାଙ୍ଗରାପାଲି ଭଳି ଅଞ୍ଚଳର ବାସିନ୍ଦା ମଧ୍ୟ ଉପସ୍ଥିତ ଥିଲେ। ଏହି ସମ୍ପ୍ରସାରଣରେ ପ୍ରଭାବିତ ପରିବାରଙ୍କ ପାଇଁ ଆରଏସପି ପକ୍ଷରୁ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦାସ ଏକ ସ୍ୱତନ୍ତ୍ର ପୁନର୍ବାସ ଏବଂ କ୍ଷତିପୂରଣ ପ୍ୟାକେଜ୍ ଘୋଷଣା କରିଥିଲେ। ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ମୋଟ ୫ ଲକ୍ଷ ୧୬ ହଜାର ୬୨୦ ଟଙ୍କା କ୍ଷତିପୂରଣ ବାବଦକୁ ସହାୟତା ମିଳିବ, ଯେଉଁଥିରେ ବାସଗୃହ ପାଇଁ ୧ ଲକ୍ଷ ଟଙ୍କା ଅନୁଦାନ, ଘର ନିର୍ମାଣ ପାଇଁ ୩ ଲକ୍ଷ ୧୨ ହଜାର ୪୬୫ ଟଙ୍କା ଏବଂ ବିସ୍ଥାପିତ ସହାୟତା ବାବଦକୁ ଭାବରେ ୧ ଲକ୍ଷ ୪ ହଜାର ୧୫୫ ଟଙ୍କା ଅନ୍ତର୍ଭୁକ୍ତ ରହିଛି। ଏହା ସହିତ, ପ୍ରତ୍ୟେକ ପରିବାରକୁ ୬୫୦ ବର୍ଗଫୁଟର ଏକ ବିକଶିତ ପ୍ଲଟ୍ ଆବଣ୍ଟିତ କରାଯିବ, ଯାହାର ମାନଦଣ୍ଡ ମୂଲ୍ୟାଙ୍କନ ପ୍ରତି ବର୍ଗଫୁଟ ୨୭୬୦ ଟଙ୍କା ହେବ, ଯାହା ପ୍ରତି ଏକର ୧୨ କୋଟି ହେବ। ଜୀବିକା ସହାୟତା ପାଇଁ ପ୍ରତ୍ୟେକ ପ୍ରଭାବିତ ପରିବାରର ଜଣେ ସଦସ୍ୟଙ୍କୁ ୨୯, ୬୫୭ ଟଙ୍କା ମାସିକ ପାରିଶ୍ରମିକ (ବୋନସ ସହିତ) ସହିତ ଆଉଟସୋର୍ସି କର୍ମଚାରୀ ଭାବରେ ନିଯୁକ୍ତି ପ୍ରଦାନ କରାଯିବ। ଯାହାର ଯୋଗ୍ୟତା ବୟସ ସୀମା ୬୦ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ସେ ଘୋଷଣା କରିଥିଲେ। ପରିବାର ସଦସ୍ୟଙ୍କୁ ଇଏସଆଇ ମେଡିକାଲ ସୁବିଧା ପ୍ରଦାନ କରାଯିବ ବୋଲି ମଧ୍ୟ ବୈଠକରେ ଘୋଷଣା କରାଯାଇଥିଲା। ତେବେ ଆରଏସପିର ଏହି ପ୍ୟାକେଜକୁ ବିସ୍ଥାପିତ ବାସୀନ୍ଦାମାନେ ଅଗ୍ରାହ୍ୟ କରି ଦେଇଥିଲେ। ସେମାନେ ଓଲଟା ଆମେ ପିଢି ପିଢି ଧରି ବାସ କରିବା ସହ ଚାଷବାସ କରି ପରିବାର ପ୍ରତିପୋଷଣ କରି ଆସୁଛୁ। ଜମି ଚାଲିଗଲେ କିପରି ପରିବାର ପ୍ରତିପୋଷଣ କରିବୁ ବୋଲି ପ୍ରଶ୍ନ କରି ପ୍ୟାକେଜ୍‌କୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ଆଲୋଚନା ଅମୀମାଂସିତ ରହିଥିଲା। ଆଲୋଚନା ସମୟରେ ଟାଙ୍ଗରପାଲି ଏବଂ ବନ୍ଧମୁଣ୍ଡା ଥାନା ଅଧିକାରୀ, ଆରଏସପି ସହର ସେବା ଏବଂ ଇଞ୍ଜିନିୟରିଂ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।



**୩୦ ହଜାର କୋଟିର ମେଗା ଇସ୍ପାତ ପ୍ରକଳ୍ପ ହାତଛଡା ହେବ!**

## ଆମ୍‌କୋ-ସିମ୍‌କୋ ସହିଦ ଦିବସ



**ରାଉରକେଲ, ୨୬।୪(ସମିସ):** ବୀରମିତ୍ରପୁର ଅନ୍ତର୍ଗତ ରାଏବୋଗା ସ୍ଥିତ ଆମ୍‌କୋ-ସିମ୍‌କୋ ସହିଦ ପୀଠରେ ୮୮ତମ ଆମ୍‌କୋ-ସିମ୍‌କୋ ସହିଦ ଦିବସ ପାଳିତ ହୋଇଛି। ଏହି ଅବସରରେ ବ୍ରିଟିଶ ଗୁଳିରେ ସହିଦ ହୋଇଥିବା ୪୯ ଜଣ ନିରିହ ଆଦିବାସୀଙ୍କ ପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପାନପୋଷ ଉପଜିଲ୍ଲାପାଳ ତଥା ଆମ୍‌କୋ-ସିମ୍‌କୋ ସହିଦ ସ୍ମାରକୀ କମିଟିର ଅଧ୍ୟକ୍ଷ ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ରାହ୍ମଣମରା ସମାଧି ପୀଠ ଓ ଆମ୍‌କୋ-ସିମ୍‌କୋର ସହିଦ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆମ୍‌କୋ-ସିମ୍‌କୋ ଶହୀଦ ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହିଦ ସ୍ମାରକୀ କମିଟିର ଉପାଧ୍ୟକ୍ଷ ପ୍ରଫେସର ବିଜୟ କୁମାର ଟପ୍ପୋ ଯୋଗଦେଇଥିଲେ। ପୁର୍ବତନ ବିଧାୟକ ଶଙ୍କର ଓରାମ ହାଲୁ ମୁଣ୍ଡାରି, ଜିଲ୍ଲା ପରିଷଦର ପୁର୍ବତନ ଅଧ୍ୟକ୍ଷା ଏମ୍ମା ଏକ୍କା, ବିରମିତ୍ରପୁର ପୌରପାଳିକାର ଅଧ୍ୟକ୍ଷ ସନ୍ଦୀପ ମିଶ୍ର, ଉପାଧ୍ୟକ୍ଷା ନିବେଦିତା ବାଗ, କୁଆଁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରେକେଟା, ପାନପୋଷ ପିଏ ଆଇଟିଡିଏ ବିକ୍ରାଣୀ କିସପଟ୍ଟା, ବିରମିତ୍ରପୁର ତହସିଲଦାର ଗୌରୀ ନାୟକ, ବିରମିତ୍ରପୁର ପୌରପାଳିକାର ନିର୍ବାହୀ ଅଧିକାରୀ ୟାସିର ଅହମ୍ମଦ, କୁଆଁରମୁଣ୍ଡା ବିଡିଓ ଡ. ଜଗଦିଶ ମହାନନ୍ଦିଆ, ସମିତି ସଭ୍ୟ ରାଜେନ୍ଦ୍ର କୁଜୁର ଓ ନେଭିନ କେରେକେଟା, ପୂର୍ବତନ ଉପାଧ୍ୟକ୍ଷ ଏସଏସ ସାହୁ, ପୁର୍ବତନ ପୁଲିସ ଅଧିକାରୀ ସୁମନ ଦତ୍ତ ପ୍ରମୁଖ ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସହିଦ ସ୍ମାରକୀ କମିଟିର ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହା ପୂର୍ବରୁ ବ୍ରାହ୍ମଣମରା ସହିଦ ସମାଧି ସ୍ଥଳରେ ପାନପୋଷ ଉପଜିଲ୍ଲାପାଳ ତଥା ସହିଦ ସ୍ମାରକୀ କମିଟିର ଅଧ୍ୟକ୍ଷ ଶ୍ରୀ ନାୟକ ଓ ଉପାଧ୍ୟକ୍ଷ ପ୍ରେଫେସର ଟପ୍ପୋ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସ୍ମୃତି ଚାରଣ କରିଥିଲେ।

## ମହିଳା ସଂରକ୍ଷଣ ବିଲ କାଟ ଖାଇବା ପ୍ରସଙ୍ଗ

# ବିଜେପି ଉପରେ ବର୍ଷିଲା କଂଗ୍ରେସ

ସମ୍ବଲପୁର, ୨୬।୪(ସମିସ)



ମହିଳା ସଂରକ୍ଷଣ ବିଲ ସଂସଦରେ କାଟ ଖାଇବ ଘଟଣାରେ ସମ୍ବଲପୁର ଜିଲ୍ଲା କଂଗ୍ରେସ ବିଜେପି ଉପରେ ବର୍ଷିଛି। ନିର୍ବାଚନର ଫାଇଦା ପାଇବା ଆଶାରେ ବିଜେପି ଏହି ବିଲ ପାରିତ କରିବାର ଷଡ଼ଯନ୍ତ୍ର କରିଥିଲା। ଯାହା ଫେଲ ମାରିଥିବା ସହ ପର୍ଦ୍ଦାଫାଶ ହୋଇଥିବା କଂଗ୍ରେସ ପ୍ରକାଶ କରିଛି। ସେମାନେ କହିଛନ୍ତି, ଦେଶର ୫ ରାଜ୍ୟରେ ନିର୍ବାଚନ ଚାଲିଛି। ଏହି ସମୟରେ ବିଜେପି ସରକାର ନିଜ ଦଳର ବହୁମତ ନ ଥାଇ ମହିଳା ସଂରକ୍ଷଣ ବିଲ ଆଣିଥିବା ନେଇ ନାଟକ କରିଥିଲା। ବିଲ ପାରିତ ନ ହେଲେ ବିରୋଧୀଙ୍କୁ ଦାୟୀ କରି ବଦନାମ କରିବା ଲକ୍ଷ୍ୟ ଥିଲା। ନିର୍ବାଚନ ଫାଇଦା ନେବା ପାଇଁ ଯୋଜନା କରିଥିଲା ହେଲେ ଫେଲ ମାରିଲା। ପଶ୍ଚିମବଙ୍ଗ ଓ ତାମିଲନାଡୁ ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବାକୁ କେନ୍ଦ୍ର ସରକାର ଜାଣିଶୁଣି ଏଭଳି ଏକ ସ୍ୱତନ୍ତ୍ର ଅଧିବେଶନ ଡକାଇ ମହିଳା ବିଲ ସଂସଦରେ ଆଗତ କରିଥିଲା। ବିଲ ଖାରଜ ହେବା କଥା ବିଜେପି ଆଗରୁ ଜାଣିଥିଲା ବୋଲି ରାଜ୍ୟ ଉପ ସଭାନେତ୍ରୀ ସସ୍ମିତା ବେହେରା କହିଛନ୍ତି। ସମ୍ବଲପୁର ଜିଲ୍ଲା ସଭାପତି ଅମିତ୍ ଗୁରୁ କହିଥିଲେ ଯେ, ୨୦୨୩ରେ ସଂସଦରେ ମହିଳା ସଂରକ୍ଷଣ ବିଲ ପାରିତ ହୋଇଥିବା ବେଳେ ଏବେ ପୁଣିଥରେ ଏନେଇ ସମ୍ବିଧାନ ସଂଶୋଧନ ବିଲ ଆଗତ କରିବା କଣ ଜରୁରି ଥିଲା। ପୂର୍ବରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ୧୯୮୯ ମସିହାରେ ସଂସଦରେ ଐତିହାସିକ ବିଲ ଆଣି ପଞ୍ଚାୟତିରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ୨୦୧୧ରେ କଂଗ୍ରେସ ପକ୍ଷରୁ ସଂସଦରେ ଆଗତ ମହିଳା ବିଲ ରାଜ୍ୟସଭାରେ ପାରିତ ହୋଇଥିଲା। କଂଗ୍ରେସ ସବୁବେଳେ ମହିଳାଙ୍କୁ କ୍ଷମତା ଦେବାକୁ କସରତ କରି ଆସିଛି। କିନ୍ତୁ ବିଜେପି ସରକାର କେବଳ ଭୋଟକୈନ୍ଦ୍ରିକ ଚିନ୍ତାଧାରା ଆପଣାଇ ମହିଳାଙ୍କ ପାଇଁ ଆଖିରେ ଲୁହ ନଥାଇ କାନ୍ଦୁଛି। ଯାହା ଦେଶବାସୀ ଜାଣି ସାରିଲେଣି। ବିଜେପି ସରକାରଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ରହିଛି।। ଗତ ୨ ବର୍ଷରେ ରାଜ୍ୟରେ ରେକର୍ଡ ସଂଖ୍ୟକ ୬୦ ହଜାର ଦୁଷ୍କର୍ମ ମାମଲା ଘଟିଲାଣି। ବିଜେପି ସରକାରଙ୍କ ମହିଳାଙ୍କ ପ୍ରତି କେତେ ସମ୍ମାନ ରହିଛି ତାହା ଜଣାପଡୁଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଉପସଭାପତି ଜିତେନ ମହାନନ୍ଦ, ପୂର୍ବତନ ସଭାପତି ଜୟଶଙ୍କର ମିଶ୍ର, ପୂର୍ବତନ ଜିଲ୍ଲା ମହିଳା ସଭାପତି ବିଜୟଲକ୍ଷ୍ମୀ ବେହେରା, ହୀରାକୁଦ ଟାଉନ ସଭାପତି ରବି ରାଉତ, ସମ୍ବଲପୁର ଟାଉନ ସଭାପତି ସଞ୍ଜୀବ ଗର୍ଡ଼ିଆ, ମାନେଶ୍ୱର ବ୍ଲକ ସଭାପତି ସଞ୍ଜୟ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରବାସୀ ଶ୍ରମିକଙ୍କ ଅଧିକାର ନେଇ ତେଲଙ୍ଗାନା ଶ୍ରମମନ୍ତ୍ରୀଙ୍କୁ ଦାବିପତ୍ର

**ସମ୍ବଲପୁର, ୨୬।୪ (ସମିସ):** ପ୍ରବାସୀ ଶ୍ରମିକମାନଙ୍କର ଅଧିକାର ସୁରକ୍ଷା ଓ ସୁବିଧା ସୁନିଶ୍ଚିତ କରିବା ଦାବିରେ ନ୍ୟାସନାଲ୍ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଟ୍ରେଡ୍




ୟୁନିଅନ୍ସ (ଏନଏଫଆଇଟିୟୁ) ପକ୍ଷରୁ ଓଡ଼ିଶା ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ପାଢ଼ୀଙ୍କ ନେତୃତ୍ୱରେ ତେଲଙ୍ଗାନାର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଜି. ବିବେକ ୱେଙ୍କଟସ୍ୱାମୀଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଅବଗତି ପତ୍ର ଦିଆଯାଇଛି।ଶ୍ରୀ ପାଢ଼ୀ କହିଛନ୍ତି ଯେ, ତେଲଙ୍ଗାନା ଏବଂ ଆନ୍ଧ୍ର ପ୍ରଦେଶରେ ବିଭିନ୍ନ ରାଜ୍ୟରୁ ଆସି କାମ କରୁଥିବା ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟା ଗୁରୁତର ଅବସ୍ଥାରେ ରହିଛି। ନିର୍ମାଣ, ଶିଳ୍ପ ଓ ଅନ୍ୟାନ୍ୟ କ୍ଷେତ୍ରରେ ବହୁ ସଂଖ୍ୟକ ଶ୍ରମିକ କାର୍ଯ୍ୟରତ ଥିବା ସତ୍ତ୍ୱେ ତାଙ୍କୁ ଶ୍ରମ ଆଇନ ଅନୁଯାୟୀ ମୂଳଭୂତ ସୁବିଧା ଓ ସୁରକ୍ଷା ସଠିକ୍ ଭାବରେ ମିଳୁନାହିଁ। ବିଶେଷକରି ନ୍ୟାୟସଂଗତ ଦରମା, କାର୍ଯ୍ୟସ୍ଥଳର ସୁରକ୍ଷା, ସ୍ୱାସ୍ଥ୍ୟ ସୁବିଧା ଓ ରହଣୀ ବ୍ୟବସ୍ଥାରେ ଅନେକ ଅଭାବ ଦେଖାଯାଉଛି। ସମସ୍ତ କାର୍ଯ୍ୟସ୍ଥଳରେ ଶ୍ରମ ଆଇନକୁ କଡ଼ା ଭାବରେ ଲାଗୁ କରାଯାଉ, ଶ୍ରମିକମାନଙ୍କୁ ସମୟମତେ ଏବଂ ଯଥାଯଥ ଦରମା ଦିଆଯାଉ, ସୁରକ୍ଷିତ ପରିବେଶ ନିଶ୍ଚିତ କରାଯାଉ ଓ ସ୍ୱାସ୍ଥ୍ୟ ସେବା ସହିତ ଭଲ ରହଣୀ ସୁବିଧା ଯୋଗାଇ ଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ମନ୍ତ୍ରୀ ସମ୍ପର୍କିତ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ଆଶ୍ୱାସନ ଦେଇଛନ୍ତି। ରାଜ୍ୟ ସରକାର ଶ୍ରମିକମାନଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ଓ ପ୍ରବାସୀ ଶ୍ରମିକଙ୍କ ଅଧିକାର ସୁରକ୍ଷା ପାଇଁ ପ୍ରୟୋଜନୀୟ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ।

## ବାଇକ୍ ଦୁର୍ଘଟଣା : ଜଣେ ମୃତ, ଦୁଇ ଗୁରୁତର

**କୁଚିଣ୍ଡା, ୨୬।୪(ସମିସ):** ବାମରାଲଇକେରା ମୁଖ୍ୟ ରାସ୍ତା କୁକେରମା ବୁଲାଣି ନିକଟରେ ରବିବାର ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି।ମୃତ ଯୁବକ ଜଣକ ସୁନ୍ଦରଗଡ଼ ଜିଲ୍ଲା ବଳଦମାଳଗ୍ରାମର ଅର୍ଜୁନ ଆଇନ୍ଦ ବୋଲି ପରିଚୟ ମିଳିଥିବା ବେଳେ ଗୁରୁତର ଦୁଇଜଣ କୁଲୁଟାଗ୍ରାମର ସୁବ୍ରାହ୍ମ ଆଇନ୍ଦ ଓ ସୁନିଲ ଆଇନ୍ଦ ବୋଲି ଜଣାପଡ଼ିଛି। ତିନିଜଣ ସାଙ୍ଗ ଅନ୍ୟ କେତେକ ଯୁବକଙ୍କ ସହ ମିଶି ଝାରସୁଗୁଡ଼ା ଜିଲ୍ଲାର ଡୁଡ଼କାବାହାଲ ଡ୍ୟାମ୍‌କୁ ବୁଲିବା ପାଇଁ ଯାଇଥିଲେ। ସେମାନେ ବୁଲି ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ କୁକେରମା ବୁଲାଣି ନିକଟରେ ହଠାତ୍ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଗଛକୁ ଜୋରଦାର ଧକ୍କା ଦେଇଥିଲା। ଫଳରେ ତିନିଜଣେ ରାସ୍ତା ଉପରେ ଛିଟକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ତୁରନ୍ତ ଉଦ୍ଧାର କରି ତିନିଜଣଙ୍କୁ ଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଅର୍ଜୁନ ଆଇନ୍ଦଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ସୁନ୍ଦରଗଡ଼ ମେଡିକାଲ କଲେଜ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

**ରେଢ଼ାଖୋଲ, ୨୬।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଢାଖୋଲ ଏନ୍ଏସି ୧୧ ନଂ ୱାର୍ଡ ଦଲଖମଣ ଗ୍ରାମ ନିକଟ ଜଙ୍ଗଲରୁ ରବିବାର ଦିନ ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯୁବକ ଜଣଙ୍କ ହେଲେ ରେଢ଼ାଖୋଲ ଥାନା ଅଧୀନ ଦଲଖମଣ ଗ୍ରାମର ପିଟର ବେକ(ଶମ୍ଭୁ)(୩୯)। ସୂଚନା ଯୋଗ୍ୟ ଯେ ଉକ୍ତ ଯୁବକ ଜଣଙ୍କ କୌଣସି କାରଣରୁ ଘରୁ ଚାଲିଯାଇ ଗ୍ରାମର ନିକଟ ଜଙ୍ଗଲରେ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଘରକୁ ନ ଆସିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କଲା ପରେ ରେଢ଼ାଖୋଲ ପୁଲିସକୁ ଖବର ଦେଇଥିଲେ। ରବିବାର ଅପରାହ୍ନ ସମୟରେ ଯୁବକ ଜଣଙ୍କ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା।ରେଢ଼ାଖୋଲ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତକ ଉକ୍ତ ଯୁବକ ଶବକୁ ଉଦ୍ଧାର କରିଥିଲେ।ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୁଲିସ ତଦନ୍ତ କରୁଛି।

## ମା' ବାସବୀ କନ୍ୟକା ପରମେଶ୍ୱରୀଙ୍କ ଜୟନ୍ତୀ



**ସମ୍ବଲପୁର, ୨୬।୪(ସମିସ):** ସମ୍ବଲପୁରର କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ଆଜି ମା' ବାସବୀ କନ୍ୟକା ପରମେଶ୍ୱରୀଙ୍କ ଏକ ଭବ୍ୟ ଶୋଭାଯାତ୍ରା ଓ ନଗର ପରିକ୍ରମା ସଫଳତାର ସହ ଆୟୋଜିତ ହୋଇଛି। କଳିଙ୍ଗ ବୈଶ୍ୟ ମହିଳା ସଂଘ ଏବଂ ଯୁବକ ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସମ୍ବଲପୁର କଳିଙ୍ଗ ବୈଶ୍ୟ ସଂଘର ସାଧାରଣ ସମ୍ପାଦକ ଟୁମୁଲୁ ସୁଶାନ୍ତ ସରାଫଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ପାରମ୍ପରିକ ମନ୍ତ୍ରୋଚାରଣ ଏବଂ ଭକ୍ତିମୟ ପରିବେଶ ମଧ୍ୟରେ ଏହି ଶୋଭାଯାତ୍ରା ସହରର ମୁଖ୍ୟ ରାସ୍ତା ଦେଇ ପରିକ୍ରମା କରିଥିଲା। ପଶ୍ଚିମାଞ୍ଚଳ ସଭାପତି ଟୁମୁଲୁ ହରିନାରାୟଣ, ସମ୍ବଲପୁର ସଂଘ ସଭାପତି ସିଲ୍ଲା ଯୋଗେନ୍ଦ୍ର, ମହିଳା ସଂଘ ସଭାନେତ୍ରୀ ସିଲ୍ଲା ରାଜକୁମାରୀ, ଯୁବକ ସଂଘ ସଭାପତି ଟୁମୁଲୁ ସୁନୀଲ କୁମାର ପ୍ରମୁଖ ନଗର ପରିକ୍ରମାରେ ଗୁରୁତ୍ୱ ଭୂମିକା ଗ୍ରହଣ କରିଥିଲେ। ସାଂସ୍କୃତିକ ଏକତା ବଜାୟ ରଖିବା ଏବଂ ସମଗ୍ର ସମାଜର ମଙ୍ଗଳ ପାଇଁ ମା' ବାସବୀ କନ୍ୟକା ପରମେଶ୍ୱରୀଙ୍କ ଆଶୀର୍ବାଦ ଭିକ୍ଷା କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

## ଜାତୀୟ କୁସ୍ତି ପ୍ରତିଯୋଗିତା ଖେଳିବେ ସମ୍ବଲପୁରର ପ୍ରୀତି

**ସମ୍ବଲପୁର, ୨୬।୪(ସମିସ):** ରାଜ୍ୟ ଓଡ଼ିଶା ଦଳ ସହିତ ୧୭ ବର୍ଷରୁ କମ ବର୍ଗର ଜାତୀୟ କୁସ୍ତି ପ୍ରତିଯୋଗିତାରେ ସମ୍ବଲପୁରର ଖେଳାଳି ପ୍ରୀତି ମିର୍ଦ୍ଧା ମହାରାଷ୍ଟ୍ରର ଓରଙ୍ଗାବାଦରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେବେ।



ଏହା ୨୮ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ରାଜ୍ୟ କୁସ୍ତି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇ ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାର ନାମ ଅକ୍ଷୁର୍ଣ୍ଣ ରଖି ଏକ ମାତ୍ର ଖେଳାଳି ଓଡ଼ିଶା ଦଳ ପାଇଁ ମନୋନୀତ ହୋଇଛନ୍ତି। ପ୍ରୀତି କୁସ୍ତି ପ୍ରଶିକ୍ଷକା ପୁଷ୍ପାଞ୍ଜଳି ସାହୁଙ୍କ ସହ ଗସ୍ତ କରିଛନ୍ତି। ସେ ଅଣ୍ଡର ୧୭ରେ ମହିଳା ଜାତୀୟ କୁସ୍ତି ପ୍ରତିଯୋଗିତାରେ ୬୧ କେଜି ବିଭାଗରେ ଓଡ଼ିଶା ତରଫରୁ ଖେଳିବେ। ଆସୋସିଏସନ ସମ୍ପାଦକ ସୁବାଷ ଚନ୍ଦ୍ର ବେହେରା, ରାଜ୍ୟ କୁସ୍ତି ସଂଘର ସାଧାରଣ ସମ୍ପାଦକ କିଶୋର ବେହେରା, ସଞ୍ଜୀବ ପଟ୍ଟନାୟକ, ପ୍ରଶିକ୍ଷକ ସ୍ୱାଗତ କୁମାର ଘଡାଇ, ଦିବ୍ୟ କରିସ୍ମା ପୃଷ୍ଟି, ଗାୟତ୍ରୀ ମିଶ୍ର, ସୁବ୍ରତ ପଣ୍ଡା, ରାମଦାସ ପଣ୍ଡା, ଲକ୍ଷ୍ମଣ କୁମାର ମେହେର, ତ୍ରିଲୋଚନ ରାଏ, ସନ୍ତୋଷ ସାହା, ଅରୁଣ କୁମାର ଅଜାଡିୱାଲ, ଶୁନୋ ପ୍ରସାଦ ସୋନାର, ସମିର ବିଶ୍ୱାଳ ପ୍ରୀତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବିଜେପିର ପ୍ରଶିକ୍ଷଣ ବର୍ଗ ଉଦ୍‌ଯାପିତ

**ରେଢ଼ାଖୋଲ, ୨୬।୪ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜେପି ନଗର ମଣ୍ଡଳ ପକ୍ଷରୁ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଭିଯାନର ରେଢ଼ାଖୋଲ ନଗର ମଣ୍ଡଳର ପ୍ରଶିକ୍ଷଣ ବର୍ଗ ଯାଯାବର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ନଗର ସଭାପତି ସୁଷମା ମୁଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ବକ୍ତା ଭାବେ ବରିଷ୍ଠ ବିଜେପି ନେତା କାର୍ତ୍ତିକ ବହିଦାର, ସରୋଜ ଆଚାର୍ଯ୍ୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଜିଲ୍ଲା ଉପସଭାପତି ଅର୍ଜୁନ ପଟ୍ଟନାୟକ ଯୋଗଦେଇ ବୁଥ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ଉପସଭାପତି ବିଚିତ୍ରାନନ୍ଦ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ ବକ୍ତା ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ସାମାଜିକ ଗଣମାଧ୍ୟମର ରାଜ୍ୟ ସଂଯୋଜକ ଉତ୍ତମ ବିଶ୍ୱାଳ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ଓ କାର୍ଯ୍ୟାନ୍ୱୟନ, ସାମାଜିକ ଗଣମାଧ୍ୟମ ଏବଂ ଏଆଇ, ନମୋ ଆପ, ସରଳ ଆପ, ବୁଥ ପରିଚାଳନା, ଆଗାମୀ ବୁଥସ୍ତରୀୟ କାର୍ଯ୍ୟକ୍ରମ ବିଷୟରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଜେପି ନଗର ସାଧାରଣ ସମ୍ପାଦକ ତଥା ବିଧାନସଭା ଗଣମାଧ୍ୟମ ସଂଯୋଜକ ଅନିଲ ପୃଷ୍ଟି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ବୁର୍ଡା ପଞ୍ଚାୟତର ସମିତି ସଭ୍ୟ ସଞ୍ଜୟ ବେହେରା, ନଗର ସାଧାରଣ ସମ୍ପାଦକ ଅମର ସିଂ, ସମ୍ପାଦକ ବବିତା ସେଠୀ, ଲବ କିଶୋର ଷଣ୍ଢ, ଉପସଭାପତି ସୁରେଶ ଭିତିରିଆ, ଗୋବିନ୍ଦ ଭିତିରିଆ, ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ବୈଠାରୁ, ସୋସିଆଲ ମିଡ଼ିଆ ସଂଯୋଜକ ସୌମ୍ୟରଞ୍ଜନ ଶାସନୀଙ୍କ ସମେତ ସମସ୍ତ ବୁଥର ସଭାପତି ଓ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ହୋଇ ପ୍ରଶିକ୍ଷଣ ନେଇଥିଲେ। ଶେଷରେ ଯୁବ୍ ମୋର୍ଚ୍ଚା ସଭାପତି ସୂର୍ଯ୍ୟପ୍ରକାଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୨୬।୪(ସମିସ):** ରବିବାର ସନ୍ଧ୍ୟାରେ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣ ଭକ୍ତି ସଙ୍ଗୀତର ସ୍ୱରରେ ଭକ୍ତିମୟ ପରିବେଶରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି।



ଭଜନ ସନ୍ଧ୍ୟାର ଆୟୋଜନ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ପକ୍ଷରୁ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ସମୟରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ସନ୍ତୋଷ କୁମାର ପୃଷେଠ, ହେମନ୍ତ ମିଶ୍ର, ଦେଓ କୁମାର ଆଜମେରିଆ, ଡ ଶ୍ୟାମ ସୁନ୍ଦର ଧର, ସୁଶାନ୍ତ ମିଶ୍ର, ସୁଶୀଲ ଦାସ, ସୁନୀଲ ତ୍ରିପାଠୀ, ତ୍ରିଲୋଚନ ତ୍ରିପାଠୀ, ରଞ୍ଜନ ସାହୁ, ପ୍ରସନ୍ନ ପ୍ରଧାନ ଓ ରତନ ଲାଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଭଜନ ସନ୍ଧ୍ୟାରେ ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ ଯାହା ଉପସ୍ଥିତ ଭକ୍ତମାନଙ୍କୁ ବିମୋହିତ କରିଥିଲା। ସୁମଧୁର କଣ୍ଠରେ ଆକାଂକ୍ଷା ବେହେରା, ଚନ୍ଦନ, ଆଶିଷ, ଭାରତୀ ପଣ୍ଡା, ଚିନ୍ମୟୀ ମୁଦୁଲି, ଆନନ୍ଦ ମେହେର, ଅନଙ୍ଗ ସାଇ ଦେଓ, ବିଜୟ ମିଶ୍ର, ଯୁଗଳ ଓ ମୃଦୁଳା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଅନଙ୍ଗ କୁମାର ସାଇଦେଓ, ଦେବାଶିଷ ପାଢ଼ୀ, ଭାଗିରଥୀ ସିଂଦେଓ ଓ ଦିବାକର ମହାନନ୍ଦ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନଙ୍ଗ କୁମାର ସାଇଦେଓ ପରିଚାଳନା କରିଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଏହିପରି ଭଜନ ସନ୍ଧ୍ୟା ନିୟମିତ ଭାବରେ ଆୟୋଜନ କରାଯାଉଛି। ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶା ବ୍ୟକ୍ତ କରିଛନ୍ତି।

## 'ସମ୍ବଲ' ପକ୍ଷରୁ ଶବ ସତ୍କାର



**ସମ୍ବଲପୁର, ୨୬।୪ (ସମିସ) :** ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଲ' ପକ୍ଷରୁ ଅସହାୟ ଶବ ସତ୍କାର କରାଯାଇଛି। ସୂଚନା ଅନୁଯାୟୀ, ବିହାର ରାଜ୍ୟ ସମସ୍ତିପୁର ଜିଲ୍ଲା ସୀମା ଗ୍ରାମର ଓକିଲ ଯାଦବ (୪୮) ଗତ ୧୦ ବର୍ଷ ହେବ ସମ୍ବଲପୁରରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ଆଗରୁ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗତ ୨୩ ତାରିଖ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁପରେ ବିହାରରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କୁ ଅଇଁଠାପାଲି ପୁଲିସ ଦ୍ୱାରା ସୂଚନା ଦିଆଯାଇଥିଲା। ଆଜି ମୃତ ଓକିଲ ଯାଦବଙ୍କ ଭାଇ ଦିଲୀପ ଯାଦବ, ବବଲୁ ଯାଦବ ଏବଂ ପ୍ରଦୀପ ଯାଦବ ଆସି ସମ୍ବଲପୁରରେ ପହଞ୍ଚିଥିଲେ। ପୁଲିସ ଦ୍ୱାରା ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା, କିନ୍ତୁ ସେମାନେ ଗରିବଶ୍ରେଣୀର ହୋଇଥିବାରୁ ଶବକୁ ତାଙ୍କ ପୈତୃକ ଗ୍ରାମକୁ ନେବାପାଇଁ ସକ୍ଷମ ନ ଥିଲେ। ତେଣୁ ଅଇଁଠାପାଲି ଥାନାଧିକାରୀ 'ସମ୍ବଲ' ଅନୁଷ୍ଠାନର ରାମଦାସ ପଣ୍ଡାଙ୍କୁ ଯୋଗାଯୋଗ କରିଥିଲେ। ମୃତ ଓକିଲ ଯାଦବଙ୍କ ଭାଇ ଦିଲୀପ ଯାଦବଙ୍କ ଲିଖିତ ଅନୁରୋଧକ୍ରମେ 'ସମ୍ବଲ' ଅନୁଷ୍ଠାନର ରାମଦାସ ପଣ୍ଡା, ସୌରୀ ପାଣିଗ୍ରାହୀ, ପଲଟୁ ଅଗ୍ରୱାଲ ଏବଂ ଆନନ୍ଦ ଅଜାଡ଼ିୱାଲ ରାଜଘାଟକୁ ଯାଇ ମୃତ ବ୍ୟକ୍ତିଙ୍କ ଶବ ସତ୍କାରରେ ସହଯୋଗ କରିଥିଲେ। ଓକିଲ ଯାଦବଙ୍କ ପୁତ୍ରରା କରନ ଯାଦବ ମୁଖାଗ୍ନି ଦେଇଥିଲେ।

## ଦ୍ୱିତୀୟ ସର୍ବାଧିକ ଗୃହ ନିର୍ମାଣ କରି ସମ୍ବଲପୁର ପୁରସ୍କୃତ

**ସମ୍ବଲପୁର, ୨୬।୪ (ସମିସ):** ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୬ର ରାଜ୍ୟସ୍ତରୀୟ ସମାରୋହ ଗତକାଲି ବଲାଙ୍ଗୀରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରସ୍କୃତ ପ୍ରଦାନ କରାଯାଇଛି। ରାଜ୍ୟରେ ସର୍ବାଧିକ ଗୃହ ନିର୍ମାଣ (ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନା) ରେ ସମ୍ବଲପୁର ଜିଲ୍ଲା ଦ୍ୱିତୀୟ ସ୍ଥାନ ହାସଲ କରିଛି। ସାରା ରାଜ୍ୟରେ ଦେବଗଡ଼ ଜିଲ୍ଲା ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ତୃତୀୟ ସ୍ଥାନରେ ଢେଙ୍କାନାଳ ଜିଲ୍ଲା ରହିଛି। ସମ୍ବଲପୁର ଜିଲ୍ଲାକୁ ପୁରସ୍କାର ରାଶି ୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଏହି ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, 'ଅନ୍ତ୍ୟୋଦୟ ଗୃହ ଯୋଜନା'ରେ ୨୫ ବର୍ଗ ମିଟର କାର୍ପେଟ୍ ଏରିଆ ବିଶିଷ୍ଟ ପକ୍କା ଘର ପାଇଁ ୧.୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମିଳିଥାଏ। ଏହି ପ୍ରକଳ୍ପ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଦ୍ୱାରା ପରିଚାଳିତ।

## ପବ୍ଲିକ୍ ଲାଇବ୍ରେରୀରେ ଯୁବ ପ୍ରସ୍ତୁତି ଶିବିର



**ସମ୍ବଲପୁର, ୨୬।୪(ସମିସ):** ଆଜି ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀରେ ଉତ୍ତମ ଚରିତ୍ର ଗଠନ ସକାଶେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତିର ଦ୍ୱିତୀୟ ସପ୍ତାହାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ଟି ଉଚ୍ଚ ବିଦ୍ୟାଳୟର ୫୨ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପ୍ରାର୍ଥନା ପରେ ବିଶିଷ୍ଟ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ସ୍ୱାସ୍ଥ୍ୟରକ୍ଷା ପାଇଁ ବିଭିନ୍ନ ଯୋଗ ଓ ପ୍ରାଣାୟାମ କରାଇଥିଲେ। ଏହାପରେ ପ୍ରଥମ ଅଧିବେଶନରେ ଡ.ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଡ. ମୀନକେତନ ପାଠୀ ବିଭିନ୍ନ ଉଦାହରଣ ମାଧ୍ୟମରେ, ଜୀବନରେ 'ସତ୍ୟ'ର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।ଦ୍ୱିତୀୟ ଅଧିବେଶନରେ 'ଆଖିର ଯତ୍ନ' ସମ୍ପର୍କରେ ବିଶିଷ୍ଟ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ଆଲୋଚନା କରି ମୋବାଇଲର ସ୍ୱଳ୍ପ ବ୍ୟବହାର ଓ ପ୍ରଦୂଷଣ ଠାରୁ ଦୂରେଇ ରହିବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର, ବରିଷ୍ଠ ସଭ୍ୟା ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ପ୍ରଫେସର ନିରୁପମା ବଡ଼ପଣ୍ଡା, ମୁକ୍ତକଣ୍ଠ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସଂଯୋଜକ ଶିବଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଦସ୍ୟ ହରି ନାରାୟଣ ପଣ୍ଡା, ଡ. ଗିରିଧାରୀ ହୋତା, ଉଦିତଚନ୍ଦ୍ର ପଟ୍ଟଯୋଶୀ ତଥା ଗ୍ରନ୍ଥାଗାରର ସହକାରୀ ବିଜୟ କୁମାର ସାହୁ ସହଯୋଗ କରିଥିଲେ।

## ପ୍ରତିଦିନ ୪୦ ଡିଗ୍ରୀ ଉପରେ ସହର

# ଭୀଷଣ ତାତି ସାଙ୍ଗକୁ ଅସମ୍ଭାଳ ଗରମ

ସମ୍ବଲପୁର, ୨୬।୪(ସମିସ)

ଟିହିଟିହିଆ ଖରା, ଖାଁ ଖାଁ ସହର। ଶୂନଶାନ ସହର ଆଉ ସବୁଠି ଖରାର ରାଜୁତି। ଡହଡହ ଖରାର ଜ୍ୱାଳାରେ ପୋଡି ହୋଇଯାଉଛି ଦେହ, ମୁଣ୍ଡଫଟା

### ତାପମାତ୍ରା ଲାଗି ପ୍ରଭାବିତ ବ୍ୟବସାୟ

ତାତି ପାଇଁ ତ୍ରାହି ତ୍ରାହି ଡାକୁଛି ମଣିଷ। ସକାଳ ୯ଟା ହେଲେ ଘରୁ ବାହାରିବାକୁ ସମ୍ବଲପୁରବାସୀ ଚିନ୍ତା ପ୍ରକଟ କରୁଛନ୍ତି।ପ୍ରଚଣ୍ଡ ତାତିରେ ଜଳୁଛି ସାରା ଓଡ଼ିଶା। ଡ଼ହଡ଼ହ ଖରାରେ ସନ୍ତୁଳି ହେଉଛନ୍ତି ଲୋକେ। ଝାଞ୍ଜି ପବନ ସାଙ୍ଗକୁ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡ଼ିଛି ଜୀବନ ଯାତ୍ରା। ଆକାଶରୁ ହେଉଛି ଅଗ୍ନିବର୍ଷା।। ଉପକୂଳରୁ ଉପାନ୍ତ ସବୁଠି କଲବଲ କରୁଛି ଟାଣ ଖରା। ସେହିପରି ପ୍ରଚଣ୍ଡ ତାତିରେ ଜଳୁଛି ପଶ୍ଚିମ ଓଡ଼ିଶା। ସମ୍ବଲପୁର ସହର ଡ଼ହଡ଼ହ ଖରାରେ ସନ୍ତୁଳି ହେଉଛନ୍ତି ଲୋକେ। ସହର ସାରା ଅଘୋଷିତ କର୍ଫ୍ୟୁ ହେଲା ଭଳି ମନେ ହେଉଛି। ରାସ୍ତାଘାଟ ସବୁ ଶୂନସାନ ହେଇଯାଉଛି। ଜରୁରୀ କାମରେ ଆସୁଥିବା ଲୋକେ ଗଛ ତଳେ ଆଶ୍ରୟ ନେଉଛନ୍ତି। ଏବେ ଏଭଳି ପରିସ୍ଥିତି ଦେଖି ଆଗକୁ ଆହୁରି କଣ ହେବ ସେ ନେଇ ଚିନ୍ତାରେ ସହରବାସୀ।

ରବିବାର ସହରରେ ତାପମାତ୍ରା ୪୩ ଡିଗ୍ରୀ ପାର କରିଛି। ପ୍ରତିଦିନ ଜିଲ୍ଲାରେ ତାପମାତ୍ରା ୪୦ ପାର କରୁଛି। ଗତକାଲି ତାପମାତ୍ରା ୪୨.୬ ଡିଗ୍ରୀ ରହିଥିଲା। ମଧ୍ୟାହ୍ନ ଓ ଅପରାହ୍ନରେ ଏତେ ଟାଣ ଖରା ହେଉଛି ଯେ ବାହାରକୁ ବାହାରିଲେ ଦେହ ମୁହଁ ପୋଡିଗଲା ପରି ଲାଗୁଛି। ଆକାଶରୁ ବର୍ଷୁଥିବା ନିଆଁହୁଳାରୁ ମଣିଷ



ନିସ୍ତାର ପାଇବା ପାଇଁ କିଏ ପାଣିର ସାହାରା ନେଉଛି ତ କିଏ ଲସିର ଆଉ କିଏ ମୃଦୁପାନୀୟର। ରାସ୍ତାଘାଟ ଖାଁଖାଁ ଲାଗୁଥିବା ପୂର୍ବରୁ ଜନଗହଳି ରହୁଥିବା ବସ୍‌ଷ୍ଟାଣ୍ଡ, ଅନ୍ୟଛକ ଗୁଡିକରେ ମଧ୍ୟ ଆଗଭଳି ଭିଡ ଦେଖିବାକୁ ମିଳୁନାହିଁ। ଗତ ବର୍ଷ ଏପ୍ରିଲ ମାସରେ ତାପମାତ୍ରା ୪୫ ଡିଗ୍ରୀ ପାର କରିଥିଲା। ତେବେ ଜିଲ୍ଲାରେ ଦିନକୁ ଦିନ ଖଣି ଓ ବିଭିନ୍ନ କାରଖାନା ବୃଦ୍ଧି ପାଉଛି। ଫଳରେ ବ୍ୟାପକ ଜଙ୍ଗଲ କାଟି ସଫା କରିଦିଆଯାଉଛି। ଏହାର ପ୍ରଭାବରେ ଗତ କିଛି ବର୍ଷ ହେଲା ପ୍ରତିବର୍ଷ ହାରାହାରି ତାପମାତ୍ରା ପ୍ରାୟ ୨/୩ ଡିଗ୍ରୀ ବଢୁଛି। ଚଳିତ ବର୍ଷ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ୧୦ଟା ବାଜିଲେ ଖରା ତେଜ ଆଶାତୀତ ଭାବେ ବୃଦ୍ଧି ପାଉଛି। ଏହାର ପ୍ରଭାବରେ ଦିନ ମଜୁରିଆ, ରିକ୍ସା ଚାଳକ ଓ ରାସ୍ତା କଡରେ ଛୋଟ ଛୋଟ ବ୍ୟବସାୟୀ ପ୍ରଭାବିତ ହେଉଛନ୍ତି। ଲୋକେ ଘରୁ ବାହାରକୁ ଆସୁନଥିବାରୁ ଚାରିଆଡେ ଖାଁ ଖାଁ ଲାଗୁଛି।ଦୋକାନ ବଜାରରେ ବ୍ୟବସାୟ ମଧ୍ୟ ଠିକ ଭାବେ ହେଉନାହିଁ।



# ଭୁବନେଶ୍ୱର ସିଟି



## ଟଙ୍କା ନ ଦେବାରୁ ଯୁବକଙ୍କ ମୁଣ୍ଡରେ ପଥର ଛେଚି ଦେଲା

ଭୁବନେଶ୍ୱର,୨୬।୪(ସମିସ): ଟଙ୍କା ନ ଦେବାରୁ ଯୁବକଙ୍କ ମୁଣ୍ଡରେ ପଥର ଛେଚି ଦେଇଛି ଅସାମାଜିକ ଯୁବକ। ଏଥିସହିତ ତାଙ୍କ ମୋବାଇଲକୁ ବାଡ଼େଇ ଭାଙ୍ଗି ଦେଇଛି। ସାଲିଆ ସାହି ଅଧନ ମୁଣ୍ଡା ସାହି ଛକରେ ଏହି ଘଟଣା ଘଟିଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ମୁଣ୍ଡା ସାହିର ଚନ୍ଦ୍ରମୋହନ ହେମ୍ବ୍ରମ ଓରଫ୍ ସୋରେନ୍ (୩୨)। ପୁଲିସ ସୂଚନା ମୁତାବକ, ଗତ ୧୭ ତାରିଖ ସକାଳେ ଦିଲ୍ଲୀପ କୁମାର ହେମ୍ବ୍ରମ ମୁଣ୍ଡାସାହି ଛକରେ ଥିବା ମାଛ ଦୋକାନ ପାଖରେ ବସିଥିବା ବେଳେ ସୋରେନ୍ ଆସି ତାଙ୍କୁ ୨୫୦୦ ଟଙ୍କା ମାଗିଥିଲା। ଦିଲ୍ଲୀପ ଟଙ୍କା ଦେବାକୁ ମନା କରିବାରୁ ସୋରେନ୍ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେବା ସହ ମାଡ଼ ମାରିଥିଲା। ଦିଲ୍ଲୀପଙ୍କୁ ଠେଲି ଦେଇ ପାଖରେ ପଡ଼ିଥିବା ଏକ ପଥର ଖଣ୍ଡି ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ଫଳରେ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା। ଏଥିସହିତ ଦିଲ୍ଲୀପଙ୍କୁ ମୋବାଇଲକୁ ବାଡ଼େଇ ଭାଙ୍ଗି ଦେଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଆସିଯିବାରୁ ସୋରେନ୍ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ଖବରପାଇ ପିସିଆର ଭ୍ୟାନ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଦିଲ୍ଲୀପଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଦିଲ୍ଲୀପ ଏନେଇ ଅଭିଯୋଗ କରିବା ପରେ ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁ କରିଥିଲା। ରବିବାର ସାଲିଆ ସାହିରୁ ସୋରେନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚୋରି ସୁନାଗହଣା ରଖି କିନ୍ନର ଗିରଫ

ଭୁବନେଶ୍ୱର,୨୬।୪(ସମିସ): ଚୋରି ସୁନାଗହଣା ରଖିଥିବା ଅଭିଯୋଗରେ କିନ୍ନରଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତା



ହେଉଛନ୍ତି ଭରତପୁରର ତାରିଣୀ ନାୟକ (୨୫)। ପୁଲିସ ସୂଚନାନୁସାରେ, ଅଭିଯୋଗକାରିଣୀ ରେଣୁ ଦାସ ମହାଲକ୍ଷ୍ମୀ ବିହାରରେ ରୁହନ୍ତି। ଗତ ସୋମବାର ରାତିରେ ସେ ଘରେ ନ ଥିବାବେଳେ ଲକ୍ଷ୍ମଣ ଦାସ ତାଙ୍କ ଘରର ତାଲା ଭାଙ୍ଗି ୨ଟି ସୁନା କାନଫୁଲ, ଚେନ୍ ସମେତ ସୁନା ଅଳଙ୍କାର ଚୋରି କରି ନେଇଥିଲା। ଲକ୍ଷ୍ମଣ ଉପରେ ସନ୍ଦେହ କରି ରେଣୁ ଅଭିଯୋଗ କରିବା ପରେ ଭରତପୁର ଥାନା ପୁଲିସ ମାମଲା ରୁଜୁ କରିଥିଲା। ପୂର୍ବରୁ ଅନ୍ୟ ଏକ ମାମଲାରେ ଗିରଫ ହୋଇଥିବା ଲକ୍ଷ୍ମଣଙ୍କୁ ପୁଲିସ ପଚରାଉଚରା କରିଥିଲା। ସେ ଚୋରି କରିବା ପରେ ଚୋରି ସୁନା ଅଳଙ୍କାରଗୁଡ଼ିକୁ ତାରିଣୀଙ୍କୁ ଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ପୁଲିସ ଆଜି ଷ୍ଟୁଡିଓ ଛକରେ ଚଢ଼ଉ କରି ତାରିଣୀଙ୍କୁ ଗିରଫ କରିଥିଲା। ତାଙ୍କ ଠାରୁ ଦୁଇଟି ସୁନା କାନଫୁଲ ଓ ଗୋଟିଏ ସୁନା ଚେନର ଖଣ୍ଡ ଜବତ କରିଥିଲା।

## ଆମ୍ବୁଲାନ୍ସ ଚାଳକଙ୍କୁ ଆକ୍ରମଣ; ୨ ଗିରଫ

ଭୁବନେଶ୍ୱର,୨୬।୪(ସମିସ): ଆମ୍ବୁଲାନ୍ସ ଚାଳକଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦୁଇ ଆମ୍ବୁଲାନ୍ସ ଚାଳକଙ୍କୁ ଗିରଫ କରିଛି ଭରତପୁର ଥାନା



ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଅନ୍ଧାରୁଆର ପ୍ରମୋଦ କୁମାର ଭୂୟାଁ ଓରଫ୍ ଚିଣ୍ଟୁ (୨୮) ଓ ଜଗନ୍ନାଥ ପ୍ରସାଦର ଅପର୍ତ୍ତି ସେଠୀ ଓରଫ୍ ଅପୁ (୪୩)। ପୁଲିସ ସୂଚନାନୁସାରେ, ଗତ ଶୁକ୍ରବାର ସଞ୍ଜୟ ଚୌଧୁରୀଙ୍କ ଚାଳକ ଆମ୍ବୁଲାନ୍ସ ଯୋଗେ ରୋଗୀ ନେଇ କଳିଙ୍ଗନଗର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ସେହି ସମୟରେ ଆମ୍ବୁଲାନ୍ସ ମାଲିକ ତଥା ଚାଳକ ଚିଣ୍ଟୁ, ଅପୁ ଓ ଅନ୍ୟ ସହଯୋଗୀମାନେ ଗାଡ଼ିକୁ ସାମ୍ନାରୁ ଅଟକାଇଥିଲେ। ଡ୍ରାଇଭରଙ୍କୁ ଗାଡ଼ିରୁ ଟାଣି ବାହାର କରି ମାଡ଼ ମାରିଥିଲେ ଓ ତାଙ୍କ ସହିତ ଥିବା ଲୋକଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ଆମ୍ବୁଲାନ୍ସର ଝରକା କାଚ ଭାଙ୍ଗି ଗାଡ଼ିକୁ କ୍ଷତିଗ୍ରସ୍ତ କରି ଦେଇଥିଲେ। ସଞ୍ଜୟ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ଜୋରଜବରଦସ୍ତି ସଞ୍ଜୟଙ୍କ ଠାରୁ ୧୦ ହଜାର ଟଙ୍କା ନେଇ ଆମ୍ବୁଲାନ୍ସକୁ ଛାଡ଼ି ଦେଇଥିଲେ। ଭବିଷ୍ୟତରେ ଏଠାକୁ ଆମ୍ବୁଲାନ୍ସ ପଠାଇବ ନାହିଁ ବୋଲି କହିବା ସହ ପଠାଇଲେ ଜୀବନରେ ମାରିଦେବାକୁ ସଞ୍ଜୟଙ୍କୁ ଧମକ ଦେଇଥିଲେ। ସଞ୍ଜୟ ଏନେଇ ଭରତପୁର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଘାଟିକିଆର ବିପୁଲ ଗାର୍ଡେନ୍ ନିକଟରେ ଚଢ଼ଉ କରି ଚିଣ୍ଟୁ ଓ ଅପୁକୁ ଗିରଫ କରିଥିଲା।

# ଘରେ ଆଶ୍ରୟ ଦେଇଥିବା ମହିଳାଙ୍କୁ ଦୁଷ୍କର୍ମ



ଭୁବନେଶ୍ୱର,୨୬।୪(ସମିସ):

ଫେରାର ଥିବା ଅଭିଯୁକ୍ତକୁ ଆଶ୍ରୟ ଦେବା ମହିଳାଙ୍କ ପାଇଁ ମହଙ୍ଗା ପଡ଼ିଛି। ଆଶ୍ରୟ ନେଇଥିବା ଅଭିଯୁକ୍ତ ଜଣକ ବିବାହିତ ମହିଳାଙ୍କୁ ଦୁଷ୍କର୍ମ କରିଛି। କେବଳ ଦୁଷ୍କର୍ମ କରିନାହିଁ, ଗର୍ଭନଷ୍ଟ କରିବା ସହ ବ୍ଲାକମେଲ୍ କରି ୫ ଲକ୍ଷ ଟଙ୍କା ମଧ୍ୟ ନେଇଯାଇଛି। ଡୁମୁଡୁମା ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାସୁଆଘାଇର ଅମିତାଭ ପ୍ରଧାନ ଓରଫ୍ ମିଲୁ (୪୦)। ପୁଲିସ ସୂଚନାନୁସାରେ, ଜଣେ ୪୦ ବର୍ଷୀୟା ବିବାହିତା ମହିଳା ପରିବାର ସହ ଡୁମୁଡୁମା ଅଞ୍ଚଳରେ ରୁହନ୍ତି। ତାଙ୍କ ସ୍ୱାମୀ କିଛିବର୍ଷ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ଅଛନ୍ତି। ଅମିତାଭ ତା'ର ଗାଁରେ କୌଣସି ଅପରାଧିକ ଘଟଣାରେ ସମ୍ପୃକ୍ତ ହୋଇ ଫେରାର ରହିଥିଲା। ଫେରାର ରହିବା ମଧ୍ୟରେ ଜଣେ

**ଔଷଧ ଦେଇ ଗର୍ଭନଷ୍ଟ କରାଇଛି**
**ବ୍ଲାକମେଲ୍ କରି ୫ ଲକ୍ଷ ଠକିଛି**

ସମ୍ପର୍କୀୟ ମାଧ୍ୟମରେ ମହିଳାଙ୍କ ସଂସ୍ପର୍ଶରେ ଆସିଥିଲା। ଅମିତାଭକୁ ଘରେ ରଖିବାକୁ ସମ୍ପର୍କୀୟ ଜଣକ ମହିଳାଙ୍କୁ ଅନୁରୋଧ କରିଥିଲେ। ଫଳରେ ମହିଳା ମଧ୍ୟ ଅମିତାଭକୁ ଘରେ ଆଶ୍ରୟ ଦେଇଥିଲେ। ସେଠାରେ ୫/୬ ମାସ ରହିବା ପରେ ଅମିତାଭ ତାଙ୍କୁ ପ୍ରେମ ନିବେଦନ କରିବା ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଆଶ୍ରୟ ନେଇଥିବା ଅମିତାଭ ସେହି ଘର ଭିତରେ ହିଁ ମହିଳାଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ କରିଥିଲା। ବିବାହର ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ କରି ଚାଲିଥିଲା। ଦୁଷ୍କର୍ମର ଶିକାର ହେବାପରେ ମହିଳା ଜଣକ ଗର୍ଭବତୀ ହୋଇ ଯାଇଥିଲେ। ଏସବୁ ବିଷୟରେ ଜାଣିବା ପରେ ଅମିତାଭ ତାଙ୍କୁ ଔଷଧ ଦେଇ ଗର୍ଭନଷ୍ଟ କରି ଦେଇଥିଲା। ଏହାପରେ ଅମିତାଭ ବ୍ଲାକମେଲ୍ କରି ମହିଳାଙ୍କ ଠାରୁ ୫ ଲକ୍ଷ ଟଙ୍କା ନେଇ ଯାଇଥିଲା। ବିବାହିତ ଅମିତାଭ ପ୍ରାୟ ସମୟ ଡୁମୁଡୁମା ରହୁଥିଲେ ଓ ବେଳେ ବେଳେ ଗାଁକୁ ଯିବାଆସିବା କରୁଥିଲା। ଅମିତାଭ ସାଙ୍ଗରେ ରହୁଥିଲେ ମଧ୍ୟ ସେ ବିବାହିତ ବୋଲି ମହିଳା ଜଣକ ଜାଣିନଥିଲେ। ସେ ୫ ବର୍ଷ ପୂର୍ବରୁ ବିବାହ କରିଛି ବୋଲି ଜାଣିବା ପରେ ଉଭୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା ଓ ମହିଳା ଜଣକ ତା' ସହ ସମ୍ପର୍କ ରଖିନଥିଲେ। ଏହାପରେ ମଧ୍ୟ ଅମିତାଭ ତାଙ୍କୁ ଟଙ୍କା ମାଗିଥିଲେ ମଧ୍ୟ ସେ ଦେଇ ନ ଥିଲେ। ଫଳରେ ଅମିତାଭ ତାଙ୍କୁ ମାଡ଼ ମାରିଥିଲେ। ଅତ୍ୟାଚାରର ଶିକାର ହୋଇ ମହିଳା ଜଣକ ଖଣ୍ଡଗିରି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ରବିବାର ଅମିତାଭକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି।

## ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ; ବୃଦ୍ଧ ଗିରଫ

ଯାଁଳା,୨୬।୪ (ସମିସ): ଇନଫୋଭ୍ୟାଲି ଥାନା ଗଙ୍ଗପଡ଼ାରେ ଭଡ଼ାରେ ରହୁଥିବା ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଜଣେ ବୃଦ୍ଧ ଏହି ଦୁଷ୍କର୍ମ ଉଦ୍ୟମ କରିଥିବା ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ ହେଲେ, ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡ଼ା ମଝିସାହିର ଦୀପକ ପ୍ରଧାନ (୬୭)।

ସୂଚନାନୁସାରେ, ଛତିଶଗଡ଼ ଅଞ୍ଚଳର ପୀଡ଼ିତା ସ୍ଥାନୀୟ ଅଞ୍ଚଳରେ ଭଡ଼ାରେ ରହୁଥିଲେ। ସେ ଏକ ବୈଷୟିକ ଶିକ୍ଷାନୁଷ୍ଠାନରେ ଏମ୍‌ବିଏ ପାଠ ପଢ଼ୁଥିଲେ। ପୀଡ଼ିତାଙ୍କ ଭଡ଼ାଘର ନିକଟରେ ଦୀପକଙ୍କର ଏକ ତେଜରାତି ଦୋକାନ ଅଛି। ଭଡ଼ାରେ ରହୁଥିବା ଛାତ୍ରୀମାନେ ଅନେକ ସମୟରେ ଦୀପକଙ୍କ ଦୋକାନକୁ ଯାଆନ୍ତି। ସେମାନଙ୍କ ସହ ଦୀପକ ଅନେକ ସମୟରେ ଥଟ୍ଟା ତାମସା କରନ୍ତି। କିନ୍ତୁ ବୃଦ୍ଧ ହୋଇଥିବାରୁ ଦୀପକଙ୍କ କଥାକୁ କେହି ଛାତ୍ରୀ ଗୁରୁତର ସହ ନିଅନ୍ତି ନାହିଁ। ତେବେ ପରୀକ୍ଷା ସରିଥିବାରୁ ସେଠାରେ ଭଡ଼ାରେ ଥିବା ଅନ୍ୟଛାତ୍ରୀମାନେ ଘରକୁ ଚାଲି ଯାଇଥିଲେ। ମାତ୍ର ବାହାର ରାଜ୍ୟର ହୋଇଥିବାରୁ ଅଭିଯୋଗକାରିଣୀ ଛାତ୍ରୀଜଣକ ଘରକୁ ନ ଯାଇ ଭଡ଼ାଘରେ ଏକାକୀ ଥିଲେ। ଛାତ୍ରୀଜଣକ ଏକାକୀ ଥିବା ଅଭିଯୁକ୍ତ ଦୀପକ ଜାଣିଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ବେଳେ ଛାତ୍ରୀଜଣକ ରୋଷେଇ ଘରେ ଏକାକୀ ଥିବା ବେଳେ ଏହାର ସୁଯୋଗ ନେଇ ପାଚେରି ଡେଇଁ ବୃଦ୍ଧ ଦୀପକ ଘରେ ପଶି ତାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ। କିନ୍ତୁ ପୀଡ଼ିତା ପାଟିକରିବା ସହ ବହୁ କଷ୍ଟରେ ଦୀପକଙ୍କ କବଳରୁ ଖସି ବାହାରକୁ ଚାଲିଆସିଥିଲେ। ପୀଡ଼ିତାଙ୍କ ପାଟି ଶୁଣି ଘର ମାଲିକ ଓ ପାଖ ପଡ଼ୋଶୀ ଆସିଲା ବେଳକୁ ଦୀପକ ଫେରାର୍ ହୋଇଯାଇଥିଲେ। ଏନେଇ ଛାତ୍ରୀଜଣଙ୍କ ଇନ୍‌ଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତୁରନ୍ତ ଗଙ୍ଗପଡ଼ାରେ ଚଢ଼ଉ କରି ଅଭିଯୁକ୍ତ ଦୀପକକୁ ଗିରଫ କରିଥିବା ଜଣାପଡ଼ିଛି। ଆଜି ଡାକ୍ତରୀମାଇନା ପରେ ଅଭିଯୁକ୍ତ ଦୀପକକ ପୁଲିସ କୋର୍ଟଚାଲାଣ କରିଛି।

# ଅପରାଧ ଲୁଚାଇବାକୁ ରେଳ ଧାରଣା ଆଳ

### ହତ୍ୟା ବଦଳରେ ଅପମୃତ୍ୟୁ ମାମଲାରେ ରହି ଯାଉଛି ତଦନ୍ତ

ଭୁବନେଶ୍ୱର,୨୬।୪(ସମିସ): ଅପରାଧ ଲୁଚାଇବାକୁ ବ୍ୟବହାର ହେଉଛି ରେଳ ଧାରଣା। ଲୋକଙ୍କୁ ଅନ୍ୟ କେଉଁଠି ହତ୍ୟା କରାଯାଉଛି। ହେଲେ ଅପରାଧକୁ ଲୁଚାଇବାକୁ ଯାଇ ରେଳ ଧାରଣାରେ ଆଣି ଶବ ଫୋପାଡ଼ି ଚାଲିଯାଉଛନ୍ତି ଅପରାଧୀ। ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଉଛି। ପ୍ରମାଣ ବି ଲୁଚି ଯାଉଛି। ଏଭଳି ମାମଲାରେ ପ୍ରମାଣ ଯୋଗାଣ କରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହେଉଥିବାରୁ ମାମଲା ଆଗକୁ ବଢ଼ିପାରୁ ନାହିଁ। ତେଣୁ ଶେଷରେ ଅପରାଧ ଆଉ ଅପରାଧୀ ଅନ୍ଧାରରେ ରହିଯାଉଛି। ହତ୍ୟା ଅଭିଯୋଗ ଶେଷରେ ଅପମୃତ୍ୟୁ ମାମଲରେ ସୀମିତ ରହି ଯାଉଛି।

### ମାସେ ତଳେ ବିଲଡର୍ସଙ୍କ ଖଣ୍ଡ ବିଖଣ୍ଡିତ ଶବ ମିଳିଥିଲା

ଗତ ମାର୍ଚ୍ଚ ୩ ତାରିଖରେ ଲିଙ୍ଗରାଜ ଷ୍ଟେସନ ନିକଟରେ ଟ୍ରେନ୍ ଲାଇନ୍‌ରୁ ଏକ ଖଣ୍ଡବିଖଣ୍ଡିତ ମୃତଦେହ ମିଳିଥିଲା। ମୃତ ଯୁବକ ଜଣଙ୍କ ହେଲେ ମୁରଲୀଧର ବେହେରା ଓରଫ ପପୁ। ତାଙ୍କ ଘର ବୋଡଣ୍ଡା ଅଞ୍ଚଳରେ ହୋଇଥିଲା ବେଳେ ସେ ଜଣେ ବିଲଡର୍ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ଅଚାନକ ତାଙ୍କ ମୋବାଇଲ ଫୋନ୍ ବନ୍ଦ ହୋଇଯାଇଥିଲା। ପରେ ରେଳ ଧାରଣାରୁ ତାଙ୍କର ଖଣ୍ଡ ବିଖଣ୍ଡିତ ମୃତଦେହ ମିଳିଥିଲା। ଏହା ସହ ଗାଡ଼ିଟି ବାହାରେ ପାର୍କ କରାଯାଇଥିଲା। ବ୍ୟବସାୟିକ ଶତ୍ରୁତା ଯୋଗୁଁ ତାଙ୍କୁ ହତ୍ୟା କରାଯାଇଥିଲା। କିନ୍ତୁ ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିଲା ବୋଲି ପରିବାର ଲୋକ ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ।

### ପ୍ରେମ ପାଇଁ ହତ୍ୟା ଅଭିଯୋଗ

୨୦୨୪ରେ ଲିଙ୍ଗରାଜ ଷ୍ଟେସନ ନିକଟରୁ ପୁଲିସ ଜଣେ ଯୁବକଙ୍କ ମୃତଦେହକୁ ରେଳ ଧାରଣାରୁ ଉଦ୍ଧାର କରିଥିଲା। ତେବେ ଏହା କୌଣସି ଦୁର୍ଘଟଣା କିମ୍ବା ଆତ୍ମହତ୍ୟା ନୁହେଁ ବୋଲି ପରିବାର ଲୋକେ ସ୍ପଷ୍ଟ ଭାବେ ଖଣ୍ଡଗିରି ଥାନାରେ ସେହି ସମୟରେ ଅଭିଯୋଗ କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ପ୍ରେମ ପାଇଁ ଏଭଳି ଯୋଜନାବଦ୍ଧ ହତ୍ୟା କରାଯାଇଥିଲା ବୋଲି ପରିବାର ଲୋକେ କହିଥିଲେ।

### ମିଳିଲା ମହିଳାଙ୍କ ମୃତଦେହ

ଶନିବାର ଜଣେ ମହିଳାଙ୍କ ଶବ ଭିଏସ୍ଏସ୍ ନଗର ଅଞ୍ଚଳରେ ଥିବା ରେଳ ଲାଇନ୍‌ରୁ ମିଳିଥିଲା। ତାଙ୍କ ମୁହଁରେ କେବଳ ରକ୍ତ ଲାଗିଥିଲା ବେଳେ ମୁଣ୍ଡରେ ସାମାନ୍ୟତମ କ୍ଷତ ହୋଇଥିଲା। ଶବଟି ରେଳ ଧାରଣା ମଝିରେ ପଡ଼ିଥିଲେ ମଧ୍ୟ ଶରୀରର ଅନ୍ୟ କୌଣସି ସ୍ଥାନରେ ସାମାନ୍ୟତମ କ୍ଷତ ନ ଥିଲା। ତାଙ୍କୁ କେହି ହତ୍ୟା କରି ଆଣି ରେଳ ଧାରଣାରେ ଫୋପାଡ଼ି ଦେଇଥିବା ଚର୍ଚ୍ଚା ହୋଇଥିଲା। ତାଙ୍କର ଗୋଟିଏ ଝିଅ ଥିଲା ବେଳେ ସ୍ୱାମୀଙ୍କ ସହ ବିବାହ ବିଚ୍ଛେଦ ହୋଇଥିଲା। ସେ ୬ମାସ ହେବ ତାଙ୍କ ସାଙ୍ଗ ସହ ରହୁଥିଲେ। ଏଣୁ ପରିବାର ଲୋକେ ତାଙ୍କ ଉପରେ ଅସନ୍ତୁଷ୍ଟ ରହୁଥିଲେ। ଏପରିକି ବହୁ ବୁଝାସୁଝା କରିବା ପରେ ଶବ ନେଇଥିଲେ। ଏଣୁ ଏଠାରେ ଯଦିଓ ପରିବାର ଲୋକେ ହତ୍ୟା ଅଭିଯୋଗ କରି ନାହାନ୍ତି କିନ୍ତୁ ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ଏହା ହତ୍ୟା ବୋଲି ଅନୁମାନ କରାଯାଉଛି। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ମିଳିବା ପରେ ସ୍ପଷ୍ଟ ହେବ ଏହା ଆତ୍ମହତ୍ୟା ନା ହତ୍ୟା।

ରାଜଧାନୀ ତଥା ରାଜ୍ୟର ଅନେକ ସ୍ଥାନରେ ରେଳ ଧାରଣା ଅପରାଧୀଙ୍କ ପାଇଁ ଅପରାଧ ଲୁଚାଇବାର ଏକ ସୁରକ୍ଷିତ ସ୍ଥାନ ଭାବେ ଉଭା ହେଲାଣି। ଯାହା ଏବେ ପୁଲିସ ପାଇଁ ଚିନ୍ତାର ମୁଖ୍ୟ କାରଣ ପାଲଟିଛି। ଏଥିପାଇଁ ପୁଲିସ କର୍ମଚାରୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବା ସହ ଏଭଳି ଅପରାଧକୁ କିଭଳି ସାମ୍ନାକୁ ଅଣାଯାଇ ପାରିବ ଗବେଷଣା ହେବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

## ମଦ ଦୋକାନ କର୍ମଚାରୀଙ୍କୁ ବିଅର ବୋତଲ ମାଡ଼

ଭୁବନେଶ୍ୱର,୨୬।୪ (ସମିସ): ଜଣେ ମଦ ଦୋକାନ କର୍ମଚାରୀଙ୍କୁ ବିଅର ବୋତଲରେ ମାଡ଼ ମାରିଛି ଦୁର୍ବୃତ୍ତ। କେବଳ ମାଡ ନୁହେଁ, ବେକରେ ଭଙ୍ଗା ବୋତଲ ଲଗାଇ ୧୫ ହଜାର ଟଙ୍କା ଲୁଟି ନେଇଛି। କେୟାର ହସ୍ପିଟାଲ ନିକଟରେ

**ବେକରେ ଭଙ୍ଗା ବୋତଲ ଲଗାଇ ଟଙ୍କା ଲୁଟ୍**
**ଅଭିଯୁକ୍ତ ଗିରଫ; ରହିଛି ୧୫ ମାମଲା**



ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୀଳାଦ୍ରି ବିହାରର ନୀଳ ପଟ୍ଟନାୟକ (୨୯)।

ପୁଲିସ ସୂଚନାନୁସାରେ, ଗୋବର୍ଦ୍ଧନ ଓଝା କେୟାର ହସ୍ପିଟାଲ ନିକଟସ୍ଥ ଏକ ମଦ ଦୋକାନରେ ଚାକିରି କରିଛନ୍ତି। ଗତକାଲି ରାତିରେ ଗୋବର୍ଦ୍ଧନ ଦୋକାନ ଆଗରେ ଥିବାବେଳେ ନୀଳ ତାଙ୍କୁ ବିଅର ବୋତଲରେ ଆକ୍ରମଣ କରିଥିଲା। ଭଙ୍ଗା ବୋତଲକୁ ଗୋବର୍ଦ୍ଧନଙ୍କ ବେକରେ ଲଗାଇ ହତ୍ୟା କରିବାକୁ ଧମକ ଦେଇଥିଲା। ଏହାପରେ ଗୋବର୍ଦ୍ଧନଙ୍କୁ ଆକ୍ରମଣ କରି ୧୫ ହଜାର ଟଙ୍କା ଲୁଟି ନେଇଥିଲା। ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ କରିବାରୁ ନୀଳ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏ ନେଇ ଦୋକାନ କର୍ତ୍ତୃପକ୍ଷ ମୈତ୍ରୀ ବିହାର ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ରବିବାର ହାତିଆସୁଣି ଗୋଲେଇ ଛକରେ ଚଢ଼ଉ କରି ନୀଳକୁ ଗିରଫ କରିବା ସହ ୧୫ ହଜାର ଟଙ୍କା ଓ ମୋବାଇଲ ଫୋନ୍ ଜବତ କରିଥିଲା। ନୀଳ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ରାଜଧାନୀର ବିଭିନ୍ନ ଥାନାରେ ଚୋରି, ଡକାୟତି, ଆକ୍ରମଣ ସମେତ ୧୫ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

### ମୋବାଇଲ୍ ଚୋରି ଗ୍ୟାଙ୍ଗ ଠାବ

## ମାଉସୀ, ପୁତୁରା ସମେତ ୩ ଗିରଫ

ଭୁବନେଶ୍ୱର, ୨୬।୪ (ସମିସ): ରାଜଧାନୀରୁ ମୋବାଇଲ୍ ଚୋରି ଓ ଚୋରା ମୋବାଇଲ୍ ବିକ୍ରି କରୁଥିବା ଗ୍ୟାଙ୍ଗକୁ ଠାବ କରିଛି ନୂଆପଲ୍ଲୀ ଥାନା ପୁଲିସ। ମାଉସୀ ଓ ପୁତୁରା ସମେତ ୩ ଜଣଙ୍କୁ ଗିରଫ କରିଛି।



ଗିରଫ ଅଭିଯୁକ୍ତମାନେ ହେଲେ ନୂଆପଲ୍ଲୀ ଭୋଇସାହିର ସରୋଜ ସେଠୀ (୨୦), ଦେବରାୟ କଲେଜ ନିକଟରେ ରହୁଥିବା ସରୋଜ ସେଠୀ (୨୨) ଓ ସରୋଜର ମାଉସୀ କଲ୍ୟାଣୀ ସେଠୀ (୪୮)।

ପୁଲିସ ସୂଚନାନୁସାରେ, ରବିବାର ସକାଳୁ ନୂଆପଲ୍ଲୀ ଥାନା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଦେବରାୟ କଲେଜ ନିକଟରେ ଚଢ଼ଉ କରିଥିଲା। ସେଠାରେ କମ୍ ଦାମରେ ମୋବାଇଲ୍ ଫୋନ୍ ବିକ୍ରି କରୁଥିବା ଲିଙ୍ଗରାଜ ଓ ସରୋଜକୁ ଅଟକ ରଖିବା ସହ ମୋବାଇଲ୍ ଫୋନ୍ ଜବତ କରିଥିଲା। ସେମାନେ ମୋବାଇଲ୍ ଫୋନ୍ ବାବଦରେ କୌଣସି ବୈଧ ରସିଦ ଦେଖାଇ ପାରିନଥିଲେ। ମୋବାଇଲ୍ ଗୁଡ଼ିକୁ ଅନଲକ୍ କରିପାରିନଥିବାରୁ, ତାହା ଚୋରା ମୋବାଇଲ ବୋଲି ପୁଲିସ ସନ୍ଦେହ କରିଥିଲା। ଗତକାଲି ଲିଙ୍ଗରାଜ ଓ ସରୋଜ ଇନ୍ଦ୍ରଧନୁ ମାର୍କେଟରୁ ମୋବାଇଲ୍ ଫୋନ୍ ଚୋରି କରିଥିବା ସ୍ୱୀକାର କରିଥିଲେ। ମୋବାଇଲ ଚୋରି କରିବା ପରେ ସରୋଜର ମାଉସୀ କଲ୍ୟାଣୀ ମାଧ୍ୟମରେ ସେସବୁ ବିକ୍ରି କରୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ପୁଲିସ ଟିମ୍ ନୀଳକଣ୍ଠ ନଗରରେ ଚଢ଼ଉ କରି କଲ୍ୟାଣୀଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ମୋଟ ୪ଟି ମୋବାଇଲ ଫୋନ ଓ ଗୋଟିଏ ସ୍କୁଟି ଜବତ କରିଥିଲା ପୁଲିସ। ଏ ନେଇ ନୂଆପଲ୍ଲୀ ଥାନା ପୁଲିସ ନିଜ ଆଡୁ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।

### ପଥରଗାଡ଼ିଆରେ ସରକାରୀ ଜମି ଜବରଦଖଲ ଘଟଣା

# ଆର୍‌ଆଇଙ୍କ ରିପୋର୍ଟ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଭୁବନେଶ୍ୱର,୨୬।୪(ସମିସ):

ପଥର ଗାଡ଼ିଆରେ ସରକାରୀ ଜମି ଜବରଦଖଲ ବଢ଼ିବାରେ ଲାଗିଛି। ମାଫିଆମାନେ ପ୍ଲଟିଂ କରି ଜମି ବିକୁଥିବାବେଳେ ଲୋକମାନେ କମ୍ ଦାମରେ କିଣି ବେଆଇନ ନିର୍ମାଣ କରୁଛନ୍ତି। ସ୍ଥାନୀୟ ଲୋକମାନେ ରାଜସ୍ୱ ନିରୀକ୍ଷକଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଯାଏଁ ଅଭିଯୋଗ କରିଛନ୍ତି। ଚନ୍ଦକା ସର୍କଲର ରାଜସ୍ୱ ନିରୀକ୍ଷକ ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ଏହା ଜବରଦଖଲକାରୀଙ୍କ ପ୍ରତି ଅନୁକମ୍ପା ନା ପ୍ରଶାସନର ଅପାରଗତା, ତାହା ଏବେ ବଡ଼ ପ୍ରଶ୍ନ।

ଅଭିଯୋଗ ଅନୁଯାୟୀ, ଭୁବନେଶ୍ୱର ତହସିଲ ଅଧୀନ ପଥରଗାଡ଼ିଆ ମୌଜାରେ ଶହ ଶହ ଏକର ଗୋଚର ଜମି ରହିଛି। ପ୍ରଶାସନ ସଂପୃକ୍ତ ଜମିର ଉଚିତ ରକ୍ଷଣାବେକ୍ଷଣ କରୁନଥିବାରୁ ସରକାରୀ ଜମି ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି



ମାଫିଆ। ପ୍ରାୟ ୧୦ ମାସ ହେବ ପ୍ଲଟ୍ ନଂ - ୪୫୨୪ରେ ଥିବା ୭ ଏକର ଗୋଚର ଜମିକୁ ନିଜ କବ୍‌ଜାକୁ ନେ ଇ ଯାଇଛନ୍ତି। ଟାଉନ୍ ପ୍ଲାନିଂ ଭଳି ପ୍ଲଟିଂ କରି ଲୋକମାନଙ୍କୁ ବିକ୍ରି କରୁଛନ୍ତି। ଲୋକମାନେ ମଧ୍ୟ ସରକାରୀ ଜମି ଉପରେ ବେଆଇନ ନିର୍ମାଣ ଚଳାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସରକାରୀ ଜମି ହୋଇଥିଲେ ମଧ୍ୟ ସହଜରେ ବିଦ୍ୟୁତ୍ ସଂଯୋଗ ମିଳିଯାଉଛି। ଜବରଦଖଲ ଆରମ୍ଭ ହେବା ଠାରୁ ସ୍ଥାନୀୟ ଲୋକମାନେ ଏହାକୁ ବିରୋଧ କରି ଆସୁଛନ୍ତି।

୧୦/୧୫ଟି ଘର ନିର୍ମାଣ ହୋଇଥିବା ବେଳେ ଗ୍ରାମବାସୀମାନେ ଚନ୍ଦକା ରାଜସ୍ୱ ନିରୀକ୍ଷକଙ୍କ ଠାରୁ ତହସିଲଦାର ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଯାଏଁ ଅଭିଯୋଗ କରିଥିଲେ। ସହକାରୀ ଜିଲ୍ଲାପାଳ (ଅଭିଯୋଗ)ଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ତହସିଲ ଘଟଣାର ତଦନ୍ତ କରିବା ପାଇଁ ଚନ୍ଦକା ରାଜସ୍ୱ ନିରୀକ୍ଷକ (ଆରଆଇ)

**ଚିଠି ଲେଖି ହାତ ଟେକି ଦେଇଛନ୍ତି ତହସିଲଦାର**

**ଏବେ ବି ଚାଲିଛି ବେଆଇନ ନିର୍ମାଣ**

**୨ରୁ ୭ ଏକରକୁ ପହଞ୍ଚିଲାଣି ଜବରଦଖଲ**

ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆର୍‌ଆଇ ମଧ୍ୟ ଘଟଣାରେ ତଦନ୍ତ କରି ଜବରଦଖଲକାରୀଙ୍କୁ ଚିହ୍ନଟ କରିଥିଲେ। ସେମାନଙ୍କୁ ନୋଟିସ୍ ଦେବା ସହ ତାଙ୍କ ନାମରେ ଜବରଦଖଲ କେସ୍ କରି କାମ ସାରି ଦେଇଥିଲେ। ଘଟଣାର ସବିଶେଷ ତଦନ୍ତ ରିପୋର୍ଟ ତହସିଲଦାରଙ୍କୁ ଦେଇଥିଲେ। ସରକାରୀ ଜମିକୁ ଚିହ୍ନଟ କରି ପାଚେରି ନିର୍ମାଣ କରାଗଲେ ହିଁ ସରକାରୀ ଜମିକୁ ସୁରକ୍ଷା ଦିଆଯାଇ ପାରିବ ବୋଲି ରାଜସ୍ୱ ନିରୀକ୍ଷକ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ। ଭୁବନେଶ୍ୱର ତହସିଲଦାର ରିପୋର୍ଟ ପାଇବା ପରେ ସହକାରୀ ଜିଲ୍ଲାପାଳ (ଅଭିଯୋଗ)ଙ୍କୁ ଜଣାଇଥିଲେ। ଏଥିସହିତ ସରକାରୀ ଜମିକୁ ସୁରକ୍ଷା ଦେବାଲାଗି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ରିପୋର୍ଟରେ ଲେଖିଥିଲେ। ହେଲେ ମାସ ପରେ ମାସ ବିତି ଚାଲିଥିଲେ ମଧ୍ୟ ସରକାରୀ ଜମିକୁ ସୁରକ୍ଷା ଦେବା ଲାଗି କୌଣସି ପଦକ୍ଷେପ ନିଆଯାଇନାହିଁ। ସେପଟେ ଅଭିଯୋଗ ବେଳେ ୧୦/୧୫ଟି ଘର ଥିବା ବେଳେ ଏବେ ତାହା ଶହେ ପାର୍ କରିସାରିଲାଣି। ୨ ଏକର ସରକାରୀ ଜମିରୁ ଆରମ୍ଭ ହୋଇଥିବା ଏହି ଜବରଦଖଲ ଏବେ ୭ ଏକର ଜମିକୁ ବ୍ୟାପିଗଲାଣି। ଶ୍ୟାମପୁର ମୌଜାରେ ଥିବା ସରକାରୀ ଜମିକୁ ଜବରଦଖଲମୁକ୍ତ କରି ବାହାବା ନେଉଥିବା ପ୍ରଶାସନ ପଥରଗାଡ଼ିଆ ବେଳକୁ କାହିଁକି ପଛଘୁଞ୍ଚା ଦେଉଛି, ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।



# ଭୁବନେଶ୍ୱର ସିଟି

## ବିଭୂତି ପଟ୍ଟନାୟକଙ୍କୁ 'ପ୍ରଗତିବାଦୀ' ସାହିତ୍ୟ ସମ୍ମାନ

ଭୁବନେଶ୍ୱର, ୨୬।୪ (ସମିସ): ସାମଗ୍ରିକ ଜୀବନ ବ୍ୟାପୀ ସାରସ୍ୱତ ସାଧନା ଲାଗି ଚଳିତ ବର୍ଷର 'ପ୍ରଗତିବାଦୀ' ସାହିତ୍ୟ ସମ୍ମାନ ବିଶିଷ୍ଟ ଔପନ୍ୟାସିକ ଡକ୍ଟର



ବିଭୂତି ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ସେହିପରି ପ୍ରବନ୍ଧ କ୍ଷେତ୍ରରେ 'ପ୍ରଗତିବାଦୀ' ସାହିତ୍ୟ ସମ୍ମାନ ବିଶିଷ୍ଟ ପ୍ରାବନ୍ଧିକା ଓ ପ୍ରାଧାପିକା ଡକ୍ଟର ବାସନ୍ତୀ ମହାନ୍ତି ଏବଂ ଡକ୍ଟର ଅନ୍ତର୍ଜିତା ନାୟକଙ୍କୁ ଯୁଗ୍ମ ଭାବରେ ପ୍ରଦାନ କରାଯିବ। ସେହିପରି ଗଳ୍ପରେ ଶିବ ସୁନ୍ଦର ପାଣିଗ୍ରାହୀ ଏବଂ କବିତାରେ ଚିତ୍ରା କାନୁନ୍‌ଗୋଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଶିଶୁ ସାହିତ୍ୟରେ ରମେଶ ଦାଶଙ୍କୁ 'ପ୍ରଗତିବାଦୀ' ସମ୍ମାନ ଦିଆଯିବାକୁ ଥିବାବେଳେ 'ପ୍ରଗତିବାଦୀ' ଶିଶୁ ସାହିତ୍ୟ ପୃଷ୍ଠା 'ଫ୍ୟୁଚର କିଲ୍ସ'ରେ ନିୟମିତ ଚିଠି ଲେଖୁଥିବା 'ମିତୁ ଆଇ'ଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ମଇ ପହିଲାରେ 'ପ୍ରଗତିବାଦୀ' ପ୍ରତିଷ୍ଠା ଦିବସ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି।

## ଗଡ଼ ପାତ୍ରପଡ଼ାରେ ବାଦୀପାଲା

ଝାଁଲା,୨୬।୪(ସମିସ): ରାଜଧାନୀ ଉପକଣ୍ଠ ଗଡ଼ ପାତ୍ରପଡ଼ାସ୍ଥିତ ବାଲୁଙ୍କେଶ୍ୱର ପାଲା ମଣ୍ଡପଠାରେ ୫୨ ତମ ବାର୍ଷିକ ସାରସ୍ୱତ ବାଦୀପାଲା ଅନୁଷ୍ଠିତ



ହୋଇଯାଇଛି। ଚଳିତବର୍ଷ କମିଟି ଆନୁକୂଲ୍ୟରେ ଓଡ଼ିଶାର ଉଦୀୟମାନ ଗାୟିକା ରେଣୁବାଳା ସ୍ୱାଇଁ (ଜଗତସିଂହପୁର) ଓ ଜୈମନୀ ମହନ୍ତ (କେନ୍ଦୁଝର)ଙ୍କ ଦ୍ୱାରା ଏହି ପାଲା ଅନୁଷ୍ଠିତ ହୋଇଥିଲା। ଉଭୟ ଗ୍ରାମ ପାତ୍ର ପଡ଼ା-ଭଗବାନପୁର ବ୍ୟତୀତ କଳିଙ୍ଗ ନଗର କେ ୯ (ଇ), କେ ୯(ଇ), ଉଦୟ ଗିରି ବିହାର, ତମାଣ୍ଡୋ, ସିଜୁଆ, କାଶିପୁର, ବାଲିଆପଡ଼ାର ଭଗବତପ୍ରେମୀ ଦର୍ଶକ ଏହି ବାଦୀପାଲାକୁ ମନଭରି ଉପଭୋଗ କରିବା ସହିତ ଉଭୟ ଗାୟିକାଙ୍କ ପୁରାଣ, ସାହିତ୍ୟ ଚର୍ଚ୍ଚାକୁ ପ୍ରଶଂସା କରିଥିଲେ। ଏହି ବାଦି ପାଲା ର ଭିନ୍ନ ଭିନ୍ନ ସନ୍ଧ୍ୟାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ, ପୂର୍ବତନ ସରପଞ୍ଚ ଚନ୍ଦ୍ର ଶେଖର ଗୁମାନ ସିଂହ, ସ୍ଥାନୀୟ କର୍ପୋରେଟର୍ ରଶ୍ମୀରଞ୍ଜନ ପାଟସାଣୀ ପ୍ରମୁଖ ଯୋଗଦେଇଥିଲେ।

## ପ୍ରଭୁଜୀ ସ୍କୁଲ ପକ୍ଷରୁ ଉତ୍କର୍ଷ ପୁରସ୍କାର ଉତ୍ସବ



ଭୁବନେଶ୍ୱର,୨୬।୪(ସମିସ): ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଭିଏସ୍ଏସ୍ ନଗରର ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଶତକଡ଼ା ୯୦ ଭାଗରୁ ଅଧିକ ନମ୍ବର ରଖିଥିବା ଏବଂ ବିଭିନ୍ନ ବିଷୟ ଗୁଡ଼ିକରେ ଶତକଡ଼ା ୧୦୦ ଭାଗରୁ ୧୦୦ ଭାଗ ନମ୍ବର ରଖିଥିବା ସମୁଦାୟ ୧୧୮ ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଏଥିମଧ୍ୟରୁ ଶତକଡ଼ା ୯୯ ପ୍ରତିଶତ ନମ୍ବର ରଖିଥିବା ଶୁଭ୍ରକାନ୍ତ ଶୁକ୍ଳା, ଶତକଡ଼ା ୯୮.୮ ପ୍ରତିଶତ ନମ୍ବର ରଖିଥିବା ସାର୍ଥକ ସ୍ୱାଇଁ, ଶତକଡ଼ା ୯୮.୬ ପ୍ରତିଶତ ନମ୍ବର ରଖିଥିବା ଦେବେଶ ବୋଷ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବାରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ କିଶୁଚାନ୍ଦ ପୃଷ୍ଟି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରତ୍ୟାଶା ମହାନ୍ତି ଓ ଇନ୍ଦିରା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ରମେଶ ଚନ୍ଦ୍ରସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବହି ମାଧ୍ୟମରେ ବିଶ୍ୱକୁ ଦର୍ଶନ କରିହୁଏ



ଭୁବନେଶ୍ୱର,୨୬।୪(ସମିସ): ଶିଶୁ କିଶୋର ସାହିତ୍ୟ ଏକାଡେମୀ, ଓଡିଶା ଦ୍ୱାରା ପ୍ରକାଶିତ ଏବଂ ରାଜଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ଲିଖିତ ଶିଶୁ ଗଳ୍ପପୁସ୍ତକ, "ପିଲାଙ୍କ କାହାଣୀ ପେଡି'ର ଉନ୍ମୋଚନ ଉତ୍ସବ ୯ ନମ୍ବର ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ଦାଶ ବେନହୁର କହିଥିଲେ ଯେ ବହି ହିଁ ଏକମାତ୍ର ମାଧ୍ୟମ ଯାହା ମାଧ୍ୟମରେ ବିଶ୍ୱକୁ ଦର୍ଶନ କରିହୁଏ। ମୁଖ୍ୟ ଅତିଥି ମୃଣାଳକାନ୍ତି ଦାସ ପୁସ୍ତକ ଉନ୍ମୋଚନ କରି କହିଲେ, ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ବହିର ବିକଳ୍ପ ନାହିଁ। ଶୁଭ୍ରାବାଳା ବେହେରା, ସସ୍ମିତା ରାଓ, ଡକ୍ଟର ସନାତନ ପଣ୍ଡା, ମହେନ୍ଦ୍ର ମଲ୍ଲିକ, ବୀରେନ୍ଦ୍ର ମହାନ୍ତି ପ୍ରମୁଖ ଶିଶୁସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପୁସ୍ତକ ରଚୟିତା ରାଜଶ୍ରୀ ପଟ୍ଟନାୟକ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ପରେ ଶିକ୍ଷା ସାହିତ୍ୟ ଓ ଶିଶୁସାହିତ୍ୟ ଶୀର୍ଷକ ଆଲୋଚନା କାର୍ଯ୍ୟକ୍ରମରେ ନରେନ୍ଦ୍ର ପ୍ରସାଦ ଦାସ, ରାମଚନ୍ଦ୍ର ଦେଓ, ବିଜୟା ପାତ୍ର, ନଗେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ନିଜ ନିଜର ବକ୍ତବ୍ୟ ରଖିଥିଲେ। ପରିଶେଷରେ ଅନୁଷ୍ଠାନର ସହ ସମ୍ପାଦକ ପ୍ରକାଶ ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଫଟୋ ସାମ୍ବାଦିକ ରଘୁ ରାୟଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୨୬।୪(ସମିସ): ଆଧୁନିକ ଭାରତର ପ୍ରଖ୍ୟାତ ସଚିତ୍ର ସଂରକ୍ଷଣକାରୀ ଫଟୋ ସାମ୍ବାଦିକ ରଘୁ ରାୟଙ୍କ ନିଧନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଫଟୋ ସାମ୍ବାଦିକ ଡଟ କମ ପରିସରରେ ଏହି ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଗଣମାଧ୍ୟମ ସହିତ ସଂଶ୍ଳିଷ୍ଟ ସମସ୍ତ ଫଟୋ ସାମ୍ବାଦିକଙ୍କ ସହ ଫଟୋଗ୍ରାଫିର ବିଭିନ୍ନ ବର୍ଗରୁ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶେଷ ସମ୍ମାନ ପ୍ରଦାନ କରିବା ସହ ଶୋକବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଦିବଂଗତ ଆତ୍ମାଙ୍କ ସୁଗୁଣାବଳୀର ଆଲୋଚନା ହେବା ସହ ଭଗବାନଙ୍କ ନିକଟରେ ସ୍ୱର୍ଗତ ଆତ୍ମାର ମୋକ୍ଷ ପ୍ରାପ୍ତି ନିମନ୍ତେ ନୀରବ ପାର୍ଥନା କରାଯାଇଥିଲା। ଏହି ଉତ୍ସବ ଟି ଡଟ୍ କମ ସଦସ୍ୟଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜନ କରାଯାଇଥିଲା।

# ସରକାରଙ୍କ ବିରୋଧରେ ରାଜରାସ୍ତାକୁ ଓହ୍ଲାଇବେ ମହିଳା



ଭୁବନେଶ୍ୱର,୨୬।୪(ସମିସ): ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ରାଜ୍ୟସ୍ତରୀୟ ବୈଠକ ଭଗବତୀ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶା ସରକାର ଜୀବିକା ମିଶନକୁ ଯେଉଁ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିଛନ୍ତି ତାହା ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶା ଜୀବିକା ମିଶନକୁ ଧ୍ୱଂସ ମୁଖରେ ପହଞ୍ଚାଇଛି ବୋଲି ବିଭିନ୍ନ ଜିଲ୍ଲା ନେତୃବୃନ୍ଦ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ପ୍ରତି ବର୍ଷ ୭ ଲକ୍ଷରୁ ଅଧିକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ଘର କାମ ସହ ହସ୍ତ ଶିଳ୍ପ, କୁଟୀର ଶିଳ୍ପ, ବ୍ୟବସାୟ, ବାଣିଜ୍ୟ କରିଥାନ୍ତି, ତାହା ଏବେ ସ୍ୱପ୍ନ ପାଲଟିବ। ବିଜେପି ସରକାର କ୍ଷମତା ହାତେଇବା ପରେ ୨୦୨୫ ଜାନୁଆରୀରୁ ଷଡ଼ଯନ୍ତ୍ର କରି ଏପ୍ରିଲ ଠାରୁ ଏହି ଋଣ ସୁପାରିଶ ବନ୍ଦ କରି ୭୦ଲକ୍ଷ ମହିଳାଙ୍କ ଜୀବିକା ଅର୍ଜନର ରାହା ବନ୍ଦ କରିଛନ୍ତି। ରାଜ୍ୟର ୨୧ଲକ୍ଷ ମହିଳା କର୍ମୀ ଓ ଏଥିମଧ୍ୟରୁ କର୍ମଜୀବୀ ଭୂମିକା ନେଇଥିବା ୧ଲକ୍ଷ ୫୦ ହଜାରରୁ ଅଧିକ ଇସି ସଦସ୍ୟଙ୍କୁ ହଟାଇ, ବିଜେପି ନିଜ ଦଳୀୟ କର୍ମୀଙ୍କ ହାତରେ ଏହାକୁ ଟେକି ଦେବା ପାଇଁ ପ୍ରତିହିଂସା ପରାୟଣ ହୋଇ ଓଏଲ୍ଏମ୍ ପୁନର୍ଗଠନ ଆଳରେ ଏହାକୁ ରାଜ୍ୟ ସରକାର ସ୍ଥାଣୁ କରି ଦେଲେଣି। ଓଏଲ୍ଏମ୍ ରାଜ୍ୟର ଗୃହିଣୀ ମହିଳାଙ୍କୁ ଏଣ୍ଟରପ୍ରେନିୟୋର କରି ଆସିଥିବା ବେଳେ ବିଜେପି ସରକାର ସୁଭଦ୍ରା ଯୋଜନା ମାଧ୍ୟମରେ ରାଜ୍ୟର ୨୧ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ଗୃହିଣୀ ମହିଳାଙ୍କୁ ବାର୍ଷିକ ୨ କିସ୍ତିରେ ୧୦ ହଜାର ଟଙ୍କା ଦେଇ ଏହି ମହିଳାଙ୍କୁ ପୁନର୍ବାର ପରଜୀବୀ କରାଇବାର ଷଡ଼ଯନ୍ତ୍ର କରିଛନ୍ତି। ସରକାରଙ୍କ ଏହି ବେଆଇନ୍ ପୁନର୍ଗଠନ ପ୍ରକ୍ରିୟା ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ୨୦୨୫ ମସିହା ଏପ୍ରିଲ ମଧ୍ୟଭାଗରୁ ରହିତାଦେଶ ଦେଇଥିଲେ ବି ସରକାର ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ମହାସଂଘର ସଞ୍ଚୟ ଜମା ଖାତା ସମେତ ଅନ୍ୟାନ୍ୟ ବ୍ୟାଙ୍କ ଖାତାର ଅପରେଟର ପରିବର୍ତ୍ତନ ପାଇଁ ବ୍ୟାଙ୍କମାନଙ୍କୁ ବେଆଇନ୍ ନିର୍ଦ୍ଦେଶ ଦେଇଛନ୍ତି। ମକଦ୍ଦମାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତ୍ୟେକ ଜିପିଏଲ୍ଏଫ୍, ବିଏଲ୍ଏଫ୍ ଓ ଡିଏଲ୍ଏଫ୍ ମାନେ ତୁରନ୍ତ ନିଜ ନିଜ ଓକିଲଙ୍କ ସହ ଯୋଗସୂତ୍ର ରକ୍ଷା କରିବାକୁ ସଂଘ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି କର୍ମଜୀବୀ ମହିଳା ଇସି ସଦସ୍ୟମାନେ ଆସନ୍ତା ମଇ ପହିଲାରେ ନିଜ ନିଜ ବ୍ଲକରେ 'ଆନ୍ତର୍ଜାତିକ ଶ୍ରମିକ ଦିବସ' ପାଳନ କରି 'କର୍ମଜୀବୀ ମହିଳା ଏକତା ଓ ସଂଘର୍ଷର ସଂକଳ୍ପ' ନେବା ପାଇଁ ବିଭିନ୍ନ କର୍ମକର୍ତ୍ତା ପ୍ରସ୍ତାବ ଦେବା ପରେ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ବୈଠକରେ କାମିନୀ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଏଆଇଟିୟୁସି ରାଜ୍ୟ ସମ୍ପାଦକ ଜୟନ୍ତ ଦାସ, ଲକ୍ଷ୍ମୀପ୍ରିୟା ଦାସ, ମମତା ରାଣୀ ଦାସ, ସରିତା ଦାସ, ଟୁନୀ ନାଏକ, ବୈଦେହୀ ବିହାର, ଟୁନି ପରିଡ଼ା, ଜୟନ୍ତୀ ପାଇକରାୟ ପ୍ରମୁଖ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ।

## ରାଜଧାନୀରେ ରେଭ୍ ପାର୍ଟି; ପୁଲିସ ଭୟରେ ଛତ୍ରଭଙ୍ଗ

ଭୁବନେଶ୍ୱର,୨୬।୪(ସମିସ): ରାଜଧାନୀ ଉପକଣ୍ଠରେ ଚନ୍ଦକା ଥାନା ଅଞ୍ଚଳରେ ଏକ ରେଭ୍ ପାର୍ଟି ଚାଲିଥିବା ନେଇ ଅଭିଯୋଗ ହୋଇଛି। ଏକ ଘରୋଇ ଫାର୍ମ ହାଉସ୍‌ରେ ଏହି ପାର୍ଟି ଚାଲଇଥିଲା। ଏଠାରେ ଯୁବକ ଯୁବତୀମାନେ ନିଶାସକ୍ତ ଅବସ୍ଥାରେ ଥିଲେ। ହାଇ ଭଲ୍ୟୁମ୍ ମ୍ୟୁଜିକ୍ ବାଜୁଥିଲା। ଯାହା ସ୍ଥାନୀୟ ପଥଚାରୀଙ୍କୁ ଅସହଜ କରୁଥିଲା। ଏହି ରେଭ୍ ପାର୍ଟିରେ କମ୍ ବୟସ୍କ ଯୁବକ, ଯୁବତୀ ଏବଂ ସ୍କୁଲ୍ ଏବଂ କଲେଜ ଛାତ୍ର ଭାଗ ନେଇଥିଲେ। ଏପରିକି ମାହୋଲ ଗରମ କରିବାକୁ କିଛି ବିଦେଶିନୀଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଥିବା ଅଭିଯୋଗ ହୋଇଛି।

ଖବର ପାଇ ଚନ୍ଦକା ଥାନା ପୁଲିସ ଶନିବାର ବିଳମ୍ବିତ ରାତିରେ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ହେଲେ ଚଢ଼ଉ ପୂର୍ବରୁ ଆୟୋଜକ କୌଣସି ସୂତ୍ରରୁ ଖବର ପାଇଁ ଛତ୍ରଭଙ୍ଗ ଦେଇଥିଲେ। ଫାର୍ମହାଉସ୍ ମାଲିକ ଏମାନଙ୍କ ପାଇଁ ଏଭଳି ଆସର ଜମାଇଥିଲେ ବୋଲି ଅଭିଯୋଗ ହେଉଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ପଚରାଉଚରା କରିବା ସହ ଅଧିକ ତଦନ୍ତ ଜାରି ରଖିଛି।

## ଉନବିଂଶ ସର୍ବଭାରତୀୟ ଯୋଗିନୀ ମହୋତ୍ସବ 'ଝରିଏଲ୍'

ଭୁବନେଶ୍ୱର,୨୬।୪(ସମିସ): ସାଂସ୍କୃତିକ ଅନୁଷ୍ଠାନ କଳାଶ୍ରୀ ଆର୍ଟ ଏକାଡେମୀ ଆନୁକୂଲ୍ୟରେ ଉନବିଂଶ ସର୍ବଭାରତୀୟ ଯୋଗିନୀ ମହୋତ୍ସବ "ଝରିଏଲ୍' ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ଗାୟକ ଆହ୍ଲାଦ ସୁରେନ୍ଦ୍ର ଛୋଟରାୟଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିଲା। ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୁରୁ ଆଲୋକ ଦାସ ଏବଂ ସଭାପତି ମୀରା ପଣ୍ଡାଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମଟିରେ ଓଡ଼ିଶୀ ନୃତ୍ୟ ଭକ୍ତି ସଂଗୀତ, ଶାସ୍ତ୍ରୀୟ ସଂଗୀତ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ ସହିତ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ପ୍ରଶାସକ ଅରବିନ୍ଦ ବେହେରା, ମାନସ ରଞ୍ଜନ ରାୟ, ଡ. ଶୁଶୀଳ ପଟ୍ଟନାୟକ, ନିରଞ୍ଜନ ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ଗୁରୁ ଉମେଶ ଚନ୍ଦ୍ର ଦାସ, ଶିକ୍ଷାବିତ ତଥା କଳାକାର ପ୍ରେମଚାନ୍ଦ ମହାନ୍ତି, ସମାଜସେବୀ ମନୋଜ ଜେନା, କବି ମନୋଜ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଗୁରୁ ସ୍ୱର୍ଗତ ହରେକୃଷ୍ଣ ପାଢ଼ୀଙ୍କୁ ମରଣୋତ୍ତର ଭାବରେ ନୃତ୍ୟ ବିଭୂତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନୃତ୍ୟଗୁରୁ ପ୍ରଶାନ୍ତ କୁଅଁର, ଜଗଦୀଶ ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପୁରୁଣା ଫଟୋ ପୁରୁଣା ସ୍ମୃତି...

ଭୁବନେଶ୍ୱର,୨୬।୪(ସମିସ): କେମିତି ଦିଶୁଥିଲା ସେ ସମୟର ଓଡ଼ିଶା। ଯିଏ ଦେଖିଛି ସିଏ ଜାଣିଛି। ସବୁବେଳେ ନୂଆକରି ଆବିଷ୍କାର ହୋଇଥିବା ଜିନିଷ ଦେଖିବାର କୌତୁହଳ ସ୍ୱତନ୍ତ୍ର। ହେଲେ ସମସ୍ତଙ୍କ ପାଖରେ ସେ ସୁଯୋଗ ନଥାଏ। ସମୟ ସହ ଆଧୁନିକତା ଏବଂ ଜ୍ଞାନ କୌଶଳ ପ୍ରତି ସେକେଣ୍ଡରେ କିଛି ନୂଆ ଉଦ୍ଭାବନ କରି ଦେଖାଉଛି। ତାରି ଭିତରେ ଅନେକ କିଛି ପରିବର୍ତ୍ତନ ଦେଖିଲାଣି ଓଡିଶା। ସେହିଭଳି ପୂର୍ବରୁ ସମସ୍ତଙ୍କ ହାତ ପାହାନ୍ତାରେ ବହିଟିଏ ମିଳିବା ସେତେ ସହଜ ନଥିଲା। ନା ସେ ସମୟରେ ସ୍ମାଟ ଫୋନଟିଏ ପାଖରେ ଥିଲା। ତେଣୁ କିଏ କେବେ ସହରକୁ ଗଲେ ଲୋକ ତାରି ହାତରେ ବହି ଖଣ୍ଡିଏ ମଗାଇ ପଢୁଥିଲେ। କାରଣ ଏବେ ପରି ଗଡ଼ି ଉଠିନଥିଲା ଶହ ଶହ ସରକାରୀ ଏବଂ ଘରୋଇ ପାଠାଗାର। ଯେଉଁଠି ବହିମାନଙ୍କର ସମ୍ଭାର ପିଲାଙ୍କୁ ଜ୍ଞାନ ଓ ସୁଯୋଗ ଯୋଗାଉଛି।

ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା ଠିକ୍ ସେହିପରି ଏକ ପୁରୁଣା ଫଟୋ, ଯେଉଁଥିରେ ଭ୍ରାମ୍ୟମାଣ ପାଠାଗାରର ଏକ ବିରଳ



ଦୃଶ୍ୟ ପରିଲକ୍ଷିତ ହୋଇଛି। ଏହି ଫଟୋଟି ୧୯୬୦ ମସିହାର ବୋଲି ଜଣାପଡ଼ିଛି। ଏଥିରେ ଏକ ବଳଦଗାଡ଼ି ସାହାଯ୍ୟରେ ଏହି ଭ୍ରାମ୍ୟମାଣ ପାଠାଗାରରେ ପରିଣତ କରାଯାଇ, ସେ ସମୟରେ ଲୋକଙ୍କୁ ପାଠାଗାରର ସୁବିଧା ପ୍ରଦାନ କରାଯାଉଥିଲା।

## ୩୭ ତମ ଶ୍ରୀଜଗନ୍ନାଥ କଥାଲହରୀ



ଭୁବନେଶ୍ୱର,୨୬।୪(ସମିସ): ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ର କାଙ୍କଣଶିଖରୀ, ଚିଲିକା, ଆନୁକୂଲ୍ୟରେ ୩୭ ତମ ଶ୍ରୀଜଗନ୍ନାଥ କଥାଲହରୀର କଥାମୃତ କାର୍ଯ୍ୟକ୍ରମ ରବିବାର ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଶ୍ରୀଜଗନ୍ନାଥ ସଂସ୍କୃତିରେ ନାରୀ ଶକ୍ତି ଉପରେ ପ୍ରବଚକ ସୁକାନ୍ତ ପ୍ରଧାନ ବକ୍ତବ୍ୟ ରଖିଥିଲେ। ଦେବୀ ଅହଲ୍ୟା ପଥର ହେବା ଏବଂ ଶ୍ରୀରାମଙ୍କର ପାଦ ସ୍ପର୍ଶ ପାଇ ମୁକ୍ତି ଲାଭ କରିଥିବାର ତତ୍ତ୍ୱକୁ ପ୍ରବଚକ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଶ୍ରୀଜଗନ୍ନାଥ କଥାଲହରୀର ୩ ବର୍ଷ ପୂର୍ତ୍ତି ଅବସରରେ ସଭାପତି ଡ. ରବିନାରାୟଣ ସାମନ୍ତଙ୍କ ସଭାପତିତ୍ୱରେ ଏକ ସାର୍ବଜନୀନ ବୈଠକ ଆୟୋଜନ କରାଯାଇଥିଲା। ଆଜୀବନ ସଭ୍ୟ ଦୁଷ୍ମନ୍ତ ପାଣିଗ୍ରାହୀଙ୍କୁ ନୂତନ କୋଷାଧ୍ୟକ୍ଷ ଭାବରେ ଦାୟିତ୍ୱ ଅର୍ପଣ କରାଇଥିଲେ। ଆସନ୍ତା ମାସର ଚତୁର୍ଥ ଶନିବାର ଅନୁଷ୍ଠିତ ହେବାକୁ ଯାଉଥିବା ଶ୍ରୀକ୍ଷେତ୍ର ଓ ଲୀଳାକ୍ଷେତ୍ର ସମ୍ମିଳନୀର ଦ୍ୱିତୀୟ ଭାଗରେ ସମସ୍ତ ଲୀଳାକ୍ଷେତ୍ର, ଭୁବନେଶ୍ୱରସ୍ଥିତ ସମସ୍ତ ୨୮ ଟି ଶ୍ରୀଜଗନ୍ନାଥ ମନ୍ଦିର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ସମନ୍ୱୟ ବିକାଶ ପରିଷଦ (ବାଣପୁର, ଚିଲିକା)ର ସମସ୍ତ ୩୦ଟି ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିନିଧି ମଣ୍ଡଳୀ ଯୋଗ ଦେବାର ପ୍ରସ୍ତାବ ରଖାଯାଇଥିଲା। ବିଶେଷ ଅତିଥି ଭାବରେ ପୀତବାସ ରାଉତରାୟ ଓ ଡ. ଅଭୟ ନାୟକ ଯୋଗ ଦେଇ ତିନି ବର୍ଷ ପୂର୍ବର ପ୍ରଥମ କଥାଲହରୀରେ ଅତିଥି ଭାବରେ ଯୋଗ ଦେଇଥିବାର ସ୍ମୃତିକୁ ପ୍ରକାଶ କରିଥିଲେ। ଡ. ତ୍ରିନାଥ ହୋତାଙ୍କ ଲିଖିତ "ଓଡ଼ିଶାର ସାଂସ୍କୃତିକ ବିକାଶ ଧାରାରେ ଗଙ୍ଗ ବଂଶର ଭୂମିକା' ପୁସ୍ତିକ ଅତିଥିମାନଙ୍କ ଗହଣରେ ଦେବାର୍ପଣ କରାଯାଇଥିଲା। ସୂର୍ଯ୍ୟ ନାରାୟଣ ମିଶ୍ର, ଅଶୋକ ଦାଶ, ପ୍ରଦୀପ ବେହେରା, ତେଜେଶ୍ୱର ପୃଷ୍ଟି, ଡ. ଧୀରେନ୍ଦ୍ର ଦାଶ, ଶର୍ମିଷ୍ଠା ପ୍ରଭା ମହାନ୍ତିଙ୍କ ସହିତ ବହୁ ଭକ୍ତ ଏହି କଥାମୃତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମ୍ପାଦକ ଇଂ ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଇନର୍ ହ୍ୱିଲ୍ କ୍ଲବ ପକ୍ଷରୁ ମିଡୋଜ୍ ଚାର୍ଟର ଉପସ୍ଥାପିତ

ଭୁବନେଶ୍ୱର,୨୬।୪(ସମିସ): ଇନର୍ ହ୍ୱିଲ୍ କ୍ଲବ ଅଫ୍ ଭୁବନେଶ୍ୱର ମିଡୋଜ୍‌ର ଚାର୍ଟର ଉପସ୍ଥାପିତ ହୋଇଛି। ଉତ୍ସବରେ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀ, ସେକ୍ରେଟାରୀ ପୁଷ୍ପା ହରିଚନ୍ଦନ, ଏଡିଟର ଆରତୀ ବଡ଼ପଣ୍ଡା ଏବଂ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ମିଡୋଜ୍‌ର ପ୍ରେସିଡେଣ୍ଟ ଆଦିତ୍ୟ ପ୍ରସାଦ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡିଷ୍ଟ୍ରିକ୍ଟ ଚେୟାରମ୍ୟାନ ମଧୁସ୍ମିତା ତ୍ରିପାଠୀଙ୍କ ଦ୍ୱାରା ଚାର୍ଟର୍‌ର ନୂଆ ପ୍ରେସିଡେଣ୍ଟ ଡ. ସସ୍ମିତା ସାହୁଙ୍କୁ ଇନର୍ ହ୍ୱିଲ୍ ବଡ୍ୟାଜ୍ ଏବଂ କୋଲାର ଆନୁଷ୍ଠାନିକ ଭାବରେ ହସ୍ତାନ୍ତର କରିଥିଲେ। ଚାର୍ଟର ସେକ୍ରେଟାରୀ ସୀତା ରାଣୀ ପଣ୍ଡା, ଆଇଏସ୍ଓ ସଞ୍ଜୁ ପାତ୍ର ଏବଂ ଟ୍ରେଜରର୍ ସ୍ୱପ୍ନିତା ତ୍ରିପାଠୀଙ୍କୁ ମଧ୍ୟ କୋର୍ ଟିମ୍‌ର ଅଂଶ ଭାବରେ ପରିଚିତ କରାଯାଇଥିଲା। କ୍ଲବ ପକ୍ଷରୁ ପରିଣୀତା ସହଯୋଗରେ ଅବହେଳିତ ଝିଅମାନଙ୍କୁ ପୋଷାକ ବଣ୍ଟନ



ଭଳି କାର୍ଯ୍ୟ ହାତକୁ ନିଆଯାଇଥିଲା। କାର୍ଯ୍ୟକ୍ରମ ଉପସ୍ଥାପନା କିରନ କଲ୍ୟାଣ ମିଶ୍ରଙ୍କ ଦ୍ୱାରା କରାଯାଇଥିଲା। ବାଗ୍ମୀ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଡ.ସସ୍ମିତା ସାହୁ ମହିଳାମାନଙ୍କର ସଶକ୍ତୀକରଣ, ସ୍ୱାସ୍ଥ୍ୟ ଓ କଲ୍ୟାଣ ଉପରେ ସଚେତନତାର ପ୍ରସାର ଏବଂ ଉତ୍ସର୍ଗୀକୃତ ସେବା ପ୍ରୟାସଗୁଡ଼ିକ ଜରିଆରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ନେଇ କ୍ଲବ୍‌ର ଦୂରଦୃଷ୍ଟି ସମ୍ପର୍କରେ ପ୍ରକାଶ କରିଥିଲେ।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଥିଲେ ଅତୁଳନୀୟ ପ୍ରତିଭାର ଅଧିକାରୀ

ଭୁବନେଶ୍ୱର,୨୬।୪(ସମିସ): ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ସରକାରଙ୍କ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ତଥା ବିଭିନ୍ନ ସାଂସ୍କୃତିକ ସଂଗଠନ ପକ୍ଷରୁ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ ତମ ଜୟନ୍ତୀ ଓ ସ୍ମୃତିଚାରଣ ଦିବସ ଏଜି ଛକ ନିକଟ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଷ୍ଠିତ ହୋଇଛି। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନା ଓ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଭାବେ ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଶିକ୍ଷାବିତ ନିରଞ୍ଜନ ପଣ୍ଡା, ଭାଷାପ୍ରାଣ ଅଦ୍ୱୈତ ପାତ୍ର, ମନୋରଞ୍ଜନ ମହାନ୍ତି, ଶିକ୍ଷାବିତ କାମଦେବ ମହାପାତ୍ର, ରାଜ କିଶୋର ପାଣିଗ୍ରାହୀ, ଦିଲ୍ଲୀପ ଦାସ ଶର୍ମାଙ୍କ ସମେତ ପୂଜ୍ୟପୂଜା ପ୍ରାଣ ବ୍ୟକ୍ତିତ୍ୱମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶର ପ୍ରମୁଖ କର୍ଣ୍ଣଧାର, ଭାଷା ସାହିତ୍ୟ, ସଂସ୍କୃତି ତଥା ସାଧାରଣ ଜନତାଙ୍କ ପାଇଁ ତାଙ୍କ କାର୍ଯ୍ୟକ୍ରମ



ଅବିସ୍ମରଣୀୟ ଥିଲା ବୋଲି ସଭାରେ ମତପ୍ରକାଶ ପାଇଥିଲା। ପିଲାମାନଙ୍କ ଦ୍ୱାରା "ବନ୍ଦେ ଉତ୍କଳ ଜନନୀ' ଗାନ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ଭାଷା ପ୍ରାଣ ବିଜୟ ପରିଡା, ସଂଯୋଜକ ବାପୁ ଓଝା ପ୍ରମୁଖ ପରିଚାଳନା କରିଥିଲେ।

## ବିଜେଡି ପକ୍ଷରୁ ଗଜପତି କୃଷ୍ଣଚନ୍ଦ୍ରଙ୍କ ଜୟନ୍ତୀ

ଭୁବନେଶ୍ୱର,୨୬। ୪(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ରବିବାର ଏଜି ଛକ ଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ଗଜପତି କୃଷ୍ଣଚନ୍ଦ୍ର ଏକ ସମୃଦ୍ଧ ଓଡ଼ିଶାର ନିଅଁ ପକାଇଥିଲେ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ରାଜ ମହମ୍ମଦ ମୁସ୍ତାକ, ପ୍ରାଧାପକ ରଙ୍ଗାଧର ସାହୁ, ଚୈତନ୍ୟ ତ୍ରିପାଠୀ, ଭୁବନେଶ୍ୱର ଗୌରବ ଗିରିଜା ଶଙ୍କର ମହାପାତ୍ର, ସମାଜସେବୀ ମନୋରଞ୍ଜନ ମହାନ୍ତି, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ମନମୋହିଲା ଛନ୍ଦମ୍‌ର 'ଅଦ୍ଧା ଏବଂ ଅଭିନୟ'

ଭୁବନେଶ୍ୱର,୨୬।୪(ସମିସ): ଶାସ୍ତ୍ରୀୟ ନୃତ୍ୟର ପ୍ରଚାର ପ୍ରସାର ପାଇଁ ସମର୍ପିତ ଅନୁଷ୍ଠାନ ଛନ୍ଦମ୍, ଭୁବନେଶ୍ୱରର ଜିକେସିଏମ୍, ଓଆରସି ଅଡିଟୋରିୟମରେ ଏହାର ୨୮ ତମ ବାର୍ଷିକ ଉତ୍ସବ 'ଅଦ୍ଧା ଏବଂ ଅଭିନୟ' ଆୟୋଜିତ ହୋଇଛି। ଏହି ସନ୍ଧ୍ୟାରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ଗୁରୁ ଅରୁଣା ମହାନ୍ତିଙ୍କ ସମେତ ଶିକ୍ଷାବିତ୍ ଚନ୍ଦ୍ରଭାନୁ ପଟ୍ଟନାୟକ ଏବଂ ସୀତାକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାଷ୍ଟର ଅବିରୂପ ଘୋଷ ଏବଂ ମିସ୍ ସୋନାକ୍ଷୀ ଦାସ ସ୍ୱତନ୍ତ୍ର ଅତିଥି ଭାବରେ ଭାଓଲିନ୍ ବଜାଇଥିଲେ। ପ୍ରଫେସର ଚନ୍ଦ୍ରଭାନୁ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ସାଂସ୍କୃତିକ ପରିବେଶ ପାଇଁ ଏକ ନୂଆ ଏବଂ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ବୋଲି ବର୍ଣ୍ଣନା କରିଥିଲେ। ଛନ୍ଦମ୍‌ର ମୁଖ୍ୟ ସ୍ୱରୂପା ଘୋଷ କହିଥିଲେ, ଆମେ ନିଜ ଶାସ୍ତ୍ରୀୟ ନୃତ୍ୟ ଓଡ଼ିଶୀ ପାଇଁ ଜଣାଶୁଣା ସହର ଭୁବନେଶ୍ୱରରେ "ଆଦ୍ଧା ଏବଂ ଅଭିନୟ' ଆୟୋଜନ କରି ବହୁତ ଖୁସି। ଓଡ଼ିଶାର ଶାସ୍ତ୍ରୀୟ ଐତିହ୍ୟକୁ ମଜବୁତ କରିବା ପାଇଁ ଆମେ ଏଠାରେ ଭଲ କଥକ ନୃତ୍ୟଶିଳ୍ପୀମାନଙ୍କର ଏକ ଗୋଷ୍ଠୀ ତିଆରି କରିବାକୁ ସଂକଳ୍ପବଦ୍ଧ।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜନ୍ମତିଥିରେ ଶ୍ରଦ୍ଧାଞ୍ଜଳି


ବ୍ରହ୍ମପୁର


ଗଜପତି ଜିଲ୍ଲା ନାଗରିକ ସଂଘ



ଉତ୍କଳ ସମ୍ମିଳନୀ


ଟିମ୍ କ୍ଲିନ୍ ସିଟି


ବ୍ରହ୍ମପୁର ହସ ଓ ଯୋଗ କ୍ଲବ

ବ୍ରହ୍ମପୁର,୨୬ ।୪(ସମିସ)

ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିଧାଣୀ ତଥା ନବ ଓଡ଼ିଶାର ନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ବିଜୟା ସିନେମା ହଲ ଛକ ସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଏକ ପଥପ୍ରାନ୍ତ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥଲା। ସଭାପତି ଡ. ଶଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନବ ଓଡିଶା ଗଠନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବିସ୍ମରଣୀୟ ଅବଦାନ ବିଷୟରେ ବୁଦ୍ଧିଜୀବୀମାନେ ଆଲୋକପାତ କରିଥିଲେ। ଓଡ଼ିଶାର କୌଣସି ବରପୁତ୍ରଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଇନଥିବାକୁ ନେଇ କେନ୍ଦ୍ର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ସମ୍ପାଦକ ମହମ୍ମଦ ଅସଲମ, ବରିଷ୍ଠ ସଦସ୍ୟ ସୁଦର୍ଶନ ବିଷୋୟୀ, ସୁବାସ ଚନ୍ଦ୍ର ପଟନାୟକ, ସୁବ୍ରତ କୁମାର ସାହୁ, ଡ. ସମରେନ୍ଦ୍ର ସାହୁ, ପ୍ରେମଶିଳା ନନ୍ଦ ଓ ବିଜୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା**

ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ପକ୍ଷରୁ ଗିରି ମାର୍କେଟ ଛକ ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ସଭାପତି ଡ଼. ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ୍ କୁମାର ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାରାଜାଙ୍କ ଅବଦାନ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ ସ୍ମୃତିଚାରଣ କରିଥିଲେ। ସେହିଭଳି ଓବିସି ମଞ୍ଚ ଓ ଶୌଣ୍ଡିକ ସମାଜ ପକ୍ଷରୁ ସ୍ୱତନ୍ତ୍ର ଓଡ଼ିଶା ଗଠନର ଅନ୍ୟତମ ପ୍ରମୁଖ କର୍ଣ୍ଣଧାର ତଥା ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ଉପଲକ୍ଷେ ଗିରି ମାର୍କେଟ ସ୍ଥିତ ମହାରଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପଷ୍ପ ମାଲ୍ୟାର୍ପଣ କରାଯାଇ ବନ୍ଦେ ଉତ୍କଳ ଜନନୀ ଗାନ ସହ ସ୍ମୃତି ଚାରଣ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ମମତା ସାହୁ, ପ୍ରମୋଦ ମହାରଣା, ସର୍ବତ୍ତୋମ ବିଷୋଇ ରତ୍ନ, ସୀମାଞ୍ଚଳ ପ୍ରସାଦ ବିଷୋୟୀ, ପ୍ରଦୀପ କୁମାର ସାହୁ, ସୁରେନ୍ଦ୍ର ତ୍ରିପାଠୀ, ପ୍ରମୋଦ ପଣ୍ଡା, ସୁଦର୍ଶନ ବିଷୋୟୀ, ସୁବାସ ପଟ୍ଟନାୟକ ଓ ବିଜୟ ନନ୍ଦ ପ୍ରମୁଖଙ୍କ ସମେତ ବହୁ ସମାଜସେବୀ ଯୋଗଦେଇଥିଲେ।

**ଗଜପତି ଜିଲ୍ଲା ନାଗରିକ ସଂଘ**

ଗଜପତି ଜିଲ୍ଲା ନାଗରିକ ସଂଘ, ବ୍ରହ୍ମପୁର ପକ୍ଷରୁ ସଂଘର ସଭାପତି ଡଃ ରାମକୃଷ୍ଣ ଦାସଙ୍କ ସଭାପତିତ୍ୱ ତଥା ସହସମ୍ପାଦକ ରାମ ପ୍ରସାଦ ସାମଲଙ୍କ ସଂଯୋଜନାରେ ମହାରାଜାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବାହ୍ନ ୭ଟା ୩୦ରେ ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ସମ୍ମୁଖରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରି ସଂଘର ସଦସ୍ୟମାନେ ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୁଲିସ ଅଧିକାରୀ ପତିତପାବନ ଚୌଧୁରୀ, ଶାନ୍ତନୁ କୁମାର ପାଢି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଅମୀୟ କୁମାର ପରିଛା, ଉଜ୍ୱଳେଶ୍ୱର ଦାଶ, ମହେଶ ଚରଣ ଦାସ, ରାଧାକୃଷ୍ଣ ପରିଛା, ଅଶୋକ ଚାନ୍ଦ ପରିଛା, କୈଳାସ ଚନ୍ଦ୍ର ଅଧିକାରୀ, ପ୍ରସନ୍ନ କୁମାର ପଟ୍ଟନାୟକ, ସାରଳା ପ୍ରସାଦ ଦାସ, ସୁରେଶ ଚନ୍ଦ୍ର ମହାରଣା, ପ୍ରମୋଦିନୀ ଚୌଧୁରୀ, ରାମ ପ୍ରସାଦ ପାଢୀ, ଆଦି ନାରାୟଣ ଦୋରା, ଶାନ୍ତନୁ କୁମାର ବେହେରା, ଶୈଳେନ୍ଦ୍ର ନାଥ ପାତ୍ର, ସତ୍ୟଜିତ ପାଣିଗ୍ରାହୀ, ବ୍ରଜେନ୍ଦ୍ର କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ବ୍ରଜବନ୍ଧୁ ପଟ୍ଟନାୟକ ଓ ଶ୍ରୀକାନ୍ତ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସଭା ଶେଷରେ ଡା ରାମଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

**ଟିମ୍ କ୍ଲିନ୍ ସିଟି**

ଟିମ କ୍ଲିନ ସିଟି ବ୍ରହ୍ମପୁର ପକ୍ଷରୁ ସଂଗଠନର ସଦସ୍ୟମାନେ ଏମକେସିଜି ମେଡିକାଲ ମୁଖ୍ୟଫାଟକ ନିକଟରୁ ଏକ ଶୋଭାଯାତ୍ରାରେ ଆସି କଲେଜ ସମ୍ମୁଖରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ


ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ

ସଂଗଠନର ବରିଷ୍ଠ ସଦସ୍ୟ ଶକ୍ତିଧର ରାଜଗୁରୁ, ଅଜୟ ମହାରଣା, ରାଜେଶ କୁମାର ସାହୁ, ଦେବୀ ଶତପଥୀ, ଅସିତ ସାବତ, ସୂର୍ଯ୍ୟନାରାୟଣ ଚୌଧୁରୀ, ସୂର୍ଯ୍ୟନାରାୟଣ ସୁବୁଦ୍ଧି, ସନ୍ତୋଷ ପାତ୍ର, ଅଞ୍ଜଳୀ ମହାନ୍ତି, ମନୋଜ କୁମାର ଖିମାନୀ, ସରିତା ଖିମାନୀ, କେ.ସି.ପଣ୍ଡା, ସୀମାଞ୍ଚଳ ଶତପଥୀ ଓ ଦୀନେଶ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ବ୍ରହ୍ମପୁର ହସ ଓ ଯୋଗ କ୍ଲବ**

ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୫ତମ ଜନ୍ମତିଥିକୁ ବଡ଼ ଆଡମ୍ବର ସହକାରେ ପାଳନ କରିଛି ବ୍ରହ୍ମପୁର ବରିଷ୍ଠ ନାଗରିକ ତଥା ହସ ଓ ଯୋଗ କ୍ଲବ। ଏମକେସିଜି ମେଡିକାଲ କଲେଜ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତି ଠାରେ ସଂଘର ସମସ୍ତ ସଦସ୍ୟ ଏକାଠି ହୋଇ ମହାରାଜାଙ୍କ ସ୍ମୃତିଚାରଣ କରି ତାଙ୍କର କିର୍ତ୍ତିର ଗୁଣଗାନ କରିଥିଲେ।

**ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ**

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ କଲେଜର ଡିନ ତଥା ପ୍ରିନ୍ସିପାଲ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ ମୁଖ୍ୟଅତିଥି ଓ ରେଜିଷ୍ଟ୍ରାର ଶ୍ୱେତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ କଲେଜ ଓ ହସ୍ପିଟାଲର ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କ ସମେତ ବହୁ ଡାକ୍ତର ଓ କର୍ମଚାରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ କଲେଜ ସମ୍ମୁଖରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ପ୍ରଦାନ କରି ସ୍ମୃତିଚାରଣ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଓ ପରିବହନ ଆଦି ବିଭିନ୍ନ କ୍ଷେତ୍ରରେ ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତିଙ୍କର ଥିବା ଦୂରଦୃଷ୍ଟି ସମ୍ପନ୍ନ ବିଭିନ୍ନ ପଦକ୍ଷେପ ଓ ଯୋଜନାକୁ ନେଇ ସଭାରେ ଆଲୋକପାତ କରାଯାଇଥିଲା।

## ‘ସୁରଭି’ ପକ୍ଷରୁ ପଣା ବଣ୍ଟନ

ବ୍ରହ୍ମପୁର, ୨୬।୪ (ସମିସ): ସ୍ଥାନୀୟ କୋର୍ଟପେଟା ଜଗନ୍ନାଥ ମନ୍ଦିର ଛକ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସୁରଭି’ ପକ୍ଷରୁ ପଣା ବଣ୍ଟନ କରାଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପଥୀକଙ୍କୁ ଅନୁଷ୍ଠାନ ପକ୍ଷରୁ ରସାବଳୀ, ଦହିପଣା ଓ ନବାତ ପଣା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁରଭିର ସଭାନେତ୍ରୀ ଉଷାରାଣୀ ପଟ୍ଟନାୟକ, ସନ୍ଧ୍ୟାରାଣୀ ପାଢ଼ୀ, ରୀନା ନାୟକ, ଅହଲ୍ୟା ପଟ୍ଟନାୟକ, କଳ୍ପନା ପାଢ଼ୀ, ସସ୍ମିତା ପଟ୍ଟନାୟକ, ଶିବାନୀ ଆଚାରୀ, ରିୟା ମହାପାତ୍ର, ଜଗନ୍ନାଥ ପଟ୍ଟନାୟକ ଓ ସ୍ୱଙ୍ଗସାଇ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଅନୁଷ୍ଠାନର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।



## ଗଞ୍ଜାମ ଓକିଲ ସଂଘର କାର୍ଯ୍ୟନିର୍ବାହୀ ସଦସ୍ୟ ଓ ଉପଦେଷ୍ଟାମଣ୍ଡଳୀ ମନୋନୀତ

ବ୍ରହ୍ମପୁର,୨୬।୪(ସମିସ)

ଗଞ୍ଜାମ ଓକିଲ ସଂଘର ନୂତନ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ସହିତ ଉପଦେଷ୍ଟା ମଣ୍ଡଳୀ ଚୟନ କରାଯାଇଛି। ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ସଦସ୍ୟଙ୍କ ମନୋନୟନ କରାଯାଇଥିବା ଜଣାପଡିଛି। ସଂଘର ସଭାପତି ଭାବେ ଶୀତାଂଶୁ ଶେଖର ପଣ୍ଡା, ସମ୍ପାଦକ ଭାବେ ଜଗନ୍ନାଥ ମିଶ୍ର, ଉପ ସଭାପତି ଭାବେ ସତ୍ୟନାରାୟଣ ବସନ୍ତିଆ ଓ ସହ ସମ୍ପାଦକ ଭାବେ ରଂଜନ କୁମାର ସାମନ୍ତରାୟ ନିର୍ବାଚିତ ହୋଇଥିଲା। ତେବେ ଚଳିତ ବର୍ଷ ଠାରୁ ସଂଘରେ ମହିଳା ସଦସ୍ୟଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ସଂଘରେ ମୋଟ ୧୦ଜଣ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କୁ ନିଆଯାଇଥିବା ବେଳେ ସେଥିମଧ୍ୟରୁ ୪ଜଣ ମହିଳା ଆଇନଜୀବୀଙ୍କୁ ସାମିଲ କରାଯାଇଛି। ମନୋନିତ କାର୍ଯ୍ୟନିର୍ବାହୀ ସଦସ୍ୟଙ୍କ ମଧ୍ୟରେ ଶୁସ୍ମିତା ଶତପଥୀ, ଦେବଦର୍ଶନୀ ସାହୁ, ତୃପ୍ତିଲତା ପାଣିଗ୍ରାହୀ ଓ ରିଙ୍କିତା ପାତ୍ର ଅନ୍ତର୍ଭୁକ୍ତ। ସେହିଭଳି ମନୋନିତ ୬ଜଣ ପୁରୁଷ ସଦସ୍ୟଙ୍କ ମଧ୍ୟରେ ରଘୁନାଥ ପ୍ରସାଦ ପାଣିଗ୍ରାହୀ, ନୀଳାଞ୍ଚଳ ତ୍ରିପାଠୀ, ମନୋଜ କୁମାର ମହାନ୍ତି, ଗୌରାଙ୍ଗ ଚୌଧୁରୀ, ଉମାଶଙ୍କର ପାତ୍ର ଓ ଶିବରାମ ପାଢୀ ସାମିଲ ଅଛନ୍ତି। ସେହିଭଳି ସଂଘର ଉପଦେଷ୍ଟା ଭାବେ ଗ୍ରହଣ କରାଯାଇଥିବା ୫ଜଣ ବରିଷ୍ଠ ଆଇନଜୀବୀଙ୍କ ମଧ୍ୟରେ କୈଳାଶ ଚନ୍ଦ୍ର ପଣ୍ଡା, ଶିଶିର କୁମାର ପାଢୀ, ଏସ. ରାମ କୁମାର, ପ୍ରମୋଦ କୁମାର ସାହୁ ଓ ମୋହନ ସିଂଗାରି ଅଛନ୍ତି। ଉଭୟ କାର୍ଯ୍ୟନିର୍ବାହୀ ଓ ଉପଦେଷ୍ଟା କମିଟି ସହିତ ଗଞ୍ଜାମ ଓକିଲ ସଂଘ ପୂର୍ଣ୍ଣାଙ୍ଗ ହୋଇପାରିଛି। ପୂର୍ଣ୍ଣାଙ୍ଗ କମିଟିକୁ ନେଇ ତଥା ସଂଘର ସଭାପତି ଶୀତାଂଶୁ ଶେଖର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ ତାରିଖରେ ହେବାକୁ ଥିବା ଆଇନଜୀବୀ ଦିବସ ପାଳନକୁ ନେଇ ପ୍ରସ୍ତୁତି ବୈଠକ ହୋଇଥିଲା। ଏହି ଅବସରରେ ସଂଘର କିଛି ଆଇନଜୀବୀଙ୍କୁ ସଂଘ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ହୋଇଥିବା ସମ୍ପାଦକ ଜଗନ୍ନାଥ ମିଶ୍ର ସୂଚନା ଦେଇଛନ୍ତି।

## ବୁଢ଼ାମ୍ବରେ ଗୋଷ୍ଠୀ ସଂଘର୍ଷ; ଗାଁରେ ପୁଲିସ ଛାଉଣି

କବିସୂର୍ଯ୍ୟନଗର, ୨୬।୪ (ସମିସ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ବୁଢାମ୍ବ ଗାଁରେ ଶନିବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଗାଁର ହରିଜନ ସାହିର ଦୁଇ ଗୋଷ୍ଠୀ ମଧ୍ୟରେ ଏହି ସଂଘର୍ଷ ଘଟିଥିଲା। ରବିବାର ସକାଳୁ ଗାଁ ସାରା ପୁଲିସ ଛାଉଣୀ ହୋଇଛି। ତେବେ ଗତ ବିଳମ୍ବିତ ରାତିରେ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମେ କଥା କଟାକଟି ପରେ ତାହା ଉଗ୍ରରୂପ ନେଇଥିଲା। ଗୋଟିଏ ଗୋଷ୍ଠୀ ଅନ୍ୟଗୋଷ୍ଠୀର ସାହିରେ ପଶି ଘର ଉପରକୁ ଇଟା, ପଥର ଓ କାଚ ବୋତଲ ମାଡ଼ କରିଥିଲେ। ଘଟଣାରେ ଦୁଇରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଘର ବାରଣ୍ଡା ଓ ସାହିରେ ଏବେ ବି ଗଦା ଗଦା ଇଟା, ପଥର, କାଚ ବୋତଲ ପଡ଼ି ରହିଥିବା ବେଳେ ସାହି ବାସିନ୍ଦା ଭୟଭୀତ ରହିଛନ୍ତି। ତେବେ ଗତ ଦଶହରା ଠାରୁ ମେଢ଼ ନିର୍ମାଣକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଲାଗିରହିଥିବା ଛକାପଞ୍ଝା ଶନିବାର ସଂଘର୍ଷର ରୂପ ନେଇଥିବା ବେଳେ ପ୍ରଶାସନ ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ପ୍ରୟାସ ଜାରି ରଖିଛି।




## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ କେବେ ଖୋଲିବ ପିଏଚ୍‌ଡି ପାଠ୍ୟକ୍ରମ? ଗବେଷଣା ଅପେକ୍ଷାରେ ଶତାଧିକ ବିଦ୍ୟାର୍ଥୀ

ବ୍ରହ୍ମପୁର,୨୬ ।୪(ସମିସ)

ଗଞ୍ଜାମ ଜିଲ୍ଲାର ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପିଏଚଡି ପାଠ୍ୟକ୍ରମ ଆରମ୍ଭ ନେଇ ଅନିଶ୍ଚିତତା ଜାରି ରହିଛି। ବର୍ଷକାଳ ଧରି ଏହି ପାଠ୍ୟକ୍ରମ ଖୋଲିବା ପ୍ରତିଶ୍ରୁତି ଦିଆଯାଉଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ପ୍ରାକ୍ତିକ ଭାବେ କୌଣସି ଘୋଷଣା ହୋଇନାହିଁ। ଫଳରେ ଗବେଷଣା କରିବାକୁ ଇଚ୍ଛୁକ ଶତାଧିକ ଛାତ୍ରଛାତ୍ରୀ ଅପେକ୍ଷାରେ ରହିଛନ୍ତି। ସହରର ୧୭୦ ବର୍ଷର ପୁରୁଣା ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ସମଗ୍ର ଓଡ଼ିଶାରେ ସୁନାମ ଅର୍ଜନ କରିବା ସହ ଦକ୍ଷିଣ ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ୨୦୨୧ ମସିହାରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରାଯାଇଥିଲା। ଏହା ପରେ ବିଭିନ୍ନ ସମସ୍ୟାର ଉବୁଟୁବୁ ହେଉଛି ବିଶ୍ୱବିଦ୍ୟାଳୟ। ୟୁଜିସି ପକ୍ଷରୁ ଏହି ବିଶ୍ୱବିଦ୍ୟାଳୟକୁ ୧୨-ବି ମାନ୍ୟତା ମିଳିନଥିବା ବେଳେ ବହୁ ବର୍ଷ ହେବ ମଞ୍ଜୁରପ୍ରାପ୍ତ ୧୧୨ଟି ଶିକ୍ଷକ ପଦ ପୂରଣ ହୋଇପାରିନି। ଫଳରେ ଏହି ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ ହୋଇପାରି ନାହିଁ। ବିଶ୍ୱବିଦ୍ୟାଳୟ ଘୋଷଣା ପୂର୍ବରୁ ଖଲ୍ଲିକୋଟ ମହାବିଦ୍ୟାଳୟ ସମୟରେ ବହୁ ଛାତ୍ରଛାତ୍ରୀ ପିଏଚ୍‌ଡି ପାଠ୍ୟକ୍ରମରେ ନାମ ଲେଖାଇ ପାରୁଥିଲେ।




କିନ୍ତୁ ଦୁର୍ଭାଗ୍ୟର ବିଷୟ ବିଶ୍ୱବିଦ୍ୟାଳୟ ହେବା ପରେ ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହେଉଛନ୍ତି। ଗତ ୪ ବର୍ଷ ମଧ୍ୟରେ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ୟୁଜିସି ଠାରୁ ୨-ଏଫ୍ ମାନ୍ୟତା ହାସଲ କରିବାରେ ସମର୍ଥ ହୋଇଥିବା ବେଳେ ୧୨-ବି ମାନ୍ୟତା ମିଳିନି। ଫଳରେ ବିଭିନ୍ନ ଆର୍ଥିକ ସହାୟତା ମିଳିପାରୁ ନାହିଁ। ସେହିପରି ଆବଶ୍ୟକ ମୁତାବକ ପ୍ରଫେସର ନଥିବାରୁ ପିଏଚ୍‌ଡି ପାଠ୍ୟକ୍ରମ ଆରମ୍ଭ ହୋଇପାରୁନାହିଁ। ଏମଫିଲ୍ ବନ୍ଦ ହୋଇଯିବା ପରେ ପିଏଚଡି ହେଉଛି ଗବେଷଣାର ଏକମାତ୍ର ମାର୍ଗ। କିନ୍ତୁ ସ୍ଥାନୀୟ ଭାବେ ସୁଯୋଗ ନ ମିଳିବାରୁ ଅନେକେ ବାହାର ରାଜ୍ୟ କିମ୍ବା ଅନ୍ୟ ବିଶ୍ୱବିଦ୍ୟାଳୟକୁ ମୁହାଁ ହେବାକୁ ବାଧ ହେଉଥିବା ଛାତ୍ରଛାତ୍ରୀ କହିଛନ୍ତି। ଏହା ଅର୍ଥନୈତିକ ଭାବେ ସମସ୍ୟା ସୃଷ୍ଟି କରୁଥିବା ସହ ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କୁ ଗବେଷଣାରୁ ଦୂରେଇ ଦେଉଛି। ବିଶ୍ୱବିଦ୍ୟାଳୟକୁ ଏକକ ମର୍ଯ୍ୟାଦା ମିଳିବା ପରେ ପିଏଚଡି ସହ ଅନ୍ୟାନ୍ୟ ଗବେଷଣାମୂଳକ ପାଠ୍ୟକ୍ରମ ଆରମ୍ଭ କରିବାକୁ ପରିକଳ୍ପନା ହୋଇଥିଲା। କିନ୍ତୁ ଆବଶ୍ୟକ ଶିକ୍ଷକ ଅଭାବ ଓ ପ୍ରଶାସନିକ ବିଳମ୍ବ ଯୋଗୁଁ ପ୍ରକ୍ରିୟା ଆଗକୁ ବଢ଼ିପାରୁନାହିଁ। ଏଥିପ୍ରତି ରାଜ୍ୟ ସରକାର ଓ ଉଚ୍ଚ ଶିକ୍ଷା ବିଭାଗ ଦୃଷ୍ଟି ଦେଇ ଅବାଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଯଦି ଶୀଘ୍ର ପିଏଚଡି ପାଠ୍ୟକ୍ରମ ଆରମ୍ଭ ହୁଏ, ତେବେ ଏହା ଦକ୍ଷିଣ ଓଡ଼ିଶାର ଉଚ୍ଚ ଶିକ୍ଷାକୁ ନୂତନ ଦିଗ ଦେବ ବୋଲି ଶିକ୍ଷାବିତମାନେ ମତ ରଖିଛନ୍ତି।